# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମେ' ୨୮/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 28/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୧୮୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 182 ମୂଲ୍ୟ ₹୭/-




**ନାଟୋ ପ୍ଲସ୍‌ରେ ଭାରତକୁ ସାମିଲ କରିବା ଲାଗି ହାଉସ୍ କମିଟିର ସୁପାରିସ**

ଭାରତକୁ ନାଟୋ ପ୍ଲସ୍‌ରେ ସାମିଲ କରି ଏହାକୁ ସୁଦୃଢ଼ କରିବା ପାଇଁ ଆମେରିକା କଂଗ୍ରେସର ଏକ ପ୍ରଭାବଶାଳୀ କମିଟି ସୁପାରିସ କରିଛି। ନାଟୋ ସହ ୫ଟି ସହଯୋଗୀ ରାଷ୍ଟ୍ର ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଜାପାନ, ଇସ୍ରାଏଲ୍ ଓ ଦକ୍ଷିଣ କୋରିଆକୁ ନେଇ ବିଶ୍ୱ ପ୍ରତିରକ୍ଷା ସହଯୋଗ ବଢ଼ାଇବା ପାଇଁ ନାଟୋ ପ୍ଲସ୍୫ ଗଠନ କରାଯାଇଛି। ଏହି ଗ୍ରୁପ୍ ସହ ଭାରତକୁ ସାମିଲ କରାଗଲେ, ଦେଶଗୁଡ଼ିକ ମଧ୍ୟରେ ଅବାଧ ଗୋଇନ୍ଦା ତଥ୍ୟ ଆଦାନପ୍ରଦାନ ହୋଇପାରିବ ଏବଂ ଅବିଳମ୍ବେ ଅତ୍ୟାଧୁନିକ ସାମରିକ ପ୍ରଯୁକ୍ତି ହାସଲ କରାଯାଇପାରିବ।

## ସଂକ୍ଷେପରେ

### ଦୀପାବଳିକୁ ସଂଘୀୟ ଛୁଟି ଘୋଷଣା ଲାଗି ଆମେରିକା କଂଗ୍ରେସରେ ବିଲ୍

**ୱାଶିଂଟନ, ୨୭।୫(ପି.ଟି.):** ଆଲୋକର ପର୍ବ ଦୀପାବଳିକୁ ଆମେରିକାରେ ସଂଘୀୟ ଛୁଟି ଭାବେ ଘୋଷଣା କରିବା ପାଇଁ ଜଣେ ଆଇନ ପ୍ରଣେତା ବିଲ୍ ଆଣିଛନ୍ତି। ଏହାକୁ ଦେଶର ବିଭିନ୍ନ ସମ୍ପ୍ରଦାୟ ପକ୍ଷରୁ ସ୍ୱାଗତ କରାଯାଇଛି। ଦିୱାଲି ଡେ' ଆକ୍ଟ ଆମେରିକା କଂଗ୍ରେସରେ ଗୃହୀତ ହୋଇ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱାରା ସ୍ୱାକ୍ଷରିତ ହେଲେ ଦୀପାବଳି ଦେଶର ଦ୍ୱାଦଶ ସଂଘୀୟ ସ୍ୱୀକୃତିପ୍ରାପ୍ତ ଛୁଟିଦିନ ହେବ। ସାରା ବିଶ୍ୱର କୋଟି କୋଟି ଲୋକ ଦୀପାବଳୀକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିବସ ଭାବେ ପାଳନ କରିଥାନ୍ତି। ଗ୍ରେସ୍ ମେଙ୍ଗ୍ ଶୁକ୍ରବାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଉକ୍ତ ବିଲ୍ ଆଗତ କରିଥିଲେ। ସଂଘୀୟ ଛୁଟି ଘୋଷଣା ହେଲେ ଦୀପାବଳିକୁ ସବୁ ପରିବାର ସଦସ୍ୟ ଓ ବନ୍ଧୁମାନେ ଏକାଠି ପାଳନ କରିପାରିବେ।


ଗ୍ରେସ୍ ମେଙ୍ଗ୍

### ଉତ୍ତର କୋରିଆରେ ୨ ବର୍ଷର ଶିଶୁକୁ ଆଜୀବନ ଜେଲ

**ନୂଆଦିଲ୍ଲୀ, ୨୭।୫:** ଉତ୍ତର କୋରିଆର ଆଇନ ବ୍ୟବସ୍ଥା ଅନୁଯାୟୀ କୌଣସି ଖ୍ରୀଷ୍ଟିୟାନ ବାଇବେଲ୍ ସହ ଧରାପଡ଼ିଲେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉଥିବାବେଳେ ତାଙ୍କ ପିଲା ଓ ଅନ୍ୟ ପରିବାର ସଦସ୍ୟଙ୍କୁ ଆଜୀବନ ଜେଲଦଣ୍ଡ ମିଳିଥାଏ। ଆମେରିକା ପରରାଷ୍ଟ୍ର ବିଭାଗର ଅନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ରିପୋର୍ଟ ଅନୁଯାୟୀ ୨୦୨୨ରେ ଉତ୍ତର କୋରିଆ ୭୦,୦୦୦ ଖ୍ରୀଷ୍ଟିୟାନଙ୍କ ସମେତ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଜେଲ ପଠାଇଛି। ସେମାନଙ୍କ ମଧ୍ୟରେ ଜଣେ ୨ ବର୍ଷର ନିଷ୍ପାପ ଶିଶୁ ରହିଛି। ଆଇନ କ'ଣ ଜାଣି ନ ଥିବା ଏହି ଶିଶୁର ମାଆବାପା ପାଖରେ ବାଇବେଲ ରଖିଥିବାରୁ ତାକୁ ଆଜୀବନ ଜେଲଦଣ୍ଡ ଦିଆଯାଇଛି। ବାଇବେଲ ରଖିବା ଅପରାଧରେ ଉକ୍ତ ପରିବାରର ସମସ୍ତଙ୍କୁ ୨୦୦୯ରେ ଗିରଫ କରାଯାଇଥିଲା।

### ହିଂସାପ୍ରବଣ ମଣିପୁରରେ ସେନାମୁଖ୍ୟ

**ଇମ୍ଫାଲ, ୨୭।୫:** ସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ ଶନିବାର ହିଂସା କ୍ଷତିଗ୍ରସ୍ତ ମଣିପୁରରେ ପହଞ୍ଚି ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରିଛନ୍ତି। ସେନାମୁଖ୍ୟଙ୍କ ସହ ଇଷ୍ଟର୍ନ କମାଣ୍ଡ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଣା ପ୍ରତାପ କାଲିତା ମଣିପୁର ଯାଇଛନ୍ତି। ବୀର ଟିକେନ୍ଦ୍ରଜିତ୍ ଇମ୍ଫାଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ସେନାମୁଖ୍ୟ ପହଞ୍ଚିବା ପରେ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଆସାମ ରାଇଫଲ୍ସର ଆଇଜି ମୁଖ୍ୟାଳୟକୁ ନିଆଯାଇଥିଲା। ସେ ମଣିପୁର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ସୁରକ୍ଷା ପରାମର୍ଶଦାତାଙ୍କ ସହ ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ଆଲୋଚନା କରିବେ। ଏଥିସହିତ ଗ୍ରାଉଣ୍ଡ କମାଣ୍ଡରମାନଙ୍କୁ ସେନାମୁଖ୍ୟ ଭେଟିବା କାର୍ଯ୍ୟକ୍ରମ ରହିଛି। ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନକୁ ବିରୋଧ କରି ଆଦିବାସୀ ସମ୍ପ୍ରଦାୟ ଆନ୍ଦୋଳନକୁ ଓହ୍ଲାଇଥିଲେ।

# ୧୨ ବର୍ଷୀୟ ଛାତ୍ରଙ୍କ ୫ କଲେଜ ଡିଗ୍ରୀ


**ୱାଶିଂଟନ୍, ୨୭।୫**

ଆମେରିକାର ଫୁଲେର୍ଟନ କଲେଜର ସର୍ବକନିଷ୍ଠ ଗ୍ରାଜୁଏଟ୍ କ୍ଲୋଭିସ୍ ହଙ୍ଗ୍ ଏକ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ମାତ୍ର ୧୨ ବର୍ଷ ବୟରେ ସେ ୫ ଡିଗ୍ରୀ ହାସଲ କରିଛନ୍ତି। ୨୦୨୦ରେ ଜଣେ ୧୩ ବର୍ଷୀୟ ଛାତ୍ର ସର୍ବକନିଷ୍ଠ ସ୍ନାତକ ହେବା ପରେ ତାଙ୍କଠାରୁ ପ୍ରେରଣା ପାଇ ହଙ୍ଗ୍ ଅନୁରୂପ କୀର୍ତ୍ତିମାନ ସ୍ଥାପନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। କିନ୍ତୁ ସେ ପୂର୍ବ ରେକର୍ଡଧାରୀଙ୍କ ରେକର୍ଡ ଭଙ୍ଗ କରିବାକୁ କେବେ ଚାହିଁ ନ ଥିଲେ। ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ତାଙ୍କୁ ଉତ୍ସାହିତ କରିଥିଲା। ଏବେ କଳା ପାଠ୍ୟକ୍ରମର ଇତିହାସ, ସାମାଜିକ ବିଜ୍ଞାନ, ସାମାଜିକ ବ୍ୟବହାର ଓ ଆତ୍ମବିକାଶ, ଆର୍ଟ୍ସ ଓ ମାନବୀୟ ପରିପ୍ରକାଶ ଏବଂ ବିଜ୍ଞାନ ଓ ଗଣିତ ଆଦି ୫ଟି ଆସୋସିଏଟ୍ ଡିଗ୍ରୀ ମିଳିଥିବାବେଳେ ଆସନ୍ତା ବର୍ଷ ଆଉ ଗୋଟିଏ ଡିଗ୍ରୀ ପାଇବାକୁ ଆଶାବାଦୀ ଥିବା ହଙ୍ଗ୍ କହିଛନ୍ତି। ହଙ୍ଗଙ୍କ ମା' ସଙ୍ଗ୍ ଚୋଇ କହିଛନ୍ତି, ପୁଅ ସବୁବେଳେ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବାକୁ ଉଦ୍ୟମ ଚଳାଇଥିବା ଦେଖିବା ପରେ ୨୦୧୯ରେ ପାରମ୍ପରିକ ପବ୍ଲିକ୍ ସ୍କୁଲରେ ତାଙ୍କ ପାଠପଢ଼ା ବନ୍ଦ କରି ଘରକୁ ନେଇଯାଇଥିଲେ। ଫୁଲେର୍ଟନ କଲେଜର ସ୍ପେଶାଲ ଆଡ୍‌ମିଟ୍ ପ୍ରୋଗ୍ରାମ ଅଧୀନରେ ସେ ଶ୍ରେଣୀଗୃହରେ ପଢ଼ିବାର ସୁଯୋଗ ପାଇଥିଲେ। ତେବେ ଘରେ ମଧ୍ୟ ଅଧ୍ୟବସାୟ ଜାରି ରଖିଥିଲେ ବୋଲି ତାଙ୍କ ମା' ପ୍ରକାଶ କରିଛନ୍ତି।


କ୍ଲୋଭିସ୍ ହଙ୍ଗ୍

# ସ୍ନାତକ ହେବାକୁ ୫୪ ବର୍ଷ ଲାଗିଲା

୭୧ ବର୍ଷୀୟ ଆର୍ଥର ରୋସ୍ ଶେଷରେ ୟୁନିଭର୍ସିଟି ଅଫ୍ ବ୍ରିଟିଶ କଲମ୍ବିଆ (ୟୁବିସି)ରୁ ଗୁରୁବାର କଳାରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଏଥିପାଇଁ ତାଙ୍କୁ ୫୪ ବର୍ଷ ଲାଗିଛି। ଏକ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ପାଇବା ପାଇଁ ସର୍ବାଧିକ ସମୟ ଅତିବାହିତ କରିବାରେ ରୋସ୍ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ୧୯୬୯ରେ ୟୁବିସିରେ ପାଠପଢ଼ା ଆରମ୍ଭ କରିଥିବା ରୋସ୍ କହିଛନ୍ତି, ମୁଁ ଜାଣିବାକୁ ଆଗ୍ରହୀ ଥିବାରୁ ପାଠ ପଢୁଥିଲି। ସେହି ଆଗ୍ରହ ମୋତେ ଡିଗ୍ରୀ ହାସଲ ପାଇଁ ଉତ୍ସାହିତ କରିଛି।



ଆର୍ଥର ରୋସ୍

# ବେଲାରୁଷରେ ରୁଷିଆର ଆଣବିକ ଅସ୍ତ୍ର

## ମସ୍କୋ-ୱାଶିଂଟନ୍ ମୁହାଁମୁହିଁ

**ମସ୍କୋ/ୱାଶିଂଟନ୍, ୨୭।୫**

୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଆକ୍ରମଣ ପାଇଁ ନିଜ ସୈନ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସାମରିକ ମେଣ୍ଟର ନେତୃତ୍ୱ ନେଉଥିବା ଆମେରିକା ଓ ରୁଷିଆ ସେବେଠୁ ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି। ତେବେ ରୁଷିଆ ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପ୍ରତିହତ କରିବା ପାଇଁ ପଡ଼ୋଶୀ ବେଲାରୁଷ ଭୂଖଣ୍ଡରେ ବୋମା ବର୍ଷଣକାରୀ ଆଣବିକ ଅସ୍ତ୍ର ମୁତୟନ କରିବାକୁ ନିଷ୍ପତ୍ତି ନେଇଛି। ଏଥିଲାଗି ରୁଷିଆ ଓ ବେଲାରୁଷ ମଧ୍ୟରେ ଗୁରୁବାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମସ୍କୋକୁ ସମାଲୋଚନା କରିଥିବାବେଳେ ରୁଷିଆ କହିଛି, ୱାଶିଂଟନ୍ ଅନେକ ଦଶନ୍ଧି ଧରି ୟୁରୋପ ସାରା ଏପରି ଅସ୍ତ୍ର ମୁତୟନ କରିଆସିଛି। ୧୯୯୧ରେ ସୋଭିଏଟ୍ ୟୁନିୟନ୍‌ର ପତନ ପରେ ରୁଷିଆ ପ୍ରଥମ ଥର ପାଇଁ ନିଜ ସୀମା ବାହାରେ ଟେକ୍ଟିକାଲ ନ୍ୟୁକ୍ଲିୟର ୱିପନ୍ସ ମୁତୟନ କରିବାକୁ ଯାଉଛି। ୟୁକ୍ରେନ୍‌କୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିବା ପାଇଁ ରୁଷିଆ ଏହି ପଦକ୍ଷେପ ନେଇଛି। ୨,୦୦୦ ଟେକ୍ଟିକାଲ ନ୍ୟୁକ୍ଲିୟର ୱିପନ୍ ରଖିଥିବା ମସ୍କୋ ଜୁଲାଇ ୧ ସୁଦ୍ଧା ସୀମାପାର ଅସ୍ତ୍ରାଗାର ନିର୍ମାଣ ଶେଷ ହେବ ବୋଲି ସ୍ପଷ୍ଟ କରିଥିବାବେଳେ ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଲୋକାଶେଙ୍କୋ କହିଛନ୍ତି, ରୁଷିଆ ପକ୍ଷରୁ ତାଙ୍କ ଦେଶରେ ଏପରି ଅସ୍ତ୍ର ମୁତୟନ ହୋଇସାରିଛି। ଏହାର ଉପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କର ଅତ୍ୟନ୍ତ ନକାରାତ୍ମକ ପ୍ରତିକ୍ରିୟା ରହିଥିବା କହିଛନ୍ତି। ପରରାଷ୍ଟ୍ର ବିଭାଗ ମଧ୍ୟ ରୁଷିଆର ଆଣବିକ ଅସ୍ତ୍ର ମୁତୟନ ଯୋଜନାକୁ ନିନ୍ଦା କରିଛି। ରୁଷିଆ ଓ ବେଲାରୁଷ ନିଜ ନିଜ ସୁରକ୍ଷା ସୁନିଶ୍ଚିତ କରିବା ସେମାନଙ୍କ ସାର୍ବଭୌମ ଅଧିକାର। କିନ୍ତୁ ୱାଶିଂଟନ୍ ଆମ ବିରୋଧରେ ବଡ଼ଧରଣର ଯୁଦ୍ଧ ଚଳାଇଥିବାରୁ ଏପରି କରିବାକୁ ଆମେ ଆବଶ୍ୟକ ମନେକରୁଛୁ ବୋଲି ଆମେରିକାସ୍ଥିତ ରୁଷିଆ ଦୂତାବାସ ପକ୍ଷରୁ କୁହାଯାଇଛି। ପୁଟିନ୍‌ଙ୍କ ଘାତକ ଆଭିମୁଖ୍ୟ ଯୋଗୁ ସୃଷ୍ଟି ହୋଇଥିବା ଏପରି ଆଣବିକ ବିପଦ ୧୯୬୨ର କ୍ୟୁବା ମିସାଇଲ ସଙ୍କଟ ପରଠୁ ବିଶ୍ୱ କେବେ ଦେଖି ନ ଥିଲା। ଇତିମଧ୍ୟରେ ୟୁରୋପର ସର୍ବବୃହତ୍ ଜାପୋରିଝିଆ ଆଣବିକ କେନ୍ଦ୍ର ଉପରେ ରୁଷୀୟ ସୈନ୍ୟ ଆକ୍ରମଣ କରିପାରନ୍ତି ବୋଲି ୟୁକ୍ରେନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଲୋକାଶେଙ୍କୋଙ୍କ ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍।

➥ବେଲାରୁଷରେ ରୁଷିଆ ପକ୍ଷରୁ ବୋମା ବର୍ଷଣକାରୀ ଆଣବିକ କ୍ଷେପଣାସ୍ତ୍ର ମୁତୟନ ନିଷ୍ପତ୍ତିକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ୱାଶିଂଟନ୍ ସାରା ୟୁରୋପରେ ଅନେକ ଦଶନ୍ଧି ଧରି ଏପରି କରିଥିବା କହି ମସ୍କୋ ନିନ୍ଦା କରିଛି।

➥ବେଲାରୁଷ ସୀମାନ୍ତ ରୁଷିଆର ପାସ୍କୋଭ୍ ଅଞ୍ଚଳରେ ଥିବା ଏକ ତୈଳ ପାଇପ୍‌ଲାଇନ୍ ଫାସିଲିଟି ଉପରେ ଶନିବାର ଡ୍ରୋନ୍ ଆକ୍ରମଣ ହୋଇଛି।

➥ରୁଷିଆକୁ ଡ୍ରୋନ୍ ଯୋଗାଣ ବନ୍ଦ କରିବା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଇରାନ୍‌କୁ ତାଗିଦ କରିଛନ୍ତି। ଏହାର ଜବାବରେ ତେହେରାନ୍ କହିଛି, ଜେଲେନ୍‌ସ୍କି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରୁ ଆର୍ଥିକ ଓ ସାମରିକ ସହାୟତା ହାସଲ ଆଶାରେ 'ଇରାନ ବିରୋଧୀ ପ୍ରୋପାଗଣ୍ଡା' ଚଳାଇବା ସହ ଏପରି ମନ୍ତବ୍ୟ ଦେଉଛନ୍ତି।

➥ୟୁକ୍ରେନ୍ ଆକାଶମାର୍ଗରୁ ଭୂପୃଷ୍ଠକୁ ୫୦୦ କି.ମି. ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ଟରସ୍ ମିଶାଇଲ ଜର୍ମାନୀକୁ ମାଗିଛି।

➥ୟୁକ୍ରେନ୍‌କୁ ବ୍ରିଟେନ ଯୋଗାଇଦେଇଥିବା ୧୯ଟି ମିଶାଇଲ ଗତ ୨୪ ଘଣ୍ଟା ମଧ୍ୟରେ ଖସାଇଦେଇଥିବା ରୁଷିଆ ଦାବି କରିଛି।

**ରାଷ୍ଟ୍ରପତିଙ୍କ ଜାତିକୁ ନେଇ ମନ୍ତବ୍ୟ**

# କେଜ୍‌ରିୱାଲ, ଖାର୍ଗେଙ୍କ ବିରୋଧରେ ଏତଲା



**ନୂଆଦିଲ୍ଲୀ, ୨୭।୫(ଆଇଏଏନ୍‌ଏସ୍)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜାତିକୁ ନେଇ ଉତ୍ତେଜକ ମନ୍ତବ୍ୟ ଦେଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିରୋଧରେ ସୁପ୍ରିମକୋର୍ଟ ଆଇନଜୀବୀ ବିନୀତ ଜିନ୍ଦଲ ଅଭିଯୋଗ ଦାଏର କରିଛନ୍ତି। ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଆରୋରାଙ୍କ ପାଖରେ ଦାଏର ଅଭିଯୋଗ ଅନୁଯାୟୀ ବିଭିନ୍ନ ସମ୍ପ୍ରଦାୟ ଓ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି କରିବା ଉକ୍ତ ମନ୍ତବ୍ୟ ପଛର ଉଦ୍ଦେଶ୍ୟ ଥିଲା। କେନ୍ଦ୍ର ପ୍ରତି ଅବିଶ୍ୱାସର ଭାବନା ବଢ଼ାଇବା ଲାଗି ସେମାନେ ଉଦ୍ୟମ କରିଥିଲେ ବୋଲି ଜିନ୍ଦଲ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଆଇପିସିର ଧାରା ୧୨୧, ୧୫୩ଏ, ୫୦୫ ଏବଂ ୩୪ ଅନୁଯାୟୀ ଅଭିଯୁକ୍ତମାନଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିବେଦନ କରିଛନ୍ତି।

# ଦିଲ୍ଲୀ ୟୁନିଭର୍ସିଟି ପାଠ୍ୟକ୍ରମରୁ ମହମ୍ମଦ ଇକ୍‌ବାଲ ବାଦ୍

## ଗାନ୍ଧୀ ବଦଳରେ ସାବରକର ପେପରକୁ ବିରୋଧ

**ନୂଆଦିଲ୍ଲୀ, ୨୭।୫**

ଲୋକପ୍ରିୟ ଗୀତ 'ସାରେ ଜହାଁ ସେ ଅଚ୍ଛା ହିନ୍ଦୁସ୍ତାନ ହମାରା'ର ରଚୟିତା ଖ୍ୟାତନାମା ଉର୍ଦ୍ଦୁ ଓ ପାର୍ସି କବି ମହମ୍ମଦ ଇକ୍‌ବାଲଙ୍କୁ ଦିଲ୍ଲୀ ୟୁନିଭର୍ସିଟି (ଡିୟୁ) ଏହାର ବିଏ ରାଜନୀତି ବିଜ୍ଞାନ ପାଠ୍ୟକ୍ରମରୁ ବାଦ୍ ଦେଇଛି। ବିଶ୍ୱବିଦ୍ୟାଳୟର ଏକାଡେମିକ୍ କାଉନ୍‌ସିଲ୍ ଶୁକ୍ରବାର ଏହି ନିଷ୍ପତ୍ତି ନେଇଛି।



ଏଥିସହିତ କାଉନସିଲ୍ ବିଭିନ୍ନ ପାଠ୍ୟକ୍ରମରେ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। ବିଏ ରାଜନୀତି ବିଜ୍ଞାନ(ସମ୍ମାନ) ପାଠ୍ୟକ୍ରମର ପଞ୍ଚ ସେମିଷ୍ଟରରେ ମହାତ୍ମା ଗାନ୍ଧୀଙ୍କ ଉପରେ ରହିଥିବା ପେପରକୁ ବାଦ୍ ଦିଆଯାଇ ଉକ୍ତ ସ୍ଥାନରେ ହିନ୍ଦୁତ୍ୱବାଦୀ ବିନାୟକ ଦାମୋଦର ସାବରକରଙ୍କ ଉପରେ ପେପର ରଖାଯାଇଛି। ଗାନ୍ଧିଜୀଙ୍କ ଉପରେ ପେପର ସପ୍ତମ ସେମିଷ୍ଟରରେ ପଢ଼ାଯିବ। ଅର୍ଥାତ୍ ୪ ବର୍ଷ ବଦଳରେ ୩ ବର୍ଷୀୟା ସ୍ନାତକ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ର ଗାନ୍ଧିଜୀଙ୍କ ବିଷୟ ପଢ଼ିପାରିବେ ନାହିଁ। ଏହାକୁ ବିଶ୍ୱବିଦ୍ୟାଳୟର ଗୋଟିଏ ଗୋଷ୍ଠୀ ଶିକ୍ଷକ ବିରୋଧ କରିଛନ୍ତି। ଶିକ୍ଷାର ଗୈରିକୀକରଣ ପାଇଁ ଉଦ୍ୟମ ହେବା ସହ ଗାନ୍ଧିଜୀଙ୍କୁ ସାବରକାରଙ୍କ ସହ ତୁଳନା କରିବା ପାଇଁ ପ୍ରଚେଷ୍ଟା ଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହା ଉପରେ ଡିୟୁର ସର୍ବୋଚ୍ଚ ନିଷ୍ପତ୍ତିଗ୍ରହଣକାରୀ ସଂସ୍ଥା ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି କୁହାଯାଇଛି।

# କର୍ଣାଟକ କ୍ୟାବିନେଟ୍‌ର ୨୪ ମନ୍ତ୍ରୀ ଶପଥ ନେଲେ

## ସିଦ୍ଧାରାମାୟାଙ୍କ ହାତରେ ଅର୍ଥ, ଶିବକୁମାରଙ୍କୁ ଜଳସେଚନ

**ବେଙ୍ଗାଲୁରୁ, ୨୭।୫**

କର୍ଣାଟକରେ କଂଗ୍ରେସ ସରକାର ଗଢ଼ିବାର ସପ୍ତାହେ ପରେ ଶନିବାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇଛି। ୨୪ ଜଣ ନୂଆ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ସେମାନଙ୍କୁ ମିଶାଇ ସିଦ୍ଧାରାମାୟାଙ୍କ କ୍ୟାବିନେଟର ମନ୍ତ୍ରୀ ସଂଖ୍ୟା ୩୪ରେ ପହଞ୍ଚିଛି। ସପ୍ତାହେ ପୂର୍ବରୁ ସିଦ୍ଧାରାମାୟା ଏବଂ ଡି.କେ. ଶିବକୁମାର ଯଥାକ୍ରମେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ ସେମାନଙ୍କ ସହ ଅନ୍ୟ ୮ ଜଣ ମନ୍ତ୍ରୀ ହୋଇଥିଲେ। ଶନିବାର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ୨୪ କଂଗ୍ରେସ ବିଧାୟକଙ୍କ ମଧ୍ୟରେ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ ରହିଛନ୍ତି। ସେମାନେ ହେଲେ ଆର୍. ଗୁଣ୍ଡୁ ରାଓଙ୍କ ପୁଅ ଦିନେଶ ଗୁଣ୍ଡୁ ରାଓ ଏବଂ ଏସ୍. ବାଙ୍ଗାରାପ୍ପାଙ୍କ ପୁଅ ମଧୁ ବାଙ୍ଗାରାପ୍ପା। ଏହା ବ୍ୟତୀତ ଦଳର କେତେଜଣ ବରିଷ୍ଠ ନେତା ଓ ପୂର୍ବତନ ମନ୍ତ୍ରୀ ମଧ୍ୟ କ୍ୟାବିନେଟରେ ସ୍ଥାନ ପାଇଛନ୍ତି।


ନୂଆ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ସମେତ ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଅର୍ଥ ସମେତ ୫ ପ୍ରମୁଖ ବିଭାଗ ନିଜ ହାତରେ ରଖିଥିବାବେଳେ ଉପମୁଖ୍ୟମନ୍ତ୍ରୀ ଶିବକୁମାରଙ୍କୁ ଜଳସେଚନ ଓ ବେଙ୍ଗାଲୁରୁ ଉନ୍ନୟନ ବିଭାଗ ମିଳିଛି। ଜି.ପି. ପରମେଶ୍ୱରଙ୍କୁ ଗୃହ ବିଭାଗ ମିଳିଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପୁଅ ପ୍ରିୟଙ୍କ ଖାର୍ଗେଙ୍କୁ ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ ବିଭାଗ ମିଳିଛି। ଏଚ୍.କେ. ପାଟିଲଙ୍କୁ ଆଇନ ଓ ସଂସଦୀୟ ବ୍ୟାପାର, ଦିନେଶ ଗୁଣ୍ଡୁ ରାଓଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କ୍ରିଷ୍ଣା ବେରେ ଗୌଡ଼ାଙ୍କୁ ରାଜସ୍ୱ ବିଭାଗ ଦିଆଯାଇଛି। ମନ୍ତ୍ରିମଣ୍ଡଳରେ ଲିଙ୍ଗାୟତର ସମ୍ପ୍ରଦାୟର ୮ ଜଣ ରହିଥିବାବେଳେ ଅନୁସୂଚିତ ଜାତିରୁ ୭, ଭୋକ୍କାଲିଗା ସମ୍ପ୍ରଦାୟରୁ ୫, ଅନୁସୂଚିତ ଜନଜାତିରୁ ୩, ଅନ୍ୟାନ୍ୟ ପଛୁଆ ବର୍ଗରୁ ୬, ମୁସଲମାନ ସମ୍ପ୍ରଦାୟରୁ ୨ ଜଣ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ମରାଠା, ବ୍ରାହ୍ମଣ, ଖ୍ରୀଷ୍ଟିଆନ ଏବଂ ଜୈନ୍ ସମ୍ପ୍ରଦାୟରୁ ଜଣେ ଲେଖାଏ ମନ୍ତ୍ରୀ ହୋଇଛନ୍ତି।


ବେଙ୍ଗାଲୁରୁସ୍ଥିତ ରାଜଭବନରେ କର୍ଣାଟକ ରାଜ୍ୟପାଳ ଥାୱର ଚାନ୍ଦ ଗେହଲଟ, ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ସହ ନବ ନିଯୁକ୍ତ ମନ୍ତ୍ରୀମାନେ।

DSPL-51
5T TRANSPARENCY TECHNOLOGY TEAMWORK TIME TRANSFORMATION
ଓଡ଼ିଶା ସରକାର
ମୋ ସରକାର 14545

ରତୁସ୍ରାବ ସମ୍ପର୍କିତ ପରିଚ୍ଛନ୍ନତା ଦିବସ
୨୮ ମଇ ୨୦୨୩

" ରତୁସ୍ରାବ ସମୟରେ କିଶୋରୀ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପରିଚ୍ଛନ୍ନତା ଅତ୍ୟନ୍ତ ଜରୁରୀ । 'ଖୁସି' ଯୋଜନାରେ ଆମ ରାଜ୍ୟର କିଶୋରୀ ମହିଳା ମାନଙ୍କୁ ଆମେ ଏଥି ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେଉଛୁ । "
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ସୁସ୍ଥ ଓଡ଼ିଶା
ସୁଖୀ ଓଡ଼ିଶା

'ଖୁସି' କାର୍ଯ୍ୟକ୍ରମରେ ଆମର ସଫଳତା

- ସରକାରୀ ଓ ସରକାରଙ୍କ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ 'ଖୁସି' ଯୋଜନାରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଝିଅମାନଙ୍କୁ ମାଗଣାରେ ସାନିଟାରୀ ନାପ୍‌କିନ୍ ଯୋଗାଇ ଦିଆଯାଉଛି ।
- ସାମାଜିକ ବିପଣନ ମାଧ୍ୟମରେ ମହିଳାମାନଙ୍କୁ ୬ ଟଙ୍କାରେ ୬ଟି ସାନିଟାରୀ ପ୍ୟାଡ୍ ଯୋଗାଇ ଦିଆଯାଉଛି ।
- ମହିଳା ମାନଙ୍କର (୧୫-୨୪ ବର୍ଷ) ରତୁସ୍ରାବ ସମୟରେ ସ୍ୱଚ୍ଛତା ପଦ୍ଧତି ଅନୁପାଳନ କରିବାରେ ଆମ ରାଜ୍ୟର ସଫଳତା ୨୦୧୫-୧୬ରେ ୪୭% ରୁ ୨୦୧୯-୨୧ରେ ୮୨% କୁ ବୃଦ୍ଧି ପାଇଛି ଯାହା ଜାତୀୟ ହାର ଠାରୁ ଅଧିକ (ଏନ୍.ଏଫ୍.ଏଚ୍.ଏସ୍-୫) ।
- ଏନ୍.ଏଫ୍.ଏଚ୍.ଏସ୍-୫ ଅନୁଯାୟୀ ରାଜ୍ୟର ଦ୍ୱାଦଶ ଶ୍ରେଣୀ ପଢ଼ା ଶେଷ କରୁଥିବା ଛାତ୍ରୀମାନଙ୍କ ମଧ୍ୟରେ ୮୦% ଛାତ୍ରୀ ସାନିଟାରୀ ପ୍ୟାଡ୍ ବ୍ୟବହାର କରୁଛନ୍ତି ।

ଆବଶ୍ୟକ ହେଲେ ସ୍ୱାସ୍ଥ୍ୟ ସହାୟତା ନମ୍ବର ୧୦୪ରେ ଫୋନ୍ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
facebook.com/HFWOdisha
@HFWOdisha
http://www.health.odisha.gov.in
OIPR-10003/13/0044/2324

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ' ୨୮/୨୦୨୩ | Bhubaneswar, Sunday, May 28/2023 | ପୃଷ୍ଠା-୧




# ଆଜି ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ

**ନୂଆଦିଲ୍ଲୀ, ୨୭।୫(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସହ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଉପସ୍ଥିତ ରହିବେ। ସଂସଦର ଉଭୟ ସଦନର ସଦସ୍ୟମାନଙ୍କ ସମେତ ସମସ୍ତ ରାଜନୈତିକ ଦଳଙ୍କୁ ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ଲାଗି ଆମନ୍ତ୍ରଣ କରାଯାଇଛି। ଏନ୍‌ଡିଏର ୧୮ ☞ପୃଷ୍ଠା-୨

## ଆଜି ଆଇପିଏଲ୍ ଫାଇନାଲ

**ଅହମ୍ମଦାବାଦ, ୨୭।୫:** ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଫାଇନାଲ ମ୍ୟାଚ୍ ରବିବାର ଅହମ୍ମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ୧୬ତମ ସଂସ୍କରଣର ଏହି ଟାଇଟଲ ମୁକାବିଲାରେ ପରସ୍ପରକୁ ଭେଟିବେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଗୁଜରାଟ ଟାଇଟନ୍ସ। ଚେନ୍ନାଇ ଧୋନୀଙ୍କ ନେତୃତ୍ୱରେ ୪ ଥର ଟାଇଟଲ ବିଜୟୀ ହୋଇଥିବାବେଳେ ଗୁଜରାଟ ଥରେ ଚାମ୍ପିୟନ ହୋଇଛି। ଅନ୍ୟପକ୍ଷରେ ଉଭୟ ଦଳ ସମୁଦାୟ ୪ ଥର ପରସ୍ପର ବିପକ୍ଷରେ ଉପନୀତ ହୋଇଥିବା ବେଳେ ଗୁଜରାଟ ୩ ଥର ବାଜି ମାରିନେଇଛି। (ସବିଶେଷ ବିବରଣୀ ଖେଳ ପୃଷ୍ଠା)

**ଆଜିର ସମ୍ପାଦକୀୟ**

ପରିବର୍ତ୍ତନକୁ ବିରୋଧ






# ନୀତି ଆୟୋଗ ବୈଠକକୁ ଗଲେନି ୧୧ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୨୭।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗ ଗଭର୍ନିଂ କାଉନ୍‌ସିଲର ଅଷ୍ଟମ ବୈଠକକୁ ଗଲେନାହିଁ ୧୧ ରାଜ୍ୟର ମୁଖ୍ୟମନ୍ତ୍ରୀ। ସେମାନେ ହେଲେ ନବୀନ ପଟ୍ଟନାୟକ (ଓଡ଼ିଶା), ଅରବିନ୍ଦ କେଜ୍‌ରିୱାଲ (ଦିଲ୍ଲୀ), ଭଗୱନ୍ତ ମାନ୍ (ପଞ୍ଜାବ), ମମତା ବାନାର୍ଜୀ (ପଶ୍ଚିମବଙ୍ଗ), ଅଶୋକ ଗେହଲଟ (ରାଜସ୍ଥାନ), କେ. ଚନ୍ଦ୍ରଶେଖର ରାଓ (ତେଲଙ୍ଗାନା), ପିନାରାୟୀ ବିଜୟନ(କେରଳ), ଏମ୍.କେ. ଷ୍ଟାଲିନ୍ (ତାମିଲନାଡୁ), ସିଦ୍ଧାରାମାୟା (କର୍ନାଟକ) ଏବଂ ନୀତୀଶ କୁମାର (ବିହାର)। ସେହିପରି ଏନ୍‌ଡିଏ ଶାସିତ ରାଜ୍ୟ ☞ପୃଷ୍ଠା-୨

## ନବୀନ ବି ଯୋଗଦେଲେ ନାହିଁ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ନୀତି ଆୟୋଗ ପରିଚାଳନା ପରିଷଦ ବୈଠକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇନାହାନ୍ତି। ନବୀନ ଏବଂ ଅନ୍ୟ ୯ ଅଣଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁପସ୍ଥିତ ରହିବାକୁ ନେଇ ରାଜନୈତିକ ବାତାବରଣ ସରଗରମ ହୋଇଛି। ଅନ୍ୟ ଦଳଗୁଡ଼ିକ ନିଜର ରାଜନୈତିକ କାରଣ ପାଇଁ ଅନୁପସ୍ଥିତ ରହିଥିବାବେଳେ କେନ୍ଦ୍ରର ଭାଜପା ☞ପୃଷ୍ଠା-୨













## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୁଷୁରିକି କି କାହିଁ ପାଚିଲା କଦଳୀ**
**ଅନ୍ଧ ହସ୍ତେ ରତ୍ନ ମୁଦି,**
**ପେଚା ଚଢ଼େଇକି ସୁବର୍ଣ୍ଣ ପଞ୍ଜୁରି**
**କୋକଡ଼ ସୁପୁରି କାଚି ।**

ଯେମିତି ଘୁଷୁରିକି ପାଚିଲା କଦଳୀ ରୁଚି ନ ଥାଏ ସେମିତି ଅନ୍ଧ ବ୍ୟକ୍ତିକୁ ରତ୍ନ ମୁଦି ଓ ପେଚାକୁ ସୁନା ପଞ୍ଜୁରି ଦେବା ନିରର୍ଥକ ବୋଲି ଜଣାଯାଇଥାଏ । ତେଣୁ ପ୍ରକୃତ ପଦାର୍ଥର ମୂଲ୍ୟ ବୁଝିବାକୁ ଅଯୋଗ୍ୟ ବ୍ୟକ୍ତିଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଗଲେ ମଧ୍ୟ ସେମାନେ ଏସବୁକୁ ବୁଝିବାରେ ଅସମର୍ଥ ହୁଅନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

**ଘରଟା ପଛକେ ମରୁ,**
**ସଉତୁଣୀ ରାଣ୍ଡ ହେଉ ।**

ସ୍ୱାର୍ଥସିଦ୍ଧି ପାଇଁ ଅତ୍ୟନ୍ତ କୁଟିଳ ବିଚାର । ନିଜର ପଛେ ସବୁକିଛି ଚାଲିଯାଉ ବା ନଷ୍ଟ ହୋଇଯାଉ, ପ୍ରତିପକ୍ଷ କିନ୍ତୁ ଦୁଃଖ କଷ୍ଟ ପାଉ । ନିଜର କ୍ଷତି ଘଟାଇ ପର ଉପରେ ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି - ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# କୁଆଖାଇରେ ବୁଡ଼ି ୨ ଇଞ୍ଜିନିୟରଙ୍କ ମୃତ୍ୟୁ

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ରାଜଧାନୀ ଉପକଣ୍ଠ ବାଲିଅନ୍ତା ନିକଟ କୁଆଖାଇ ନଦୀରେ ଶନିବାର ଗାଧୋଇବାବେଳେ ବୁଡ଼ିଯାଇ ଦୁଇ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ଭୁବନେଶ୍ୱର ଗାଡ଼କଣର ସ୍ମୃତି ସୌରଭ ପ୍ରଧାନ ଓ ଅନୁଗୋଳ ଜିଲା ରେଙ୍ଗାଲିର ସତ୍ୟଜିତ ଦାସ । ଉଭୟ ଘରୋଇ କମ୍ପାନୀରେ ଚାକିରି କରିବା ସହ ୱାର୍କ ଫ୍ରମ ହୋମରେ କାମ କରୁଥିଲେ । ସୂଚନାନୁସାରେ, ସ୍ମୃତି ଓ ସତ୍ୟଜିତ ଅନ୍ୟ ତିନିଜଣ ସାଙ୍ଗଙ୍କ ସହ କୁଆଖାଇ ନଦୀଠାକୁ ବୁଲାବୁଲି କରିବାକୁ ଯାଇଥିଲେ । ମଜାମସ୍ତି କରିବା ପରେ ସନ୍ଧ୍ୟାରେ ସ୍ମୃତି ଓ ସତ୍ୟଜିତ ନଦୀ ଗର୍ଭକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ । ଆଖି ଆଗରେ ଦୁଇ ସାଙ୍ଗ ବୁଡ଼ିଯାଉଥିବା ଦେଖି ଉପରେ ଥିବା ଅନ୍ୟସାଙ୍ଗମାନେ ଚିତ୍କାର କରିଥିଲେ । ପାଟି ଶୁଣି ଗ୍ରାମୀୟ ଲୋକେ ଘଟଣାସ୍ଥଳକୁ ଆସିବା ସହ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ପ୍ରଥମେ ସ୍ମୃତିଙ୍କୁ ପାଣିରୁ ଚେତାଶୂନ୍ୟ ଭାବେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ । ଏହାର ଘଣ୍ଟାଏ ପରେ ସତ୍ୟଜିତଙ୍କୁ ଉଦ୍ଧାର କରାଯାଇଥିଲା । ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।

# ଆମ୍ବତୋଟାରେ ଧଳା ନାଗ

ନୟାଗଡ଼ ଅଫିସ,୨୭।୫

ନୟାଗଡ଼ ଜିଲା ରଣପୁର ବ୍ଲକ ଲାଖପଡ଼ା ଆମ୍ବତୋଟାରୁ ଶନିବାର ଏକ ବିରଳ ପ୍ରଜାତିର ଧଳା ନାଗ ସାପ ଉଦ୍ଧାର କରାଯାଇଛି । ବଳଭଦ୍ରପୁର ପଞ୍ଚାୟତ ନନ୍ଦପୁର ଗାଁର ସାପଧରାଳି ଅଜୟ ଦାସ ୩ ଫୁଟ ଲମ୍ବର ଧଳା ସାପଟିକୁ ଧରି ପୁଣି ଛାଡି ଦେଇଥିଲେ । ଲାଖପଡ଼ା ଅଞ୍ଚଳରେ ଧଳାସାପ ଉଦ୍ଧାର ପରେ ସେଠାରେ ଏହି ପ୍ରଜାତିର ଅନ୍ୟ ସାପ ଥିବା ସନ୍ଦେହ କରାଯାଉଛି । ଲାଖପଡ଼ା



ଆମ୍ବତୋଟାରେ ସାପଟିକୁ ଏକାଧିକ କାଉ ଖୁମ୍ପୁଥିଲେ । ସେହି ସମୟରେ ସାପଧରାଳି ଅଜୟ ଦାସ ବ୍ୟକ୍ତିଗତ କାମରେ ସେହିବାଟ ଦେଇ ଯାଉଥିଲେ । ତାଙ୍କ ନଜର ସାପ ଉପରେ ପଡିଥିଲା । ତୁରନ୍ତ ସାପଟିକୁ ଉଦ୍ଧାର କରିଥିଲେ । ଏ କଥା ପ୍ରଚାରିତ ହେବା ପରେ ସାପକୁ ଦେଖିବାକୁ ଭିଡ଼ ଜମିଥିଲା । ପରେ ସାପକୁ ଲାଖପଡ଼ା ଜଙ୍ଗଲନିକଟସ୍ଥ ଜଳାଶୟ ପାଖରେ ଅଜୟ ଛାଡି ଦେଇଥିଲେ ।

# କୋଟିଆ ଡାକଘରୁ ଦେଶକୁ ଗଲା ଚିଠି

- **ଚିଠିରେ ଉଲ୍ଲେଖ ରହିଛି 'ଓଡ଼ିଶାରେ କୋଟିଆ'**
- **ଡାକ ବିଭାଗ ଦେଇଛି ଓଡ଼ିଶା ପିନ୍‌କୋଡ୍**

କୋରାପୁଟ,୨୭।୫(ସ୍ୱ.ପ୍ର.)

କୋରାପୁଟ ଜିଲାର କୋଟିଆ ହେଉଛି ଓଡ଼ିଶାର । ଏ ନେଇ କେନ୍ଦ୍ର ସରକାରଙ୍କ ଡାକ ବିଭାଗ ସ୍ୱୀକୃତି ଦେଇଥିବାରୁ ଓଡ଼ିଶା ଡାକ ବିଭାଗ ପକ୍ଷରୁ ଜାରି ହୋଇଛି କୋଟିଆର ପୋଷ୍ଟାଲ ଇଣ୍ଡେକ୍ସ କୋଡ୍ ୭୬୪୦୩୯ । ଶନିବାର ଏକ ଟିମ୍ କୋଟିଆ ଯାଇ ସେଠାରେ ଥିବା ଡାକଘରୁ କୋଟିଆର ଚିତ୍ର ଓ ପିନ୍‌କୋଡ୍ ଥିବା ଏକ ଲଫାଫାକୁ ଉନ୍ମୋଚନ କରିଛି । ଏଥିସହ ସେଠାରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ, ଉଭୟ ରାଜ୍ୟର ସମସ୍ତ ବିଧାୟକଙ୍କ ସମେତ ଦେଶର ଅନେକଙ୍କୁ ସେଠାରୁ ଚିଠି ପଠାଯାଇଛି । ଉକ୍ତ ଚିଠିରେ ଓଡ଼ିଶାରେ କୋଟିଆ ବୋଲି ଉଲ୍ଲେଖ କରାଯାଇଛି । ଶନିବାର ଇଷ୍ଟର୍ନ ଇଣ୍ଡିଆ ଫିଲାଟେଲିକ ଆସୋସିଏଶନ, ଇପିଏର ବରିଷ୍ଠ ସଦସ୍ୟ ବିଶ୍ୱଜିତ ମହାନ୍ତି ଓ କର୍ମକର୍ତ୍ତା, ଇନ୍‌ଟାକ୍‌ର ଅନିଲ ଧୀରଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲାର ପୂର୍ବତନ ଜିଲାପାଳ ସଞ୍ଜୀବ ହୋତା କୋଟିଆ ପୋଷ୍ଟ ଅଫିସ ଯାଇ ସ୍ୱତନ୍ତ୍ର କୋଟିଆ ନାମରେ ମୁଦ୍ରିତ ଲଫାଫା ଉନ୍ମୋଚନ କରିଛନ୍ତି । କୋଟିଆ ପୋଷ୍ଟାଲ ଇଣ୍ଡେକ୍ସ କୋଡ୍ ୭୬୪୦୩୯ ଓଡ଼ିଶା ପୋଷ୍ଟାଲ ଡିଭିଜନ ଅଧିକୃତ ହୋଇଛି । କେନ୍ଦ୍ର ସରକାର ଏହି ନମ୍ବର ମାଧ୍ୟମରେ କୋଟିଆ ଓଡ଼ିଶାର ବୋଲି ସ୍ୱୀକୃତି ପ୍ରଦାନ କରିଥିବା ଇନ୍‌ଟାକ୍‌ର ଅନିଲ ଧୀର କହିଛନ୍ତି । ସୁପ୍ରିମକୋର୍ଟରେ କୋଟିଆକୁ ନିଜର ବୋଲି ଦାବି କରି ଓଡ଼ିଶା ସରକାର ବିଭିନ୍ନ ଦଲିଲ ଉପସ୍ଥାପନ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଡାକ ବିଭାଗ କୋଟିଆକୁ ଓଡ଼ିଶାର ପିନକୋଡ୍ ପ୍ରଦାନ କରିବା ତଥ୍ୟ ଓଡ଼ିଶାର ପକ୍ଷକୁ ଆହୁରି ଅଧିକ ମଜଭୁତ କରିବ ବୋଲି ଇପିଏ ସଦସ୍ୟ ବିଶ୍ୱଜିତ୍ ମହାନ୍ତି କହିଛନ୍ତି । କୋଟିଆ ଯେ ଓଡ଼ିଶାର, ତାହା ସମସ୍ତଙ୍କୁ ଜଣାଇବା ପାଇଁ ଶନିବାର କୋଟିଆର ସ୍ୱତନ୍ତ୍ର ଲଫାଫାରେ ଚିଠି ପ୍ରେରଣ ଅଭିଯାନ ଆରମ୍ଭ କରାଯାଇଥିବା ପୂର୍ବତନ କୋରାପୁଟ ଜିଲାପାଳ ସଞ୍ଜୀବ ହୋତା କହିଛନ୍ତି । ସ୍ୱାଧୀନତା ପୂର୍ବରୁ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ୧୯୪୫ରେ ପାଟନାରେ ପ୍ରସ୍ତୁତ କରାଯାଇଥିବା ମାନଚିତ୍ରରେ କୋଟିଆ ପଞ୍ଚାୟତ ପଟ୍ଟାଙ୍ଗୀ-ତାଡିବାଲସା ହେରିଟେଜ୍ ରୋଡ୍ ଓଡ଼ିଶାର ବୋଲି ସ୍ପଷ୍ଟ ହେବା ଉଲ୍ଲେଖ ଅଛି । ଏଥିରୁ ସମଗ୍ର କୋଟିଆ ଅଞ୍ଚଳ ଓଡ଼ିଶା ସୀମା ମଧ୍ୟରେ ରହିଥିବା ସ୍ପଷ୍ଟ ହୋଇଛି । କୋଟିଆ ପଞ୍ଚାୟତର ନେରେଡିବାଲସା, ତାଡିବାଲସା, ଏଲାଙ୍ଗାବାଲସା ଭଳି ଗ୍ରାମଗୁଡିକରେ ଜୟପୁର ଜମିଦାରିରେ ଖଜଣା ବାନ୍ଧିଥିବା କାଗଜପତ୍ର, ଛୋଟବଡ଼ ମାନଚିତ୍ର ଭଳି ପ୍ରମାଣ ଓଡ଼ିଶା ସପକ୍ଷରେ ରହିଛି ।




କୋଟିଆର ଚିତ୍ର ଓ ପିନ୍‌କୋଡ୍ ଥିବା ଏକ ଲଫାପାକୁ ଉନ୍ମୋଚନ କରାଯାଉଛି ।

## ପ୍ରଥମ ପୃଷ୍ଠାରୁ...

## ଆଜି ନୂଆ ପାର୍ଲାମେଣ୍ଟ ...

ପ୍ରଥମ ପୃଷ୍ଠାରୁ...

ସହଯୋଗୀ ଦଳ ସମେତ ଅଣ ଏନ୍‌ଡିଏ ୭ ଦଳ କାର୍ଯ୍ୟକ୍ରମରେ ଯୋଗଦେବା ଆଶା କରାଯାଉଛି । ଯୋଗଦେବାକୁ ଥିବା ଅଣଏନ୍‌ଡିଏ ଦଳଗୁଡ଼ିକ ମଧ୍ୟରେ ଅଛନ୍ତି ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍), ଶିରୋମଣି ଅକାଳୀ ଦଳ, ବିଏସ୍‌ପି, ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ), ବିଜେଡି, ଟିଡିପି ଏବଂ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି । ଏହା ବ୍ୟତୀତ ୬୦ ଧର୍ମୀୟ ମୁଖ୍ୟଙ୍କୁ ଉତ୍ସବକୁ ନିମନ୍ତ୍ରଣ କରାଯାଇଛି ।

ରବିବାର ସକାଳେ ପୂଜା ଓ ହୋମ ସହ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ ଉତ୍ସବ ଆରମ୍ଭ ହେବ । ଏହା ପରେ ଲୋକ ସଭା ସଦନରେ ସେନ୍‌ଗୋଲ ସ୍ଥାପନ କରାଯିବ । ପାର୍ଲାମେଣ୍ଟ ଲବିରେ ସର୍ବଧର୍ମ ପ୍ରାର୍ଥନା ସଭା କରାଯିବ । ପାର୍ଲାମେଣ୍ଟ ଉପରେ ଦୁଇଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବା ପରେ ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉଦ୍‌ବୋଧନ ଦେବେ । ଶେଷରେ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ୭୫ ଟଙ୍କିଆ କଏନ୍ ଏବଂ ଷ୍ଟାମ୍ପ୍ ଉନ୍ମୋଚନ କରିବା କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରମୁଖ୍ୟ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂତନ ବିଲ୍ଡିଂର ଉଦ୍‌ଘାଟନ କରନ୍ତୁ ବୋଲି ଦାବି କରୁଥିବା କେତେକ ବିରୋଧୀ ଦଳ ରବିବାରର ଏହି କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ ପାର୍ଲାମେଣ୍ଟ ଭବନ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ଶୁକ୍ରବାର କହିବା ସହ ନୂଆ କମ୍ପ୍ଲେକ୍ସର ଭିଡିଓ ଶେୟାର କରିଛନ୍ତି । ନୂଆ ପାର୍ଲାମେଣ୍ଟ ପାଇଁ ଉତ୍ତରପ୍ରଦେଶର ମିର୍ଜାପୁରର କାର୍ପେଟ ଅଣାଯାଇଥିବାବେଳେ ତ୍ରିପୁରାରୁ ବାମ୍ବୋ ଫ୍ଲୋରିଂ ଏବଂ ରାଜସ୍ଥାନର ପଥର ଖୋଦେଇ କାମ ଭାରତର ସାଂସ୍କୃତିକ ବିବିଧତାର ପ୍ରତିଫଳନ କରିବ । ଉଦ୍‌ଘାଟନ ପୂର୍ବରୁ ପ୍ରଧାନମନ୍ତ୍ରୀ ଶନିବାର ତାମିଲନାଡୁରୁ ଆସିଥିବା ଆଧିନମ୍‌ମାନଙ୍କୁ ତାଙ୍କ ବାସଭବନରେ ଭେଟି ଆଶୀର୍ବାଦ ନେଇଛନ୍ତି । ସେମାନେ ମନ୍ତ୍ରୋଚ୍ଚାରଣ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଉପହାର ସ୍ୱରୂପ ସେନ୍‌ଗୋଲ୍ ପ୍ରଦାନ କରିଛନ୍ତି । କଂଗ୍ରେସ, ଟିଏମ୍‌ସି, ବାମଦଳ, ଏଏପି ଏବଂ ଏସ୍‌ପି ସମେତ ୧୯ ବିରୋଧୀ ଦଳ ଉଦ୍‌ଘାଟନ ଉତ୍ସବକୁ ବର୍ଜନ କରୁଥିବାବେଳେ ସେନ୍‌ଗୋଲକୁ ନେଇ ରାଜନୈତିକ ବିବାଦ ଦେଖାଦେଇଛି । ବ୍ରିଟେନ୍‌ଠାରୁ ଭାରତକୁ କ୍ଷମତା ହସ୍ତାନ୍ତରର ପ୍ରତୀକ ସ୍ୱରୂପ ସେନ୍‌ଗୋଲ ସମ୍ପର୍କରେ ଲର୍ଡ ମାଉଣ୍ଟବାଟେନ୍, ସି. ରାଜଗୋପାଳାଚାରୀ ଏବଂ ଜବାହରଲାଲ୍ ନେହେରୁ ବର୍ଣ୍ଣନା କରିଥିବାର କୌଣସି ଦସ୍ତାବିଜ୍ ପ୍ରମାଣ ନାହିଁ ବୋଲି ଶୁକ୍ରବାର କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ । ଉଦ୍‌ଘାଟନ କାର୍ଯ୍ୟକ୍ରମରୁ ବିରୋଧୀ ଦଳଗୁଡ଼ିକ ଦୂରେଇ ରହୁଥିବାରୁ ସରକାର ବିରୋଧୀ ଏମ୍‌ପିମାନଙ୍କୁ ବିଶ୍ୱାସକୁ ନେଇ ନ ଥିବା ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଶନିବାର କହିଛନ୍ତି । ଅନ୍ୟପକ୍ଷରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂର କୌଣସି ଆବଶ୍ୟକତା ନ ଥିଲା ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି । ଦେଶର ସ୍ୱାଧୀନତା ସଂଗ୍ରାମ ପ୍ରତି ଆଦୌ ଅବଦାନ ନ ଥିବା ଲୋକଙ୍କ ଦ୍ୱାରା ନୂଆ ଇତିହାସ ଲେଖିବା ପାଇଁ ନୂତନ ପାର୍ଲାମେଣ୍ଟ ଭବନ ଏକ ପ୍ରୟାସ ବୋଲି ସେ କହିଛନ୍ତି ।

## ନୀତି ଆୟୋଗ ...

ମଣିପୁରର ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂହ ମଧ୍ୟ ଅନୁପସ୍ଥିତ ଥିଲେ । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ବିପକ୍ଷରେ ବିରୋଧୀ ଦଳଗୁଡ଼ିକ ମେଳି ବାନ୍ଧୁଥିବାବେଳେ ନୀତି ଆୟୋଗ ବୈଠକରେ ଏହି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ଅନୁପସ୍ଥିତି କେନ୍ଦ୍ରର ଦୁର୍ବଳତାକୁ ପଦାରେ ପକାଇଛି । ଅନ୍ୟପକ୍ଷେ ୧୦ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ଭାଜପା ଜନବିରୋଧୀ ଓ ଦାୟିତ୍ୱହୀନ କହି ସମାଲୋଚନା କରିଛି । ମୋଦିଙ୍କୁ ବିରୋଧକରି ସେମାନେ କେତେ ଦୂର ଯାଇପାରୁଛନ୍ତି ଦେଖାଯାଉ କହି ଶାସକ ଦଳ ଏକପ୍ରକାର ଚ୍ୟାଲେଞ୍ଜ କରିଛି ।

ନରେନ୍ଦ୍ର ମୋଦି ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ୨୦୧୫ ଜାନୁୟାରୀ ୧ରେ ଯୋଜନା କମିଶନକୁ ଭଙ୍ଗ କରି ରାଜ୍ୟଗୁଡ଼ିକର ଆର୍ଥିକ ବିକାଶ ଏବଂ କୋ-ଅପରେଟିଭ୍ ଫେଡେରାଲିଜମ୍ ବା ସଂଘୀୟ ସହଯୋଗିତାକୁ ମଜଭୁତ କରିବା ପାଇଁ ନୀତି ଆୟୋଗ ଗଠନ କରିଥିଲେ । ସେବେଠୁ ପ୍ରାୟ ସାଢ଼େ ୮ ବର୍ଷ ମଧ୍ୟରେ ସରକାରଙ୍କ ଜନ ନୀତି ନିର୍ଦ୍ଧାରଣକାରୀ ଏହି ଥିଙ୍କଟ୍ୟାଙ୍କର କାର୍ଯ୍ୟକାରିତାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଆସିଛି । ନୀତି ଆୟୋଗ ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ତୈଳ ଉପରୁ ଟିକସ ହ୍ରାସ ଏବଂ କୋଭିଡ୍-୧୯ ମୁକାବିଲା ଭଳି ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କୁ ଟାର୍ଗେଟ କରିବା ପାଇଁ ଏହି ବୈଠକକୁ ଏକ ମଞ୍ଚ ଭାବେ ବ୍ୟବହାର କରିଛନ୍ତି । ଚଳିତ ବର୍ଷ ଭାରତ ଜି୨୦ର ଅଧ୍ୟକ୍ଷତା କରୁଥିବାବେଳେ ରବିବାର ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନର ନୂଆ କନ୍‌ଭେନଶନ ସେଣ୍ଟରରେ 'ବିକଶିତ ଭାରତ@ ୨୦୪୭: ଟିମ୍ ଇଣ୍ଡିଆର ଭୂମିକା' ବିଷୟ ଉପରେ ଆଲୋଚନା ପାଇଁ ବୈଠକ ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀ ଏଥିରେ ଅଧ୍ୟକ୍ଷତା କରି ୨୦୨୪ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟ ନେଇ ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ, ଭିତ୍ତିଭୂମି ବିକାଶ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ । କଂଗ୍ରେସ ଶାସିତ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ କହିଥିଲେ, କେନ୍ଦ୍ର ସରକାର ରାଜ୍ୟଗୁଡ଼ିକର ଅଧିକାରଗୁଡ଼ିକୁ ସମ୍ମାନ ଦେବା ଉଚିତ । ଏଥିସହ ରାଜ୍ୟଗୁଡ଼ିକୁ ସସମ୍ମାନେ ସେମାନଙ୍କ ଅଂଶଧନ ହସ୍ତାନ୍ତର ପାଇଁ ମଜଭୁତ ବ୍ୟବସ୍ଥା ନିର୍ମାଣ କରିବା ଆବଶ୍ୟକ । ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ନୀତି ଆୟୋଗ ବୈଠକକୁ ଖୋଲାଖୋଲି ବର୍ଜନ କରିଥିବାବେଳେ ଅନ୍ୟ ରାଜ୍ୟର ୮ ଜଣ ମୁଖ୍ୟମନ୍ତ୍ରୀ ବିଭିନ୍ନ କାରଣ ଦର୍ଶାଇ ଏଥିରେ ଯୋଗଦେଇ ନାହାନ୍ତି । କେଜ୍‌ରିୱାଲ କହିଛନ୍ତି, କେନ୍ଦ୍ର ସଂଘୀୟ ସହଯୋଗିତାକୁ ଖୋଲାଖୋଲି ଉପହାସ କରୁଥିବାବେଳେ ଏହି ବୈଠକରେ ସାମିଲ ହେବାର କିଛି ଯଥାର୍ଥତା ନାହିଁ । ଭାରତ ପାଇଁ ଏକ ଦୂରଦୃଷ୍ଟି ପ୍ରସ୍ତୁତ ସହ କୋ-ଅପରେଟିଭ୍ ଫେଡେରାଲିଜମ୍‌କୁ ପ୍ରୋତ୍ସାହନ ଦେବା ନୀତି ଆୟୋଗର ଲକ୍ଷ୍ୟ । କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ଗଣତନ୍ତ୍ରକୁ ଯେପରି ଭାବେ ଆକ୍ରମଣ କରାଯାଇଛି ଏବଂ ଅଣଭାଜପା ସରକାରଗୁଡ଼ିକର ଯେଉଁଳି ପତନ ଘଟାଯାଇଛି, ତାହା ଆମ ଦେଶର ଦୂରଦୃଷ୍ଟି କିମ୍ବା ସଂଘୀୟ ସହଯୋଗିତା ନୁହେଁ ବୋଲି କେଜ୍‌ରିୱାଲ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି । ସେହିପରି ପଞ୍ଜାବକୁ ଗ୍ରାମାଞ୍ଚଳ ବିକାଶ ଫି (ଆର୍‌ଡିଏଫ୍) ବାବଦକୁ କେନ୍ଦ୍ର ୩,୬୦୦ କୋଟି ଟଙ୍କା ଦେଇ ନ ଥିବାରୁ ଏହାର ପ୍ରତିବାଦରେ ଭଗୱନ୍ତ ମାନ୍ ଉକ୍ତ ବୈଠକରେ ସାମିଲ ହୋଇ ନ ଥିବା ଦର୍ଶାଇଛନ୍ତି । କେଜ୍‌ରିୱାଲ ଓ ମାନ୍ ହାଇଦ୍ରାବାଦ ଯାଇ କେନ୍ଦ୍ରର ଦିଲ୍ଲୀ ସରକାର ବିରୋଧୀ ଅଧ୍ୟାଦେଶ ଉପରେ ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ର ସମର୍ଥନ ଲୋଡ଼ିଛନ୍ତି । ବିଆର୍‌ଏସ୍ ମୁଖ୍ୟ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ସାମିଲ ନ ହୋଇ ଦୁଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ନିଜ ନିଜ ରାଜ୍ୟର ଅନ୍ୟ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବା ଦର୍ଶାଇ ନୀତି ଆୟୋଗ ବୈଠକରେ ସାମିଲ ହୋଇ ନ ଥିବା କହିଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିରେ ଯୋଗଦେବେ ନାହିଁ ବୋଲି ପୂର୍ବରୁ ସ୍ପଷ୍ଟ କରିଥିଲେ । ଇତିମଧ୍ୟରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ମୁଖ୍ୟମନ୍ତ୍ରୀଙ୍କ ପରିବର୍ତ୍ତେ ଅର୍ଥମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କୁ ଉକ୍ତ ବୈଠକକୁ ପଠାଇବା ପାଇଁ କେନ୍ଦ୍ରର ଅନୁମତି ଲୋଡ଼ିଥିଲେ । କେନ୍ଦ୍ର ଏହାକୁ ପ୍ରତ୍ୟାଖ୍ୟାନ କରି ମମତା ହିଁ ଯୋଗଦେବା ଉଚିତ ବୋଲି କହିଥିଲା । ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସ୍ୱାସ୍ଥ୍ୟଗତ କାରଣରୁ ଦିଲ୍ଲୀ ଗସ୍ତ ବାତିଲ କରିଥିବା ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ବିହାର ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଯୋଗଦେବାର ଯଥାର୍ଥତା ନ ଥିବା ପ୍ରକାଶ କରିଛନ୍ତି । ଏନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ ବୈଠକ ବର୍ଜନକାରୀ ମୁଖ୍ୟମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଉକ୍ତ ବୈଠକରେ ୧୦୦ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ସ୍ଥିର କରାଯାଇଥିଲା । ଯେଉଁ ମୁଖ୍ୟମନ୍ତ୍ରୀମାନେ ଏଥିରେ ଯୋଗଦେଇ ନାହାନ୍ତି, ସେମାନେ ନିଜ ରାଜ୍ୟବାସୀଙ୍କ ସ୍ୱର ଏଠାରେ ପହଞ୍ଚାଇ ନାହାନ୍ତି । ମୋଦିଙ୍କ ବିରୋଧରେ ଆପଣମାନେ କେତେ ବାଟ ଯିବେ ? ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ୍ କହିଛନ୍ତି, ଅଣଭାଜପା ମୁଖ୍ୟମନ୍ତ୍ରୀମାନେ ବୈଠକ ବର୍ଜନ କରିବା ପଛର କାରଣ ହେଉଛି କେନ୍ଦ୍ର ସେମାନଙ୍କୁ ଉପଯୁକ୍ତ ବ୍ୟବହାର ଦେଖାଉନାହିଁ । ଯିଏ କେନ୍ଦ୍ରକୁ ଅବଜ୍ଞା କରୁଛନ୍ତି, ତାଙ୍କ ଦାବିକୁ ନୀତି ଆୟୋଗ ଆଦୌ ଶୁଣୁନାହିଁ ।

## ନବୀନ ବି ଯୋଗଦେଲେ ...

ପରିଚାଳିତ ଏନ୍‌ଡିଏ ସରକାରଙ୍କୁ ପ୍ରସଙ୍ଗଭିତ୍ତିକ ସମର୍ଥନ ଦେଇଆସୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହିଁକି ନୀତି ଆୟୋଗ ବୈଠକରୁ ଦୂରେଇ ରହିଲେ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଗତ ମେ' ୧୦ରେ ନବୀନ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବା ସହ ତୃତୀୟ ସାମ୍ମୁଖ୍ୟରେ ସାମିଲ ନ ହେବା ପାଇଁ ଘୋଷଣା କରିଥିଲେ । ସେହିପରି ରବିବାର(ମେ' ୨୮)ରେ ହେବାକୁ ଥିବା ନୂଆ ସଂସଦ ଭବନ ଉଦ୍‌ଘାଟନୀ ଉତ୍ସବରେ ବିଜେଡି ସାମିଲ ହେବା ପାଇଁ ଦଳ ପକ୍ଷରୁ ଘୋଷଣା କରାଯାଇଥିଲା । କିନ୍ତୁ ଏହାର ଦିନକ ପୂର୍ବରୁ ଶନିବାର ନୀତି ଆୟୋଗ ବୈଠକରେ ନବୀନ ଯୋଗଦେଲେନାହିଁ । ୨୦୨୪ରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ନବୀନ ତାଙ୍କର ସମଦୂରତ୍ୱ ଆଭିମୁଖ୍ୟକୁ ବଜାୟ ରଖିବା ପାଇଁ ନୀତି ଆୟୋଗ ବୈଠକରୁ ଦୂରେଇ ରହିଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ଦେଶର ବିକାଶର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରୁଥିବା ଏହି ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା ବୈଠକକୁ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଓଡ଼ିଶା ମୁଖ୍ୟମନ୍ତ୍ରୀ ନିଜର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପାଇଁ ବୈଠକରେ ସାମିଲ ହୋଇ ନ ଥିବା କୁହାଯାଉଛି । ତେବେ ନବୀନ କାହିଁକି ଏହି ବୈଠକକୁ ବର୍ଜନ କଲେ ସେ ନେଇ ସରକାରୀ ଭାବେ କିଛି କୁହାଯାଇ ନ ଥିଲେ ମଧ୍ୟ ନିର୍ବାଚନୀ ବର୍ଷରେ ନିଜର ସମଦୂରତ୍ୱ ନୀତିକୁ ନେଇ ହେଉଥିବା ସମାଲୋଚନାରୁ ବର୍ତ୍ତିବା ପାଇଁ ଏଭଳି କରିଥାଇପାରନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜି ପ୍ରତି କ୍ଷେତ୍ରରେ ନିଜକୁ ଆଡ୍‌ଜଷ୍ଟ କରି ଚଳାଇ ନେବାରେ ସମର୍ଥ ହେବେ । ଯଦିଓ ବିଶେଷ କିଛି ଗୁରୁତର ସମସ୍ୟା ନାହିଁ, ତଥାପି ଅସୁସ୍ଥତା ଅନୁଭବ କରିପାରନ୍ତି । ସାମାଜିକ କ୍ଷେତ୍ରରେ ଅଟକିଥିବା କାମ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ । କୃଷି, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରେ ।

**ବୃଷ** କର୍ମକ୍ଷେତ୍ରରେ ସମସ୍ୟାକୁ ସୁଧାରିବା ସାଙ୍ଗକୁ ସାମାଜିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ । ଅଫିସ୍ କାମର ଚାପ ପ୍ରଭାବରୁ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ । ପରିବାର କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ମାନସିକ ଅଶାନ୍ତିର କାରଣ ହେବ । ତଥାପି ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ ।

**ମିଥୁନ** ଆଜି ବନ୍ଧୁଙ୍କ ସହାନୁଭୂତିର ସୁଯୋଗ ଲାଭ କରି ନିଜକୁ ଧନ୍ୟ ମନେକରିବେ । ଯେଉଁ କାମଟିକୁ ଆଜିଯାଏଁ ଆପଣ କରି ପାରୁନଥିଲେ, ଆଜି ମଧ୍ୟାହ୍ନ ପରେ ତାହା ସୁବିଧାରେ ହୋଇଯିବ । ମାତ୍ର ଘରର ବାରଣ ମାନି କାମ କଲେ ଅବଶ୍ୟ ଉପକୃତ ହେବେ । ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ ।

**କର୍କଟ** ଆଜି ଆପଣ ପରିସ୍ଥିତି ସହ ଲଢ଼େଇ କରି କାମ ହାସଲ କରିପାରିବେ । ଗତକାଲିଠାରୁ ଆଜି ଯେଉଁ କାମରେ ହାତଦେବେ, ସେଥିରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ । କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ । କିନ୍ତୁ କାର୍ଯ୍ୟବ୍ୟସ୍ତତାରୁ ଘରର କଥା ବୁଝିବାକୁ ସମୟ ମଧ୍ୟ ପାଇ ପାରିବେ ନାହିଁ ।

**ସିଂହ** ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସଙ୍ଗଠନ, ପ୍ରଶାସନ, ଗଣ ଯୋଗାଯୋଗ ପାଇଁ ଦିନଟି ଭଲ । କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ କ୍ରୋଧରୁ ହଇରାଣ ହୋଇପାରନ୍ତି । ଆଗନ୍ତୁକ ବନ୍ଧୁଙ୍କ ଆଚରଣରେ କିଛିଟା ପରିବର୍ତ୍ତନ ଆସିପାରେ, ଯାହାକି ଦୁଶ୍ଚିନ୍ତା ସୃଷ୍ଟି କରିବ ।

**କନ୍ୟା** ଆଜି ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହୋଇପାରେ । ଦୀର୍ଘଦିନ ହେଲା ଯେଉଁ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇଥିଲେ ତାହା ଅକ୍ଲେଶରେ ହୋଇଯିବ । ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବା ଆଶା କରାଯାଇପାରେ । ଆକସ୍ମିକ ଭାବେ ଭ୍ରମଣ ସୁଯୋଗ ଜୁଟିବ ଓ ଆଜିର ଯାତ୍ରା ସଫଳ ହେବ ।

**ତୁଳା** ଆଜି ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ । କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ । ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ । ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କଲେ ସମସ୍ୟା ପ୍ରାୟତଃ ଆଗକୁ ବଢ଼ିପାରିବ ନାହିଁ ।

**ବିଛା** ସ୍ୱାସ୍ଥ୍ୟଗତ କେତେକ ସମସ୍ୟା ମନକୁ ନିରୁତ୍ସାହିତ କରିବ । ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ମନ ଭଲ ରହିବ ନାହିଁ । ଭୁଲ୍ ବୁଝାମଣାବଶତଃ ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି । ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ପ୍ରାୟତଃ ଭଲ ହେବ ।

**ଧନୁ** ପାରିବାରିକ ଅଶାନ୍ତି ରହିଥିଲେ ମଧ୍ୟ ପରିସ୍ଥିତିକୁ ଦେଖି କାମ କଲେ କୌଣସି ଅସୁବିଧା ହେବ ନାହିଁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । ଅଫିସରଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ । ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ ।

**ମକର** ଗତକାଲି ରାତିରୁ ପରୋକ୍ଷ ଶତ୍ରୁତା, ଧାର କରଜ, ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ । ନିଜ ସହ ଆଦୌ ପଟୁନଥିବା ଲୋକମାନେ ଗୁଣଗାନ କରିବା ବଦଳରେ ନିନ୍ଦା ରଟନା କରିବେ । ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ । ନିଜଠାରୁ ସାନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି ।

**କୁମ୍ଭ** ମାନ୍ଦା ବେପାର ଏବଂ ପୁଅ ଝିଅଙ୍କ ବାହାଘର ସମସ୍ୟା ସକାଶେ ମନ ଭାରାକ୍ରାନ୍ତ ରହିବ । ତଥାପି ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୂର୍ବ ବନ୍ଧୁ କିଛି ଖବର ନେଇ ଆସିବେ । ଆକସ୍ମିକ ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ ।

**ମୀନ** କର୍ମକ୍ଷେତ୍ରର ସ୍ଥିତି ଅକ୍ଷୁଣ୍ଣ ରହିଥିଲେ ହେଁ ଗୋଟିଏ ସମସ୍ୟା ଶେଷ ହେଉ ହେଉ ଅନ୍ୟ ଏକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ । ଆଜି ଦିନଟି ଆର୍ଥିକ ଦୃଷ୍ଟିକୋଣରୁ ମନ୍ଦ ନୁହେଁ । ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ । କୌଣସି ନୀଚ ଜାତି ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ । କଚେରି ମାମଲା ଅନୁକୂଳ ଯୋଗ ।

ଆଜି ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀଯୁକ୍ତ ନବମୀ ରବିବାର, ମଇ ୨୮ ତାରିଖ, ବିନାୟକ ଦାମୋଦର ସାବରକର ଜୟନ୍ତୀ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୬।୫୬ ଗତେ ଘ. ୦୯।୩୩ ମଧ୍ୟେ, ଘ,୦୧।୨୨ ଗତେ ଘ. ୦୨।୪୭ ମଧ୍ୟେ ଶୁଦ୍ଧ ଶୁଦ୍ଧବେଳା । ଅପରାହ୍ନ ଘ.୦୪।୩୮ ଗତେ ଘ.୦୬।୧୬ ମଧ୍ୟେ ରାହୁକାଳ ॥

## ଧରିତ୍ରୀ-ଇଏଫ୍‌ଆଇ ମିଳିତ ପ୍ରୟାସ



ଧରିତ୍ରୀ ଏବଂ ଇଏଫ୍‌ଆଇ ମିଳିତ ସହଯୋଗରେ ଶନିବାର ଆୟୋଜିତ ଖୋର୍ଦ୍ଧା ଜିଲା ମେଣ୍ଢାଶାଳ ପଞ୍ଚାୟତ ଅଧିନ ହରିଡ଼ାମଡ଼ା ପୋଖରୀ ପୁନରୁଦ୍ଧାର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



ପୋଖରୀରୁ ମାଟି ଖୋଳା ଚାଲିଛି।

# ଜଳାଶୟ ପୁନରୁଦ୍ଧାର କାର୍ଯ୍ୟାରମ୍ଭ

**ଖୋର୍ଦ୍ଧା ଅଫିସ, ୨୭।୫**

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଲୋକଙ୍କ ମଧ୍ୟରେ ଏସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ଧରିତ୍ରୀ ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି କ୍ରମରେ ଓଡ଼ିଶାର ବିଭିନ୍ନ ଜଳାଶ୍ରୟ ପୁନରୁଦ୍ଧାର କାର୍ଯ୍ୟ ଏନ୍‌ଭାଇରନ୍‌ମେଣ୍ଟାଲିଷ୍ଟ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ(ଇଏଫ୍‌ଆଇ) ସହଯୋଗରେ ଆରମ୍ଭ ହୋଇଛି। ଶନିବାର ଖୋର୍ଦ୍ଧା ଜିଲା ଅନ୍ତର୍ଗତ ମେଣ୍ଢାଶାଳ ପଞ୍ଚାୟତର ହରିଡ଼ାମଡ଼ା ଗ୍ରାମ ପୋଖରୀରୁ ପୁନରୁଦ୍ଧାର କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏଥିରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲା ପରିଷଦ-୨୮ ସଦସ୍ୟ ପ୍ରଭାତ ପରିଡା, ସ୍ଥାନୀୟ ସରପଞ୍ଚ କୌଶଲ୍ୟା ବଳିଆରସିଂହ, ସମିତି ସଭ୍ୟ ସରୋଜ ବେହେରା ପ୍ରମୁଖ ଉପସ୍ଥିତ ରହି ଜଳାଶୟ ପୁନରୁଦ୍ଧାର କାର୍ଯ୍ୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ ନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥୀ, ଇଏଫ୍‌ଆଇ ମୁଖ୍ୟ ଅରୁଣ କ୍ରିଷ୍ଣମୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ପରେ ଏହି ଜଳାଶୟର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏହି ଅବସରରେ ଜଟଣୀ ବିଧାୟକ ରାଉତରାୟ କହିଛନ୍ତି, ଏହି ଅଞ୍ଚଳ ଏକ ଆଦିବାସୀ ବହୁଳ। ଦୀର୍ଘଦିନ ଧରି ଏହି ଜଳାଶୟ ପରିତ୍ୟକ୍ତ ଅବସ୍ଥାରେ ପଡିଥିଲା। ଧରିତ୍ରୀର ସହଯୋଗରୁ ଏହାର ପୁନରୁଦ୍ଧାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଧରିତ୍ରୀ ଓ ଇଏଫ୍‌ଆଇର ଏଭଳି ଅଭିନବ ପ୍ରୟାସକୁ ରାଉତରାୟ ଭୂୟସି ପ୍ରଶଂସା କରିଥିଲେ। ସରପଞ୍ଚ ବଳିଆରସିଂ କହିଛନ୍ତି ଆମେ ଆଜି ବହୁତ ଖୁସି। ପୋଖରୀର ପୁନରୁଦ୍ଧାର ଦ୍ୱାରା ସ୍ଥାନୀୟ ଗ୍ରାମବାସୀ ବିଶେଷଭାବେ ଉପକୃତ ହୋଇପାରିବେ। ତେଣୁ ଧରିତ୍ରୀର ଏଭଳି ପ୍ରୟାସକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରୁଛି। ଜିଲାପାଳ ଚକ୍ରବର୍ତ୍ତୀ ଧରିତ୍ରୀ ଓ ଇଏଫ୍‌ଆଇର ମିଳିତ ଆନୁକୂଲ୍ୟରେ ଏହି ଜଳାଶୟର ପୁନରୁଦ୍ଧାର ଆରମ୍ଭ କାର୍ଯ୍ୟକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଗ୍ରାମବାସୀଙ୍କ ଦାବି ମୁତାବକ ଏହି ଜଳାଶୟର ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ ଦିଆଯିବ। ଧରିତ୍ରୀ ସମ୍ପାଦକ ସତପଥୀ କହିଛନ୍ତି ଓଡ଼ିଶାରେ ଜଳାଶୟଗୁଡ଼ିକର ଜଳସ୍ତର କମିବାରେ ଲାଗିଛି। ଗ୍ରାମାଞ୍ଚଳର ବହୁ ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ପୋତି ହୋଇ ସତ୍ତା ହରାଉଛି। ଏହାର ପୁନରୁଦ୍ଧାର ସହ ପୁଣି ଥରେ ଲୋକଙ୍କ ଉପଯୋଗୀ କରିବା ଉଦ୍ଦେଶ୍ୟରେ ଇଏଫ୍‌ଆଇ ସହ ଧରିତ୍ରୀର ଏହା ମିଳିତ ପ୍ରୟାସ। ଆଗକୁ ଏଭଳି ଅଭିଯାନ ଜାରି ରହିବ। ଇଏଫ୍‌ଆଇର କ୍ରିଷ୍ଣମୂର୍ତ୍ତି କହିଥିଲେ ଯେ, ଏହି ଅଞ୍ଚଳରେ ବହୁ ଗୃହପାଳିତ ପ୍ରାଣୀ, ଜୀବଜନ୍ତୁ ରହୁଛନ୍ତି। ଗ୍ରାମବାସୀ ଜଳାଶୟ ଉପରେ ନିର୍ଭରଶୀଳ। ତେଣୁ ପୋତି ହୋଇଯାଉଥିବା ଜଳାଶୟ ପୁନରୁଦ୍ଧାର ପାଇଁ ଏହା ହେଉଛି ଏକ ଛୋଟିଆ ପ୍ରୟାସ। ଏହା ଦ୍ୱାରା ସ୍ଥାନୀୟ ଗ୍ରାମବାସୀ ଉପକୃତ ହେବା ସହ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଫଳପ୍ରଦୀ ହେବ। ଜେଏସ୍‌ଡବ୍ଲ୍ୟୁର ପ୍ରଶାନ୍ତ ବିଶ୍ୱାଳ କହିଥିଲେ ଯେ, ଜଳାଶୟଗୁଡ଼ିକ ପୋତି ହୋଇଯିବା କାରଣରୁ ଲୋକେ କୌଣସି ସୁବିଧା ପାଇପାରନ୍ତି ନାହିଁ। ଅନେକ ପୋଖରୀ ଏଭଳି ଅବସ୍ଥାରେ ରହିଛି। ଏହି ପ୍ରୟାସ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ପଶୁପକ୍ଷୀ, ଗ୍ରାମବାସୀ ସମସ୍ତଙ୍କୁ ଜଳର ଆବଶ୍ୟକତା ରହିଛି। ଜିଲା ପରିଷଦ ସଭ୍ୟ ପରିଡା କହିଥିଲେ ଆମ ଗ୍ରାମର ଏହି ଜଳାଶୟ ଦୀର୍ଘ ଦିନ ହେବ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଏ ସମ୍ପର୍କରେ ଜାଣିବା ପରେ ଧରିତ୍ରୀ ସହଯୋଗର ହାତ ବଢ଼ାଇଥିଲା। ଏହାର ପୁନରୁଦ୍ଧାର ଲାଗି ପ୍ରତିଶ୍ରୁତି ଦେଇ ଆନୁଷ୍ଠାନିକ ଭାବେ କାମ ଆରମ୍ଭ ହୋଇଛି। ଏଭଳି ପ୍ରୟାସକୁ ଗ୍ରାମବାସୀଙ୍କ ପକ୍ଷରୁ ଅଶେଷ ଧନ୍ୟବାଦ ଜଣାଉଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ମହିଳା, ପୁରୁଷ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ।

## ୨୩୩ କଲେଜ ଅଧ୍ୟକ୍ଷ, ମୁଖ୍ୟ କିରାଣିଙ୍କ ଦରମା ବନ୍ଦ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ସରକାରୀ କାର୍ଯ୍ୟରେ ଅବହେଳା ପାଇଁ ୨୩୩ କଲେଜ ଅଧ୍ୟକ୍ଷଙ୍କ ବିରୋଧରେ ଉଚ୍ଚ ଶିକ୍ଷା ବିଭାଗ କଡ଼ା ପଦକ୍ଷେପ ନେଇଛି। ସେମାନଙ୍କ ମେ' ମାସ ଦରମା ବନ୍ଦ ନେଇ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ସଂପୃକ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇନ୍ତି। ଏହାସହ ସମ୍ପୃକ୍ତ କଲେଜଗୁଡ଼ିକର ମୁଖ୍ୟ କିରାଣିଙ୍କ ପାଇଁ ମଧ୍ୟ ସମାନ ନିଷ୍ପତ୍ତି ନିଆଯାଇଛି। ବିଭାଗ ପକ୍ଷରୁ ମଧ୍ୟ ସେମାନଙ୍କ ଦରମା ବନ୍ଦ କରାଯାଇଛି। ଉଚ୍ଚ ଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ ବାରମ୍ବାର ଚିଠି ଦେଉଥିଲେ ମଧ୍ୟ ୨୨୩ କଲେଜ ଅଧ୍ୟକ୍ଷ କିମ୍ବା ମୁଖ୍ୟ କିରାଣିମାନେ ଆବଶ୍ୟକ ସୂଚନା ପ୍ରଦାନ କରିବାରେ ବିଫଳ ହୋଇଥିଲେ। ବିଭାଗୀୟ ଚିଠିର ଉତ୍ତର ନ ଦେବାର ଅର୍ଥ ସରକାରୀ କାର୍ଯ୍ୟ ନିର୍ବାହରେ ବଡ଼ ଅବହେଳା ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନର ବିଫଳତା ବୋଲି ଚିଠିରେ ଉଲ୍ଲେଖ ରହିଛି। ସହକାରୀ ନିର୍ଦ୍ଦେଶକଙ୍କ ଅଭିଯୋଗ ଆଧାରରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବାବେଳେ ତାଙ୍କଠାରୁ କ୍ଲିଅରାନ୍ସ ମିଳିବା ପରେ ବିଭାଗ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ।

# ଶ୍ରୀମନ୍ଦିର ସିଂହଦ୍ୱାର ହେବ ରୁପା ଛାଉଣି

**ପୁରୀ ଅଫିସ, ୨୭।୫**

ଶ୍ରୀମନ୍ଦିର ସିଂହଦ୍ୱାର କବାଟ ରୁପା ଛାଉଣି ହେବାକୁ ଯାଉଛି। ଏଥିସହ ମହାପ୍ରଭୁଙ୍କ ଗଜଦନ୍ତ ପଲଙ୍କ ବା ରତ୍ନ ପଲଙ୍କର ମରାମତି ସହ ନୂତନ ପଲଙ୍କ ନିର୍ମାଣ କରାଯିବ। ଏ ନେଇ ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଶ୍ରୀମନ୍ଦିର କୋର କମିଟି ସଦସ୍ୟ ଏନ୍.ସି.ପାଲ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ। ତେବେ ରଥଯାତ୍ରା ସମୟରେ କାର୍ଯ୍ୟ କରାଯାଇ ବାହୁଡ଼ା ପୂର୍ବରୁ କାର୍ଯ୍ୟ ସାରିବାକୁ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ସିଂହଦ୍ୱାର ରୁପା ଛାଉଣି ଦାତା ଦେଇଥିବା ରୁପାରେ କରାଯିବ। ଅପରପକ୍ଷେ ମହାପ୍ରଭୁଙ୍କ ରତ୍ନପଲଙ୍କ ବା ଗଜଦନ୍ତ ପଲଙ୍କ ଭାଙ୍ଗିଯାଇଥିବା ନେଇ ଅଭିଯୋଗ ହେଉଆସୁଥିଲା। ତେଣୁ ପଲଙ୍କର ନିର୍ମାଣ ସହ ମରାମତି କରାଯିବ। ଆଲୋଚନା ପରେ କମିଟି, ସଦସ୍ୟମାନେ ଶ୍ରୀମନ୍ଦିର ଯାଇ ସିଂହଦ୍ୱାରର ସ୍ଥିତି ଅନୁଧ୍ୟାନ କରିଥିଲେ।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ପ୍ରଥମତଃ ମହାପ୍ରଭୁଙ୍କ ରତ୍ନ ପଲଙ୍କର ମରାମତି କରାଯିବ। ପୁରୁଣା ପଲଙ୍କର ସ୍ଥିତି ଦେଖି କାର୍ଯ୍ୟ କରିବା ସହ ନୂତନ ପଲଙ୍କ ନିର୍ମାଣ କରାଯିବ। ଦ୍ୱିତୀୟରେ ଶ୍ରୀମନ୍ଦିର ସିଂହଦ୍ୱାର କବାଟ ରୁପା ଛାଉଣି ନେଇ ଆଲୋଚନା କରାଯାଇଛି। ରୁପା ଛାଉଣି ପାଇଁ ଏଏସ୍‌ଆଇଠାରୁ ଅନୁମତି ପାଇଁ ପଦକ୍ଷେପ ନିଆଯିବ। ପରମ୍ପରା ଓ କବାଟରେ ଯାହା ସବୁ ଚିତ୍ର ରହିଛି, ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯିବ। ଏହି କାର୍ଯ୍ୟ ରଥଯାତ୍ରା ସମୟରେ ହେବାକୁ ଥିବାବେଳେ ସମସ୍ତଙ୍କ ସମନ୍ୱୟରେ କରାଯିବ। ବର୍ତ୍ତମାନ ପ୍ରଥମେ ସିଂହଦ୍ୱାରକୁ ରୁପା ଛାଉଣି କରାଯିବ। ପରେ ଅନ୍ୟ ଦୁଆର ବିଷୟରେ ଚିନ୍ତା କରାଯିବ। ଏହାପୂର୍ବରୁ ଏକ ଡମି କବାଟ ନିର୍ମାଣ କରାଯିବ। ତେବେ ରୁପା ଛାଉଣି ପାଇଁ କେତେଜଣ ଦାତା ରୁପା ଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟ ସମୟରେ ଯେପରି ନୀତିରେ କୌଣସି ବିଭ୍ରାଟ ହେବ ନାହିଁ। ଏପରିକି କାମ ସମୟରେ ଲୋକଙ୍କ ଯାତାୟାତ ଉପରେ ରୋକ ଲଗାଯିବ। ଏ ନେଇ ଏସ୍‌ପିଙ୍କୁ ସୂଚନା ଦିଆଯିବ। ପୋଲିସ ସହ ସିସିଟିଭି ଲାଗିବ। ଭକ୍ତଙ୍କ ପ୍ରବେଶ ପାଇଁ ଅନ୍ୟ ଦ୍ୱାର ବ୍ୟବସ୍ଥା କରାଯିବ। ସେହିପରି ଗଜଦନ୍ତ ପଲଙ୍କ ଗୋଟିଏ ସେଟ୍ ନିର୍ମାଣ ହେବ ଓ ଗୋଟିଏ ସେଟ୍‌ର ମରାମତି କରାଯିବ ବୋଲି ଦାସ କହିଛନ୍ତି।



ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଅନ୍ୟ ଅଧିକାରୀମାନେ।


- ■ ରତ୍ନ ପଲଙ୍କ ମରାମତି ହେବ
- ■ ରଥଯାତ୍ରା ବେଳେ କାର୍ଯ୍ୟ ହୋଇ ବାହୁଡ଼ା ମଧ୍ୟରେ ସରିବ

# ଏଫ୍‌ବିଆଇ ସହାୟତା ପାଇଁ କେନ୍ଦ୍ରକୁ ଚିଠି ଯାଇଥିଲା: କ୍ରାଇମବ୍ରାଞ୍ଚ

## ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

**କଟକ ଅଫିସ, ୨୭।୫**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ କ୍ରାମମ୍ବ୍ରାଞ୍ଚ ଚାର୍ଜସିଟ୍ ଦାଖଲ କରିବା ପରେ ତଦନ୍ତର ସ୍ୱଚ୍ଛତାକୁ ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଛି। ଏଭଳିସ୍ଥିତିରେ ଶନିବାର କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାର ଜାରି କରାଯାଇ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ଦ୍ୱାରା ତଦନ୍ତ କରାଯିବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ଚିଠି ଦିଆଯାଇଥିଲା ବୋଲି କୁହାଯାଇଛି। ଗତ ଫେବୃୟାରୀ ୨୨ରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଉକ୍ତ ଚିଠି କରାଯାଇଥିଲା ବୋଲି ଏଥିରେ ଉଲ୍ଲେଖ ରହିଛି। କ୍ରାଇମବ୍ରାଞ୍ଚ ସୂଚନା ଅନୁସାରେ, ନବ ଦାସ ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ଗୋପାଳକୃଷ୍ଣ ଦାସ ମାନସିକ ଅସୁସ୍ଥ ଓ ସେଥିପାଇଁ ମେଡିସିନ୍ ଖାଉଛନ୍ତି ବୋଲି ତାଙ୍କ ପରିବାର ଲୋକେ ଦାବି କରିଥିଲେ। ତେଣୁ ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ହେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଗୋପାଳ ମାନସିକ ଭାବେ ସୁସ୍ଥ ଥିବା ଜାଣିବାକୁ ପାଇବା ସହ ଅଧିକ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ। ମାମଲାର ଗୁରୁତ୍ୱ ଓ ସମ୍ବେଦନଶୀଳତା କାରଣରୁ ସବୁଠୁ ଭଲ ବିଶେଷଜ୍ଞ ଓ ଉନ୍ନତ ଜ୍ଞାନକୌଶଳ ଦ୍ୱାରା ତଦନ୍ତ କରିବାକୁ କ୍ରାଇମବ୍ରାଞ୍ଚ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ନୂଆଦିଲ୍ଲୀର ସେଣ୍ଟ୍ରାଲ ଫୋରେନ୍‌ସିକ ସାଇନ୍ସ ଲାବୋରାଟୋରୀ, ଗୁଜୁରାଟର ରାଜ୍ୟ ଫୋରେନ୍‌ସିକ ଲାବୋରାଟୋରି, କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ବିଶେଷଜ୍ଞଙ୍କ ଦ୍ୱାରା ଗୋପାଳଙ୍କ ମାନସିକ ଅବସ୍ଥା ଯାଞ୍ଚ କରାଯାଇଥିଲା। ହେଲେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ବାଙ୍ଗାଲୋରସ୍ଥିତ ନିମ୍‌ହାନ୍ସର ବିଶେଷଜ୍ଞ ଦଳକୁ ଓଡ଼ିଶା ପଠାଇବା ନିମନ୍ତେ କ୍ରାଇମବ୍ରାଞ୍ଚ ଅନୁରୋଧ କରିଥିବାବେଳେ ସେମାନେ ଏ ଦିଗରେ ଅକ୍ଷମତା ପ୍ରକାଶ କରିଥିଲେ। ତେବେ ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ଠିକ୍ ଥିବା ସ୍ପଷ୍ଟ ପ୍ରମାଣ କରିବାକୁ ଏଫ୍‌ବିଆଇ ଦ୍ୱାରା ଯାଞ୍ଚ କରାଇବା ନିମନ୍ତେ କ୍ରାଇମବ୍ରାଞ୍ଚ ସ୍ଥିର କରିଥିଲା। ଏଫ୍‌ବିଆଇର ସବୁଠାରୁ ଭଲ ବିଶେଷଜ୍ଞ ଓ ଯନ୍ତ୍ରପାତି ରହିଥିବା କାରଣରୁ ସୁଫଳ ମିଳିବାର ଆଶା ଥିଲା। ହେଲେ ନିୟମାନୁସାରେ କୌଣସି ରାଜ୍ୟ ସରକାର ସିଧାସଳଖ ଏଫ୍‌ବିଆଇକୁ ସହାୟତା ମାଗି ପାରିବେ ନାହିଁ। କେବଳ କେନ୍ଦ୍ର ସରକାରଙ୍କ ଗୃହ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏହି ଆବେଦନ କରାଯିବାର ନିୟମ ରହିଛି। ମୁମ୍ବାଇ ବୋମା ବିସ୍ଫୋରଣ ମାମଲା ଓ ଭଁଓରୀ ଦେବୀ ହତ୍ୟାକାଣ୍ଡ ମାମଲାରେ ସିବିଆଇ ଏଫ୍‌ବିଆଇର ସହାୟତା ନେଇଥିଲା। ଅନୁରୂପ ଭାବେ ଏହି ମାମଲାର ତଦନ୍ତରେ ସହାୟକ ପାଇଁ କ୍ରାଇମବ୍ରାଞ୍ଚର ଅନୁରୋଧ କ୍ରମେ ଓଡ଼ିଶା ସରକାରଙ୍କ ଗୃହ ବିଭାଗର ଚିଠି ନଂ. ୧୮୭/୨୨।୨।୨୦୨୩ରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଥିଲା ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।



ସଙ୍ଗୀତ, ସାହିତ୍ୟ ଓ କଳା ହେଲେ ଆତ୍ମା ନିମିତ୍ତ ଏକ ପୂର୍ଣ୍ଣ ଶିକ୍ଷା ଏ ସବୁ ଆତ୍ମାର ଗତିବୃତ୍ତିକୁ ବିଶୁଦ୍ଧ, ନିୟନ୍ତ୍ରିତ, ଗଭୀର ଓ ସଂହତ କରନ୍ତି। ସେଥିପାଇଁ ମାନବ ସମାଜର ଅଗ୍ରଗତି ପଥରେ ଏ ସମସ୍ତ ଅବହେଳିତ ହେବା ଉଚିତ ନୁହେଁ। କିମ୍ବା କେବଳ ଇନ୍ଦ୍ରିୟଗତ ଆମୋଦ-ଯାହା ଚରିତ୍ରକୁ ଗଠନ ନ କରି ବିନଷ୍ଟ କରେ ତାହା ଦ୍ୱାରା କଳୁଷିତ ହେବା ଉଚିତ ନୁହେଁ। – ଶ୍ରୀଅରବିନ୍ଦ



# ପରିବର୍ତ୍ତନକୁ ବିରୋଧ



ଆକାର ପଟେଲ

ଭାରତର ସଂସଦରେ ଉତ୍ତମ ମାନର ବିତର୍କ ଦେଖିବାକୁ ମିଳେନାହିଁ। ଏଠାରେ ଗୁରୁତ୍ୱପୂର୍ଣ୍ଣ ଆଇନ ସମ୍ପର୍କିତ ଆଲୋଚନାରେ ସମୟ ଅଭାବ ରହୁଛି ଓ ବକ୍ତବ୍ୟର ଅଧିକାଂଶ ଭାଗରେ କୌଣସି ଅର୍ଥ ରହୁନାହିଁ। ଏହାବ୍ୟତୀତ ଅରାଜକତା ଓ ଅବ୍ୟବସ୍ଥା, ଘୋଡ଼ା ବେପାର ଏବଂ ବିରୋଧୀ ଓ ସଂଖ୍ୟାଲଘୁଙ୍କ ମତକୁ ଅଣଦେଖା କରିବା ଭଳି ସମସ୍ୟା ସଂସଦରେ ଦେଖିବାକୁ ମିଳୁଛି। ଏବେ ନୂତନ ଭାବେ ନିର୍ମିତ ସଂସଦ ଭବନ ଏହିସବୁ ସମସ୍ୟାର ସମାଧାନ କରିପାରିବ ନାହିଁ। ଏହା ଆଶା କରିବା ବି ବୃଥା। ବନ୍ଦେ ଭାରତ ଟ୍ରେନ୍ ଯେଉଁ ସବୁ ସମସ୍ୟା ସମାଧାନ କରିବ ବୋଲି ଯେଉଁଭଳି କୁହାଯାଉଛି ବାସ୍ତବରେ ସେସବୁ ସମସ୍ୟା ନାହିଁ। କୁହାଯାଇପାରେ ଯେ, ଏକ ନୂଆ ପରମ୍ପରା ଆରମ୍ଭ କରିବା ପଛରେ ରହିଛି ସ୍ୱଚ୍ଛତା କିମ୍ବା ଲକ୍ଷ୍ୟର ଅଭାବ ଏବଂ ନିଜକୁ ପରମ୍ପରାବାଦ (ପରିବର୍ତ୍ତନ ବିରୋଧୀ) ରୂପେ ପ୍ରସ୍ତୁତ କରିବା। ଆସନ୍ତୁ ଦେଖିବା ପରିବର୍ତ୍ତନ କିମ୍ବା ନୂତନତ୍ୱକୁ ବିରୋଧ କରିବା ସହ ପରମ୍ପରାଗତ ମୂଲ୍ୟ ଓ ସିଦ୍ଧାନ୍ତଗୁଡ଼ିକ ପ୍ରତି କାହିଁକି ରୂଢ଼ିବାଦ ପ୍ରତିବଦ୍ଧ ବୋଲି କୁହାଯାଏ। ପରମ୍ପରାବାଦ ମୂଲ୍ୟ ସବୁ କ'ଣ ? ଯେଉଁମାନେ ରୂଢ଼ିବାଦୀ ସେମାନେ ଦୀର୍ଘଦିନରୁ ପ୍ରତିଷ୍ଠିତ ଓ ରୂଢ଼ିଗତ। ବ୍ରିଟେନ୍‌ର ସଂସଦ ୯୦୦ ବର୍ଷର ପୁରୁଣା। ହେନେରି ତୃତୀୟଙ୍କ ଶାସନ କାଳରେ ୧୨୬୩ରେ ଅଗ୍ନିକାଣ୍ଡରେ ଏହି ବିଲ୍ଡିଂର ଅନେକ ଭାଗ ନଷ୍ଟ ହୋଇଯାଇଥିଲା। ଏହା ବ୍ୟତୀତ ୧୨୯୮, ୧୫୧୨ ଏବଂ ୧୮୩୪ରେ ବି ପୁନର୍ବାର ଅଗ୍ନିକାଣ୍ଡ ଘଟିଥିଲା। ପ୍ରତ୍ୟେକ ଥର ବିଲ୍ଡିଂର ଯେତିକି ଅଂଶ ନଷ୍ଟ ହୋଇଥିଲା ତାହାକୁ ମରାମତି କରାଯାଇଥିଲା। ଏହା ହିଁ ହେଉଛି ପରମ୍ପରାବାଦ ଏବଂ ରୂଢ଼ିବାଦ। ଆପଣ ଯଦି ବ୍ରିଟେନ୍‌ର ସଂସଦୀୟ ବିତର୍କକୁ ଲକ୍ଷ୍ୟ କରିବେ ତେବେ ସେଠାରେ ଦୃଢ଼ ଔପଚାରିକତା ଏବଂ ପ୍ରୋଟୋକଲ ଉପରେ ଜୋର୍ ଦିଆଯାଉଥିବା ଦେଖିବାକୁ ପାଇବେ। ଏସବୁ ପାଳନ କରିବା ସଦସ୍ୟମାନଙ୍କର ଶୃଙ୍ଖଳା ଯୋଗୁ ସମ୍ଭବ। ଉଭୟ ଦଳ ଏସବୁ ବିଷୟରେ ପରମ୍ପରାବାଦକୁ ଗ୍ରହଣ କରିଥିବାରୁ ଏହା ହୋଇପାରୁଛି। ଭାରତର ସଂସଦ ଭବନ ୧୯୨୭ରେ ଖୋଲାଯାଇଥିଲେ ବି କିଛି ନୂଆ ବିଷୟ ଗ୍ରହଣ କରିନାହିଁ। କିନ୍ତୁ କାହିଁକି ନୂଆ ବିଲ୍ଡିଂର ଆବଶ୍ୟକତା ପଡ଼ିଲା ତାହା ଜଣାପଡୁନାହିଁ। ଏହାର ଶୁଭାରମ୍ଭ ଧର୍ମୀୟ କର୍ମକାଣ୍ଡରେ ହେବାକୁ ଯାଉଛି। ଏହା ପରମ୍ପରାଗତ ବିଶ୍ୱାସର ଏକ ସଙ୍କେତ। କିନ୍ତୁ ପୂର୍ବରୁ ନିର୍ମିତ ବିଲ୍ଡିଂରେ ଅଧିକ ପରମ୍ପରାବାଦ ସିଦ୍ଧାନ୍ତର ସ୍ଥାନ ନ ଥିଲା।

ସିଦ୍ଧାନ୍ତଗୁଡ଼ିକରେ ବିଚାରଧାରା ନିହିତ ହେବା ଦରକାର। ରୂଢ଼ିବାଦ ଉପରେ ଗୁରୁତ୍ୱ ହିଁ ତା'କାର୍ଯ୍ୟ ସ୍ତରରୁ ଜଣାପଡ଼େ। ଏହା ତତ୍କାଳୀକ ଲାଭର ଊର୍ଦ୍ଧ୍ୱରେ ପରମ୍ପରା ଓ ମୂଲ୍ୟବୋଧଗୁଡ଼ିକୁ ରଖେ। ପରମ୍ପରାବାଦ ଶାସକର ସଂଯମ ହସ୍ତ ଭାବେ କାର୍ଯ୍ୟ କରେ। ଏହା କହେ ଧୀରେ ଚାଲ, ଯାହା କାର୍ଯ୍ୟ କରୁଛ ସେଥିରେ ବିଭ୍ରାଟ କର ନାହିଁ, ଯାହା ପୂର୍ବରୁ ଉତ୍ତରାଧୀକାର ସୂତ୍ରରେ ପାଇଛ ତାହାକୁ ସମ୍ମାନ କର ଏବଂ କାହିଁକି ଏହି କାର୍ଯ୍ୟ କରୁଛ ତାହା ବୁଝିବାକୁ ଚେଷ୍ଟା କର। ପରମ୍ପରାବାଦ କହେ, ସବୁଥିରେ ସୀମା ଅଛି ଏବଂ ସ୍ୱୟଂ ଏହି ସବୁ ସୀମାକୁ ପାଳନ କରିବା ସହ ସେସବୁକୁ ସମ୍ମାନ କର। ବହୁ ସମୟରେ ପରମ୍ପରାବାଦୀମାନେ ନୂତନତ୍ୱ କିମ୍ବା ଆବିଷ୍କାର ପରିବର୍ତ୍ତେ ସମ୍ମେଳନ ଓ ଦୃଷ୍ଟାନ୍ତ ଦ୍ୱାରା ସଂସ୍ଥାଗୁଡ଼ିକର ବ୍ୟବସ୍ଥାରେ ଥିବା ଅଲିଖିତ ନିୟମଗୁଡ଼ିକ ପାଳନ କରନ୍ତି। ଏଠାରେ ଏହା ଦୋହରାଇବା ଆବଶ୍ୟକ ଯେ, ବିଶେଷକରି ଯେଉଁଠି ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଉତ୍ତେଜନା ଥାଏ ସେଠାରେ ଏଭଳି ସ୍ଥିତି ଦେଖାଯାଏ। ଉଗ୍ର ସୁଧାରବାଦୀମାନେ ଏସବୁ ଜାଣନ୍ତି ଏବଂ ସେମାନେ ପରମ୍ପରାବାଦ ଓ ରୂଢ଼ିବାଦକୁ ଖାତିର କରନ୍ତି ନାହିଁ। ଏବେ ଭାରତୀୟ ମୁଦ୍ରାରେ ଦେଖାଯାଇଥିବା ଅନିଶ୍ଚିତତା ରୂଢ଼ିବାଦ ଓ ପରମ୍ପରାବାଦର କାର୍ଯ୍ୟ ନୁହେଁ, ବରଂ ଏହା ହେଉଛି ଉଗ୍ର ସୁଧାରବାଦ। ଏଭଳି କାର୍ଯ୍ୟରୁ ଗୋଟିଏ ବିମୁଦ୍ରୀକରଣ ୨୦୧୬ରେ କରାଯାଇଥିଲା। ଏହି ପ୍ରକାର କାର୍ଯ୍ୟର ପରୀକ୍ଷଣ ବ୍ରିଟେନ୍ କିମ୍ବା ଆମେରିକା ଭଳି ପାରମ୍ପରିକ ସରକାରରେ ଦେଖିବାକୁ ମିଳେନାହିଁ। ଏହି ଦେଶଗୁଡ଼ିକରେ ଉଚ୍ଚମୂଲ୍ୟ ବର୍ଗର ବିଲ୍ ରଖୁଥିବା ଲୋକଙ୍କର ଆତ୍ମବିଶ୍ୱାସ ରହିଛି ଯେ ସେମାନଙ୍କ ଅର୍ଥ ଆଜି, ଆସନ୍ତା କାଲି ଏବଂ ଭବିଷ୍ୟତରେ ବି ଗ୍ରହଣୀୟ ହେବ। ଆମେରିକାରେ ଡଲାରକୁ କିମ୍ବା ବ୍ରିଟେନ୍‌ରେ ପାଉଣ୍ଡକୁ ଦୋକାନୀ ମନା କରିପାରିବେ ନାହିଁ।

ପରମ୍ପରାବାଦକୁ ସମ୍ବିଧାନ ଓ ଏହାର ମୂଲ୍ୟ ଯାଏ ବିସ୍ତାରିତ କରିବାକୁ ହେବ। ଯଦି ଏହା ବହୁଳବାଦ ଓ ସ୍ୱାଧୀନତାକୁ ସମର୍ଥନ କରେ ତେବେ ପରମ୍ପରାବାଦୀମାନେ ଏହା ଉପରେ ଗୁରୁତ୍ୱ ଦେବା ଦରକାର। ଯଦି ଏହା ମୌଳିକ ଅଧିକାରଗୁଡ଼ିକୁ ଧରି ରଖେ ତେବେ ଏହାର ମୂଲ୍ୟକୁ ବାରମ୍ବାର ଦୋହରାଇବା ଆବଶ୍ୟକ। ସାମ୍ବିଧାନିକ ଗଣତନ୍ତ୍ରଗୁଡ଼ିକରେ ବିରୋଧୀ ଦଳ ବୈଧ ହେବା ସହ ବିଧାନମଣ୍ଡଳର ଅଂଶ। ସେମାନଙ୍କୁ ଶତ୍ରୁଭାବେ ଦେଖିବା ଏବଂ ସେମାନଙ୍କୁ ଦୋଷ ଦେଇ ଓ ବାହାର କରି ନିଜେ ରକ୍ଷାପାଇବାକୁ ଚେଷ୍ଟା କରିବା ଜଣେ ପରମ୍ପରାବାଦୀଙ୍କ କାମ ନୁହେଁ। କାରଣ ଏହା ଗଣତାନ୍ତ୍ରିକ ନୁହେଁ। ପରମ୍ପରାବାଦୀ ଆଇନ ଅନୁଯାୟୀ ସତର୍କତାର ସହ ଚାଲିବା ଦରକାର ଯାହା ପରିବର୍ତ୍ତନ ଆଣିବ। ଅନ୍ୟପକ୍ଷରେ ଲୋକପ୍ରିୟତା କିମ୍ବା ଜାତୀୟତାବାଦ କାରଣ ପାଇଁ ସମ୍ବିଧାନକୁ ଶେଷ କରିଦେବା ହେଉଛି ଉଗ୍ର ସୁଧାରବାଦ। ବିଚାର କରନ୍ତୁ, ଜମ୍ମୁ କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଓ ବିଭାଜନର ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ତାହା କେଉଁଠି ଅଛି। ଏହା ଅନିଶ୍ଚିତତାର ସ୍ଥାନ ହୋଇଯାଇଛି, କାରଣ ସରକାର ନେଇଥିବା ପଦକ୍ଷେପ ରୂଢ଼ିବାଦୀ କିମ୍ବା ପରମ୍ପରାବାଦୀ ନ ଥିଲା, ଥିଲା ଉଗ୍ର ସୁଧାରବାଦ। ଯେତେବେଳେ ଏହା କୁହାଯାଏ ଯେ, ଭାରତକୁ ଶାସନ କରୁଥିବା ଦଳ ଦକ୍ଷିଣପନ୍ଥୀ ତାହା ସୂଚିତ କରେ ଯେ, ଏହା ପରମ୍ପରାବାଦୀ ଏବଂ ରୂଢ଼ିବାଦୀ, କାରଣ ଏହା ସାମାଜିକ ପରିବର୍ତ୍ତନକୁ ବିରୋଧ କରେ। ଏହା ସ୍ୱାଧୀନତାକୁ ବିରୋଧ କରେ। ଏହା ସମୟର ଭାବନାକୁ ଆଧାର କରି ଆଇନଗୁଡ଼ିକର ବ୍ୟାଖ୍ୟା କରେ, କିଛି ମୌଳିକ ସିଦ୍ଧାନ୍ତ ଉପରେ ବିଚାର କରେ ନାହିଁ। କିନ୍ତୁ ଏହି ପରମ୍ପରାବାଦ ଭାଷାରେ କିମ୍ବା ଆଚରଣରେ ପ୍ରକାଶ ପାଏ ନାହିଁ। ଏହା ଭୁଲ୍ ବିଷୟଗୁଡ଼ିକ ପଛରେ ଧାଏଁ।

Email:aakar.patel@gmail.com

# ଗଞ୍ଜୀନା ନ ପାଉ ଗଞ୍ଜେଇ



ଡ. ଗୌରୀଶଙ୍କର ସାହୁ

ଭଗବାନ୍ ବୁଦ୍ଧଙ୍କ ଚିକିତ୍ସକ ବୈଦ୍ୟରାଜ ଜୀବକ ପ୍ରାଚୀନ ଗୁରୁକୁଳ ତକ୍ଷଶିଳାରେ ସାତବର୍ଷ ଧରି ଆୟୁର୍ବେଦ ଶିକ୍ଷାଲାଭ କରିବା ପରେ ଗୁରୁ ତାଙ୍କୁ ଓ ତାଙ୍କ ସହପାଠୀଙ୍କୁ ଅନ୍ତିମ ଜ୍ଞାନପରୀକ୍ଷା ମୁହୂର୍ତ୍ତରେ ନିର୍ଦ୍ଦେଶ ଦେଲେ, ''ଯାଅ, ଯେଉଁ ଉଦ୍ଭିଦର କୌଣସି ଔଷଧୀୟ ଗୁଣ ନ ଥିବ, ତାହା ମୋତେ ଆଣି ସମର୍ପଣ କର।'' ଜଣେ ଜଣେ କରି ସହପାଠୀ କିଛି କିଛି ଗୁଳ୍ମ, ଗଛ ନେଇ ଆସିଲେ ଓ ଗୁରୁଙ୍କୁ ଦେଲେ। ବହୁଦିନ ପରେ ଶେଷରେ ଫେରିଲେ ଜୀବକ। କହିଲେ, '' ଗୁରୁଦେବ, ମୁଁ କ୍ଷମା ପ୍ରାର୍ଥୀ। ମୁଁ ସତତ ପ୍ରୟାସ ସତ୍ତ୍ୱେ ଏପରି ଏକ ଉଦ୍ଭିଦ ପାଇଲି ନାହିଁ, ଯାହାର କୌଣସି ଔଷଧୀୟ ଗୁଣ ନାହିଁ। ଗୁରୁ ଉତ୍ତରଦେଲେ, ''ବତ୍ସ ତୁମର ଶିକ୍ଷା ସମାପ୍ତ ହୋଇଛି। ତୁମେ ଯଶସ୍ୱୀ ହୁଅ।''

କହିବା ବାହୁଲ୍ୟ, ସଂସାରରେ ଏମିତି କୌଣସି ଗୁଳ୍ମ, ଲତା ବା ଗଛ ନାହିଁ, ଯାହାର କୌଣସି ଗୋଟିଏ ଅଂଶ ସେ ପତ୍ର ହେଉ କି ଫୁଲ ହେଉ, କି ଚେର କିମ୍ବା ବକଳ; ଯାହାର ଔଷଧୀୟ ଗୁଣ ନାହିଁ। ଅଜ୍ଞାନ ଅମୃତକୁ ବି ଅଦରକାରୀ ସଜାଇଦିଏ। ଏବେ ଯେମିତି ଗଞ୍ଜେଇକୁ ନେଇ ବିବାଦ। ହିମାଳୟ ଅଞ୍ଚଳରେ ଉଚ୍ଚମାନର ଗଞ୍ଜେଇ ଗଛ ମନକୁ ମନ ବଢ଼ିଥାଏ। ରେଢ଼ାଖୋଲର ପାହାଡ଼ୀ ଜଙ୍ଗଲରେ ମୁଁ ଦେଖିଛି କନକନିଆ ଗଞ୍ଜେଇ ବୁଦା। ତେବେ ଗଞ୍ଜେଇ ଭାରତକୁ ପ୍ରକୃତିର ଆଶୀର୍ବାଦ ନା ଅଭିଶାପ ଆଜିର ଆଲୋଚ୍ୟ ପ୍ରସଙ୍ଗ।

ଗଞ୍ଜେଇ ମଞ୍ଜିର ପ୍ରାୟ ୨୫ ପ୍ରତିଶତ ଉଚ୍ଚ ପୋଷକଯୁକ୍ତ ପୁଷ୍ଟିସାର, ପ୍ରାୟ ୩୫ ପ୍ରତିଶତ ଶ୍ୱେତସାର, ୩୫ ପ୍ରତିଶତ ସ୍ନେହସାର ଜାତୀୟ ତୈଳ ଓ ବାକି ମହାର୍ଘ୍ୟ ଜୀବସାର ଓ ଖଣିଜ ଲବଣରେ ପୁଷ୍ଟ। ଗଞ୍ଜେଇରୁ ଚା ଓ ତେଲ ପ୍ରସ୍ତୁତ ହୁଏ, ଯାହା ଆମ ଖାଦ୍ୟ ଅଭ୍ୟାସର ଅଂଶବିଶେଷ। ମହାଦେବଙ୍କ ପାଖରେ ଗଞ୍ଜେଇ ଲାଗି ହୁଏ। ପଣା ସଂକ୍ରାନ୍ତିରେ ବଟା ଭାଙ୍ଗ, ପଣାରେ ଗୋଳାଇ ପିଇବା ଆମ ସଂସ୍କୃତି। କିନ୍ତୁ ଏକ ଅଭିଯୋଗ ଆଳରେ ରାଜ୍ୟ ସରକାର ଶୈବପୀଠରେ ଗଞ୍ଜେଇ ଲାଗିକୁ ନିଷିଦ୍ଧ କରିଛନ୍ତି। ଏହାକୁ ନେଇ ସ୍ତବ୍ଧ ଓ ନିଃଶବ୍ଦ ଓଡ଼ିଆ ଜନଗଣ!

ଓଡ଼ିଶାରେ ଗଞ୍ଜେଇ ଚାଷ ନିଷେଧ ଓ ବେଆଇନ। ଯଦିଓ ପରମ୍ପରାକୁ ପାଥେୟ କରି ଫ୍ରାନ୍ସ, ନେଦରଲାଣ୍ଡ, ଜର୍ମାନୀ, ସ୍ପେନ, ପୋଲାଣ୍ଡ, ଇଟାଲୀ, ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର ଆମେରିକା, ମଧ୍ୟପ୍ରାଚ୍ୟର ଅନେକ ଦେଶ ବ୍ୟବସାୟିକ ଗଞ୍ଜେଇ ଚାଷକୁ ଆଇନଗତ ସ୍ୱୀକୃତି ଦେଇଛନ୍ତି! ଯଦି ଆମେ ବିଶ୍ୱର ସମ୍ଭ୍ରାନ୍ତ ଜର୍ନାଲ୍ 'ଫୁଡ୍'ରେ ୨୦୨୨ ସାଲ୍‌ର ଦ୍ୱାଦଶ ଅଙ୍କରେ ପ୍ରକାଶିତ ମେହବୁବା ଇସ୍‌ଲାମ୍ ଓ ସାଥୀମାନଙ୍କ ଗବେଷଣା ନିବନ୍ଧକୁ ବିଚାରକୁ ନେବା, ୟୁରୋପୀୟ ଦେଶଗୁଡ଼ିକରେ ବ୍ୟବସାୟିକ ଗଞ୍ଜେଇ ଚାଷକୁ ସ୍ୱୀକୃତି ମିଳିବା ପରେ ୟୁରୋପୀୟ ଦେଶଗୁଡ଼ିକରେ ଗଞ୍ଜେଇ ଉତ୍ପାଦନ ହାରାହାରି ୬୧୪ ପ୍ରତିଶତ ବୃଦ୍ଧି ପାଇଛି।



ସମଗ୍ର ୟୁରୋପରେ ପ୍ରାୟ ୫୦,୦୮୧ ହେକ୍ଟର ଜମିରେ ଗଞ୍ଜେଇ ଚାଷ ହେଉଛି ଓ ୟୁରୋପୀୟ ସଂଘ ଗଞ୍ଜେଇ ଚାଷପାଇଁ ସବ୍‌ସିଡି ମଧ୍ୟ ଦେଉଛି। ପୋଲାଣ୍ଡରେ ୨୦୧୭ ରେ ସର୍ବାଧିକ ୭୦୦୦ ହେକ୍ଟର ଜମିରେ ଗଞ୍ଜେଇ ଚାଷ ହେଉଥିଲା। ହେଲେ ଆମର ଏଠି ପ୍ରାକୃତିକ ଉପାୟରେ କଅଁଳୁଥିବା ଗଞ୍ଜେଇକୁ ଜାଳିପୋଡ଼ି ପାଉଁଶ କରିଦେବା ପାଇଁ ପୋଲିସ ଓ ମାଜିଷ୍ଟ୍ରେଟ୍‌ମାନଙ୍କୁ କାମରେ ଲଗାଇ ଦେଇଛନ୍ତି ସରକାର।

୨୦୨୨ରେ ପ୍ରକାଶିତ 'ଫୁଡ୍' ଜର୍ନାଲର ଏକାଦଶ ଅଙ୍କରେ ସ୍ପେନୀୟ ଗବେଷକ କାରମେନ୍ କ୍ଲାରୋ-କାଲାଙ୍କ ନିବନ୍ଧ ମୁତାବକ ଗଞ୍ଜେଇ ମଞ୍ଜିରୁ ପ୍ରସ୍ତୁତ ତେଲ ଏକ ବିଶେଷ ଏକକୋଷୀୟ ରକ୍ତକଣିକାଜନିତ ସ୍ୱାୟବିକ ପ୍ରଦାହ ନିରୋଧ ପୂର୍ବକ ଶରୀରକୁ ଶୀତଳତା ପ୍ରଦାନ କରିଥାଏ। ଇଟାଲୀସ୍ଥିତ ମେସିନା ବିଶ୍ୱବିଦ୍ୟାଳୟର ଗବେଷକ ଆଣ୍ଟୋନେଲା ସ୍ମେରିଗ୍ଲିଓ ଓ ସାଥୀମାନଙ୍କ 'ଫିଟୋଟେରାପିଆ' ଜର୍ନାଲର ୧୨୭ତମ ଅଙ୍କ ୨୦୧୮ରେ ପ୍ରକାଶିତ ନିବନ୍ଧରେ କର୍କଟ, ମଧୁମେହ ଓ ଶରୀର ଜଳାପୋଡ଼ା ହେବା ରୋଗର ଗଞ୍ଜେଇରୁ ପ୍ରସ୍ତୁତ ଔଷଧ ଅପ୍ରତ୍ୟାଶିତ ଫଳ ପ୍ରଦାନ କରିଥିବାର ପ୍ରମାଣ ଉପଲବ୍ଧ। ପୋଲାଣ୍ଡସ୍ଥିତ ରୋକ୍ଲୋ ପରିବେଶ ଓ ପ୍ରାଣୀ ବିଶ୍ୱବିଦ୍ୟାଳୟର ଗବେଷକ ସେପିଦେହ ଫାଲାହି ଓ ସାଥୀମାନଙ୍କ ଗବେଷଣାତ୍ମକ ନିବନ୍ଧ, ଯାହା ବିଶ୍ୱର ସମ୍ଭ୍ରାନ୍ତ ଜର୍ନାଲ୍ 'ଆନିମଲ୍‌ସ'ର ଦ୍ୱାଦଶ ଅଙ୍କ ୨୦୨୨ରେ ପ୍ରକାଶିତ ହୋଇଛି, ତାହା ପ୍ରମାଣିତ କରୁଛି କିପରି ଗଞ୍ଜେଇ ତେଲର ଉତ୍ପାଦ ଅପସ୍ମାର, ଅରୁଚି, ବମନ, ଆତୁରତା, ଅନିଦ୍ରା ରୋଗପାଇଁ ମହୌଷଧି ଭାବେ କାମ କରୁଛି। ବିଶ୍ୱର ଅନ୍ୟତମ ସମ୍ଭ୍ରାନ୍ତ ଜର୍ନାଲ୍ 'ମୋଲେକୁଲ୍‌ସ'ର ୨୫ତମ ଅଙ୍କରେ ୨୦୨୦ରେ ବସନ୍ତ ରୂପସିଂଘେ ଓ ସାଥୀମାନଙ୍କ ଦ୍ୱାରା ପ୍ରକାଶିତ ନିବନ୍ଧ ମୁତାବକ 'ଟୋକୋଫେରୋଲ୍‌ସ'ର ଉପସ୍ଥିତି ଯୋଗୁ ଗଞ୍ଜେଇ ମଞ୍ଜିରୁ ପ୍ରସ୍ତୁତ ବିଶେଷ ତେଲ ବିଇଞ୍ଚ ଆଦି ଅନେକ ଚର୍ମରୋଗର ନିଦାନ ଭାବେ ବ୍ୟବହୃତ ହୁଏ। ପଶୁପକ୍ଷୀମାନେ ମଧ୍ୟ ଗଞ୍ଜେଇ ଓ ଏହାର ଉତ୍ପାଦ ଯୋଗୁ ବିଶେଷ ଭାବେ ଲାଭବାନ୍ ହୋଇଥା'ନ୍ତି। ସ୍ପେନୀୟ ଗବେଷକ କାଷ୍ଟିଲୋ ୨୦୧୦ରେ ପ୍ରମାଣିତ କରିଛନ୍ତି କିପରି ଗଞ୍ଜେଇର ଉତ୍ପାଦ ମୂଷାମାନଙ୍କ ମସ୍ତିଷ୍କ କ୍ଷତ ନିଦାନ ପାଇଁ ସଫଳ ମହୌଷଧି। କାର୍ଲସନ୍ ପ୍ରମାଣିତ କରିଛନ୍ତି, କିପରି ଗୋଖାଦ୍ୟରେ ଦୈନିକ ୧୪୩ଗ୍ରା./କେଜି ଗଞ୍ଜେଇ ମଞ୍ଜି ପିଠା ଦେବାଦ୍ୱାରା ଗୋବଂଶ ଅଧିକ ଦୁଗ୍ଧ ପ୍ରଦାନ କରିଛନ୍ତି। ଗବେଷକ କଜମାଙ୍କ ଗବେଷଣା ପ୍ରମାଣିତ କରେ ଯେ, ଗଞ୍ଜେଇ ମଞ୍ଜି ପିଠା ଛେଳିକୁ ଖାଦ୍ୟ ସହିତ ଦେଲେ ଯଦିଓ ଏହାର କ୍ଷୀରଦେବା କ୍ଷମତା ବଢ଼ି ନ ଥାଏ, କିନ୍ତୁ କ୍ଷୀରରେ ସ୍ନେହସାର ମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଥାଏ। ଅଗଷ୍ଟ ୨୦୨୦ରେ ରୂପସିଂଘେଙ୍କ 'ମୋଲେକୁଲ୍‌ସ'ରେ ପ୍ରକାଶିତ ନିବନ୍ଧ ମୁତାବକ ଗଞ୍ଜେଇ ଗଛର ବିଭିନ୍ନ ଅଂଶରୁ ପ୍ରାୟ ୨୫ ହଜାର ପ୍ରକାରର ବିଭିନ୍ନ ଉପଯୋଗୀ ପଦାର୍ଥ ଯେପରିକି ତନ୍ତୁ, ବିଶେଷ ତେଲ, ପ୍ରସାଧନ ସାମଗ୍ରୀ, ଖାଦ୍ୟ ପରିପୂରକ ପୋଷକ ଓ ଔଷଧ ପ୍ରସ୍ତୁତ ହେଉଛି। ଏହା ବସ୍ତ୍ର ଉଦ୍ୟୋଗ, କାଗଜ ଶିଳ୍ପ, ଶବ୍ଦ ବିଜ୍ଞାନ, ତାପ ଅପରିବାହୀ ପଦାର୍ଥ, ବୀଜାଣୁମାରକ ଡିଟରଜେଣ୍ଟ, ଜୈବ ପାଚକ ପ୍ଲାଷ୍ଟିକ ପ୍ରଭୃତି ବ୍ୟାପକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ଏହି କିଛି ବର୍ଷ ମଧ୍ୟରେ, ଫାଲାହିଙ୍କ ଦ୍ୱାରା 'ଆନିମଲ୍‌ସ' ଜର୍ନାଲ୍‌ରେ ଅଗଷ୍ଟ ୨୦୨୨ରେ ପ୍ରକାଶିତ ନିବନ୍ଧ ମୁତାବକ।

ତେଣୁ ଆମର ଯାହା ଧାରଣା ଅଛି କାମେଶ୍ୱର ମୋଦକ, ମଦନାନନ୍ଦ ମୋଦକ, ଶୁକ୍ର ସଞ୍ଜୀବନୀ ମୋଦକ, ସ୍ତ୍ରୀ ଦର୍ପ ଗଜକେଶ୍ୱରୀ ମୋଦକ, ପୂର୍ଣ୍ଣଚନ୍ଦ୍ରୋଦୟ ମୋଦକ, ଶତାବରୀ ମୋଦକ, ଲକ୍ଷ୍ମୀବିଳାସ ଆଦି କିଛି ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତିରେ ଗଞ୍ଜେଇ କଳି ବ୍ୟବହୃତ ହୁଏ ତାହା ଅର୍ଦ୍ଧ ସତ୍ୟ। ଏଲୋପାଥିକ ଔଷଧରେ ଗଞ୍ଜେଇର ବ୍ୟବହାର ବ୍ୟାପକ। ଜୀବନରୂପୀ ଜଳ ପାଇଁ ତ କୁହାଯାଏ, ''ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ''। ତେବେ ଗଞ୍ଜେଇ ସେବନରେ ଚୁର୍ ହୋଇ ଯଦି କିଛି ଲୋକ ନିଶାସକ୍ତ ହେଉଛନ୍ତି (ଯଦିଓ ସେମାନେ କିଛି ଅସାମାଜିକ କାମ ଓ ସାଧାରଣରେ ଉତ୍ପାତ କରିବାର ବିଶେଷ ଉଦାହରଣ ନାହିଁ), ତେବେ କ'ଣ ଆମେ ଗଞ୍ଜେଇ ପରି ଏକ ଅତି ଦରକାରୀ ଓ ଲାଭଜନକ ଗଛକୁ ସମୂଳେ ଧ୍ୱଂସ କରିଦେବା? ମହାଦେବଙ୍କ ପ୍ରିୟ ପଦାର୍ଥକୁ ଦେବାଳୟରେ ନିଷେଧ କରିବା କେବଳ ଯେ ଧର୍ମଦ୍ରୋହୀ କାର୍ଯ୍ୟ ତାହା ନୁହେଁ, ବରଂ ଏହାକୁ ସ୍ୱତଃ ବଢ଼ିବାକୁ ନଦେବା ଅଥବା ସରକାରୀ କଳ ଲଗାଇ ନଷ୍ଟ କରିବା ଦେଶ ଓ ଦଶର ଅର୍ଥନୀତି ଓ ସମାଜ ବ୍ୟବସ୍ଥାକୁ ବିପନ୍ନ କରିବ ଯାହା। ପୁନର୍ବିଚାର ଆଜି ସମୟର ଆବଶ୍ୟକତା।

ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ହିମାଚଳ ପ୍ରଦେଶ
ମୋ: ୭୯୭୮୪୨୧୮୩୫

# ଟାଇମ୍ ଶେଲ୍‌ଟର ସ୍ରଷ୍ଟା

ବ୍ୟକ୍ତିତ୍ୱ



ଜିଓର୍ଜି ଗୋସ୍‌ପୋଡିନୋଭ

'ଟାଇମ୍ ଶେଲ୍‌ଟର'। ଓଡ଼ିଆରେ ଅନୁବାଦ କଲେ ଏହା ହେବ 'ସମୟ ଆଶ୍ରାସ୍ଥଳ ବା ସମୟର ଆଶ୍ରାସ୍ଥଳ'। ୨୦୨୩ ପାଇଁ ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ପାଇଥିବା ଜିଓର୍ଜି ଗୋସ୍‌ପୋଡିନୋଭଙ୍କ ଏହା ହେଉଛି ଚର୍ଚ୍ଚିତ ଉପନ୍ୟାସ। ଅତୀତକୁ ମନେପକାଇ ଦେଉଥିବା ଏକ କ୍ଲିନିକ୍ ଉପରେ ବିଷୟବସ୍ତୁ ପର୍ଯ୍ୟବସିତ। ଏହାର ପ୍ରତ୍ୟେକ ଚଟାଣ ଗୋଟେ ଦଶନ୍ଧିର କାହାଣୀ ବଖାଣୁଛି। ଦୀର୍ଘସ୍ଥାୟୀ ମାନସିକ ବିକୃତି ଯୋଗୁ ମଣିଷ ହରାଇବସୁଥିବା ସ୍ମୃତିଶକ୍ତି ଫେରାଇ ଆଣିବାରେ ଏହି କ୍ଲିନିକ୍ ସହାୟକ ହେଉଛି। ଆଲ୍‌ଜିମର (ଅକାଳ ବାର୍ଦ୍ଧକ୍ୟ ଘଟାଉଥିବା ମସ୍ତିଷ୍କ ରୋଗ) ରୋଗୀଙ୍କୁ ଆଧୁନିକ ଚିକିତ୍ସା ସେବା ଯୋଗାଇ ଦେବା ଲକ୍ଷ୍ୟରେ ଏହାର ପ୍ରତି ଚଟାଣରେ ଚିତ୍ର ଦ୍ୱାରା କୌଣସି ବିଷୟର ବ୍ୟାଖ୍ୟାନକୁ ଦେଖିବାର ଅନୁମତି ଦିଆଯାଇଥାଏ। ଫଳରେ ମଣିଷ ଭୁଲି ଯାଇଥିବା ଅତୀତକୁ ମନେପକାଇ ତା' ସ୍ମୃତିଶକ୍ତିକୁ ତାଜା କରିପାରିଥାଆନ୍ତି। ବ୍ୟକ୍ତିର ପରିଚୟ ଓ ତା'ର ଅନ୍ତରଙ୍ଗ କାର୍ଯ୍ୟ ମିଶିଯାଇ ଯେଉଁ ସ୍ମୃତି ବହନ କରିଥାଏ, ତାହାକୁ ଦୀର୍ଘଦିନ ଧରି ରଖିବାର ଶକ୍ତି 'ଟାଇମ୍ ଶେଲ୍‌ଟର'ରେ ବର୍ଣ୍ଣନା କରାଯାଇଛି। ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ବିଚାରକମଣ୍ଡଳୀ ମୁଖ୍ୟ ତଥା ଫରାସୀ-ମରୋକ୍କୀୟ ଲେଖକ ଲୈଲା ସ୍ଲିମାନି କହିଛନ୍ତି, ଏହି ଉପନ୍ୟାସ ଦୁଃଖ ଓ ବିଷାଦରେ ପରିପୂର୍ଣ୍ଣ। କିନ୍ତୁ ଏହା ସମକାଳୀନ ପ୍ରଶ୍ନ ଉଠାଇଥାଏ, ଯେତେବେଳେ ଆମେ ସ୍ମୃତିଶକ୍ତି ହରାଇବସୁ ସେତେବେଳେ ଆମର କ'ଣ ହୋଇଥାଏ ? ଏହି ଉପନ୍ୟାସରେ ମଣିଷର ସ୍ୱାସ୍ଥ୍ୟ, ସମ୍ଭାବନା ଓ ଦର୍ଶନ ମିଶ୍ରିତ ସ୍ମୃତିକୁ ସମୟ କିଭଳି ସାଇତି ରଖିଥାଏ ତାହାର ବ୍ୟାଖ୍ୟା କରାଯାଇଛି। ଏକ ଅନନ୍ୟ ଧରଣର ପୁସ୍ତକ ଲେଖିଥିବା ଜିଓର୍ଜି ଗୋସ୍‌ପୋଡିନୋଭ ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ପାଇବାରେ ହେଉଛନ୍ତି ବୁଲ୍‌ଗେରିଆର ପ୍ରଥମ ଔପନ୍ୟାସିକ। ତାହାକୁ ଇଂଲିଶ ଭାଷାରେ ଅନୁବାଦ କରିଥିବା ଆଞ୍ଜେଲା ରୋଡେଲ ମଧ୍ୟ ଏଥିପାଇଁ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସଂକ୍ଷିପ୍ତ ତାଲିକାରେ ଥିବା ୬ଟି ଉପନ୍ୟାସ ମଧ୍ୟରୁ ଟାଇମ୍ ଶେଲ୍‌ଟର ପୁରସ୍କୃତ ହୋଇଥିବାରୁ ଏହାର ମୂଳ ଲେଖକ ଜିଓର୍ଜିଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଜିଓର୍ଜି ୭ ଜାନୁୟାରୀ ୧୯୬୮ରେ ବୁଲ୍‌ଗେରିଆରେ ଜନ୍ମଗ୍ରହଣ କରିଥିଲେ। ତେବେ ୧୯୯୦ରେ ତାଙ୍କ ସାହିତ୍ୟ ପ୍ରତିଭାର ଉନ୍ମେଷ ହୋଇଥିଲା। ପ୍ରାରମ୍ଭିକ ଅବସ୍ଥାରେ ସେ କବିତା ଲେଖୁଥିଲେ। ଦୁଇଟି ପୁସ୍ତକ ବୁଲ୍‌ଗେରିଆ ଜାତୀୟ ସାହିତ୍ୟ ସମ୍ମାନ ପାଇବା ପରେ ତାଙ୍କ ଲେଖା ଅଧିକ ଶକ୍ତିଶାଳୀ ହୋଇଥିଲା। ତେବେ ୨୦୧୨ରେ ପ୍ରକାଶିତ ତାଙ୍କ ଉପନ୍ୟାସ 'ଦି ଫିଜିକ୍ସ ଅଫ୍ ସରୋ' ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିଲା। ଏହାର ଅନୁବାଦ ଇଟାଲି, ଜର୍ମାନୀ, ସର୍ବିଆ, ରୋମାନିଆ ଓ ଇଂଲିଶ ଭାଷାରେ ହେବା ପରେ ବିଶ୍ୱର ବହୁ ଖ୍ୟାତନାମା ଲେଖକ ତାଙ୍କ କୃତିକୁ ସ୍ୱୀକୃତି ଦେଇଥିଲେ। ୨୦୨୦ରେ 'ଟାଇମ୍ ଶେଲ୍‌ଟର' ପ୍ରକାଶ ପାଇବା ଓ ଏବେ ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ବିଜୟୀ ହେବା ପରେ ତାଙ୍କ ସୃଷ୍ଟି ଉପରେ ଜୋର୍‌ଦାର ସମୀକ୍ଷା ଚାଲିଛି। ଗତାନୁଗତିକ ଧାରାଠାରୁ ବହୁ ଊର୍ଦ୍ଧ୍ୱକୁ ଉଠି ସେ ଯେଉଁ ଲେଖା ଭେଟି ଦେଉଛନ୍ତି, ତାହା ପାଠିକାପାଠକଙ୍କୁ ବେଶ୍ ଧରି ରଖୁଛି ବୋଲି ସମୀକ୍ଷକମାନେ ମତ ରଖିଛନ୍ତି। ନିଆରା ଓ ପ୍ରଭାବଶାଳୀ ସୃଷ୍ଟି ଲାଗି ଜିଓର୍ଜି ବହୁ ପୁରସ୍କାର ଅଧିକାରୀ ହୋଇପାରିଛନ୍ତି। ବର୍ତ୍ତମାନର ୨୦୨୩ ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ସମେତ ୨୦୨୧ରେ ଷ୍ଟ୍ରେଗା ୟୁରୋପିଆନ୍ ପ୍ରାଇଜ୍ (ରୋମ୍), ୨୦୧୯ରେ ପୋଲାଣ୍ଡର ଏଞ୍ଜେଲସ୍ ଆୱାର୍ଡ, ୨୦୧୬ରେ ସୁଇଜରଲାଣ୍ଡଭିତ୍ତିକ ଜାନ୍ ମିଚାଲ୍‌ସ୍କି ସମ୍ମାନ ଏବଂ ସେହିବର୍ଷ ଆମେରିକାନ୍ ପେନ୍ ଟ୍ରାନ୍ସଲେଶନ ପ୍ରାଇଜ୍‌ର ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହେବା ଭଳି ମର୍ଯ୍ୟାଦା ତାଙ୍କୁ ବିଶ୍ୱସ୍ତରୀୟ ଲେଖକ ଆସନରେ ବସାଇପାରିଛି।

ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ବିଚାରକମଣ୍ଡଳୀର ଅଧ୍ୟକ୍ଷ ଲୈଲା ସ୍ଲିମାନିଙ୍କ ବ୍ୟତୀତ ଅନ୍ୟ ଯେଉଁମାନେ ଜିଓର୍ଜିଙ୍କ କୃତିକୁ ବିଚାର କରିଥିଲେ ସେମାନେ ହେଲେ ୟୁକ୍ରେନୀୟ ଅନୁବାଦକ ୟୁଲିୟେମ୍ ବ୍ଲାକର, ମାଲେସୀୟ ଲେଖକ ଟାନ୍ ଟାୱାନ, ଦି ନ୍ୟୁୟର୍କର ସାହିତ୍ୟ ସମୀକ୍ଷକ ପାରୁଲ ସେହଗାଲ ଏବଂ ଦି ଫାଇନାନ୍ସିଆଲ୍ ଟାଇମ୍ସର ଲିଟେରାରି ଏଡିଟର ଫ୍ରେଡେରିକ୍ ଷ୍ଟୁଡେମାନ୍। ଜିଓର୍ଜିଙ୍କ ବିଷୟରେ ସାମଗ୍ରିକ ମତ ହେଲା ଯେ ସେ ସର୍ବଦା ଅସମତୁଲ ଭାବେ ଘୂରୁଥିବା କାର୍ଯ୍ୟକୁ ସମକାଳୀକ ସ୍ପର୍ଶ ଦେବାକୁ ଚେଷ୍ଟା କରିଥାଆନ୍ତି। ତାହାର ସର୍ବୋତ୍କୃଷ୍ଟ କୃତି ହେଉଛି 'ଟାଇମ୍ ଶେଲ୍‌ଟର'।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ କୁହାଯାଉଥିଲେ ବି ଅନେକ ସମୟରେ ଶିକ୍ଷକ ପିଲାମାନଙ୍କୁ ଦଣ୍ଡ ଦେଉଛନ୍ତି। ଏହା କୋହଳ ଦଣ୍ଡରେ ସୀମିତ ରହୁଛି। କିନ୍ତୁ ପିଲାଙ୍କ ଚୁଟି କାଟି ଦଣ୍ଡ ଦେବା ବିଷୟ କେବେ ଶୁଣିଛନ୍ତି କି? ଏଭଳି ଘଟଣା ଘଟିଛି ଆସାମର ମାଜୁଲି ଜିଲାରେ। ଅନୁଶାସନ ନାମରେ ଜଣେ ଶିକ୍ଷକ ୩୦ ଜଣ ପିଲାଙ୍କ ଚୁଟି କାଟିଦେବା ଯୋଗୁ ସେମାନେ କାନ୍ଦି କାନ୍ଦି ଘରକୁ ଆସିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି, ପିଲାମାନେ ଲମ୍ବା ଚୁଟି ରଖିଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଲମ୍ବା ଚୁଟି ସମ୍ପର୍କରେ ପିଲାମାନଙ୍କୁ ଅନେକ ଥର ଚେତାବନୀ ଦିଆଯାଇଥିଲା ଏବଂ ମାତାପିତାଙ୍କୁ ମଧ୍ୟ ସୂଚନା ଦିଆଯାଇଥିଲା । କିନ୍ତୁ ସେମାନେ କିଛି ପଦକ୍ଷେପ ଗ୍ରହଣ ନ କରିବାରୁ ସ୍କୁଲ ତରଫରୁ ସେମାନଙ୍କ ଚୁଟି କାଟିଦିଆଯାଇଥିବା କୁହାଯାଇଛି। ଡେପୁଟି କମିଶନର କାବେରୀ ଶର୍ମା ଏହି ଘଟଣାର ଅନୁସନ୍ଧାନ କରିବାକୁ କହିଛନ୍ତି। ସେ କହିଛନ୍ତି, ପ୍ରାଥମିକ ଅନୁସନ୍ଧାନ ଅନୁଯାୟୀ, ଶିକ୍ଷକ କେବଳ ଲମ୍ବା ଚୁଟି କାଟି ଏହାକୁ ଛୋଟ କରିଛନ୍ତି, ସମ୍ପୂର୍ଣ୍ଣ ଭାବେ କାଟିନାହାନ୍ତି। ପିଲାଙ୍କ ଚୁଟି କାଟିଥିବା ଶିକ୍ଷକଙ୍କ ନାମ ନିକି। ସେ କେବଳ ସ୍କୁଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିଥିବା କହିଛନ୍ତି। ତେବେ ଘଟଣା ପରେ ପିଲାମାନେ କ୍ଲାସ୍‌କୁ ଆସିବାକୁ ମନା କରୁଛନ୍ତି। ସେମାନେ ନିଜକୁ ଅତ୍ୟନ୍ତ ଅପମାନିତ ଅନୁଭବ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ମେ ୧୯୯୮

- ଆସାମରେ କ୍ଷମତାସୀନ ପ୍ରଫୁଲ୍ଲ କୁମାର ମହାନ୍ତଙ୍କ ମନ୍ତ୍ରିମଣ୍ଡଳରୁ ପ୍ରାଥମିକ ଶିକ୍ଷାମନ୍ତ୍ରୀ ଥାନେଶ୍ୱର ବୋରୋଙ୍କ ଇସ୍ତଫା ପ୍ରଦାନ।
- କୁଖ୍ୟାତ ଚନ୍ଦନକାଠ ଚୋରା ବ୍ୟବସାୟୀ ବୀରାପ୍ପାନ ତାମିଲନାଡୁର ଇରୋଡ ଜିଲ୍ଲାର କାନ୍ନାରୀଠାରୁ ୪ ଜଣ ଲୋକଙ୍କୁ ଅପହରଣ କରିନେଇଛି।
- ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁ ଅବିଭକ୍ତ ସମ୍ବଲପୁର ଜିଲାରେ ୨୭ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 7 | | | 3 | | |
| | | 4 | | | | | | |
| | | | | 4 | 8 | | | |
| | 3 | | 5 | | | 8 | | |
| | | | 1 | 8 | | | 7 | |
| 5 | | | | 7 | | 6 | | 1 |
| | | | | | | 1 | | |
| | | 8 | | | 6 | | 9 | |
| 3 | | 5 | | | 9 | 2 | 6 | 7 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 3 | 1 | 8 | 7 | 2 | 9 | 5 |
| 7 | 2 | 8 | 9 | 3 | 5 | 4 | 6 | 1 |
| 1 | 5 | 9 | 4 | 6 | 2 | 3 | 7 | 8 |
| 4 | 8 | 7 | 3 | 9 | 1 | 5 | 2 | 6 |
| 5 | 6 | 1 | 2 | 7 | 4 | 9 | 8 | 3 |
| 9 | 3 | 2 | 8 | 5 | 6 | 7 | 1 | 4 |
| 3 | 7 | 4 | 6 | 1 | 9 | 8 | 5 | 2 |
| 2 | 1 | 5 | 7 | 4 | 8 | 6 | 3 | 9 |
| 8 | 9 | 6 | 5 | 2 | 3 | 1 | 4 | 7 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସୀମା ସୁରକ୍ଷିତ ରହୁ

ମହାଶୟ,

ସାଧାରଣତଃ ପଟ୍ଟାକାଗଜ ପତ୍ର ଦ୍ୱାରା ମାଲିକ ବୋଲାଉଥିବା ବ୍ୟକ୍ତିମାନେ ନିଜର ଜମି ସରହଦକୁ ସଦାବେଳେ ଲକ୍ଷ୍ୟ ଦେଇଥା'ନ୍ତି। କେହି ବ୍ୟକ୍ତି ଜମିର ସୀମା ଅତିକ୍ରମ କରି ଦଖଲ କରିବା ଦେଖିଲେ ଗଣ୍ଡଗୋଳ ଓ ମାଲି ମକଦ୍ଦମା କରିବାକୁ ସେମାନେ ପଛାଇନଥାନ୍ତି। ମାତ୍ର ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଏହିକି, ଆମ ରାଜ୍ୟର ସୀମାକୁ ପଡ଼ୋଶୀ ରାଜ୍ୟ ଯଥା- ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଆଦି ଦଖଲ କରିବାରେ ଲାଗିଥିବା ବେଳେ ଏଥିପାଇଁ କୌଣସି କଡ଼ା ପଦକ୍ଷେପ ନିଆଯାଇ ପାରୁନାହିଁ। ଏଥିପାଇଁ ଶାସକ ଓ ବିରୋଧୀ ଦଳଗୁଡ଼ିକ ମୁଖ୍ୟତଃ ଦାୟୀ। ଟିକିଏ ଭୁଲ୍ ପାଇଁ ଷଢ଼େଇକଳା, ଖରସୁଆଁ ବିହାର ରାଜ୍ୟରେ ମିଶିଗଲା। ସେଠାକାର ଅଧିବାସୀ ଓଡ଼ିଶାର ପରମ୍ପରା, ସଂସ୍କୃତି ଓ ଶିକ୍ଷାଦୀକ୍ଷାକୁ ଝୁରି ହେଉଛନ୍ତି। ଏବେ ଆନ୍ଧ୍ର କୋଟିଆ ପ୍ରତି ଦୃଷ୍ଟି ପକାଇ ସୀମା ଲଙ୍ଘନ କରିବାରେ ଲାଗିଛି। ପଶ୍ଚିମବଙ୍ଗ ଅନୁରୂପ ଭାବେ ବାଲେଶ୍ୱର ଜିଲାକୁ ପଶିଆସୁଛି। ଏହିପରି ଘଟଣାମାନ ଘଟିବା ଦ୍ୱାରା ବିଶାଳ ଓଡ଼ିଶା ରାଜ୍ୟ ଭବିଷ୍ୟତରେ ଏକ କ୍ଷୁଦ୍ର ରାଜ୍ୟରେ ପରିଣତ ହୋଇଯିବ। ଓଡ଼ିଶାର ସୀମା ସୁରକ୍ଷିତ ରଖିବା ଲାଗି ଶାସକ ଓ ବିରୋଧୀ ଉଭୟ ମିଳିତ ଭାବେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ।

– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କର୍ମର ପ୍ରେରଣା ତୁମେ ବିଶ୍ୱର
ଆଳସ୍ୟହାରୀ ସୁଧା
କ୍ଷୁଦ୍ରର ଆକାଶ-ଚାନ୍ଦ କ୍ଷୁଧିତର
ହେ ଚରମ କ୍ଷୁଧା !

(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କଳାହାଣ୍ଡି ମେଡିକାଲ କଲେଜ ନାମ କରଣ ପାଇଁ କମିଟି ଗଠିତ

**ଭବାନୀପାଟଣା,୨୭।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସରକାରୀ ମେଡିକାଲ କଲେଜର ନାମକରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ବିଭାଗର ସ୍ୱତନ୍ତ୍ର ସଚିବଙ୍କ ଅଧକ୍ଷତାରେ ଗଠିତ ହୋଇଥିବା କମିଟିରେ ୫ଜଣ ସଦସ୍ୟ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ, ଡିଏମ୍‌ଇଟି, ଅତିରିକ୍ତ ଡିଏମ୍‌ଇଟି ତଥା ଭବାନୀପାଟଣାସ୍ଥିତ ମେଡିକାଲ କଲେଜର ଭାରପ୍ରାପ୍ତ ଅଧିକାରୀ ଓ ବିଭାଗର ଲୋକସମ୍ପର୍କ ଅଧିକାରୀ ଏହାର ସଦସ୍ୟ ରହିଛନ୍ତି। ଆସନ୍ତା ୩ ଦିନ ଭିତରେ କମିଟି ନାମକରଣ ସମ୍ପର୍କିତ ପ୍ରସ୍ତାବ ବିଭାଗକୁ ପ୍ରଦାନ କରିବାକୁ କୁହାଯାଇଛି।

### ବିଦ୍ୟାଳୟ ରୂପାନ୍ତରଣ କାମ ମନ୍ଥର

**ଲାଠୋର,୨୭।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ଶ୍ରୀଦୁର୍ଗେଶ୍ୱରୀ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବିଦ୍ୟାଳୟ ରୂପାନ୍ତରଣ କାମ ମନ୍ଥର ଗତିରେ ଚାଲିଛି। ୨୦୨୧ମସିହାରେ ୫-ଟିରେ ଅନ୍ତର୍ଭୁକ୍ତ ଏହି ବିଦ୍ୟାଳୟରେ ୨ଗୋଟି ସ୍ମାର୍ଟ ଶ୍ରେଣୀ ଗୃହ, ଗୋଟିଏ ବିଜ୍ଞାନ ପରୀକ୍ଷାଗାର, ଇ-ଲାଇବ୍ରେରୀ, ଶୌଚାଳୟ ଏବଂ ବଗିଚା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିମ୍ନମାନର କାମ ହେଉଥିବା ଅଭିଯୋଗ ପରେ ତତ୍କାଳୀନ ବିଡ଼ିଓ ବିଦ୍ୟାଳୟକୁ ପରିଦର୍ଶନରେ ଆସି କାମର ତଦାରଖ କରି ନୂଆ ଭାବେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନୂଆ ଭାବେ କାମ ଆରମ୍ଭ କରାଗଲା। ହେଲେ ବର୍ତ୍ତମାନ କାମ ଅତି ମନ୍ଥର ଗତିରେ ଚାଲିଛି। ଏକା ସାଙ୍ଗରେ ଆରମ୍ଭ ହୋଇଥିବା ଅନ୍ୟ ବିଦ୍ୟାଳୟର କାମ ସରି କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏହି ବିଦ୍ୟାଳୟରେ ବର୍ତ୍ତମାନ ଯାଏ କାମ ସରିନାହିଁ। ଫଳରେ ଏଠିକାର ପିଲା ଏହି ସବୁ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି। ଏ ନେଇ ବିଡ଼ିଓ ବିଜୟ କୁମାର ହୋତାଙ୍କୁ ପଚାରିବାରୁ ସମ୍ପୃକ୍ତ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ କେମିତି କାମ ଶୀଘ୍ର ସରିବ ଏବଂ ପିଲା ଆଗାମୀ ସିଜନରେ ସ୍ମାର୍ଟ ଶ୍ରେଣୀ ଗୃହରେ ପାଠ ପଢ଼ିବେ ତାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**କୋକସରା,୨୭।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି



ଗ୍ରାମର ଧର୍ମ ପରାୟଣା ମହିଳା ସୌଭାଗ୍ୟ ମଞ୍ଜରି ପଣ୍ଡା (୭୫)ଙ୍କ ଶନିବାର ସକାଳେ ନିଜ ବାସ ଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ବଡ଼ପୁଅ ସଞ୍ଜୟ ପଣ୍ଡା, ମଝିଆ ପୁଅ ଅଜୟ କୁମାର ପଣ୍ଡା ଓ ସାନପୁଅ ବିଜୟ ପଣ୍ଡା ଓ ପୁଅ ବୋହୂ ନାତି ନାତୁଣୀ ଉପସ୍ଥିତ ରହିଥିଲେ। ମହିଳାଙ୍କ ଶବଧାରରେ ଜ୍ଞାତିକୁଟୁମ୍ବ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଗାଁ ମଶାଣିରେ ବଡ଼ପୁଅ ସଞ୍ଜୟ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି।

### ଆଇନ ସଚେତନତା ଶିବିର

**ବଲାଙ୍ଗୀର ଅଫିସ,୨୭।୫:** ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ସଦାଇପାଲି ସ୍ଥିତ ସଭାଗୃହରେ ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଜଜ୍ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ବିଷୟରେ ଏକ ଆଇନ ସଚେତନତା ଶିବର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ଅଧକ୍ଷ ବିମଳ କୁମାର ଚାନ୍ଦ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିନୟ କୁମାର ପାତ୍ର, ବଲାଙ୍ଗୀର ସଦର ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦତ୍ତ ଭୋଇ ଯୋଗଦାନ କରିଥିଲେ। ଏଥିରେ ଅଧକ୍ଷ ଚାନ୍ଦ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧିକାର ଏବଂ ଉପାଦେୟତା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ସଚିବ ପାତ୍ର ବିଭିନ୍ନ ବର୍ଗର ଜନସାଧାରଣଙ୍କ ସକାଶେ ମାଗଣା ଆଇନ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ସରପଞ୍ଚ କରୁଣାକର ପଟେଲ, ନିର୍ବାହୀ ଅଧିକାରୀ ସୁଷମା ବେହେରା ଓ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

# ଲକ୍ଷ୍ୟଠାରୁ ଦୂରରେ କମ୍ୟୁନିଟି ହଲ୍

**ଧବର୍ଷ ହେଲା ସେଠାରେ ଚାଲିଛି ସରକାରୀ ପ୍ରାଥମିକ ବିଦ୍ୟାଳୟ**

- ସ୍କୁଲ କୋଠା ନିର୍ମାଣ ପରେ ବି ହେଉନି ସ୍ଥାନାନ୍ତରଣ
- ସଭା, ସମିତି କରି ପାରୁ ନାହାନ୍ତି ସାଧାରଣ ଲୋକେ

**ଲାଠୋର, ୨୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ରହିଛି କମ୍ୟୁନିଟି ହଲ(ଗୋଷ୍ଠୀକେନ୍ଦ୍ର)। ସେବା ସମବାୟ ସମିତି ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ର ଏବେ ସାଧାରଣ ଲୋକଙ୍କ କାମରେ ଆସୁନାହିଁ। ଯେଉଁ ଲକ୍ଷ୍ୟ ନେଇ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରାଯାଇଥିଲା ତାହା ପୂରଣ ହୋଇ ପାରୁନାହିଁ। ସେଠାରେ ଗତ ୪ବର୍ଷ ହେଲା ହାଟପଦା ପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ଚାଲିଛି। ଏପରିକି ସ୍କୁଲର ନିଜସ୍ୱ କୋଠା ନିର୍ମାଣ ହୋଇଥିଲେ ମଧ୍ୟ ସ୍କୁଲ ସ୍ଥାନାନ୍ତର କରାଯାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଅଞ୍ଚଳବାସୀଙ୍କ ସାଧାରଣ ବ୍ୟବହାର ପାଇଁ ଲାଠୋରେ ନିର୍ମାଣ କରାଯାଇଥିଲା ଗୋଷ୍ଠୀ କେନ୍ଦ୍ର। କୌଣସି ଦେୟ ନ ଦେଇ ଲୋକେ ସଭା, ବୈଠକ ଓ ମାଙ୍ଗଳିକ କାର୍ଯ୍ୟ କରି ପାରୁଥିଲେ। ଘଟଣାକ୍ରମରେ ହାଟପଦା ପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ଏକ ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପିଲାଙ୍କ ଜୀବନ ପ୍ରତି



କମ୍ୟୁନିଟି ହଲ୍‌ରେ ଅସ୍ଥାୟୀ ଭାବେ ଚାଲିଥିବା ସ୍କୁଲର ବୋର୍ଡ ଲଗାଯାଇଛି।

ବିପଦ ସୃଷ୍ଟି କରୁଥିଲା। ସେଥି ସକାଶେ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେଠାରେ ପାଠ ପଢା ନକରି ଗୋଷ୍ଠୀ କେନ୍ଦ୍ରରେ ପିଲାଙ୍କୁ ନେଇ ପାଠ ପଢାଇବା ପାଇଁ ତାଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୧୦୧୩/ତା ୧୨।୭।୨୦୧୯ରିଖରେ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ଅନୁସାରେ ପ୍ରଧାନ ଶିକ୍ଷୟିତ୍ରୀ ସେଠରେ ଅଦ୍ୟାବଧି ପାଠ ପଢାଉଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ୍ ସବଷ୍ଟେଶନ ଟ୍ରାନ୍ସଫର୍ମର ଚାରିପାଖେ ବାଡା ଦିଆଯାଇଥିବା ବେଳେ ସେଠାରେ କେବୁଲ ତାର ବ୍ୟବସ୍ଥା ହୋଇସାରିଛି। ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକୃତ ସ୍କୁଲସ୍ଥଳକୁ ଯାଇ ପାଠପଢା କରିବା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। କେନ୍ଦ୍ର କୋଠା ମୁକ୍ତ କରିବା ପାଇଁ ଅନେକ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ ସାଧାରଣ ଲୋକ ବିଭିନ୍ନ କାର୍ଯ୍ୟକ୍ରମ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବେସରକାରୀ ମଣ୍ଡପ, ଧର୍ମଶାଳା ଭଡ଼ା ନେଇ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛି। ଏନେଇ ଖପ୍ରାଖୋଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନକେତନ ବରିହାଙ୍କୁ ପଚାରିବାରୁ ରାଜସ୍ୱ ପ୍ରଶାସନ ପକ୍ଷରୁ ସ୍କୁଲ ଜମି ସମ୍ପୂର୍ଣ୍ଣ ଡିମାରକେଶନ ପରେ ସେଠାକୁ ସ୍ଥାନାନ୍ତରଣ ବ୍ୟବସ୍ଥା କରିବୁ ବୋଲି କହିଛନ୍ତି। ତେବେ ଯଥାଶୀଘ୍ର ଗୋଷ୍ଠୀ କେନ୍ଦ୍ରକୁ ମୁକ୍ତ କରି ସାଧାରଣ ଲୋକଙ୍କ ବ୍ୟବହାରରେ ଉପଯୋଗ କରିବାକୁ ସାଧାରଣରେ ଦାବି ହେଉଛି।

# ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ



ଭାଜପା ବଲାଙ୍ଗୀର ନଗର ମଣ୍ଡଳୀ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

**ବଲାଙ୍ଗୀର ଅଫିସ, ୨୭।୫**

ବଲାଙ୍ଗୀର ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ତଥା ମହା ଜନସମ୍ପର୍କ ଅଭିଯାନ ଶନିବାର ଅନୁଷ୍ଠିତ ହୋଇଛି। ବରିଷ୍ଠ ନେତ୍ରୀ ପଙ୍କଜିନୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲା ଭାଜପା ସଭାପତି ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପଶ୍ଚିମାଞ୍ଚଳ ପ୍ରଭାରୀ ପ୍ରଭାସ ପାଣିଗ୍ରାହୀ ମୁଖ୍ୟଅତିଥି ଓ ବଲାଙ୍ଗୀର ୧୭ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ତଥା ବଲାଙ୍ଗୀର ବିଧାନସଭା କ୍ଷେତ୍ରର ପ୍ରଭାରୀ ଶିବଦତ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ନେତୃତ୍ୱାଧୀନ ମୋଦୀ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଭାରତକୁ ଆର୍ଥିକ ଦୃଷ୍ଟିରେ ଆତ୍ମନିର୍ଭରଶୀଳ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଚେଷ୍ଟା ଉପରେ ଚର୍ଚ୍ଚା କରାଯାଇଥିଲା। କାର୍ଯ୍ୟକର୍ତ୍ତାଙ୍କୁ କ୍ରିୟାଶୀଳ ହେବାକୁ ପରାମର୍ଶ ଦେଇଥିଲେ। ପୁରୁଣା କାର୍ଯ୍ୟକର୍ତ୍ତାମାନେ କିଭଳି ମୁଖ୍ୟ ଭୂମିକା ଗ୍ରହଣ କରିବେ ଏବଂ ଅନ୍ୟମାନଙ୍କୁ ଉତ୍ସାହିତ କରିବେ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଉପସଭାପତି ଆରତୀ ଗୁରୁ, ବନଶ୍ରୀ ଆଚାର୍ଯ୍ୟ, ଫିରୋଜା ବିବି, ସଞ୍ଜୁ ନାଏକ, ଅନୁଛାୟା ବାବୁ, ବାସନ୍ତୀ ଜେନା, ଅନିତା ମିଶ୍ର, ସୌଦାମିନୀ ମିଶ୍ର, ସରିତା ଯୋଷୀ, ଗାୟତ୍ରୀ ଦାସ, ଅରୁଣା ବାଗ, କଳ୍ପନା ସାହୁ, ଆପେଶ୍ୱରୀ ଦୀପ, ସୁଧାରାଣୀ ସ୍ୱାଇଁ, ନୀଳାଦ୍ରୀ ଖର୍ସେଲ, ପିଙ୍କି ସାହୁ, ମୋନାଲିସା ମହାନ୍ତି, ଝୁନୁ ପଣ୍ଡା, ସ୍ୱାତି ମିଶ୍ର, ସତ୍ୟଭାମା ଭୋଇ, ଲତା ମିଶ୍ର, ଲଳିତ ଶର୍ମା, ଧର୍ମେନ୍ଦ୍ର ଅଗ୍ରୱାଲ, ମାନସ ମହାନ୍ତିଙ୍କ ଉପସ୍ଥିତ ଥିଲେ।

# ଫର୍ଟିଫାଏଡ ଚଉଳ ଉପରେ ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା, ୨୭।୫(ଡି.ଏନ.ଏ)**

ଫର୍ଟିଫାଏଡ ଚାଉଳ ଉପରେ ଲୋକଙ୍କ ମଧ୍ୟରେ ରହିଥିବା ବିଭିନ୍ନ ଭ୍ରାନ୍ତ ଧାରଣା ଦୂର ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଫିସ ଆଗରେ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଆକାଶ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତା ଓ ବ୍ଲକ ଯୋଗାଣ ଅଧିକାରୀ ସୌମ୍ୟରଞ୍ଜନ ମହାନନ୍ଦଙ୍କ ସଂଯୋଜନାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିପିଓ କିଶୋର ମାନସିଂ, ମିଶନଶକ୍ତି ସଂଯୋଜିକା ମଧୁସ୍ମିତା ବିଶ୍ୱାଳ, ସିଡିପିଓ ଜ୍ୟୋର୍ତିମୟୀ ନାଏକ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ସହାୟିକା, ପଞ୍ଚାୟତ ଯୋଗାଣ ନିରୀକ୍ଷକ ଓ ସ୍ୱୟଂସହାୟିକା ଗୋଷ୍ଠୀ ମହିଳା ଉପସ୍ଥିତ ଥିଲେ। ସଚେତନତା ପାଇଁ ଭୁବନେଶ୍ୱରରୁ ଆସିଥିବା ଏକ ଟିମ ଫର୍ଟିଫାଏଡ ଚାଉଳ ଉପରେ ସଚେତନ କରିଥିଲେ। ମଧ୍ୟାହ୍ନଭୋଜନ ଓ ପିଡିଏସ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଚାଉଳରେ ଫର୍ଟିଫାଏଡ ଚାଉଳ ମିଶ୍ରିତ ହୋଇଆସୁଛି। ୧ କୁଇଣ୍ଟାଲ ଚାଉଳରେ ୧ କେଜି ଫର୍ଟିଫାଏଡ ଚାଉଳ ମିଶ୍ରିତ କରାଯାଉଛି। ଏହାକୁ ଲୋକେ ପ୍ଲାଷ୍ଟିକ ଚାଉଳ କହି ଅଭାବନୀୟ ପରିସ୍ଥିତି ସୃଷ୍ଟି କରୁଛନ୍ତି। ଏହି ଚାଉଳ ଖାଇବା ଦ୍ୱାରା ରକ୍ତହୀନତା ଏବଂ ଅପପୁଷ୍ଟି ଦୂର କରାଯାଇ ପାରିବ । ଲୋକଙ୍କ ମନରୁ ଭ୍ରାନ୍ତ ଧାରଣକୁ ଦୂରାଇ ଉକ୍ତ ଚାଉଳର ଉପକାରିତା ସମ୍ପର୍କରେ ସେମାନଙ୍କୁ ବୁଝାଇ ଖାଇବାକୁ ପରାମର୍ଶ ଦେବାକୁ ଅଧିକାରୀ ଏବଂ କର୍ମଚାରୀଙ୍କୁ ଉକ୍ତ ଟିମ୍ କହିଥିଲେ ।

# ଅପହୃତା ଯୁବତୀଙ୍କୁ ଉଦ୍ଧାର କଲେ ଗ୍ରାମବାସୀ

**୩ ଅଟକ, ମୁଖ୍ୟଅଭିଯୁକ୍ତ ଫେରାର**

**ଲାଞ୍ଜିଗଡ,୨୭।୫(ଡି.ଏନ.ଏ.)**

କଳାହାଣ୍ଡି କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନର୍ଲା ଥାନା ଅଞ୍ଚଳ କଦମ୍ବଗୁଡ଼ା ଛକ ନିକଟରୁ ଏକ ପିକଅପ୍ ଭ୍ୟାନରେ ଜଣେ ଯୁବତୀଙ୍କୁ ୪ଜଣ ଯୁବକ ଅପହରଣ କରି ନେଉଥିବାବେଳେ ଗ୍ରାମବାସୀ ଉଦ୍ଧାର କରି ପୋଲିସ ଜିମାରେ ଦେଇଛନ୍ତି। ଏହି ଘଟଣାରେ ଡ୍ରାଇଭରଙ୍କ ସମେତ ୨ଜଣ ଯୁବକଙ୍କୁ ପୋଲିସ ଅଟକ ରଖିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଖବର ଅନୁଯାୟୀ, ଶନିବାର ସକାଳ ୯ରେ କନ୍ଧମାଳ ଜିଲା ବେଲଘର ଅଞ୍ଚଳରୁ ଜଣେ ଯୁବତୀଙ୍କୁ ୪ଜଣ ଯୁବକ ଏକ ପିକଅପ୍ ଭ୍ୟାନରେ ଜୋରଜବରଦସ୍ତି ଅପହରଣ କରି ନେଉଥିଲେ। କଦମ୍ବଗୁଡ଼ା ଛକ ନିକଟରେ ଯୁବତୀ ଜଣଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପିକଅପ୍ ଭ୍ୟାନ ଅଟକାଇବାରୁ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଗ୍ରାମବାସୀ ଯୁବତୀଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେବା ସହ ୪ଜଣ ଯୁବକଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। କୌଶଳକ୍ରମେ ଜଣେ ଯୁବକ ଖସି ପଳାଇଥିବାବେଳେ ପିକଅପ୍ ଭ୍ୟାନର ଡ୍ରାଇଭଙ୍କ ସମେତ ୨ଜଣ ଯୁବକଙ୍କୁ ଅଟକ ରଖି ଗ୍ରାମବାସୀ ପୋଲିସକୁ ହସ୍ତାନ୍ତର କରିଥିଲେ। ଖବର ପାଇ ସିକେରକୁପା ଫାଣ୍ଡି ପୋଲିସ କର୍ମଚାରୀ ଗୋକୁଳ ସାହୁ ଓ ବିଶ୍ୱନାଥ ମହଲା ତୁରନ୍ତ ପହଞ୍ଚି ଅପହରଣର ଶିକାର ଯୁବତୀଙ୍କ ସମେତ ୩ଜଣ ଯୁବକଙ୍କୁ ସିକେରକୁପା ଫାଣ୍ଡିକୁ ଆଣି ପଚରାଉଚୁରା କରୁଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ପାଇଁ ନର୍ଲା ଥାନାଧିକାରୀ ଗଙ୍ଗାଧର ମେହେର ମଧ ସିକେରକୁପା ଫାଣ୍ଡିରେ ପହଞ୍ଚିଥିବା ଜଣାପଡ଼ିଛି। ଅପରପକ୍ଷରେ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଫେରାର ଥିବା ପୋଲିସ କହିଛି।

# ରାମଜୀ ଯୁବକ ସଂଘ ପକ୍ଷରୁ ଶିକ୍ଷା ସଚେତନତା ଶିବିର

**ବଲାଙ୍ଗୀର ଅଫିସ, ୨୭।୫**

ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ମାଧିଆପାଲି-ବନ୍ଛୋରପାଲିଠାରେ ସଦାଇପାଲି ସ୍ଥିତ ରାମଜୀ ଯୁବକ ସଂଘ ଆନୁକୂଲ୍ୟରେ ସମ୍ପାଦକ ଇଂ. ନାରାୟଣ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ସର୍ବଶିକ୍ଷା ଅଭିଯାନର ରୂପରେଖ ତଥା ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ଜନସାଧାରଣଙ୍କ ଅବଗତି ନିମନ୍ତେ ଶୁକ୍ରବାର ଅପରାହ୍ଣରେ ଏକ ଶିକ୍ଷା ସଚେତନତା ଶିବିର ଆୟୋଜନ ହୋଇଥିଲା। ଏହି ଶିବିରରେ ରାମଜୀ ଯୁବକ ସଂଘର ସଭାପତି ଡ. ପ୍ରମୋଦ କୁମାର ମିଶ୍ର, ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ନାଏକ, ନନ୍ଦଲାଲ ସାଏ, ବିରଞ୍ଚି ସାଏ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବରେ ରାମଜୀ ଯୁବକ ସଂଘର ଅଶୋକ କୁମାର ମେହେର ଯୋଗଦାନ କରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଶିବିରରେ ଗାଁର ଜନସାଧାରଣ ଯୋଗଦାନ କରି ଶିକ୍ଷା ସଚେତନତା ଉପରେ ଅବଗତ ହୋଇଥିଲେ। ସୁନୀଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ନାଗରିକ ଆସୋସିଏଶନ ବୈଠକ



ସଭାରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

**ଟିଟିଲାଗଡ, ୨୭।୫(ଡି.ଏନ.ଏ.)**

ବରିଷ୍ଠ ନାଗରିକ ଆସୋସିଏଶନ ଟିଟିଲାଗଡ ପକ୍ଷରୁ ଏକ ସାଧାରଣ ସଭା ଜଲାରାମ ଲଜ କନଫରେନ୍ସ ହଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ:ଘନଶ୍ୟାମ ଜୈନ ଏଥିରେ ଅଧକ୍ଷତା କରିଥିଲେ। ସମ୍ପାଦକ ଭିକାରୀ ଚରଣ ମିଶ୍ର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ଉପଦେଷ୍ଟା ସେବକ ଚରଣ ଦାଶ, ସଦସ୍ୟ ରାଜୀବ ଲୋଚନ ପାଢୀ, ରାଧାକାନ୍ତ ପାଢୀ, ବିଶ୍ୱରାମ ଠାକୁର, ଜଗନ୍ନାଥ ପଣ୍ଡା, ଡ.ଗୋବର୍ଦ୍ଧନ ସାହୁ, ରତ୍ନାକର ସାହୁ, ଲକ୍ଷ୍ମୀକାନ୍ତ ମହାପାତ୍ର, ରବି କିରଣ ସ୍ୱାଇଁ, ହିମାଂଶୁ ଦାଶ ଯୋଗଦେଇ ସହରାଞ୍ଚଳର ବିଭିନ୍ନ ସମସ୍ୟା ଯଥା, ପରିମଳ, ଟ୍ରାଫିକ, ଶୋଚନୀୟ ଅବସ୍ଥାରେ ଥିବା ରାସ୍ତାଘାଟ, ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା, ବରିଷ୍ଠ ନାଗରିକମାନଙ୍କ ପରିଚୟ ପତ୍ର ବଣ୍ଟନ, ସ୍ୱାସ୍ଥ୍ୟ ସେବା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରତିମାସରେ ସଦସ୍ୟମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସେବା ଯୋଗାଇ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆସୋସିଏଶନ ପାଇଁ ବୈଠକ ଗୃହ ଯୋଗାଇ ଦେବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ୧୫ ଜଣ ନୂତନ ସଦସ୍ୟଙ୍କୁ ଗ୍ରହଣ କରାଯାଇଥିଲା। ସଦସ୍ୟମାନଙ୍କ ସୁରକ୍ଷା ଓ ଅଧିକାର ପାଇଁ ଆସୋସିଏଶନ ସର୍ବଦା ଯତ୍ନଶୀଳ ରହିବ ବୋଲି ସଭାପତି ଡ.ଜୈନ ତାଙ୍କର ଅଭିଭାଷଣରେ କହିଥିଲେ। ଅନୁଷ୍ଠାନର କୋଷାଧକ୍ଷ ବୃନ୍ଦାବନ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈରିଗଞ୍ଜନ ମିଶ୍ର, ଘିନୁ ଆଡଯୁଆଡ, ବନମାଳୀ ଦାଶ, ଅକ୍ଷୟ କୁମାର ବେହେରା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ନିର୍ମାଣ ଶ୍ରମିକ ସଂଘର ବୈଠକ

**ବୋଡେନ,୨୭।୫(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ଭଇଁସାଦାନୀ ପଞ୍ଚାୟତର ବଣପାହାଡ ଘେରା ପାଟଦରା ନିକଟ କାପ୍‌ଟିଆମ୍ ଆମ୍ବ ବଗିଚାରେ ନିର୍ମାଣ ଶ୍ରମିକ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭରତ ଚିନ୍ଦାଙ୍କ ତତ୍ତ୍ୱାବଧାନରେ ଘନ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନିର୍ମାଣ ଶ୍ରମିକ, ଦାଦନ ଶ୍ରମିକ, ଏମ୍‌ଜିଏନ୍‌ଆରିଜିଏସ୍ ଶ୍ରମିକ, କେନ୍ଦୁପତ୍ର ତୋଳାଳି ଶ୍ରମିକଙ୍କ ମୌଳିକ ସମସ୍ୟା ଓ ତାର ସମାଧାନ ନେଇ ଆଲୋଚନା ହୋଇଥିଲା। ଜିଲା ଶ୍ରମିକ ସଂଘ ମୁଖ୍ୟ ଟୁଲୁ ବାବୁ ଉପସ୍ଥିତ ରହି ଶ୍ରମିକଙ୍କ ଜୀବନ ଜୀବିକା, ଜଳ, ଜଙ୍ଗଲ, ଜମି, ଶ୍ରମିକଙ୍କ



ବୈଠକରେ ଯୋଗଦେଇଥିବା ଶ୍ରମିକମାନେ।

ଅଧିକାର, ନିର୍ମାଣ ଶ୍ରମିକଙ୍କ ମଜୁରି ବୃଦ୍ଧି, ସାମଜିକ ସୁରକ୍ଷା, ଶ୍ରମିକଙ୍କ ପିଲାଛୁଆଙ୍କ ଶିକ୍ଷା ଆଦି ଉପରେ ଆଲୋକପାତ କରିବା ସହ ବୋଡେନ ବ୍ଲକରେ ଦଲାଲମାନେ ଶ୍ରମିକଙ୍କୁ ଶୋଷଣ କରୁଥିବା କହିଥିଲେ। ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ସଂଘର ଆଞ୍ଚଳିକ ଶାଖା ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଦଶମୁ ଚିନ୍ଦା ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଭରତ ଚିନ୍ଦା ସମ୍ପାଦକ ଓ ଖିଲାନ୍ ସିଂ ମାଝିଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଥିଲା। ଗଣେଶ ଚିନ୍ଦା, ହିରାଧର ଚିନ୍ଦା, ଦ୍ରୌପଦୀ ମାଝି, ଘନ ମାଝି, କ୍ଷୀରସିନ୍ଧୁ ମାଝି, ଲାଲମନ ମାଝି, ହଜାରୀ ଚିନ୍ଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡୁମାଲ ସମାଜ ସାଙ୍ଗଠନିକ ବୈଠକ

**ଲୋଇସିଂହା,୨୭।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରେବଡା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀଡୁଙ୍ଗରୀ କେନ୍ଦ୍ରରେ ଜିଲା ଷାଠିଏ ଘର ଡୁମାଲ ସମାଜ ସାଙ୍ଗଠନିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ର ସଭାପତି ବୃଷଭ ଦନ୍ତା ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବହାଦୂର ଖମାରୀ ସ୍ୱାଗତ ଅଭିଭାଷଣ ଓ ବୈଠକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ଜିଲା ସଭାପତି ଲମ୍ବୋଦର ମହାକୁର, ଜିରାଟମାଲ କେନ୍ଦ୍ର ସଭାପତି ଲଛମନ ମହାକୁର, ସୁବଳ ଖମାରୀ, କଳାକାର ଖମାରୀ, ଡାକ୍ତର ପଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ସାଙ୍ଗଠନିକ ଆଲୋଚନା କରାଯାଇଥିଲା। ବ୍ରାହ୍ମଣୀଡୁଙ୍ଗରୀରେ କେନ୍ଦ୍ର ଡୁମାଲ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ସମ୍ପାଦକ ଖମାରୀ ତାଙ୍କ ଶ୍ୱଶୁରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଡୁମାଲ ଭବନ ପାଇଁ ୫ ଡେସିମିଲ ଜମି ଦାନ କରିବାକୁ ବୈଠକରେ ଘୋଷଣା କରିଥିଲେ। ଉକ୍ତ ବୈଠକରେ ସ୍ଥାନୀୟ ସମିତି ସଭ୍ୟ ଦେବାଶିଷ ମିଶ୍ର ଉପସ୍ଥିତ ଥିଲେ । ଡୁମାଲ ଭବନ ନିର୍ମାଣ ପାଇଁ ସରକାରୀ ଆର୍ଥିକ ସହାୟତା ପାଇଁ ପ୍ରଚେଷ୍ଟା କରାଯିବ ବୋଲି କଥା ଦେଇଥିଲେ।



ସାଙ୍ଗଠନିକ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ଆଳସ୍ୟ ପରିହାର କଲେ ଜୀବନ ସଫଳ ହେବ

**ଜିଲା ଲେଖକ ପରିଷଦ ପକ୍ଷରୁ ଶ୍ରୀନିବାସ ଉଦ୍‌ଗାତାଙ୍କୁ ସମ୍ବର୍ଦ୍ଧନା**

**ବଲାଙ୍ଗୀର ଅଫିସ, ୨୭।୫**

ବଲାଙ୍ଗୀର ଜିଲା ଲେଖକ ପରିଷଦ ପକ୍ଷରୁ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତାଙ୍କୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସମ୍ବର୍ଦ୍ଧିତ କରାଯାଇଥିଲା। ନିକଟରେ ପଦ୍ମଶ୍ରୀ ଡ. ଉଦ୍‌ଗାତା ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଅତିବଡ଼ି ଜଗନ୍ନାଥ ଦାସ ପୁରସ୍କାର ପାଇଥିବାରୁ ତାଙ୍କୁ ଲେଖକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଷଦ ସଭାପତି ମଳୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡା. ଜ୍ୟୋତିର୍ମୟୀ ସାହୁ ସମ୍ମାନିତା ବକ୍ତା ଓ ବଲାଙ୍ଗୀର ନାଗରିକ କମିଟି ସଭାପତି ଇଂ. ବେଲାରସିଂ ଭୋଇ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ସାହିତ୍ୟିକ ହୃଷୀକେଶ ପୁରୋହିତ ପ୍ରାରମ୍ଭିକ ସୂଚନା ଦେବା ପରେ କବି ସନ୍ଦୀପ କୁମାର କୁଅଁର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦ ସହସମ୍ପାଦକ



ବଲାଙ୍ଗୀର ଜିଲା ଲେଖକ ପରିଷଦ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାରପ୍ରାପ୍ତ କବି ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରଘୁନନ୍ଦନ ସିଂ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରିଷଦ ପକ୍ଷରୁ ଡ. ଉଦ୍‌ଗାତାଙ୍କୁ ଉପାୟନ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଇ ଅତିଥି ଡ. ଉଦ୍‌ଗାତାଙ୍କ ଦୀର୍ଘ ସାରସ୍ୱତ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଆଜିବି ସେ କର୍ମତତ୍ପର ଅଛନ୍ତି ବୋଲି କହିଥିଲେ। ସମ୍ବର୍ଦ୍ଧନା ଉତ୍ତରରେ ପଦ୍ମଶ୍ରୀ ଉଦ୍‌ଗାତା ନିଜ ସାରସ୍ୱତ ଯାତ୍ରାର ଅନେକ ଅନୁଭୂତି ବର୍ଣ୍ଣନା କରିଥିଲେ। ସାହିତ୍ୟର ଅସଲ ଶତ୍ରୁ ଆଳସ୍ୟ ବୋଲି କହିଥିଲେ। କୌଣସି କଥା ଲେଖିବା ଆଗରୁ ପଢ଼ିବା ଉପରେ ଜୋର ଦେଇଥିଲେ। ଶହେ ଭାଗ ପଢ଼ିଲେ ପାଞ୍ଚ ଭାଗ ଲେଖିହେବ ବୋଲି କହିଥିଲେ। ଆଳସ୍ୟ ପରିହାର କଲେ ସାହିତ୍ୟ ଓ ଜୀବନ ସଫଳ ହେବ ବୋଲି ବାର୍ତ୍ତା ଦେଇଥିଲେ। ସଭାରେ ସମ୍ପାଦକ କପିଳେଶ୍ୱର ଖମାରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ମହାପାତ୍ର, କବୟିତ୍ରୀ ସବିତା ମହରା, ଅନୁପ୍ରିୟା ମିଶ୍ର, ତପସ୍ୱିନୀ ପଶାୟତ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନଞ୍ଜୟ ମିଶ୍ର, ଡା. ଅଶୋକ ସେଠୀ, କବୟିତ୍ରୀ ନଳିନୀପ୍ରଭା ଶତପଥୀ, ନିରୂପମା ଉଦ୍‌ଗାତା, ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ ଡ. ଉଦ୍‌ଗାତଙ୍କ ସାରସ୍ୱତ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶେଷରେ ପରିଷଦ କୋଷାଧକ୍ଷ ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅସ୍ତିତ୍ୱ ହରାଉଛି ଜଳାଶୟ



ବରଗଡ଼ ସହରରେ ରହିଥିବା ପୂର୍ଣ୍ଣବନ୍ଧ ।

ବରଗଡ଼ ଅଫିସ୍,୨୭।୫

ଗାଁ ହେଉ କି ସହର, ଖରାଦିନେ ସବୁଠି ଜଳାଭାବ ପ୍ରମୁଖ ସମସ୍ୟା ପାଲଟିଥାଏ। ତେବେ ବହୁପୂର୍ବରୁ ଗାଁ ଏବଂ ସହରରେ ରହିଥିବା ଜଳାଶୟ ଗୁଡ଼ିକ ଯୋଗୁ ସେଭଳି ସମସ୍ୟାରୁ ମୁକ୍ତି ମିଳୁଥିଲା। ମାତ୍ର ଏବେ ବରଗଡ଼ ଜିଲାର ସବୁଆଡ଼େ ଜଳାଶୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। କେଉଁଠି ଜବରଦଖଲ ଯୋଗୁ ଜଳାଶୟ ସଙ୍କୁଚିତ ହୋଇଛି ତ ଆଉ କେଉଁଠି ଜଳାଶୟଗୁଡ଼ିକ ନିଶ୍ଚିହ୍ନ ହୋଇ ସେଠାରେ କୋଠାବାଡ଼ି ଗଢ଼ି ଉଠିଛି। ଯେଉଁ ଜଳାଶୟ ଗୁଡ଼ିକ ରହିଛି, ତାହା ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ବର୍ତ୍ତମାନ ତାହା ଉପରେ ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଅନ୍ୟପଟେ ପାରମ୍ପରିକ ଜଳଉତ୍ସ ଗୁଡ଼ିକର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ନ ଦେଲେ ସେଗୁଡ଼ିକ ଲୋପ ପାଇଯିବ ଏବଂ ଆଗାମୀ ଦିନରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିବା ସମ୍ଭାବନା ସୃଷ୍ଟି ହୋଇଛି।

## ଏମାନେ କୁହନ୍ତି...

### ପୁନରୁଦ୍ଧାର ଲୋଡ଼ା



“ବରଗଡ଼ ସହରରେ ମନାବନ୍ଧ, ନିଲିବନ୍ଧ, ଦାନୀକଟା, ଭୁର୍ସୁଙ୍ଗବନ୍ଧ, ଅଇଁଲାକଟା, ଖଜୁରକଟା, ପୂର୍ଣ୍ଣବନ୍ଧ ଭଳି ଅନେକ ଜଳାଶୟ ରହିଛି। ଦିନ ଥିଲା ସହରବାସୀ ଏହି ଜଳାଶୟ ଗୁଡ଼ିକର ପାଣିକୁ ପିଇବା ସହ ରୋଷେଇ କରିବାରେ ମଧ୍ୟ ବ୍ୟବହାର କରୁଥିଲେ। କିନ୍ତୁ ଏବେ ସେଠାକାର ପାଣି ଏଭଳି ଦୂଷିତ ହୋଇଛି ଯେ ଲୋକେ ଗାଧୋଇବା ପାଇଁ ମଧ୍ୟ ସାହାସ ଜୁଟାଇ ପାରୁନାହାନ୍ତି। ଏହା ସଭିଙ୍କ ଦୃଷ୍ଟିରେ ପଡୁଛି, ତଥାପି କିଛି ପଦକ୍ଷେପ ନିଆଯାଉନାହିଁ। ଏଭଳି ସ୍ଥଳେ ଜଳାଶୟ ଗୁଡ଼ିକର ପୁନରୁଦ୍ଧାର ନିତାନ୍ତ ଦରକାର।
–ଶିବାନନ୍ଦ ମଟାରୀ, ବରଗଡ଼

### ଜଳାଶୟ ଉପରେ ପାଇଖାନା



“ସହର ଉପକଣ୍ଠ ଅମ୍ୱାପାଲିରେ ନାଗାବନ୍ଧଲୀ, ମିଲତରା କଟା, ଦେଉଳ ବନ୍ଧ, ସରକଟା, ଫକୀରା ବନ୍ଧ ଆଦି ଜଳାଶୟ ରହିଛି। ଧନୁଯାତ୍ରା ବେଳେ କାଳୀୟ ଦଳନ ଦୃଶ୍ୟାଭିନୟ ହେଉଥିବାରୁ ଫକୀରା ବନ୍ଧକୁ ବର୍ଷକୁ ଥରେ ସଫା ସୁତୁରା କରାଯାଇଥାଏ। କିନ୍ତୁ ଅନ୍ୟ ଜଳାଶୟ ଗୁଡ଼ିକ ପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ। ଅନ୍ୟପଟେ ନାଗାବନ୍ଧଲୀ ଉପରେ ପାଇଖାନା ନିର୍ମାଣ କରାଯାଇଛି। ଜଳାଶୟ ପୋତି ହେଉଥିବା ଯୋଗୁ କେବଳ ଲୋକେ ନୁହଁନ୍ତି, ଗାଈଗୋରୁ, ଛେଳିମେଣ୍ଢା ଗୃହପାଳିତ ପଶୁ ମଧ୍ୟ ହଟହଟା ହେଉଛନ୍ତି।
–ସୁରେଶ ମହାପାତ୍ର, ଅମ୍ୱାପାଲି

### ପର୍ଯ୍ୟାୟକ୍ରମେ ପୁନରୁଦ୍ଧାର ହେବ



“ସହରରେ ରହିଥିବା ଜଳାଶୟ ଗୁଡ଼ିକର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି। ମନାବନ୍ଧ, ପୂର୍ଣ୍ଣବନ୍ଧ, ନିଲିବନ୍ଧ, ମହାନ୍ତି ବନ୍ଧ, ଦାନୀକଟା, ରାନୀକଟା ଜଳାଶୟର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଯାଇଛି। ଜଳାଶୟଗୁଡ଼ିକର ସଫା ସୁତୁରାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ପର୍ଯ୍ୟାୟକ୍ରମେ ସମସ୍ତ ଜଳାଶୟ ଯେଭଳି ପୁନରୁଦ୍ଧାର ହେବ, ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଜଳାଶୟ ଗୁଡ଼ିକରେ ଜଳ ସଂରକ୍ଷଣ କରାଯିବା ସହ ତାହା କିଭଳି ଲୋକଙ୍କ ବ୍ୟବହାର ଉପଯୋଗୀ ହୋଇପାରିବ, ସେ ଦିଗରେ ନିଶ୍ଚିତ ଭାବେ ବିହିତ ପଦକ୍ଷେପ ନିଆଯିବ।
–ଦେବେଶ ଆଚାର୍ଯ୍ୟ, ବିଧାୟକ

## ସଂକ୍ଷେପରେ

### ଗଞ୍ଜେଇ ଚାଷ ମାମଲାର ଫେରାର ଅଭିଯୁକ୍ତ ଗିରଫ

ବାଉଁଶୁଣୀ,୨୭।୫(ଡି.ଏନ.ଏ.): ବୌଦ୍ଧ ବ୍ଲକର ବାଉଁଶୁଣୀ କଲେଜ ଛକ ନିକଟରୁ ସ୍ଥାନୀୟ ପୋଲିସ ଗଞ୍ଜେଇ ଚାଷ ମାମଲାରେ ସମ୍ପୃକ୍ତ ଥିବା ଜଣେ ଫେରାର ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ପ୍ରକାଶ ଯେ, ଗତ ୨୦୨୦ ମସିହାରେ ବାଉଁଶୁଣୀ ଥାନା ଗୋଛାପଡା ଗ୍ରାମ ପଞ୍ଚାୟତ ଜଟିପାଲି ଗ୍ରାମର ବିକାଶ ଦନ୍ତା ଗଞ୍ଜେଇ ଚାଷ ମାମଲାରେ ଅଭିଯୁକ୍ତ ଥିବା ବେଳେ ଫେରାର ଥିଲେ। ତାଙ୍କ ନାମରେ ବାଉଁଶୁଣୀ ଥାନାରେ ୧୩/୨୦୨୦ରେ ମାମଲା ରୁଜୁ ହୋଇଥିଲା। ପୋଲିସ ତାଙ୍କୁ ତିନି ବର୍ଷ ହେଲା ଖୋଜୁଥିଲା। ସକାଳେ ଅଭିଯୁକ୍ତ କଲେଜ ଛକ ନିକଟରେ ବୁଲାବୁଲି କରୁଥିବା ଖବର ପାଇ ବାଉଁଶୁଣୀ ଥାନା ଅଧିକାରୀ ଅରୁଣ ସିଂଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍ ଚଢାଉ କରିଥିଲା। ପୋଲିସ ଅଭିଯୁକ୍ତ ବିକାଶଙ୍କୁ ଗିରଫ କରି ବୌଦ୍ଧ ଆଣି କୋର୍ଟ ଚାଲାଣ କରିଛି।

### ୧୮ ଲିଟର ବିଦେଶୀ ମଦ ଜବତ: ଜଣେ ଗିରଫ

ବାଉଁଶୁଣୀ,୨୭।୫ (ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଥାନା କନେକପୁର ନିକଟରୁ ଶୁକ୍ରବାର ରାତିରେ ପୋଲିସ ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ତାଲେସରଡା ପଞ୍ଚାୟତ କନେକପୁର ନିକଟରେ ଏକ ଘରେ ବିଦେଶୀ ମଦ କାରବାର ଚାଲିଥିବା ବାଉଁଶୁଣୀ ପୋଲିସକୁ ଖବର ମିଳିଥିଲା। ଫଳରେ ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ଅତର୍କିତ ଚଢ଼ାଉ କରାଯାଇଥିଲା। ଚଢାଉ ସମୟରେ ସେଠାରୁ ୧୮ ଲିଟର ୫୦୦ ମିଲିଲିଟର ବିଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ସୁନନ୍ଦ ବାଘ ନାମକ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅରୁଣ ସିଂ କହିଛନ୍ତି। ଏ ନେଇ ନଂ ୭୭/୨୩ରେ ଏକ ମାମଲା ରୁଜୁ ହୋଇଛି।

### ବିଦ୍ୟାଳୟ ରୂପାନ୍ତରଣ କାମ ମନ୍ଥର

ଲାଠୋର,୨୭।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ଶ୍ରୀଦୁର୍ଗେଶ୍ୱରୀ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବିଦ୍ୟାଳୟ ରୂପାନ୍ତରଣ କାମ ମନ୍ଥର ଗତିରେ ଚାଲିଛି। ୨୦୨୧ମସିହାରେ ୫-ଟିରେ ଅନ୍ତର୍ଭୁକ୍ତ ଏହି ବିଦ୍ୟାଳୟରେ ୨ଗୋଟି ସ୍ମାର୍ଟ ଶ୍ରେଣୀ ଗୃହ, ଗୋଟିଏ ବିଜ୍ଞାନ ପରୀକ୍ଷାଗାର, ଇ-ଲାଇବ୍ରେରୀ, ଶୌଚାଳୟ ଏବଂ ବଗିଚା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିମ୍ନମାନର କାମ ହେଉଥିବା ଅଭିଯୋଗ ପରେ ତତ୍କାଳୀନ ବିଡ଼ିଓ ବିଦ୍ୟାଳୟକୁ ପରିଦର୍ଶନରେ ଆସି କାମର ତଦାରଖ କରି ନୂଆ ଭାବେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନୂଆ ଭାବେ କାମ ଆରମ୍ଭ କରାଗଲା। ହେଲେ ବର୍ତ୍ତମାନ କାମ ଅତି ମନ୍ଥର ଗତିରେ ଚାଲିଛି। ଏକା ସାଙ୍ଗରେ ଆରମ୍ଭ ହୋଇଥିବା ଅନ୍ୟ ବିଦ୍ୟାଳୟର କାମ ସରି କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏହି ବିଦ୍ୟାଳୟରେ ବର୍ତ୍ତମାନ ଯାଏ କାମ ସରିନାହିଁ।

## ଅପହୃତା ଯୁବତୀଙ୍କୁ ଉଦ୍ଧାର କଲେ ଗ୍ରାମବାସୀ

ଲାଞ୍ଜିଗଡ,୨୭।୫(ଡି.ଏନ.ଏ.)

କଳାହାଣ୍ଡି କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନର୍ଲା ଥାନା ଅଞ୍ଚଳ କଦମ୍ବଗୁଡ଼ା ଛକ ନିକଟରୁ ଏକ ପିକଅପ୍ ଭ୍ୟାନରେ ଜଣେ ଯୁବତୀଙ୍କୁ ୪ଜଣ ଯୁବକ ଅପହରଣ କରି ନେଉଥିବାବେଳେ ଗ୍ରାମବାସୀ ଉଦ୍ଧାର କରି ପୋଲିସ ଜିମାରେ ଦେଇଛନ୍ତି। ଏହି ଘଟଣାରେ ଡ୍ରାଇଭରଙ୍କ ସମେତ ୨ଜଣ ଯୁବକଙ୍କୁ ପୋଲିସ ଅଟକ ରଖିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଖବର ଅନୁଯାୟୀ, ଶନିବାର ସକାଳ ୯ରେ କନ୍ଧମାଳ ଜିଲା ବେଲଘର ଅଞ୍ଚଳରୁ ଜଣେ ଯୁବତୀଙ୍କୁ ୪ଜଣ ଯୁବକ ଏକ ପିକଅପ୍ ଭ୍ୟାନରେ ଜୋରଜବରଦସ୍ତି ଅପହରଣ କରି ନେଉଥିଲେ। କଦମ୍ବଗୁଡ଼ା ଛକ ନିକଟରେ ଯୁବତୀ ଜଣଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପିକଅପ୍ ଭ୍ୟାନ ଅଟକାଇବାରୁ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଗ୍ରାମବାସୀ ଯୁବତୀଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେବା ସହ ୪ଜଣ ଯୁବକଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। କୌଶଳକ୍ରମେ ଜଣେ ଯୁବକ ଖସି ପଳାଇଥିବାବେଳେ ପିକଅପ୍ ଭ୍ୟାନର ଡ୍ରାଇଭଙ୍କ ସମେତ ୨ଜଣ ଯୁବକଙ୍କୁ ଅଟକ ରଖି ଗ୍ରାମବାସୀ ପୋଲିସକୁ ହସ୍ତାନ୍ତର କରିଥିଲେ। ଖବର ପାଇ ସିକେରକୁପା ଫାଣ୍ଡି ପୋଲିସ ଅପହରଣର ଶିକାର ଯୁବତୀଙ୍କ ସମେତ ୩ଜଣ ଯୁବକଙ୍କୁ ସିକେରକୁପା ଫାଣ୍ଡିକୁ ଆଣି ପଚରାଉଚୁରା କରୁଥିବା ସୂଚନା ମିଳିଛି।

## ଶିଶୁ ନାଟ୍ୟ କର୍ମଶାଳା ଉଦ୍‌ଯାପିତ



ଅତିଥିମାନେ ନାଟ୍ୟ ସଙ୍କଳନ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପଦ୍ମପୁର,୨୭।୫(ଡି.ଏନ.ଏ.)

ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗ୍ରାମର ସଚେତନ ହେମା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏବଂ ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ସହଯୋଗରେ ଚାଲିଥିବା ସପ୍ତଦିବସୀୟ ନାଟ୍ୟ କର୍ମଶାଳା ଉଦ୍‌ଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ପଦ୍ମପୁର ଉପ ଜିଲାପାଳ ସଦାକର କୁମ୍ଭାର ମୁଖ୍ୟ ଅତିଥି, ପ୍ରଫେସର ଜୟକେତନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପଦେଷ୍ଟା କେଶରଞ୍ଜନ ପ୍ରଧାନ, ଅଶୋକ ବହିଦାର, ରାଜେଶ ବହିଦାର, ସୁରେନ୍ଦ୍ର କୁମାର ସାହୁ, ରମେଶ ଗୁର୍ଲା, ଚିତ୍ରସେନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରାଜକୁମାର ସାହୁ ଓ ଦୟାସାଗର ଧରୁଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ସଙ୍ଗୀତରେ ମାର୍ଗଦର୍ଶନ ପାଇଁ ଲାଦୁ ମହାନନ୍ଦ, ସୁରେନ୍ଦ୍ର ସାହୁ ଓ ରମେଶ ଗୁର୍ଲାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ନାଟ୍ୟକାର ରାଜକୁମାର ସାହୁଙ୍କ ସଚେତନ ଧର୍ମୀ ନାଟକ ସଙ୍କଳନ ‘ପାଏନ ତ ଜୀବନ’ ଉନ୍ମୋଚନ କରାଯାଇଥିଲା। ପ୍ରଫେସର ଡ଼ ଜୟକେତନ ତ୍ରିପାଠୀ ନାଟ୍ୟ ସଂକଳନ ସମୀକ୍ଷା କରିଥିଲେ। ପରେ କର୍ମଶାଳରେ ଯୋଗ ଦେଇଥିବା ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଘନଶ୍ୟାମ ଭୋଇ, ଧର୍ମେନ୍ଦ୍ର ସାହୁ, ଇନ୍ଦ୍ରମଣି ସାହୁ, ସଞ୍ଜୀବ ସାହୁ, ଜୟନ୍ତ ସାହୁ, କବିରାଜ ସ୍ୱାଇଁ, ସତ୍ୟବ୍ରତ ସାହୁ, ସୁବ୍ରତ ସାହୁ, ରବୀନ୍ଦ୍ର ସାହୁ, ଆରାଧ୍ୟ ସାହୁ, ଆଦର୍ଶ ସାହୁ, ରସିକ ବରିହା, ଧରେନ୍ଦ୍ର କଣ୍ଟା ପ୍ରମୁଖ ସହଯୋଗ କରିଥିଲେ।

## ଭଗବତୀ କ୍ରିକେଟ କପ୍: ବଡବନ୍ଧ ବିଜୟୀ

ପୁରୁଣାକଟକ,୨୭।୫(ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଲୁଣିବାହାଲ ପଞ୍ଚାୟତ ଯୁବରାଜପୁର ମା’ ଭଗବତୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ୨୧ ତାରିଖରୁ ଆରମ୍ଭ ହୋଇଥିଲା। ଶେଷ ଦିନରେ ମ୍ୟାଚ ଯୁବରାଜପୁର ଏବଂ ବଡବନ୍ଧ ମଧ୍ୟରେ ହୋଇଥିଲା। ପ୍ରଥମେ ବଡ଼ବନ୍ଧ ଟିମ୍ ବ୍ୟାଟିଂ କରି ୧୦ ଓଭରରେ ୧୫୫ ରନ ହାସଲ କରିଥିବା ବେଳେ ଯୁବରାଜପୁର ଦଳ ୯୧ ରନ ହାସଲ କରି ପରାସ୍ତ ହୋଇଥିଲେ। ଉଦ୍‌ଯାପନୀ ମ୍ୟାଚ ଅବସରରେ ମୁଖ୍ୟଅତିଥି ଭାବେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ସୁବାସ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସନ୍ତୋଷ ପ୍ରଧାନ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ବଳଭଦ୍ର ନାଏକ ଓ ମନୋଜ ବେହେରା ଖେଳ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପାନୀୟ ଜଳ ସମସ୍ୟା, ଜବରଦଖଲ ଉଚ୍ଛେଦ ନେଇ ଆଲୋଚନା

### ଉଫୁଲା ପଞ୍ଚାୟତରେ ମାସିକ ବୈଠକ

ଅମରପାଲି,୨୭।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମପଞ୍ଚାୟତ ସଭା ଗୃହରେ ମାସିକ ବୈଠକ ସରପଞ୍ଚ ଶ୍ରୀୟା କର୍ମୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ସାହୁ ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇ ଥିଲେ। ବୈଠକରେ ପାନୀୟ ଜଳ ଯୋଗାଣ, ନଳକୂପଗୁଡିକର ସ୍ଥିତି, ଜଳ ଯୋଗାଣ ପ୍ରକଳ୍ପରେ ସମସ୍ୟା ନେଇ ଆଲୋଚନା ହେବା ସହ ପଞ୍ଚାୟତର ନିଜସ୍ୱ ଦୋକାନ ଗୃହ ବଣ୍ଟନ, ଦୋକାନ ଗୃହ ଜବରଦଖଲ ଉଚ୍ଛେଦ ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତର ଉଫୁଲା, କାନପୁର ଗ୍ରାମର ଜଳଯୋଗାଣ ପ୍ରକଳ୍ପ ସୁପରିଚାଳନା ନେଇ ଆଲୋଚନା ହୋଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରଭାବ ପାଇଁ ଜଳସ୍ତର ନିମ୍ନଗାମୀ ହେବାରୁ ଗ୍ରାମରେ ଥିବା ନଳକୂପଗୁଡିକରୁ ପାଣି ବାହାରୁ ନ ଥିବାରୁ ପାନୀୟ ଜଳ ସମସ୍ୟା ବିଷୟରେ ଆଲୋଚନା ହୋଇଥିବା ବେଳେ ନିହାତି ଆବଶ୍ୟକ ସ୍ଥଳେ ନଳକୂପଗୁଡିକ ମରାମତି କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପଞ୍ଚାୟତ ତରଫରୁ ଦୋକାନ ଗୃହଗୁଡିକ ଆବଣ୍ଟନ ଓ ଜବରଦଖଲ ନେଇ ଆଲୋଚନା ହୋଇଥିଲା। ସରକାରଙ୍କ ନିଷ୍ପତ୍ତି ପରେ ହିତାଧିକାରୀଙ୍କୁ ଭତ୍ତା ନଗଦ ରାଶିରେ ପ୍ରଦାନ କରାଯିବା ଏବଂ ଭତ୍ତା ବଣ୍ଟନରେ ସ୍ୱଚ୍ଛତା ସାଙ୍ଗକୁ କିପରି ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ହଇରାଣ ନ ହେବେ ସେ ନେଇ ଆଲୋଚନା ହୋଇଥିଲା। ନାଏବ ସରପଞ୍ଚ କଲ୍ୟାଣୀ ମହାପାତ୍ର, ଯୋଗାଣ ସହାୟକ ଦେବେନ୍ଦ୍ର ପଣ୍ଡାଙ୍କ ସହ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

## ରାଷ୍ଟ୍ରୀୟ କବି ସଙ୍ଗମରେ ବରଗଡ଼ କବି

ବରଗଡ଼ ଅଫିସ୍, ୨୭।୫

ରାଷ୍ଟ୍ରୀୟ କବି ସଙ୍ଗମ ତରଫରୁ ଭୁବନେଶ୍ୱରର ତେରାପନ୍ତ ଭବନଠାରେ ଶୁକ୍ରବାର ତୃତୀୟ ପ୍ରାନ୍ତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଧିବେଶନରେ ରାଷ୍ଟ୍ରୀୟ ଅଧ୍ୟକ୍ଷ, ରାଷ୍ଟ୍ରୀୟ ମହାମନ୍ତ୍ରୀ ସହ ପ୍ରାନ୍ତୀୟ ପଦାଧିକାରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବରଗଡ ଜିଲା ରାଷ୍ଟ୍ରୀୟ କବି ସଙ୍ଗମର ସଭାନେତ୍ରୀ ଦର୍ଶନା ଅଗ୍ରୱାଲଙ୍କ ନେତୃତ୍ୱରେ କବି ସରଦାର ପ୍ରୀତମ ସିଂ, ଅଭିଜିତ ପ୍ରତିହାର, ସଦାଶିବ କର, କବି ପଣ୍ଡିତ ଗୋପବନ୍ଧୁ ପୁରୋହିତ, ବିଷ୍ଣୁ ଚରଣ ପ୍ରଧାନ, ଖୁସବୁ ଶର୍ମା ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରି ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ ହୋଇଥିଲେ। ଦ୍ୱିତୀୟ ଅଧିବେଶନ ରାଜଭବନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଉପସ୍ଥିତିରେ ରାଜ୍ୟର କବିମାନଙ୍କ ଦ୍ୱାରା କବିତା ପାଠ ହୋଇଥିଲା। ବରଗଡ଼ ଜିଲା ରାଷ୍ଟ୍ରୀୟ କବି ସଙ୍ଗମ ତରଫରୁ ସଭାନେତ୍ରୀ ଦର୍ଶନା ଅଗ୍ରୱାଲ ଦେଶାତ୍ମବୋଧକ ହିନ୍ଦୀ କବିତା ପାଠ କରି ସମ୍ବର୍ଦ୍ଧିତ ହୋଇଥିଲେ।



ବରଗଡ଼ରୁ ପ୍ରତିନିଧିତ୍ୱ କରିଥିବା କବିଗଣ।

## ଶଙ୍କରା ପାକ୍ସରେ ୨ଦିନ ହେବ ଧାନକିଣା

ବିନିକା,୨୭।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ଶଙ୍କରା ପ୍ୟାକ୍ସରେ ଧାନକିଣା ବନ୍ଦ କରି ଜିଲା ଯୋଗାଣ ବିଭାଗ ଚଳିତ ରବି ଋତୁରେ କଇଁତରା ଆରଏମସି ମଣ୍ଡିରେ ଧାନ କିଣିବା ନେଇ ନିର୍ଦ୍ଦେଶ କରିଥିଲା। ଏ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଚାଷୀମାନେ ଶଙ୍କରା ପ୍ୟାକ୍ସ ମାଧ୍ୟମରେ ଧାନକିଣା ଦାବି ନେଇ ଗତ ୨୩ ତାରିଖରେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ଫଳରେ ଜିଲାପାଳ ପ୍ରତି ସପ୍ତାହର ଶନିବାର ଓ ରବିବାର ଦୁଇଦିନ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ଚାଷୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଚାଷୀଙ୍କ ନ୍ୟାର୍ଯ୍ୟ ଦାବି ପୂରଣ କରିଥିବାରୁ ସରପଞ୍ଚ ଅଶୋକ ପୃଷ୍ଟି ଜିଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ବାଳିକା ହାଇସ୍କୁଲରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

ବରଗଡ଼ ଅଫିସ୍,୨୭।୫

ବରଗଡ଼ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଶନିବାର ବିଭିନ୍ନ ପ୍ରକଳ୍ପ ଉନ୍ମୋଚିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଡିଇଓ ମିତ୍ରଭାନୁ କଚ୍ଛପ, ଏଡିଇଓ ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରୀ, ପାଇକମାଳ ବିଇଓ ଚୂଡ଼ାମଣି ବାରିକ, ସୋହେଲା ବିଇଓ ଅମୃତା ସାହୁ, ଭେଡ଼େନ ବିଇଓ ମଚ୍ଛିନ୍ଦ୍ର ମଲ୍ଲିକ, ଭଟଲି ବିଇଓ ସରୋଜ କୁମାର ଭୁଏ, ବିବେକାନନ୍ଦ ଅଦାବର, ବରଗଡ଼ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେଶ୍ୱର ରଥ, ପରିଚାଳନା କମିଟି ସଭାପତି ଅଶୋକ ମଲ୍ଲିକ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେଣୁ ଦାଶ ଶର୍ମା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ମହିୟସୀ ମହିଳାଙ୍କ ଫଟୋ ଗ୍ୟାଲେରୀ, ପଠନ କକ୍ଷ, ପତାକା ପୀଠ ଆଦିକୁ ମୁଖ୍ୟ ଅତିଥି ଲୋକାର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ଥର ପାଇଁ ବିଦ୍ୟାଳୟର ତ୍ରୈମାସିକ ପତ୍ରିକା ଉନ୍ମୋଚିତ ହୋଇଥିଲା। ଉକ୍ତ ସମାରୋହରେ ଚଳିତ ବର୍ଷ ଦଶମ ପରୀକ୍ଷାରେ ଏ-୨ ଗ୍ରେଡ୍ ହାସଲ କରିଥିବା ମାନସୀ ସାହୁ, ଏନ୍‌ଏମ୍‌ଏମ୍‌ଏସ୍‌ରେ କୃତକାର୍ଯ୍ୟ ହୋଇଥିବା ପ୍ରସ୍ମିତା ଭୋଇ ଓ ଦୁଲଣା କୁମ୍ଭାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନବମ ଶ୍ରେଣୀର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାରୁଶିଳ୍ପୀ ବଳିଷ୍ଠ ସାହୁଙ୍କୁ ମଧ୍ୟ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତି ସାହୁ, ନନ୍ଦିନୀ ପ୍ରଧାନ ଏବଂ ସିଆର୍‌ସିସି ନମିତା ପଟ୍ଟନାୟକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ନନ୍ଦିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରକଳ୍ପ ଉନ୍ମୋଚନ ସମାରୋହରେ ଅତିଥିବୃନ୍ଦ ଏବଂ ଅନ୍ୟମାନେ।

## ମହିଳାଙ୍କୁ ଫାଇନାନ୍ସ କର୍ମଚାରୀଙ୍କ ମାଡ଼, ଥାନାରେ ଏତଲା

ବରଗଡ଼ ଅଫିସ୍, ୨୭।୫

ବରଗଡ଼ ଟାଉନ ଥାନା ଅନ୍ତର୍ଗତ ନଦୀପଡା (ଡାଙ୍ଗ)ରେ ଶନିବାର ଜଣେ ମହିଳାଙ୍କୁ ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀର କର୍ମଚାରୀ ମାଡ଼ ମାରିଛନ୍ତି। ଏ ନେଇ ମହିଳା ଜଣକ ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି । ପୋଲିସ ଘଟଣାର ତଦନ୍ତ କରୁଛି।

ସୂଚନା ଅନୁସାରେ, ବରଗଡ଼ ସହର ଉପକଣ୍ଠ ନଦୀପଡା(ଡାଙ୍ଗ)ର କିଛି ମହିଳା ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀରୁ ଋଣ ନେଇଥିଲେ। ଋଣ ଟଙ୍କା ମାସକୁ ୨୭ ସହ ଟଙ୍କା ଲେଖାଏଁ ସେମାନେ ପୈଠ କରିଆସୁଥିଲେ। ତେଣୁ ଶନିବାର ଜଣେ ଫାଇନାନ୍ସ କର୍ମଚାରୀ ନଦୀପଡାକୁ ଟଙ୍କା ସଂଗ୍ରହ କରିବାକୁ ଯାଇଥିଲେ। ତେବେ ଜଣେ ମହିଳା ବନିତା ମାଝୀଙ୍କ ମା’ ଓ ଶାଶୁଙ୍କ ଗତ ୧୫ଦିନ ମଧ୍ୟରେ ଦେହାନ୍ତ ହୋଇଥିବାରୁ ତାଙ୍କର ମାସିକ ଦେୟ ପ୍ରଦାନ ବିଳମ୍ବ ହୋଇଥିଲା। ଫାଇନାନ୍ସ କର୍ମଚାରୀ ଟଙ୍କା ଦେବାକୁ ବାଧ୍ୟ କରିବାରୁ ସେ ଉଧାର ଆଣି ଟଙ୍କା ପରିଶୋଧ କରିଥିଲେ। ତେବେ କିଛି ହେବା ଦର୍ଶାଇ ଫାଇନାନ୍ସ କର୍ମଚାରୀ ଜଣକ ଅଧିକ ୬ଶହ ଟଙ୍କା ନେଇଥିଲେ। କିନ୍ତୁ ରସିଦ ଦେଇ ନ ଥିଲେ। ଅନ୍ୟପକ୍ଷେ ରସିଦ ବଦଳରେ ତାଙ୍କୁ ଜାତି ଆକ୍ଷେପ ସହ ମାଡ଼ ମାରିଥିବା ବନିତା ପୋଲିସରେ ଅଭିଯୋଗ କରିଛନ୍ତି। ଏତଲା ପାଇବା ପରେ ପୋଲିସ ଏହାର ତଦନ୍ତ କରୁଛି। ମହିଳାଙ୍କୁ ମାଡ ମାରିଥିବା ସମ୍ପୃକ୍ତ ଫାଇନାନ୍ସ କର୍ମଚାରୀଙ୍କୁ ଗିରଫ କରିବାକୁ ନଦୀପଡାର ମହିଳା ସଂଗଠନ ଦାବି କରିଛନ୍ତି।



ଫାଇନାନ୍ସ କର୍ମଚାରୀଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏତଲା ଦିଆଯାଇଛି।

## ସଂକ୍ଷେପରେ

### କାଳବୈଶାଖୀରେ ଉଡିଲା ଆଜବେଷ୍ଟସ, ଭାଙ୍ଗିଲା ଗଛ

**ଜମନକିରା,୨୭।୫ (ଡି.ଏନ୍.ଏ.):** ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀରେ ଜମନକିରା ବ୍ଲକ ସମେତ ଖର୍ଷନମାଲ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଅନେକ କ୍ଷୟକ୍ଷତି ହୋଇଛି। କାଳବୈଶାଖୀ ଯୋଗୁ ଏକ ବିରାଟ ଗଛ ଉପୁଡ଼ି ଯିବାରୁ ଖର୍ଷନମାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଥମୁଣ୍ଡା, କାଣିବନ୍ଧଲି ଆଦି ଗ୍ରାମ ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରାସ୍ତାର ଅବରୋଧ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହା ବ୍ୟତୀତ ଅଞ୍ଚଳରେ ଅନେକ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହିତ ଆଜବେଷ୍ଟସ, ଛଣ, ଛପର ଉଡିଯାଇଛି। ବିଦ୍ୟୁତ ଖମ୍ବ ମଧ୍ୟ ଭାଙ୍ଗି ସରବରାହ ବାଧାପ୍ରାପ୍ତ ହୋଇଛି। ଏଭଳି ସ୍ଥିତିରେ କୁଚିଣ୍ଡାର ପୂର୍ବତନ ବିଧାୟକ ରବିନାରାୟଣ ନାଏକ କ୍ଷୟକ୍ଷତି ହୋଇଥିବା ଲୋକଙ୍କ ପାଖରେ ପହଞ୍ଚି ସମସ୍ୟା ବୁଝିଛନ୍ତି। ପ୍ରଶାସନିକ ଅଧିକାରୀମାନଙ୍କୁ ଏହା ଅବଗତ କରାଇ ପ୍ରତିକାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### କଳାହାଣ୍ଡି ମେଡିକାଲ କଲେଜ ନାମକରଣ ପାଇଁ କମିଟି ଗଠିତ

**ଭବାନୀପାଟଣା,୨୭।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସରକାରୀ ମେଡିକାଲ କଲେଜର ନାମକରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ବିଭାଗର ସ୍ୱତନ୍ତ୍ର ସଚିବଙ୍କ ଅଧକ୍ଷତାରେ ଗଠିତ ହୋଇଥିବା କମିଟିରେ ୫ଜଣ ସଦସ୍ୟ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ, ଡିଏମ୍ଇଟି, ଅତିରିକ୍ତ ଡିଏମ୍ଇଟି ତଥା ଭବାନୀପାଟଣାସ୍ଥିତ ମେଡିକାଲ କଲେଜର ଭାରପ୍ରାପ୍ତ ଅଧିକାରୀ ଓ ବିଭାଗର ଲୋକସମ୍ପର୍କ ଅଧିକାରୀ ଏହାର ସଦସ୍ୟ ରହିଛନ୍ତି। ଆସନ୍ତା ୩ ଦିନ ଭିତରେ କମିଟି ନାମକରଣ ସମ୍ପର୍କିତ ପ୍ରସ୍ତାବ ବିଭାଗକୁ ପ୍ରଦାନ କରିବାକୁ କୁହାଯାଇଛି।

### ବିଦ୍ୟାଳୟ ରୂପାନ୍ତରଣ କାମ ମନ୍ଥର

**ଲାଠୋର,୨୭।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ଶ୍ରୀଦୁର୍ଗେଶ୍ୱରୀ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବିଦ୍ୟାଳୟ ରୂପାନ୍ତରଣ କାମ ମନ୍ଥର ଗତିରେ ଚାଲିଛି। ୨୦୨୧ମସିହାରେ ୫-ଟିରେ ଅନ୍ତର୍ଭୁକ୍ତ ଏହି ବିଦ୍ୟାଳୟରେ ୨ଗୋଟି ସ୍ମାର୍ଟ ଶ୍ରେଣୀ ଗୃହ, ଗୋଟିଏ ବିଜ୍ଞାନ ପରୀକ୍ଷାଗାର, ଇ-ଲାଇବ୍ରେରୀ, ଶୌଚାଳୟ ଏବଂ ବଗିଚା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିମ୍ନମାନର କାମ ହେଉଥିବା ଅଭିଯୋଗ ପରେ ତତ୍କାଳୀନ ବିଡ଼ିଓ ବିଦ୍ୟାଳୟକୁ ପରିଦର୍ଶନରେ ଆସି କାମର ତଦାରଖ କରି ନୂଆ ଭାବେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନୂଆ ଭାବେ କାମ ଆରମ୍ଭ କରାଗଲା। ହେଲେ ବର୍ତ୍ତମାନ କାମ ଅତି ମନ୍ଥର ଗତିରେ ଚାଲିଛି। ଏକା ସାଙ୍ଗରେ ଆରମ୍ଭ ହୋଇଥିବା ଅନ୍ୟ ବିଦ୍ୟାଳୟର କାମ ସରି କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏହି ବିଦ୍ୟାଳୟରେ ବର୍ତ୍ତମାନ ଯାଏ କାମ ସରିନାହିଁ ଫଳରେ ଏଠିକାର ପିଲା ଏହି ସବୁ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି। ଏ ନେଇ ବିଡ଼ିଓ ବିଜୟ କୁମାର ହୋତାଙ୍କୁ ପଚାରିବାରୁ ସମ୍ପୃକ୍ତ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ କେମିତି କାମ ଶୀଘ୍ର ସରିବ।

# ସାଇକେଲରେ ସେମାନଙ୍କ ସଂସାର

**ସମ୍ବଲପୁର,୨୭।୫ (ବ୍ୟୁରୋ)**


ସାଇକେଲରେ ବୁଧୁରାମ ଶବରଙ୍କ ପରିବାର।

ଏହି ୩ ଚକିଆ ସାଇକେଲରେ ଆମ ସଂସାର । ସକାଳ ସୂର୍ଯ୍ୟ ଉଦୟ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପୁରା ପିଲା ଛୁଆ ଧରି ପରିବାର ଅଧିକ ସମୟ ସାଇକେଲରେ ବିତି ଯାଇଥାଏ। ସାଇକେଲରେ ପୁରା ପରିବାର ରୋଜଗାର ଅନ୍ୱେଷଣରେ ବାହାରି ଯାଇଥାଉ। ବିଭିନ୍ନ ଜନଗହଳି ସ୍ଥାନକୁ ଯାଇ ଲୋକଙ୍କଠୁ ଖାଇବା ଓ ଆର୍ଥିକ ସହଯୋଗ ଦେବାକୁ ହାତ ପାତିଥାଉ। ଅନେକ ବଦାନ୍ୟ ବ୍ୟକ୍ତି ମଧ୍ୟ ସହଯୋଗ କରନ୍ତି। ପରିବାରକୁ ଦୁଇମୁଠା ଖାଇବାକୁ ମିଳି ଯାଇଥାଏ। ହେଲେ ଖରା ବର୍ଷା ଶୀତ ଦାଉରୁ ରକ୍ଷା ପାଇବା ପାଇଁ ମୁଣ୍ଡରେ ଛାତ ଖଣ୍ଡିଏ ନାହିଁ। ଏଭଳି ପରିସ୍ଥିତିରେ ଘର କରିବା ଅସମ୍ଭବ। ତେଣୁ ସରକାରୀ ଯୋଜନାରେ ଘର ଖଣ୍ଡିଆ ଯୋଗାଇ ଦିଆଯାଉ ବୋଲି କହିଛନ୍ତି ଝୁମୁମୁରା ବ୍ଲକ କୟାକୁଦ ଗ୍ରାମର ବୁଧୁରାମ ଶବର। ବୁଧୁଙ୍କ କହିବା ଅନୁସାରେ ସେ ପିଲାଦିନରୁ ଦିବ୍ୟାଙ୍ଗ। ବହୁକଷ୍ଟରେ ଜୀବନ କଟି ଯୁବାବସ୍ଥା ଅତିବାହିତ ହୋଇଥିଲା। ପରେ ସ୍ତ୍ରୀ ସମାରୀ ଜୀବନରେ ଆସିଥିଲେ। ଯେତେ ଦୁଃଖକଷ୍ଟ ଥିଲା, ଅର୍ଦ୍ଧାଙ୍ଗୀନୀ ସବୁ ଭାଗ କରି ନେଲେ। ଏବେ ମଧ୍ୟ ପରିବାର ପ୍ରତିପୋଷଣ ଓ ଅନ୍ୟ ସବୁ ଦୁଃଖସୁଖରେ ସାଥି ହୋଇ ଛିଡା ହୋଇଛନ୍ତି। ୫ବର୍ଷର ଗୋଟିଏ ଝିଅ ଓ ଦୁଇ ବର୍ଷର ଗୋଟିଏ ପୁଅ। ବେଶ ଖୁସିରେ ପରିବାର। ହେଲେ ଆର୍ଥିକ ଅନଟନ ଏବେ ବଡ ସମସ୍ୟା ହୋଇ ଦେଖା ଦେଇଛି। ଦୁଇ ପିଲାଙ୍କୁ ନେଇ ଏହି ତିନି ଚକିଆ ସାଇକେଲରେ ମାଗିବାକୁ ନିକଟସ୍ଥ ଗ୍ରାମ ଓ ବଜାରକୁ ଯାଇଥାଉ। ପରିବାର ଦୁଃଖ ଦେଖିଲେ ଲୋକମାନେ ଟଙ୍କା ଓ ଖାଇବା ସାମଗ୍ରୀ ଦିଅନ୍ତି। ହାତରେ ପାଇଡେଲ ମାରିଥାଉ। ଥକା ନ ହେଲେ ସ୍ତ୍ରୀ ସମାରୀ ପଛପଟୁ ଠେଲି ସହଯୋଗ କରନ୍ତି। ସମାରୀ ସହ ଦୁଇପିଲା ସାଇକେଲରେ ବସି ରାସ୍ତାରେ ଯିବା ଆସିବା କରିଥାଉ। ସେସମୟରେ ବହୁତ ଖୁସି ଅନୁଭବ ହୋଇଥାଏ । ବଡ ଗାଡି ଭାଗ୍ୟରେ ନାହିଁ ହେଲେ ଏହି ସାଇକେଲ ଆମ ପାଇଁ ଖୁସି। କିଛି ବର୍ଷ ପୂର୍ବରୁ ସରକାରୀ ସହାୟତା ମିଳିଥିଲା। ସାଇକେଲ ମରାମତି କରିବାକୁ କିଛି ସାମଗ୍ରୀ ଜିଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିଲା। କୟାକୁଦ ଗ୍ରାମ ଛକ ରାସ୍ତା କଡରେ ବସଷ୍ଟପ ପାଖରେ ସାଇକେଲ ମରାମତି କରି ରୋଜଗାର କରୁଥିଲେ। ହେଲେ ଜାତୀୟ ରାଜପଥ ପ୍ରଶସ୍ତିକରଣ ସମୟରେ ଉକ୍ତ କୁଡିଆ ଦୋକାନ ଭାଙ୍ଗି ଦିଆଯାଇଥିଲା। ଏବେ ରୋଜଗାର କରିବାର ଏକମାତ୍ର ପନ୍ଥା ବନ୍ଦ ହୋଇଗଲା। ଦୁଇ ପିଲାଙ୍କୁ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖାଇଛି। ସରକାରୀ ଯୋଜନାରେ ଭତ୍ତା ଓ ପିଡିଏସ ସାମଗ୍ରୀ ମିଳୁଛି। ହେଲେ ୪ ଜଣ ଏକ ମାସ ପାଇଁ ପେଟ ପୁରୁ ନାହିଁ। ତେଣୁ ଲୋକଙ୍କ ପାଖରୁ ସହାୟତା ମାଗିବାକୁ ପଡୁଛି। ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରଙ୍କ ଅନେକ ଯୋଜନା ରହିଛି। କୌଣସି ଯୋଜନାରେ ସ୍ଥାୟୀ ରୋଜଗାର ବ୍ୟବସ୍ଥା ସୁବିଧା କରାଇଦେଲେ ଏଭଳି ଖରା ବର୍ଷା ଶୀତରେ ପିଲା ଛୁଆକୁ ନେଇ ମାଗି ଯିବାକୁ ପଡିବ ନାହିଁ । ସ୍ତ୍ରୀ ସମାରୀ ମଧ ବ୍ୟବସାୟରେ ସହଯୋଗ କରିପାରିବେ। ଦୁଇ ପିଲାଙ୍କୁ ପାଇଁ ଆମେ ବେଶ ଖୁସି ରହିଛୁ । ହେଲେ ଆର୍ଥିକ ଅନଟନ ହେବା ଫଳରେ ପୁଇ ପିଲାଙ୍କୁ ଭଲ ଭବିଷ୍ୟତ ଦେଇ ପାରିବେ ନାହିଁ। ତେଣୁ ପିଲାମାନଙ୍କ ପାଠପଢାରେ ମଧ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

**ଦିବ୍ୟାଙ୍ଗ ବୁଧୁଙ୍କ ସାହସିକତା ବାର୍ତ୍ତା**

# ଦେବଗଡ଼ ଜିଲାରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ



ଦିବ୍ୟାଙ୍ଗ ଚୟନ ନିମନ୍ତେ ଶିବିର।

**ଦେବଗଡ଼, ୨୭।୫(ଡି.ଏନ.ଏ.)**

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଏବଂ ଜିଲା ଦୌରା ଜଜ ତଥା ଅଧକ୍ଷ ଜିଲା ଆଇନ ସେବା ପ୍ରାଧିକରଣ ଗୌତମ ଶର୍ମା ଏବଂ ସଚିବ ଜିଲା ଆଇନ ସେବା ପ୍ରାଧିକରଣ ଅପୁର୍ବା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଚଳିତ ମାସ ୨୨ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଛି। ଏହି ସ୍ୱତନ୍ତ୍ର ଅଭିଯାନରେ ଜିଲା ଆଇନ ସେବା ପ୍ରାଧିକରଣ ଦେବଗଡ କାର୍ଯ୍ୟାଳୟର ପାରା ଲିଗାଲ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପ୍ରତ୍ୟେକ ଗ୍ରାମରେ ଦିବ୍ୟାଙ୍ଗ ଚୟନ ନିମନ୍ତେ ବିଭିନ୍ନ ଶିବିର ଅନୁଷ୍ଠିତ ହେଉଛି। ଜିଲାରେ ଥିବା ଦିବ୍ୟାଙ୍ଗମାନେ ଯେପରି ସେମାନଙ୍କର ଅଧିକାରରୁ ବଞ୍ଚିତ ନ ହୁଅନ୍ତି ତଥା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସରକାରୀ ସୁବିଧାକୁ ସହଜରେ ପାଇପାରିବେ ତାହା ହିଁ ଏହି ଅଭିଯାନର ମୂଳ ଲକ୍ଷ୍ୟ। ସେମାନଙ୍କଠାରୁ ଦରଖାସ୍ତ ଗ୍ରହଣ କରି ବିଭାଗୀୟ ଅଧିକାରୀଙ୍କୁ ତାହାର ସଫଳ ରୂପାୟନ ନିମନ୍ତେ ଯୋଗାଯୋଗ କରାଯାଉଛି। ବିଭିନ୍ନ ସେବା ଦିବ୍ୟାଙ୍ଗମାନଙ୍କୁ ଆଇନଗତ ସାହାଯ୍ୟ/ ସେବା ଯୋଗାଇ ଦେବା ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ତରଫରୁ ଏହି ଅଭିଯାନ ନିମନ୍ତେ ଏକ ଟୋଲ ଫ୍ରି ହେଲ୍ପ ଲାଇନ ନମ୍ବର ୧୮୦୦୩୪୫୬୭୫୭୧ ଜାରିକରାଯାଇଛି।

# ସୋସିଆଲ ମିଡ଼ିଆରେ ଫେକ୍ ଆକାଉଣ୍ଟ କରି ରାଜନୀତି

**ଦେବଗଡ଼ ୨୭।୫(ଡି.ଏନ୍.ଏ.)**

- ନେତା ନେତ୍ରୀଙ୍କର ଫେଶବୁକରେ ମାଲମାଲ ଫେକ୍ ଆକାଉଣ୍ଟ
- ସାମାନ୍ୟ ସାହାଯ୍ୟ କରି ଫେକ୍ ଆକାଉଣ୍ଟରେ ପ୍ରଚାର ଓ ପ୍ରସାର

ସୋସିଆଲ ମିଡ଼ିଆ ଯୁଗରେ ସମସ୍ତେ ଫେଶବୁକ, ଟ୍ୱିଟର, ହ୍ୱାଟ୍ସଆପ ଆଦି ବ୍ୟବହାର କରୁଛନ୍ତି। ଅନେକ ସୋସିଆଲ ମିଡିଆ ଦ୍ୱାରା ବାନ୍ଧି ହୋଇଥିବାବେଳେ ଦେବଗଡ଼ ଜିଲାର ନେତାନେତ୍ରୀମାନେ ମଧ୍ୟ ଏଥିରୁ ବାଦ ପଡ଼ିନାହାନ୍ତି। ଆଗକୁ ନିର୍ବାଚନ। ସେଥିପାଇଁ ସୋସିଆଲ ମିଡ଼ିଆରେ ପୋଷ୍ଟକରି ନିଜର ପ୍ରଚାର ଓ ପ୍ରସାର ଆରମ୍ଭ କରିଛନ୍ତି। କେତେଜଣ ନେତାନେତ୍ରୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମକୁ ଯିବା ମାତ୍ରେ ସଙ୍ଗେ ସଙ୍ଗେ ଫେଶବୁକରେ ପୋଷ୍ଟ କରାଯାଉଥିବା ଦେଖିବାକୁ ମିଳିଛି। ହେଲେ କେତେକ ନେତାନେତ୍ରୀଙ୍କ ଏହି ପୋଷ୍ଟରେ ସେୟାର୍, କମେଣ୍ଟ, ଲାଇକ୍ ଆସୁ ନ ଥିବାରୁ ସେମାନେ ବିଭିନ୍ନ ନାମରେ କରିଛନ୍ତି ମାଲମାଲ ଫେକ୍ ଆକାଉଣ୍ଟ। କୌଣସି ବ୍ୟକ୍ତି କି ନେତାନେତ୍ରୀ ଯିଏ ବି କିଛି ଭଲ କାମ କରୁଛନ୍ତି ସେ ପୋଷ୍ଟ କରିଲେ ନିଶ୍ଚିତ ଭାବରେ ସେୟାର୍, କମେଣ୍ଟ, ଲାଇକ ଆସିବ। କିନ୍ତୁ ସେଥିପ୍ରତି ଏମାନଙ୍କର ଧ୍ୟାନ ନାହିଁ। ଏମାନଙ୍କୁ ଦରକାର କିଛି ନ କରି ସେୟାର୍, କମେଣ୍ଟ, ଲାଇକ୍। ଏପରି ରାଜନୀତି କରୁଛନ୍ତି କେତେଜଣ ନେତାନେତ୍ରୀ। ଏମାନଙ୍କୁ କୌଣସି କାମ ନ କରି ଲୋକପ୍ରିୟତା ଦରକାର। କୌଣସି ବ୍ୟକ୍ତି ପୀଡିତ ଥିଲେ ତାଙ୍କୁ ଯଦି ହରଲିକ୍ସଟେ ଦେଲେ ତାକୁ ବି ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। କାହାକୁ ଡାକ୍ତରଖାନା ନେଲେ ବା କୌଣସି ବିପନ୍ନ ଲୋକଙ୍କୁ ସାମାନ୍ୟ ସାହାଯ୍ୟ କଲେ ବି ସୋସିଆଲ ମିଡ଼ିଆରେ ପୋଷ୍ଟ କରାଯାଉଛି। ଏପରି ଅନେକ ପୋଷ୍ଟ କରିବାରେ ବ୍ୟସ୍ତ କେତେଜଣ ନେତାନେତ୍ରୀ। ସାମାନ୍ୟ କାମ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରିବାକୁ ମଧ୍ୟ ପଛାଉନାହାନ୍ତି ନେତାନେତ୍ରୀ। ଯାହା ବୁଦ୍ଧିଜୀବୀ ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ ଚକିତ କରୁଛି। କେତେଜଣ ନେତାନେତ୍ରୀ ନିଜେ ପୋଷ୍ଟ ନ କରି ଅନ୍ୟ କାହା ଦ୍ୱାରା ପୋଷ୍ଟ କରାଉଛନ୍ତି। ଯେଉଁ ପୋଷ୍ଟରେ ବହୁତ ଭୁଲ ଲେଖା ଥିବାର ମଧ୍ୟ ଦେଖିବାକୁ ମିଳେ। ନେତା ହେବା ଏତେ ନିଶା ଯେ ସେମାନେ ଅନ୍ୟ ଲୋକ ଭରସାରେ ନିଜର ବ୍ୟକ୍ତିଗତ ଆଇଡିକୁ ସୋସିଆଲ ମିଡିଆର ବ୍ୟବହାର କରାଉଛନ୍ତି। ଫେକ୍ ଆକାଉଣ୍ଟ କରି ଯୁକ୍ତିତର୍କ, ବିତର୍କ କରୁଛନ୍ତି। ଦେବଗଡ଼ ଜିଲାକୁ ଏକ ନମ୍ବର କରିବା ମଧ ସ୍ୱପ୍ନ ଦେଖାଉଛନ୍ତି। ହେଲେ ଏଠି କଥା ଉଠୁଛି ଯେ ନିଜେ ସାମନାକୁ ନ ଆସି ଏପରି ଫେକ୍ ଆକାଉଣ୍ଟ କରି ସୋସିଆଲ ମିଡିଆରେ ପୋଷ୍ଟ କରିଦେଲେ କ'ଣ ଦେବଗଡ଼ ସୁଧୁରି ଯିବ। ଲୋକଙ୍କ ସମସ୍ୟା, ଅଞ୍ଚଳର ସମସ୍ୟା ସମାଧାନ ନ କରି କେବଳ ସୋସିଆଲ ମିଡିଆରେ ପୋଷ୍ଟ କରି ଚାଲିଲେ କଣ ଲୋକଙ୍କ ସମସ୍ୟା ସୁଧୁରିଯିବ ବୋଲି ପ୍ରଶ୍ନ ଉଠୁଛି। ଏଭଳି ନେତାନେତ୍ରୀ ଲୋକଙ୍କର କେତେପ୍ରିୟ ହୋଇପାରୁଛନ୍ତି ତାହା ଭବିଷ୍ୟତରେ ଜଣାପଡ଼ିବ।

# ଅପହୃତା ଯୁବତୀଙ୍କୁ ଉଦ୍ଧାର କଲେ ଗ୍ରାମବାସୀ

**ଲାଞ୍ଜିଗଡ,୨୭।୫(ଡି.ଏନ.ଏ.)**

କଳାହାଣ୍ଡି କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନର୍ଲା ଥାନା ଅଞ୍ଚଳ କଦମ୍ବଗୁଡ଼ା ଛକ ନିକଟରୁ ଏକ ପିକଅପ୍ ଭ୍ୟାନରେ ଜଣେ ଯୁବତୀଙ୍କୁ ୪ଜଣ ଯୁବକ ଅପହରଣ କରି ନେଉଥିବାବେଳେ ଗ୍ରାମବାସୀ ଉଦ୍ଧାର କରି ପୋଲିସ ଜିମାରେ ଦେଇଛନ୍ତି। ଏହି ଘଟଣାରେ ଡ୍ରାଇଭରଙ୍କ ସମେତ ୨ଜଣ ଯୁବକଙ୍କୁ ପୋଲିସ ଅଟକ ରଖିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଖବର ଅନୁଯାୟୀ, ଶନିବାର ସକାଳ ୯ରେ କନ୍ଧମାଳ ଜିଲା ବେଲଘର ଅଞ୍ଚଳରୁ ଜଣେ ଯୁବତୀଙ୍କୁ ୪ଜଣ ଯୁବକ ଏକ ପିକଅପ୍ ଭ୍ୟାନରେ ଜୋରଜବରଦସ୍ତି ଅପହରଣ କରି ନେଉଥିଲେ। କଦମ୍ବଗୁଡ଼ା ଛକ ନିକଟରେ ଯୁବତୀ ଜଣଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପିକଅପ୍ ଭ୍ୟାନ ଅଟକାଇବାରୁ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଗ୍ରାମବାସୀ ଯୁବତୀଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେବା ସହ ୪ଜଣ ଯୁବକଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। କୌଶଳକ୍ରମେ ଜଣେ ଯୁବକ ଖସି ପଳାଇଥିବାବେଳେ ପିକଅପ୍ ଭ୍ୟାନର ଡ୍ରାଇଭଙ୍କ ସମେତ ୨ଜଣ ଯୁବକଙ୍କୁ ଅଟକ ରଖି ଗ୍ରାମବାସୀ ପୋଲିସକୁ ହସ୍ତାନ୍ତର କରିଥିଲେ। ଖବର ପାଇ ସିକେରକୁପା ଫାଣ୍ଡି ପୋଲିସ କର୍ମଚାରୀ ଗୋକୁଳ ସାହୁ ଓ ବିଶ୍ୱନାଥ ମହଲା ତୁରନ୍ତ ପହଞ୍ଚି ଅପହରଣର ଶିକାର ଯୁବତୀଙ୍କ ସମେତ ୩ଜଣ ଯୁବକଙ୍କୁ ସିକେରକୁପା ଫାଣ୍ଡିକୁ ଆଣି ପଚରାଉଚୁରା କରୁଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ପାଇଁ ନର୍ଲା ଥାନାଧିକାରୀ ଗଙ୍ଗାଧର ମେହେର ମଧ ସିକେରକୁପା ଫାଣ୍ଡିରେ ପହଞ୍ଚିଥିବା ଜଣାପଡ଼ିଛି। ଅପରପକ୍ଷରେ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଫେରାର ଥିବା ପୋଲିସ କହିଛି।

# ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ଆଭାର ପରିବାର ପ୍ରତିଷ୍ଠା ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟ ସଚେତନତା ଓ ରକ୍ତଦାନ ଶିବିର।

**ସମ୍ବଲପୁର,୨୭।୫(ବ୍ୟୁରୋ)**

ଆଭାର ପରିବାର ପ୍ରତିଷ୍ଠା ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟ ସଚେତନତା ଓ ରକ୍ତଦାନ ଶିବିର ଶନିବାର ସମ୍ବଲପୁର ଜଗନ୍ନାଥ କଲୋନୀସ୍ଥିତ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଆଭାର ପରିବାର ପ୍ରତିଷ୍ଠାତା ତଥା ଓଡିଶା ଅଲମ୍ପିକ ଆସୋସିଏସନ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା ସରକାରଙ୍କ ବୁର୍ଲା ଭିମସାର ରକ୍ତ ଭଣ୍ଡାରର ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିଲା। ଏହାକୁ ଡା. ବରୁଣ ମେହେର, ଦେବାଶିଷ ମିଶ୍ର, କାଉନସିଲର ମଣ୍ଟୁ ପ୍ରଧାନ, ଜନକ ବେହେରା, ପାଏନୁ ଭୋଇ, ସଞ୍ଜିବ ବେରା ପରିଚାଳନା କରିଥିଲେ। ପ୍ରେୟାଂଶୁ ଶେଖର ପତି, ସୁବାସ ଚନ୍ଦ୍ର ବାରିକ, କିଶୋର ଓରାମ, ବିକାଶ ଚନ୍ଦ୍ର ଦେବତା, ତୁଷାରକାନ୍ତ ବେହେରା, ଧବଳି ମାଝି, ଅବିନାଶ ବେହେରା, ସମୀର ବିଭାର, ସାଲେଗ୍ରାମ ପ୍ରଧାନ, ଦିଲୀପ କୁମାର ମହାନ୍ତି, ମନୋଜ ଭୋଇ, ରଞ୍ଜନ ମହାକୁଡ, ଅନିଲ ପାଣିଗ୍ରାହୀ, ସୁବ୍ରତ ମିଶ୍ର, ଯୁଧିଷ୍ଠିର ନାରାୟଣ, ମିକୁନ ବାରିକ, ଅମର ପଟେଲ, ଜିତେନ୍ଦ୍ର ସିଂ, ସଦ୍ଦାମ ହୁସେନ, ସୁଶାନ୍ତ ସାହୁ, ନବୀନ ପଟ୍ଟନାୟକ ପ୍ରମୁଖ ରକ୍ତଦାନ କରିଥିଲେ। ଜଗନ୍ନାଥ କଲୋନୀ ସଭାପତି ସୁଶାନ୍ତ ପୁରୋହିତ, ସାଧାରଣ ସମ୍ପାଦକ ସୁଶାନ୍ତ ନାଥ, ସହ ସମ୍ପାଦକ ଅବିନାଶ ନନ୍ଦ, କୋଷାଧକ୍ଷ ସୁବ୍ରତ ମିଶ୍ରଙ୍କ ସହ ଡା.ରାଜାରାମ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରବଳ ରୌଦ୍ରତାପ ସତ୍ତ୍ୱେ ରକ୍ତଦାତାମାନେ ରକ୍ତଦାନ କରିଥିଲେ। ରକ୍ତଦାତା ଓ ଜନସାଧାରଣ ଗ୍ରୀଷ୍ମ ମାସରେ କିପରି ସ୍ୱାସ୍ଥ୍ୟର ଯତ୍ନ ନେବେ, ସେନେଇ ସଚେତନ କରାଯାଇଥିଲା ।

# ଏମ୍ସିଏଲ୍ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ

**ସମ୍ବଲପୁର,୨୭।୫(ବ୍ୟୁରୋ)**



ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଜଣେ ମହିଳାଙ୍କୁ ଚାରି ଚକିଆ ଠେଲା ପ୍ରଦାନ କରାଯାଇଛି।

ମହାନଦୀ କୋଇଲା କମ୍ପାନୀ (ଏମ୍ସିଏଲ) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ରଜନୀ ଗନ୍ଧା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ଗରିବ ମହିଳାଙ୍କୁ ଚାରି ଚକିଆ ଠେଲା ପ୍ରଦାନ କରାଯାଇଛି। ସେହିପରି ଶିକ୍ଷା କ୍ଷେତ୍ରରେ ମଧ ଜାଗୃତି ମହିଳା ମଣ୍ଡଳ ସହାୟତାର ହାତ ବଢ଼ାଇଛି। ତେଣୁ ଗଙ୍ଗାଧର ମେହେର ମହାବିଦ୍ୟାଳୟର ଛାତ୍ରମାନଙ୍କୁ ଦ୍ୱାଦଶ ଶ୍ରେଣୀର ପାଠ୍ୟ ପୁସ୍ତକ ଦିଆଯାଇଛି। ଜାଗୃତି ମହିଳା ମଣ୍ଡଳ ସଭାନେତ୍ରୀ ପଦ୍ମଜା ସିଂଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଅଲପନା ଶୁକ୍ଳା, ସରିତା ପଟେଲ, ଆରତୀ ବୋରା, ରଶ୍ମୀ ବେହୁରା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# କୁଚିଣ୍ଡାରୁ ଗୁଣ୍ଟୁରକୁ ଲଙ୍କା ରପ୍ତାନି


ଗୁଣ୍ଟୁରକୁ ଲଙ୍କା ରପ୍ତାନି କରାଯାଉଛି।

**କୁଚିଣ୍ଡା,୨୭।୫(ଡି.ଏନ.ଏ)**

ସମ୍ବଲପୁର ଜିଲା ପ୍ରଶାସନ ଓ ମେଟାକାନି ଏଗ୍ରୋ ଲିମିଟେଡର ମିଳିତ ଆନୁକୂଲ୍ୟରେ ଗୁରୁବାର କେଜି ପ୍ରତି ମୂଲ୍ୟ ୨୨୦ଟଙ୍କାରେ ୧୦ଟନ ଶୁଖିଲା ଲଙ୍କା ଗୁଣ୍ଟୁର ଓଲାମ ଫୁଡ ଇଂଗ୍ରିଏଣ୍ଟକୁ ରପ୍ତାନୀ କରାଯାଇଛି। କୁଚିଣ୍ଡା ବ୍ଲକରୁ ପ୍ରଥମ ଭାବେ ଓଲାମ ଫୁଡ ଗୁଣ୍ଟୁରକୁ ରପ୍ତାନୀ ହୋଇଥିବାରୁ ଏହାକୁ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ନାଏକଙ୍କ ସହ କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ବିଡ଼ିଓ ନିରଞ୍ଜନ ସା, ଆର୍ଏମସି ସମ୍ପାଦକ ମନୋଜମହାନ୍ତ, ମେଟାକାନି ଏଗ୍ରୋ ପକ୍ଷରୁ ଆଲୋକ ଅଜାଡିବାଲ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନେ ଉପସ୍ଥିତ ଥିଲେ। ଚଳିତବର୍ଷ କୁଚିଣ୍ଡା ବ୍ଲକ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ରେବତୀ ସହିତ ଅନ୍ୟ ଭେରାଇଟି ଲଙ୍କା ଚାଷ କରିଥିଲେ।

# ସରୁନି ପରୀକ୍ଷା, ପୋଲିସ କରିଛି ଅପେକ୍ଷା

**ସମ୍ବଲପୁର,୨୭।୫(ବ୍ୟୁରୋ)**

**ବଳାତ୍କାର ଅଭିଯୁକ୍ତ ଭିମସାରରେ ଆଶ୍ରିତ ଘଟଣା**

- ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗଠନ
- ଗିରଫ ନ କରି ମେଡିକାଲ କରୁଥିଲା ପୋଲିସ

ସମ୍ବଲପୁର ଜିଲା କୁଚିଣ୍ଡାଥାନା ଅଞ୍ଚଳରେ ଜଣେ ବଳାତ୍କାର ଅଭିଯୁକ୍ତ ଅଧ୍ୟାପକ ସଞ୍ଜିତ ନାୟକ ବୁର୍ଲା ଭିମସାରରେ ଆଶ୍ରିତ ହୋଇଛନ୍ତି। ପ୍ରାୟ ୧୫ ଦିନ ହେବ ସେ ମେଡିକାଲରେ ଥିବାରୁ ପୋଲିସ ଗିରଫ ମଧ କରିପାରୁ ନାହିଁ। ସେପଟେ ଏତେଦିନ ହେଲା ବିଭିନ୍ନ ପରୀକ୍ଷା କରାଯାଇଥିବା ବେଳେ ଡିସଚାର୍ଜ ହେବା ପରେ କୋର୍ଟ ଚାଲାଣ କରିବ ସେନେଇ ପୋଲିସ ଅପେକ୍ଷା କରିଛି। ଏହି ଘଟଣାରେ ପୋଲିସ ଓ ଭିମସାର କର୍ତ୍ତୃପକ୍ଷଙ୍କ ଭିତରେ ଟଣାଓଟରା ଚାଲିଛି। ପୋଲିସ କହୁଛି ମେଡିକାଲରେ ସ୍ୱାସ୍ଥ୍ୟବସ୍ଥା ରିପୋର୍ଟ ସହ ଡିସଚାର୍ଜ କଲେ କୋର୍ଟ ଚାଲାଣ କରାଯିବ। ପୋଲିସ ମେଡିକାଲ ବୋର୍ଡ ଗଠନ କରି ରିପୋର୍ଟ ଦେବାକୁ ଭିମସାର କର୍ତ୍ତୃପକ୍ଷଙ୍କୁ ଚିଠି କରିଛି। ଚିଠି କରିବାର ପ୍ରାୟ ୮ ଦିନ ବିତି ଯାଇଥିଲେ ମଧ ମେଡିକାଲ ପକ୍ଷରୁ କୌଣସି ଉତ୍ତର ଆସି ନାହିଁ। ସମ୍ବେଦନଶୀଳ ଘଟଣାରେ ମେଡିକାଲ ପକ୍ଷରୁ ଠିକଭାବେ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି କୁଚିଣ୍ଡା ଥାନା ଅଧିକାରୀ ସୌଭାଗ୍ୟ ସେଠ କହିଛନ୍ତି। ପୋଲିସର କାର୍ଯ୍ୟକୁ ନେଇ ମଧ ସନ୍ଦେହ ସୃଷ୍ଟି ହେଉଛି। ଅଭିଯୁକ୍ତ ପଟେଲଙ୍କୁ ଗିରଫ ନ କରି କିଭଳି ଭାବେ କୋର୍ଟ ଚାଲାଣ କରିବା ପାଇଁ କୁଚିଣ୍ଡା ମେଡିକାଲ ନେଇଥିଲା। ସେଠାରେ ଛାତିରେ ଯନ୍ତ୍ରଣା ଅନୁଭବ ହେଉଥିବା ଅଭିଯୁକ୍ତ ପଟେଲ କହିବା ପରେ ବୁର୍ଲା ମେଡିକାଲ ନେବା ଭଳି ଘଟଣା ପୋଲିସକୁ ସନ୍ଦେହ ଘେରକୁ ଟାଣି ଆଣିଛି । ଅନ୍ୟପଟେ ଭିମସାର କର୍ତ୍ତୃପକ୍ଷ କାର୍ଯ୍ୟକୁ ନେଇ ମଧ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ଡାକ୍ତରୀ ପରୀକ୍ଷା କରାଇବାରେ ଜାଣିଶୁଣି ବିଳମ୍ବ କରାଯାଉଛି। ଆଇସିୟୁ ନୁହେଁ ଅଭିଯୁକ୍ତ ପଟେଲ ହୃଦରୋଗ ବିଭାଗର ସାଧାରଣ ୱାର୍ଡରେ ଚିକିତ୍ସିତ ହେଉଛନ୍ତି । ଏଥିରୁ ଜଣାଯାଏ ଯେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିଛି । ଶୀଘ୍ର ସମ୍ପୂର୍ଣ୍ଣ ରିପୋର୍ଟ ଆଶା ମଧ ଦେଖା ଦେଇଛି । ଶନିବାର ତାଙ୍କର ଅଲଟ୍ରାସାଉଣ୍ଡ ମଧ କରାଯାଇଥିବା ଜଣାପଡିଛି। ହେଲେ ସାଧାରଣ ରୋଗ ଗୁଡିକରେ ଜୀବନ ପ୍ରତି କମ ବିପଦ ରହିଥାଏ। ଏପର୍ଯ୍ୟନ୍ତ ଏନଜୋଗ୍ରାମ ପରୀକ୍ଷା କରାଯାଇନାହିଁ। ତେଣୁ ଜଣେ ହୃଦରୋଗୀଙ୍କୁ ଚିକିତ୍ସା ଦେବାରେ ମଧ ଅବହେଳା କରାଯାଉଛି। ବଳାତ୍କାର ମାମଲାରେ ଅଭିଯୁକ୍ତ ପାଇଁ କାହାର ବରଦାନରେ ସୁରକ୍ଷା ଦେବାକୁ ପୋଲିସ ଓ ଭିମସାର କର୍ତ୍ତୃପକ୍ଷ ଲାଗି ପଡିଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପଟେ ଅଭିଯୁକ୍ତ ପଟେଲ କୁଚିଣ୍ଡା ଅଞ୍ଚଳର ଅଟନ୍ତି। ଭିମସାର କେତେକ ଡାକ୍ତର ମଧ କୁଚିଣ୍ଡା ଅଞ୍ଚଳର। ତେଣୁ ପୂର୍ବ ପରିଚିତ ଥିବା ଯୋଗୁ ଏଭଳି ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହେଉଛି। ଯାଞ୍ଚ କରି ଡିସଚାର୍ଜ କରାଯାଉ ବୋଲି ସାଧାରଣରେ ମଧ ଦାବି ହେଉଛି। ହେଲେ ଭିମସାର ହୃଦରୋଗ ବିଭାଗ ମୁଖ୍ୟ ସୁନିଲ ଶର୍ମା କହିଛନ୍ତି ଯେ, ସବୁ ରୋଗୀ ସମାନ ଅଟନ୍ତି। ପୂର୍ବରୁ ଏହି ଘଟଣାକୁ ନେଇ ଫୋନ ଆସିଥିଲା । ତାଙ୍କର ପରୀକ୍ଷାଗୁଡିକ ପର୍ଯ୍ୟାୟ କ୍ରମେ ଚାଲିଛି। ଅନେକ ଗୁଡିଏ ରୋଗରେ ଥିବା ଲକ୍ଷଣ ଦେଖାଦେଇଛି। ସମସ୍ତ ରିପୋର୍ଟକୁ ଆଧାର କରି ଡିସଚାର୍ଜ କରାଯିବ। ପୋଲିସ ଚିଠି ଅନୁସାରେ ହୃଦରୋଗ ବିଭାଗ, ସର୍ଜରୀ ଓ ମେଡିସିନ ବିଭାଗ ବରିଷ୍ଠ ଡାକ୍ତରମାନଙ୍କୁ ନେଇ ଏକ ମେଡିକାଲ ବୋର୍ଡ ଗଠନ କରାଯାଇଛି। ପୋଲିସକୁ ମେଡିକାଲ ବୋର୍ଡ ଚିଠି କରି ଉତ୍ତର ଦେଇଛି। ହୁଏତ ତାଙ୍କ ପାଖରେ ପହଞ୍ଚି ନ ଥିବ। ଅଭିଯୁକ୍ତ ପଟେଲଙ୍କୁ ସୁରକ୍ଷା ଦେବାରେ କାହାରି ବ୍ୟକ୍ତିଗତ ଇଚ୍ଛା ନାହିଁ ଅଯଥାରେ ମେଡିକାଲ ଉପରେ ଦୋଷ ଦିଆଯାଉଛି ବୋଲି କହିଥିଲେ। ସୂଚନା ଯୋଗ୍ୟ, ଜଣେ ଉଚ୍ଚ ଶିକ୍ଷିତା ଆଦିବାସୀ ଯୁବତୀଙ୍କ ସହ ସୋନପୁର ଜିଲା ବୀରମହାରାଜପୁର କଲେଜରେ ଅଧ୍ୟାପକ ତଥା କୁଚିଣ୍ଡା ନିବାସୀ ସଞ୍ଜିତ ନାୟକ ପରିଚୟ ହୋଇଥିଲା । ଆପତ୍ତି ଜନକ ଫଟୋ ଓ ଭିଡିଓ ମଧ ଉଭୟଙ୍କର ରହିଛି । ଯାହାକୁ ଭାଇରାଲ କରିବାକୁ ଅଭିଯୁକ୍ତ ନାୟକ ଧମକ ଦେଇଆସୁଥିଲେ। ଯୁବତୀଙ୍କ ବିବାହ ସ୍ଥିର ହେବାକୁ ଥିଲେ ସେଠାରେ ମଧ ବିଭ୍ରାଟ ସୃଷ୍ଟି କରୁଥିଲେ। ଯୁବତୀ ଜଣଙ୍କ ସମ୍ବଲପୁର ଏସପି ବାତୁଲା ଗଙ୍ଗାଧରଙ୍କୁ ଅଭିଯୋଗ କରିଥିଲେ। ପରେ କୁଚିଣ୍ଡା ଥାନାରେ ଏନେଇ ଏକ ମାମଲା (ନଂ.୯୫/୨୩) ରୁଜୁ ହୋଇଥିଲା । ଅଭିଯୁକ୍ତ ବିବାହିତ ଏବଂ ତାଙ୍କର ସ୍ତ୍ରୀ ଓ ପିଲାଛୁଆ ମଧ୍ୟ ଅଛନ୍ତି ।

## ସଂକ୍ଷେପରେ

### କେନାଲ ଉପରେ ମାଟି କାମକୁ ଗ୍ରାମବାସୀଙ୍କ ବିରୋଧ



**ବୌଦ୍ଧ,୨୭।୫(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ଜୋର ସୋରରେ ଚାଲିଛି । ଏହି ଜିଲାରେ ଉକ୍ତ ରେଳପଥ କାର୍ଯ୍ୟ ଦୀର୍ଘ ୧୧୦ କିମି ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ବିଭିନ୍ନ ଗ୍ରାମରେ ରେଳଧାରଣା ପାଇଁ ପକାଯାଉଥିବା ମାଟିକୁ ନେଇ ବିଭିନ୍ନ ସମସ୍ୟା ଦେଖାଦେଇଛି । ଜିଲାର ମନମୁଣ୍ଡା ନିକଟସ୍ଥ ପୁରୁଣାପାଣିଠାରେ ରେଳପଥ ନିର୍ମାଣରେ ଯାଉଥିବା ରାସ୍ତାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ । ସେହିପରି ଗତ କିଛି ଦିନ ତଳେ ହରଭଙ୍ଗା ବ୍ଲକର ବଡବାଗବର ଗାଁରେ ମାଟି ଉଠାକୁ ନେଇ ଠିକାସଂସ୍ଥାର ଗାଡି ଅଟକ ରଖାଯାଇଥିଲା । ପୁଣି ପିପିଲକଟା ଗ୍ରାମବାସୀ ମାଟି ଉଠାଣକୁ ନେଇ ଅଭିଯୋଗ କରିଛନ୍ତି। ହରଭଙ୍ଗା ବ୍ଲକ ଅଧୀନ ପିପିଲକଟା ଗ୍ରାମର ଝରଣପୋଖରିଠାରୁ ଗ୍ରାମର ବଡବନ୍ଧକୁ ପାଣି ଯିବା ସହ ଏକ କେନାଲର ସୁବିଧା ରହିଛି । ଏହି କେନାଲ ଦ୍ୱାରା ଗ୍ରାମବାସୀ ବର୍ଷା ଦିନେ ନିଜ ବିଲକୁ ପାଣି ନେଇଥାନ୍ତି । ବର୍ତ୍ତମାନ ଉକ୍ତ କେନାଲ ଦେଇ ରେଳପଥ ନିର୍ମାଣ ହେଉଥିବାରୁ କେନାଲ ଉପରେ ମାଟି ପଡିବା ଦ୍ୱାରା ଗ୍ରାମବାସୀ ବିଲକୁ ପାଣି ନେଇପାରିବେ ନାହିଁ କି ଝରଣ ପୋଖରିରୁ ବଡବନ୍ଧକୁ ପାଣି ଯାଇପାରିବ ନାହିଁ । ଏନେଇ କାର୍ଯ୍ୟ ଆରମ୍ଭରୁ ଗ୍ରାମବାସୀ ହରଭଙ୍ଗା ତହସିଲଦାରଙ୍କୁ ପ୍ରଥମେ କେନାଲର ସୁବିଧା କରି କାର୍ଯ୍ୟ କରିବାକୁ ଦାବି କରିଥିଲେ। କିନ୍ତୁ ସେସବୁ କରା ନ ଯାଇ ବର୍ତ୍ତମାନ କେନାଲ ଉପରେ ମାଟି ପକାଯାଉଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି । ଆଗକୁ ବର୍ଷା ଦିନ ଆସୁଥିବାରୁ ତୁରନ୍ତ କେନାଲର ସୁବିଧା କରି କାମ କରିବାକୁ ଗ୍ରାମର ୱାର୍ଡମେମ୍ବର ନନ୍ଦିରାଜ ଜଗଦଲା ଓ ଗ୍ରାମବାସୀ ଦାବି କରିଛନ୍ତି ।

### ନ୍ୟାୟ ପାଇଁ ଥାନା ଆଗରେ ଦମ୍ପତିଙ୍କ ଧାରଣା

**ତିହିଡ଼ି,୨୭।୫(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବାମନବିନ୍ଧା ପଞ୍ଚାୟତ ସାନନଳତେଇ ଗ୍ରାମର ଶ୍ରୀକାନ୍ତ ପାଢ଼ୀ ଏବଂ ତାଙ୍କ ସ୍ତ୍ରୀ ସରସ୍ୱତୀ ଶନିବାର ଥାନା ଆଗରେ ଧାରଣା ଦେଇଥିଲେ। ପୋଲିସଠାରୁ ନ୍ୟାୟ ନ ପାଇବାରୁ ଦମ୍ପତି ଏହି ପଦକ୍ଷେପ ନେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଶ୍ରୀକାନ୍ତ ଘରେ ଅନୁପସ୍ଥିତ ଥିବାବେଳେ ଶାଶୁଘର ଲୋକେ ସରସ୍ୱତୀଙ୍କୁ ମାଡ଼ ମାରିଥିବା ନେଇ ସେ ଗତ ମାସ ୧୩ ତାରିଖରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୫ଜଣଙ୍କ ନାଁରେ ମାମଲା (ନଂ.୭୨/୨୩) ରୁଜୁ କରିଥିଲା। ମାତ୍ର ପୋଲିସ ସେମାନଙ୍କୁ ଗିରଫ କରୁ ନ ଥିବାରୁ ଦମ୍ପତି ଭୟରେ ଘରେ ନ ରହି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ପୋଲିସଠାରୁ ନ୍ୟାୟ ନ ପାଇବା ଯାଏ ସେମାନେ ଧାରଣାରେ ବସି ରହିବେ ବୋଲି ଚେତାବନୀ ଦେଇଥିଲେ। ସରପଞ୍ଚ ଅମର ଦାସ ଥାନାରେ ପହଞ୍ଚି ଘଟଣାର ସମାଧାନ ପାଇଁ ଉଦ୍ୟମ କରିଥିଲେ।

# ବଲାଙ୍ଗୀରରେ ଘୂର୍ଣ୍ଣିଝଡ଼ ପ୍ରକୋପ

**ସରକାରୀ ବସଷ୍ଟାଣ୍ଡ ସମ୍ମୁଖ ରାସ୍ତାରେ ପଡିଲା ଗଛ, ଯାତାୟାତ ବାଧାପ୍ରାପ୍ତ**

- ଧୂଳି ଝଡ଼ରେ ଜନସାଧାରଣ ଅସ୍ତବ୍ୟସ୍ତ
- ସହରରୁ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ

**ବଲାଙ୍ଗୀର ଅଫିସ, ୨୭।୫**



ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡ ଫଳମାର୍କେଟ ସମ୍ମୁଖ ରାସ୍ତା ଉପରେ ପଡିଥିବା ଗଛକୁ ଅଗ୍ନିଶମ ବିଭାଗ କର୍ମଚାରୀ ଗଛ କାଟି ସଫା କରୁଛନ୍ତି।

ବଲାଙ୍ଗୀର ସହରରେ ରାତି ପ୍ରାୟ ସାଢ଼େ ୮ଟାରେ ଘୂର୍ଣ୍ଣିଝଡ ଦେଖାଯାଇଥିଲା। ଜୋରରେ ପବନ ବୋହିବାରୁ ସରକାରୀ ବସଷ୍ଟାଣ୍ଡ ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥ କଡ ଫଳମାର୍କେଟ ଠାରେ ଥିବା ଏକ କୃଷ୍ଣଚୂଡ଼ା ଗଛ ଭାଙ୍ଗି ଯାଇ ରାସ୍ତା ଉପରେ ପଡିଥିଲା। ସେତିକିବେଳେ ସେହି ରାସ୍ତା ଦେଇ ଅନେକ ଯାନବାହନ ଯିବା ଆସିବା କରୁଥିଲେ ମଧ୍ୟ ଗଛଟି କାହା ଉପରେ ପଡିନାହିଁ। ଏକ ବରଯାତ୍ରୀ ଦଳ ପ୍ରୋସେସନ୍‌ରେ ଯାଉଥିବାବେଳେ ବର୍ତ୍ତି ଯାଇଥିଲେ। ଗଛଟି କିଛି ସମୟ ଧରି ଝୁଲି ଝୁଲି ପଡିଥିବାରୁ ଯାତ୍ରୀମାନେ ସେ ସ୍ଥାନ ଛାଡି ଯିବାକୁ ସମୟ ପାଇଥିଲେ। ଉକ୍ତ ଗଛ ତଳେ ଫଳ ମାର୍କେଟ ଥିଲେ ମଧ୍ୟ ଗଛଟି ଫଳ ମାର୍କେଟ ପଟକୁ ନପଡି ରାସ୍ତା ପଟେ ପଡିଯିବାରୁ ଫଳ ମାର୍କେଟରେ ଥିବା ବ୍ୟବସାୟୀ ଓ କ୍ରେତା ମଧ୍ୟ ବର୍ତ୍ତି ଯାଇଛନ୍ତି।

ମୁଖ୍ୟ ରାସ୍ତାରେ ଗଛ ପଡିବାରୁ ଏହି ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଘୂର୍ଣ୍ଣିଝଡ ପ୍ରକୋପରୁ ସହରର ବିଜୁଳି ଯୋଗାଣ ବିଚ୍ଛିନ୍ନ ହେବାରୁ ସହର ସାରା ଅନ୍ଧକାର ହୋଇଯାଇଛି। ସେଠାରେ ଗଛ ପଡିଯିବାରୁ ସରକାରୀ ବସଷ୍ଟାଣ୍ଡ ଭିତରକୁ ଦୂରଗାମୀ ସରକାରୀ ଓ ବେସରକାରୀ ଗାଡିଗୁଡିକ ପ୍ରବେଶ କରିପାରି ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଖବର ପାଇ ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫେଇ କରିବା ଆରମ୍ଭ କରିଛନ୍ତି। ଖବର ପାଇ ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସାରା ସହରରୁ ବିଜୁଳି ଯୋଗାଣ ବିଚ୍ଛିନ ହୋଇଯାଇ ଥି ବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସହରର ଅନେକ ସ୍ଥାନରେ ବିଦ୍ୟୁତ୍‌ତାର ଛିଣ୍ଡିଯାଇଥିବା ଖବର ମିଳିଛି। ଜୋରରେ ପବନ ବୋହିବାରୁ ଅନେକ ଦୋକାନ ବଜାରର ଛାତ, ପୋଷ୍ଟର, ସାଇନ୍‌ବୋର୍ଡ ଉଡିଯାଇଥିବା ଜଣାପଡିଛି। ପବନ ବୋହିବା ବେଳେ ରାସ୍ତା ଉପର ଧୂଳିଝଡ ଯୋଗୁଁ ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ସହରରେ ବିଦ୍ୟୁତ୍ ଯୋଗାଣ ସମ୍ଭବ ହୋଇନାହିଁ। ବିଭାଗର ଅବହେଳାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘୂର୍ଣ୍ଣିଝଡ ହୋଇଥିଲେ ମଧ୍ୟ ବର୍ଷା ହୋଇ ନ ଥିବାରୁ ଲୋକେ ଗରମରୁ ନିସ୍ତାର ପାଇନାହାନ୍ତି।

# ଚାକିରି କ୍ଷେତ୍ରରେ ଜିଲା କ୍ୟାଡର କରାଯାଉ

**ନୂଆପଡ଼ା ଅଫିସ,୨୭।୫**

ନୂଆପଡା ଜିଲାପାଳଙ୍କ ସଦଭାବନା ସଭାଗୃହଠାରେ ଶନିବାର ଜିଲା ବିକାଶ ସମନ୍ୱୟ ଏବଂ ମନିଟରିଂ କମିଟି ବୈଠକ (ଦିଶା) ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଜିଲାପାଳ ହେମକାନ୍ତ ସାଏ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ନିର୍ବାଚିତ ଜିଲା ପରିଷଦ ସଭ୍ୟ/ସଭ୍ୟା, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାକୁ ୪୧ଟି ବିଭାଗକୁ କେନ୍ଦ୍ରୀୟ ଅନୁଦାନ ମିଳୁଛି। ଏହାର ତଦାରଖ କରିବା ପାଇଁ ଏମ୍‌ପିମାନଙ୍କୁ ଦାୟିତ୍ୱ ଦିଆଯାଇଛି। ତେଣୁ ସମସ୍ତ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଯେଉଁ କାର୍ଯ୍ୟ ଅଧୁରା ହୋଇ ରହିଯାଇଛି ୨୦୨୪ ସୁଦ୍ଧା ନୂଆପଡା ଜିଲାର ବିକାଶ ତ୍ୱରାନିତ କରିବା ପାଇଁ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ବହୁତ ଯୁବତୀ, ଯୁବକ ବେକାର ହୋଇ ବୁଲୁଛନ୍ତି। ତାଙ୍କର ଭବିଷ୍ୟତ ଚିନ୍ତା କରି ସରକାରୀ ହେଉବା ବେସରକାରୀ ଚାକିରୀ କ୍ଷେତ୍ରରେ ରାଜ୍ୟ କ୍ୟାଡରେ ମନୋନୀତ କରାଯାଉଛି। ତାହାକୁ ଜିଲା କ୍ୟାଡରରେ କରାଗଲେ ଜିଲାର ଅନେକ ଯୁବତୀଯୁବକ ଉପକୃତ ହୋଇପାରିବେ ଏବଂ ବେକାରୀ ସମସ୍ୟା ଦୂର ହୋଇପାରନ୍ତା ବୋଲି ଏମପି ପଣ୍ଡା ଜିଲାପାଳଙ୍କଠାରେ ଦାବି କରିଥିଲେ।



ବୈଠକରେ ଉପସ୍ଥିତ ପ୍ରତିନିଧି ଓ ଅଧିକାରୀବୃନ୍ଦ।

# ଦେବଦମ୍ପତିଙ୍କ ବିବାହ ଉତ୍ସବ



ଦେବଦ ମ୍ପତିଙ୍କ ବିବାହ ଉତ୍ସବ।

**ଭବାନୀପାଟଣା,୨୭।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ନୂଆପଡ଼ା ରାଧାକୃଷ୍ଣ ମନ୍ଦିର ପରିସରସ୍ଥିତ ବାବା କାଶୀବିଶ୍ୱେଶ୍ୱର ମହାଦେବ ଓ ମାତାପାର୍ବତୀଙ୍କ ବିବାହ ରାମନଗର ପଡାସ୍ଥିତ କନ୍ୟାପିତାଙ୍କ ବାସ ଭବନରେ ବିଧିପୂର୍ବକ ସମ୍ପନ୍ନ ହୋଇଯାଇଛି। କନ୍ୟା ମାତାପିତା ରୂପେ ଦୀନବନ୍ଧୁ ମୁଣ୍ଡ ଓ କାଞ୍ଚନ ମାଳା ମୁଣ୍ଡ, ବର ମାତାପିତା ରୂପେ ଗୋପବନ୍ଧୁ ପଣ୍ଡା ଓ ସୁଦେଷ୍ଣା ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ବୁଧବାର ସନ୍ଧ୍ୟାରେ ଦେବଦେବ ମହାଦେବ ପାରମ୍ପାରିକ ବାଦ୍ୟ, ଘଣ୍ଟ ଫୋଟକା ସହ ସୁସଜ୍ଜିତ ବିମାନରେ ଆରୋହଣ ପୂର୍ବକ ବରଯାତ୍ରୀ ଭକ୍ତଙ୍କ ସହ ଗମନ କରିଥିଲେ। ବୁଧବାର ରାତ୍ର ଦେବଦମ୍ପତିଙ୍କ ବିବାହ ଦେଖିବା ପାଇଁ ଶହ ଶହ ଭକ୍ତଙ୍କ ଭିଡ ଜମି ଥିଲା। ସମସ୍ତ ଭକ୍ତ ଓ ବରଯାତ୍ରୀଙ୍କ ପାଇଁ କନ୍ୟା ପିତା ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ଓ ଶୀତଳ ଷଷ୍ଠୀ ଦିନ ବର ପିତାଙ୍କ ପକ୍ଷରୁ ମନ୍ଦିର ପରିସରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବଦ୍ରିନାଥ ପରିବାର ଓ ପୂଜା କମିଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିରଞ୍ଚି ମୁଣ୍ଡ, ପ୍ରତାପ ପଣ୍ଡା, ସୁବ୍ରତ ପଣ୍ଡା, ଦିଲୀପ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

## କେନ୍ଦୁଝର-ହାୱଡ଼ା ଟ୍ରେନ୍ ଚଳାଚଳ ଦାବି

**କେନ୍ଦୁଝର,୨୭।୫(ସ୍ୱ.ପ୍ର.)**

ଖଣି ଖାଦାନ ଭରା କେନ୍ଦୁଝର ଜିଲା ମୁଖ୍ୟାଳୟରୁ କୋଲକାତା (ହାୱଡ଼ା)କୁ ସିଧାସଳଖ ଟ୍ରେନ୍ ଚଳାଚଳ କରିବାକୁ ଏସ୍‌ୟୁସିଆଇ ପକ୍ଷରୁ ଦାବି କରାଯାଇଛି। କେନ୍ଦୁଝରରୁ ଟାଟା ଦେଇ କିମ୍ବା ଯାଜପୁରରୋଡ୍ ଦେଇ ଟ୍ରେନ ଚଳାଚଳ କଲେ ଜିଲାର ବହୁ ବ୍ୟବସାୟୀ, ସାଧାରଣ ଲୋକ ଉପକୃତ ହୋଇପାରିବେ ବୋଲି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ନେତା ରଘୁନାଥ ଦାସ, ପ୍ରକାଶ ମଲ୍ଲିକ, ବେଣୁଧର ସର୍ଦ୍ଦାର, ଘନଶ୍ୟାମ ମହାନ୍ତ, ବିଷ୍ଣୁଶର୍ମା ସାହୁ, ବେଲାଳ ସାହୁ ପ୍ରମୁଖ ଲିଖିତ ପ୍ରେସ୍ ବିଜ୍ଞପ୍ତି ଯୋଗେ ଦାବି କରିଛନ୍ତି। ସେହିପରି ଭିଡ଼ କମାଇବା ପାଇଁ ପୁରୀ-ବଡ଼ବିଲ ଇଣ୍ଟରସିଟିରେ ଅଧିକ ବଗି ସଂଯୋଗ, କେନ୍ଦୁଝର ଗଡ଼ରୁ ଖୋର୍ଦ୍ଧା ଟ୍ରେନ୍‌ରେ ପୂର୍ବ ଭଲିଏକ୍ସପ୍ରେସ ଭଡ଼ା ବଦଳରେ ପାସେଞ୍ଜର ଭଡ଼ା ଲାଗୁ କରିବା ଦାବି କରାଯାଇଛି।

# ପଲିଥିନ ତଳେ କ୍ଷୀର ବେୱାଙ୍କ ଜୀବନ

**ଆବାସ ଯୋଜନାରୁ ବଞ୍ଚିତ**

**ବେହେରା,୨୭।୫(ଡି.ଏନ.ଏ.)**

ଗରିବ ଅସହାୟମାନଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁପକା ଘର ଯୋଜନା ମାଧ୍ୟମରେ ଘର ଯୋଗାଇ ଦେଉଥିବା ବେଳେ ପ୍ରକୃତ ହିତାଧିକାରୀ ବର୍ଷ ବର୍ଷ ଧରି ଏଥିରୁ ବଞ୍ଚିତ ହେଉଛନ୍ତି। କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମରେ ଏପରି ଏକ ଚିତ୍ର ଦେଖିବାକୁ ମିଳିଛି। ବେହେରା ଗ୍ରାମର ୱାର୍ଡ ନଂ.୩ର କ୍ଷୀର ବେୱା (୭୫)। ବୟସର ଅପରାହ୍ନରେ ଏକୁଟିଆ ପଲିଥିନ କୁଡ଼ିଆ ଭିତରେ ରହି ଆସୁଛନ୍ତି। ବର୍ଷ ବର୍ଷ ଧରି କାଳବୈଶାଖୀର ତାଣ୍ଡ, ପ୍ରବଳ ବର୍ଷା ଓ ଗ୍ରୀଷ୍ମର ଉତ୍ତାପକୁ ସେ ଭାଗ୍ୟର ବିଡମ୍ବନା ଭାବି ସହି ଆସୁଛନ୍ତି ଉକ୍ତ କୁଡ଼ିଆ ଭିତରେ। ଆବାସଟିଏ ପାଇଁ ଦୀର୍ଘ ବର୍ଷ ଅନେକ ସରପଞ୍ଚଙ୍କୁ ଗୁହାରି କରିଛନ୍ତି। ପ୍ରତିଶ୍ରୁତି ଦେଇ କେହି ଶୁଣୁ ନ ଥିବା ସେ ଅଭିଯୋଗ କରନ୍ତି। ବର୍ତ୍ତମାନର ହିତାଧିକାରୀ ଲିଷ୍ଟରେ ମଧ୍ୟ ତାଙ୍କ ନାମ ନ ଥିବା ଜାଣି ପାରି ସେ ହତାଶ ହୋଇ ପଡିଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗଙ୍କୁ ପଚାରିବାରୁ ପୁଣି ଥରେ ତାଙ୍କ ନାମକୁ ହିତାଧିକାରୀ ଲିଷ୍ଟରେ ସାମିଲ କରିଯାଇ ଆବାସ ପାଇଁ ଅନୁମୋଦନ କରାଯିବାକୁ ପଠାଯାଇଥିବା ପ୍ରକାଶ କରିଥିଲେ। ତେବେ କେଉଁ ଆଧାରରେ ହିତାଧିକାରୀ ଚୟନ ହେଉଛି, ଫଳରେ ପ୍ରକୃତ ହିତାଧିକାରୀ ବାଦ୍ ପଡୁଥିବା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ପ୍ରକୃତ ହିତାଧିକାରୀ କ୍ଷୀର ବେୱାଙ୍କୁ ତୁରନ୍ତ ଆବାସ ଯୋଜନାରେ ସାମିଲ କରି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



କୁଡ଼ିଆ ଘର ସମ୍ମୁଖରେ ଆବାସ ଯୋଜନାରୁ ବଞ୍ଚିତ କ୍ଷୀର ବେୱା।

# ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

**ବୌଦ୍ଧ,୨୭।୫(ସ୍ୱ.ପ୍ର.)**

ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସହରରେ ନିର୍ମିତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ମନ୍ତ୍ରୀ ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ସହରର ବ୍ରିଜଛକଠାରେ ପୋଲିସ ସହାୟତା କେନ୍ଦ୍ର, ଥଣ୍ଡାପାନୀୟ ଜଳ ପକଳ୍ପ, ରଘୁନାଥ ମନ୍ଦିର ନିକଟରେ ଥଣ୍ଡା ପାନୀୟଜଳ ପ୍ରକଳ୍ପ, ଜିଲା ମୁଖ୍ୟ ଚିକିତ୍ସାଳୟ



ମନ୍ତ୍ରୀ ପ୍ରଦୀପ କୁମାର ଅମାତ କୋର୍ଟ ନିକଟରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

ପରିସରରେ ୱାନ ଷ୍ଟପ୍ ସେଣ୍ଟର, କୃଷକ ବଜାରଠାରେ ମାଛ ବଜାରର ଶିଳାନ୍ୟାସ, ଜିଲା କୋର୍ଟ ନିକଟରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ସେହିପରି ସହରର ହାତୀଶାଳ ନିକଟରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ , ଜିଲା ସମ୍ବଳ କେନ୍ଦ୍ର, ମହାନଦୀ ବିହାର ପାର୍କ ଠାରେ ଯୋଗକେନ୍ଦ୍ରର ଉଦଘାଟନ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ସତ୍ୟରଞ୍ଜନ ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପଜିଲାପାଳ ରବିନ୍ଦ୍ର ନାଥ କହଁର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା, ଏନଏସି ଉପାଧ୍ୟକ୍ଷ ସୁବାସିନୀ ସେଠୀ, ସମସ୍ତ କାଉନସିଲର ଓ ବିଜେଡି ଜିଲା ଯୁବ ଉପସଭାପତି ଆଶୁତୋଷ ମହାପାତ୍ର, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଫେଲ୍ ମାରିଛି ଗାଈ ଗୁହାଳ ଯୋଜନା

**ଡୁଙ୍ଗୁରିପାଲି,୨୭।୫(ଡି.ଏନ.ଏ.)**

**ଡୁଙ୍ଗୁରିପାଲି ବ୍ଲକ**

- ଖୋଲାଆକାଶତଳେ ଗାଈ ରଖୁଛନ୍ତି ଚାଷୀ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ଫେଲ୍ ମାରିଛି ସରକାରଙ୍କ ଗାଈ ଗୁହାଳ ଯୋଜନା। ଖୋଲାଆକାଶ ତଳେ ଗାଈ ରଖୁଛନ୍ତି ଚାଷୀ। ଏହି ଦୃଶ୍ୟ ଦେଖିବାକୁ ମିଳିଛି ବୈଇଦୁପାଲି ଗ୍ରାମ ପଞ୍ଚାୟତ ବଡ଼ ଫଟାମୁଣ୍ଡା ଗ୍ରାମରେ । ଗ୍ରାମର ହାରାଧନ ଭୁଏ ଦୀର୍ଘ ୧୫ ବର୍ଷ ହେବ ଗାଈ ପାଳନ କରି ନିଜ ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ପରିବାରରେ ତାଙ୍କର ଦୁଇ ଝିଅ ଓ ସ୍ତ୍ରୀ ମିଶି ୪ ଜଣ । ସେ ୭ ଗୋଟି ଗାଈ ରଖିଛନ୍ତି। ପ୍ରତିଦିନ ସକାଳେ ସ୍ଥାନୀୟ ସୋସାଇଟିକୁ କ୍ଷୀର ଦେଇଥାଆନ୍ତି।କ୍ଷୀର ବିକ୍ରି କରି ସେଥିରୁ ମିଳୁଥିବା ଟଙ୍କାରେ ନିଜ ପରିବାର ଚଳାଉଥିବା ବେଳେ ଗତବର୍ଷ ବଡ଼ ଝିଅକୁ ବିବାହ କରିଥିବା ପ୍ରକାଶ କରିଛନ୍ତି। ତେବେ ଅର୍ଥାଭାବରୁ ଗାଈଗୁଡିକ ରଖିବା ପାଇଁ ଗୁହାଳ ଘର ଗୋଟିଏ ତିଆରି କରି ପାରୁନାହାନ୍ତି। ଫଳରେ ଗାଈଗୁଡିକୁ ଖରା ବର୍ଷା ଶୀତରେ ଖୋଲାଆକାଶ ତଳେ ରଖିବାକୁ ପଡୁଛି । ଝାଟିମାଟି ରେ ପୁଆଲ ଦେଇ ଗାଈଗୁଡିକୁ ରଖିବାକୁପଡୁଛି। ସରକାରୀ ଯୋଜନାରେ ଗାଈ ଗୁହାଳ ଘର ପାଇବା ପାଇଁ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅନେକ ଥର କହିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ହାରାଧନ ପ୍ରକାଶ କରିଛନ୍ତି। ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ଦାବି ସେ ଦାବି କରିଛନ୍ତି । ଏ ସମ୍ପର୍କରେ ବୈଇଦୁପାଲି ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରେନ ଦାସଙ୍କୁ ପଚାରିବାରେ ବ୍ଲକରୁ ଯନ୍ତ୍ରୀଙ୍କୁ ନେଇ ତାଙ୍କ ଘର ଯାଇ ଦେଖିଲା ପରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।



ହାରାଧନ ଭୁଏ ଖୋଲା ଆକାଶ ତଳେ ରଖିଥିବା ଗାଈ ।

# ତୋଳାଳି, ସିଜିନାଲ ଷ୍ଟାଫଙ୍କୁ ପ୍ରତାରଣା ଅଭିଯୋଗ

**ନୂଆପଡ଼ା ଅଫିସ,୨୭।୫**



କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳିମାନେ।

**ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ**

- ୧ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନ ଅଧୀନ ଖରିଆର ରୋଡ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟଠାରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖରିଆର ରୋଡ ରେଞ୍ଜ ସଭାପତି ସନ୍ତୋଷ ସାହୁଙ୍କ ଅଧ୍ୟକ୍ଷତାରେ କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯଥାର୍ଥ ଦାବି ଓ ସମସ୍ୟା ବାରମ୍ବାର ରାଜ୍ୟ ସରକାରଙ୍କଠାରେ ଉପସ୍ଥାପନ କଲେ ମଧ୍ୟ ଅଣଦେଖା କରୁଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ଜୁନ ୧ରେ ଜିଲା ସଦର ମହକୁମାଠାରେ ଐତିହାସିକ ବିଶାଳ ଶୋଭାଯାତ୍ରା, ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଓ ବିକ୍ଷୋଭ ପାଇଁ ବୈଠକରେ ଆହ୍ୱାନ କରିଥିଲେ। ସେହିପରି ଲଖନା ରେଞ୍ଜ କାର୍ଯ୍ୟାଳୟଠାରେ ମଧ୍ୟ ହେଡଚେକର ଅବଦୁଲ ରସିଦଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ ଲକ୍ଷ ତୋଳାଳି ଓ ସିଜିନାଲ ଷ୍ଟାଫଙ୍କୁ ତାଙ୍କର ହକ ଦାବି ପୂରଣ ନ କରି ରାଜ୍ୟ ସରକାର ପ୍ରତାରଣା କରୁଛନ୍ତି। ତୋଳାଳିଙ୍କୁ ବୋନସ ତଥା ସାମାଜିକ ନିରାପତା କଲ୍ୟାଣ ଯୋଜନାରେ ଝିଅ ବିବାହ ସହାୟତା, ଚିକିତ୍ସା ସହାୟତା, ଶିକ୍ଷା ସହାୟତା ବନ୍ଦ କରି ଦେଇଛନ୍ତି। ଏପରି କି ଚଳିତ ସିଜନରେ ପତ୍ର ଦର ବୃଦ୍ଧି ହେଲା ନାହିଁ। ସିଜିନାଲ ଷ୍ଟାଫଙ୍କ ଦରମା ବୃଦ୍ଧି, ପ୍ରୋତ୍ସାହନ ଭତ୍ତା, ଚାକିରୀ ସର୍ତ୍ତାବଳୀ ଲାଗୁ କରା ଗଲାନାହିଁ। ଏପ୍ରିଲରେ ଅନୁଷ୍ଠିତ ବର୍ଦ୍ଧିତ କାର୍ଯ୍ୟକାରୀ ବୈଠକରେ ସମ୍ବଲପୁରଠାରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ ଆନ୍ଦୋଳନ ଡାକରା ଦିଆଯିବ। ଜୁନ ୧ରେ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହେବାକୁ ଥିବା ବିଶାଳ ଆନ୍ଦୋଳନ ସଫଳ ପାଇଁ ଆହ୍ୱାନ କରିଛନ୍ତି। ଖରିଆର ରୋଡ ରେଞ୍ଜ ସମ୍ପାଦକ ଗୌତମ ବରିହା ସଭା ପରିଚାଳନା କରିଥିବା ବେଳେ ଦୋରେଶ୍ୱର ପଟେଲ, ପାଲେଶ୍ୱର ମାଝି, ଔକାର ରାଉତ, ନରେନ୍ଦ୍ର ସୁନାନୀ, ସୁବନ୍ତ ଶବର, ବୁଲୁ ପଣ୍ଡା, ଧନିରାମ ପାଣ୍ଡେ, ମିନଲାଲ ଚନ୍ଦ୍ରକାର, ଲେଖରାମ ପାଣ୍ଡେ, ନରୋତମ ଦଣ୍ଡସେନା, ନନ୍ଦୁସିଂ ମାଝି, ନରେନ୍ଦ୍ର ଶବର, ବୁଲୁ ଦୁର୍ଗା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବିଷ ଖାଇ ଯୁବତୀ ମୃତ

ରାଉରକେଲା ଅଫିସ,୨୭।୫: ପାରିବାରିକ କଳହକୁ ନେଇ ଜଣେ ଯୁବତୀ ଶନିବାର ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ହେଲେ ବରଡେଗା ଗ୍ରାମର ଜ୍ୟୋତି କୁମାରୀ(୨୨)। ଏ ନେଇ ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬୦।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବରଡେଗା ଗ୍ରାମର ଜ୍ୟୋତି ଶନିବାର କୌଣସି କାମ ପାଇଁ ତାଙ୍କ ମା'ଙ୍କୁ କିଛି ଟଙ୍କା ମାଗିଥିଲେ। ଏହାକୁ ବାପା ମାଙ୍ଗରା ବଡାଇକ ବିରୋଧ କରିବାରୁ ଝିଅ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ପରେ ପରିବାର ଲୋକେ ତାଙ୍କୁ ବୁଝାସୁଝା କରି ନିଜ କାମରେ ବାହାରି ଯାଇଥିଲେ। ଏହାପରେ ଜ୍ୟୋତି ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ଅଚେତ ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଆରଜିଏଚରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ସୁନା ଅଳଙ୍କାର ଜବତ, ୨ ଗିରଫ

**ରାଉରକେଲା ଅଫିସ,୨୭।୫:** ସୁନା ଅଳଙ୍କାର ଚୋରି ଅଭିଯୋଗରେ ଝିରପାଣି ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୋନୁ କଂସାରୀ(୨୮) ଓ ନମିତା ବିଶୋଇ(୪୩)। ସେମାନଙ୍କଠାରୁ ଚୋରି ଅଳଙ୍କାର ଜବତ ହୋଇଛି। ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁସାରେ, ଗତ ୧୭ ତାରିଖରେ ଝିରପାଣି ଥାନା ଅନ୍ତର୍ଗତ ଜଗଦାର ଧନୁର୍ଦ୍ଧର ବେହେରା ବନ୍ଧୁଙ୍କ ଝିଅ ବାହାଘର ପାଇଁ ସପରିବାର କଟକ ଯାଇଥିଲେ। ୧୯ ତାରିଖ ବିଳମ୍ବିତ ରାତିରେ କେହି ତାଙ୍କ ଘର କବାଟ ଭାଙ୍ଗି ଆଲମିରାରୁ ସୁନା ଅଳଙ୍କାର ଚୋରି କରିନେଇଥିଲେ। ପରଦିନ ସକାଳେ ପଡିଶା ଲୋକଙ୍କଠାରୁ ଖବର ପାଇ ଧନୁର୍ଦ୍ଧର ରାଉରକେଲା ଆସି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୬।୨୩) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ ସୋନୁ ଏହି ସୁନା ଅଳଙ୍କାର ଚୋରି କରି ସେକ୍ଟର-୧ର ଆଖଣ୍ଡଳମଣି କଲୋନୀର ନମିତାଙ୍କୁ ବିକ୍ରି କରିଥିବା ଜଣାପଡିଥିଲା।

### ଲୁହାକଟର ମେଶିନ ଚୋରି, ଯୁବକ ଗିରଫ

**ରାଉରକେଲା ଅଫିସ,୨୭।୫:** ନୟାବଜାର ଅଞ୍ଚଳର ଜଣେ କଣ୍ଟ୍ରାକ୍ଟରଙ୍କ ଘରୁ ଲୁହାକଟର ମେଶିନ ଓ ଲୁହାପ୍ଲେଟ ଚୋରି ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଟିମ୍ବର କଲୋନୀର ଆକାଶ ସିଂ(୨୭) ବୋଲି ଜଣାପଡିଛି। ଅଭିଯୁକ୍ତଙ୍କଠାରୁ ଚୋରି ମେଶିନ ଜବତ କରାଯାଇଛି। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୮୪।୨୩) ରୁଜୁ ହୋଇଛି।

### ଷ୍ଟେଶନରୁ ମୋବାଇଲ ଚୋର ଗିରଫ

ରାଉରକେଲା ଅଫିସ, ୨୭।୫: ରାଉରକେଲା ରେଲୱେ ଷ୍ଟେଶନରୁ ଜଣେ ମୋବାଇଲ ଚୋରଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମହତାବ ରୋଡ୍‌ର ଏମ୍‌ଡି ୱାଶିମ। ତାଙ୍କଠାରୁ ଚୋରି ମୋବାଇଲ ଜବତ ହୋଇଛି। ରାଉରକେଲାର ଜଣେ ଲୋକଙ୍କଠାରୁ ୱାଶିମ ମୋବାଇଲ ଛଡାଇ ନେଇ ପଳାଉଥିବା ବେଳେ ଧରାପଡ଼ିଥିଲେ। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୬୫।୨୩) ରୁଜୁ ହୋଇଛି।

# ପ୍ରଧାନମନ୍ତ୍ରୀଙ୍କ ନୂଆ ପାର୍ଲାମେଣ୍ଟ ସୌଧ ଉଦ୍‌ଘାଟନକୁ ବିରୋଧ

ରାଉରକେଲା ଅଫିସ,୨୭।୫





ଖବରଦାତା ସମ୍ମିଳନୀରେ ଉପସ୍ଥିତ ସିପିଆଇ(ଏମ୍) ନେତୃମଣ୍ଡଳୀ (ବାମ)। କଂଗ୍ରେସ ନେତାମାନେ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ସିପିଆଇ (ଏମ୍) ପକ୍ଷରୁ ଶନିବାର ଅପରାହ୍ଣରେ ସେକ୍ଟର-୪ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଦଳର ନେତୃବୃନ୍ଦ ଯୋଗଦେଇ କହିଥିଲେ, ରବିବାର ପାର୍ଲାମେଣ୍ଟର ନୂତନ ସୌଧକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ। ଏହି ନିଷ୍ପତ୍ତି ଯୋଗୁ ଦେଶର ରାଷ୍ଟ୍ରପତି ତଥା ଓଡ଼ିଆ ଆଦିବାସୀ ଝିଅଙ୍କୁ ଅବମାନନା କରାଯାଇଛି। ଏହି ଉଦ୍‌ଘାଟନୀକୁ ରାଷ୍ଟ୍ରପତିଙ୍କ ହାତରେ ନ କରାଇବାକୁ ଦେଶବାସୀ ଗ୍ରହଣ କରିବେ ନାହିଁ। ଏହା ବିରୋଧରେ ଦେଶବାସୀ ଏକାଠି ହୋଇ ପ୍ରତିବାଦର ସ୍ୱର ଉତ୍ତୋଳନ କରନ୍ତୁ ବୋଲି ସିପିଆଇ(ଏମ) ରାଜ୍ୟ ସମ୍ପାଦକ ମଣ୍ଡଳୀର ଜନାର୍ଦ୍ଦନ ପତି କହିଥିଲେ। ଜିଲା ସମ୍ପାଦକ ପ୍ରମୋଦ ସାମଲଙ୍କ ସଂଯୋଜନାରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବିଷ୍ଣୁ ମହାନ୍ତି କହିଥିଲେ, ଉକ୍ତ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ୨୧ଟି ଦଳ ପ୍ରତ୍ୟାଖ୍ୟାନ କରିଥିବା ବେଳେ ଏଥିରେ ସମସ୍ତଙ୍କ ବିରୋଧାଭାସ ରହିବା ଉଚିତ। କୋଭିଡରେ ଶ୍ରମିକ, ଖଟିଖିଆ ଲୋକ ଚିକିତ୍ସା, ଔଷଧ ଓ ଅକ୍ସିଜେନ୍ ଅଭାବରୁ ମୃତ୍ୟୁବରଣ କରିଥିବା ବେଳେ ନୂତନ ପାର୍ଲାମେଣ୍ଟ ନିର୍ମାଣର ଆବଶ୍ୟକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ମହାନ୍ତି କହିଥିଲେ। ବଣେଇ ବିଧାୟକ ତଥା ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଲକ୍ଷ୍ମଣ ମୁଣ୍ଡା କହିଥିଲେ, ବର୍ତ୍ତମାନ ଗଣତନ୍ତ୍ର ସଙ୍କଟରେ ପଡ଼ିଛି। ସୁପ୍ରିମକୋର୍ଟ ଦିଲ୍ଲୀ ସରକାର ମାମଲାରେ କେଜ୍ରିୱାଲଙ୍କ ସପକ୍ଷରେ ରାୟ ଦେଇଥିବା ବେଳେ ଏହାକୁ ନ ମାନିବା କେନ୍ଦ୍ର ସରକାରଙ୍କ ମନମୁଖୀ କାରବାରକୁ ସୂଚାଉଛି। ସମ୍ମିଳନୀରେ ରାଜକିଶୋର ପ୍ରଧାନ, ସୁରେନ୍ଦ୍ର ଦାଶ, ଶ୍ରୀମନ୍ତ ବେହେରା, ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।

ସେହିପରି ରାଉରକେଲା ଜିଲା କଂଗ୍ରେସର ଅନୁସୂଚିତ ଜନଜାତି ସେଲ୍ ତରଫରୁ ଏହାର ବିରୋଧ କରାଯାଇଛି। ଦେଶର ସାମ୍ବିଧାନିକ ମୁଖ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ନୂତନ ସଂସଦର ଉଦ୍‌ଘାଟନ ନ ହୋଇ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯିବା ରାଷ୍ଟ୍ରର ସର୍ବୋଚ୍ଚ ପଦବୀ ଓ ଗାରିମାକୁ କ୍ଷୁର୍ଣ୍ଣ କରିବା ସହ ଦେଶର ଅଗଣିତ ଅନୁସୂଚିତ ଜନଜାତିଙ୍କୁ ଗଭୀର ଆଘାତ ଦେଇଛି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଉରକେଲା ଉପ ଜିଲାପାଳ ଅଭିମନ୍ୟୁ ମାଝୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା କଂଗ୍ରେସର ରାଜେଶ ଟପ୍ପୋ, ବୀରେନ ସେନାପତି, ରବି ରାୟ, ପ୍ରକୃତି ମିଶ୍ର, ସନ୍ତୋଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଘାଟିରେ ଓଲଟିଲା ଗାଡ଼ି, ୫ ଆହତ

ଲହୁଣୀପଡ଼ା,୨୭।୫(ଡି.ଏନ୍.ଏ.)

ଲହୁଣୀପଡ଼ା ବ୍ଲକ ଭୁତଡ଼ା ପଞ୍ଚାୟତ ତିଲକୁଡ଼ା ଗ୍ରାମରେ ନଳକୂଅ ଖନନ କରି ବୋରିଙ୍ଗ ଗାଡ଼ି ବଣେଇ ଓ କେନ୍ଦୁଝର ଜିଲା ସୀମାନ୍ତ ରାସ୍ତାରେ ଫେରୁଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ଫୁଲଝର ପଞ୍ଚାୟତ ଶଶ ଘାଟିରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ପ୍ରାଣ ବିକଳରେ ଗାଡ଼ି ଉପରୁ ଡେଇଁ ଚାଳକଙ୍କ ସମେତ ୫ ଆହତ ହୋଇଥିଲେ। ମହୁଲପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବଣେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚାଳକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗାଡ଼ିରେ ପ୍ରାୟ ୧୩ କର୍ମଚାରୀ ଥିଲେ।



ରାସ୍ତା କଡ଼କୁ ଓଲଟି ପଡ଼ିଥିବା ଗାଡ଼ି।

## ଅନ୍ତିମ ଜୀବନର ଆତ୍ମଚିନ୍ତନ ଓ ଶ୍ରୀମଦ୍ ଭାଗବତ ଆଲୋଚନାଚକ୍ର



ସ୍ୱାମିଜୀଙ୍କ ସହ ଅତିଥିବୃନ୍ଦ।

ରାଉରକେଲା ଅଫିସ, ୨୭।୫

ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର, ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘ, ଉତ୍କଳ ସ୍ନେହୀ ମହିଳା ସମିତି ଏବଂ ରୋଟାରୀ କ୍ଲବ ରିଭରସାଇଡ୍‌ର ମିଳିତ ଆନୁକୂଲ୍ୟରେ 'ଅନ୍ତିମ ଜୀବନର ଆତ୍ମଚିନ୍ତନ ଓ ଶ୍ରୀମଦ୍ ଭାଗବତ' ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ଉତ୍କର ଅଦ୍ୱୈତାନନ୍ଦ ମହାରାଜ ଯୋଗଦେଇ ଶ୍ରୀମଦ୍ ଭାଗବତର ମାହାତ୍ମ୍ୟ ଆଲୋଚନା କରିଥିଲେ। ବେଦ, ବେଦାନ୍ତ, ମହାପୁରାଣ, ପୁରାଣ ଆଦି ରଚନା କରିବା ପରେ ମଧ୍ୟ ବ୍ୟାସଦେବଙ୍କ ଆତ୍ମତୃପ୍ତି ହୋଇ ନ ଥିଲା। ଶେଷରେ ଭାଗବତ ରଚନା କରି ସେ ଆତ୍ମ ସନ୍ତୋଷ ଲାଭ କରିଥିଲେ ବୋଲି ମହାରାଜ କହିଥିଲେ। ପାଠାଗାର ସଭାପତି ଇଂ. ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ରାଜୀବ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତ୍ରୀ ସରୋଜିନୀ ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସବିତା ସାହୁ, ଡଃ. ଗିରିଜା ଶଙ୍କର ଗୋସ୍ୱାମୀ, ଲକ୍ଷ୍ମଣ ନାଥ ଦାସ, ହରିହର ନାୟକ, ସିଦ୍ଧିନାଥ ଜ୍ୟୋତିଷି ପ୍ରମୁଖ ସହଯୋଗ କରିଥିଲେ। ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ମହେନ୍ଦ୍ର କୁମାର ପଟ୍ଟନାୟକ, ମିହିର ରାୟ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ରାଜକୁମାର ମହାନ୍ତି, ଡାକ୍ତର ଗୀତାଞ୍ଜଳି ପତ୍ରୀ, ଅଚ୍ୟୁତାନନ୍ଦ ପଟେଲ ପ୍ରମୁଖ ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଶ୍ରାଦ୍ଧ ଦିବସରେ ନେହେରୁଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା ଅଫିସ, ୨୭।୫

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କୁ ତାଙ୍କ ଶ୍ରାଦ୍ଧ ଦିବସରେ ଶନିବାର ରାଉରକେଲା ଜିଲା କଂଗ୍ରେସ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ଜିଲା କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ତଥା ବିଭିନ୍ନ ସାମ୍ମୁଖ୍ୟର କର୍ମକର୍ତ୍ତା ସକାଳ ୮ଟା ସମୟରେ କୋଏଲନଗର ସ୍ଥିତ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସଭ୍ୟ ରବି ରାୟ, ପ୍ରଭାତୀ ମିଶ୍ର, ସନ୍ତୋଷ ବିଶ୍ୱାଳ, ରାଜେଶ ଟପ୍ପୋ ପ୍ରମୁଖ ଉପସ୍ଥିତ ରହି ନେହେରୁଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।

## ଶୂନ୍ୟ ବର୍ଜ୍ୟଜଳ ହାସଲରେ ପ୍ରମୁଖ ପଦକ୍ଷେପ

### ଆର୍‌ଏସ୍‌ପିରେ ଟ୍ରିଟ୍‌ମେଣ୍ଟ ସିଷ୍ଟମ-୧ ପ୍ରକଳ୍ପ



ଜିରୋ ଲିକ୍ୱିଡ ଡିସ୍‌ଚାର୍ଜ ସିଷ୍ଟମ ପ୍ରକଳ୍ପ।

ରାଉରକେଲା ଅଫିସ,୨୭।୫

ଆର୍‌ଏସ୍‌ପିରେ ଜିରୋ ଲିକ୍ୱିଡ ଡିସ୍‌ଚାର୍ଜ ସିଷ୍ଟମ କାର୍ଯ୍ୟାନ୍ୱୟନ ଅଧୀନରେ ଟ୍ରିଟମେଣ୍ଟ ସିଷ୍ଟମ-୧ ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲିଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ନେତୃତ୍ୱରେ ଉକ୍ତ ଟ୍ରିଟମେଣ୍ଟ ସିଷ୍ଟମ-୧ ଏକ ଅନନ୍ୟ ପ୍ରକଳ୍ପ। ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ ୨୦୨୨ ମେ ୧୦ ତାରିଖରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାର ଯୋଜନା ରହିଛି। ପ୍ରକଳ୍ପ ବିଭାଗ ସିଜିଏମ୍ ଏ. ଏନ. ମିଶ୍ର, ଜିଏମ୍ ଦିଲୀପ କୁମାର ସାହୁ, ଜଳ ପ୍ରବନ୍ଧନ ବିଭାଗ ଜିଏମ୍ ଇନଚାର୍ଜ ତଥା ପ୍ରକଳ୍ପ ସ୍ୱତ୍ତ୍ୱାଧିକାରୀ ଦେବଜିତ ରାଭା ଏବଂ ପ୍ରକଳ୍ପ ବିଭାଗ ଏଜିଏମ ତଥା ପ୍ରବନ୍ଧକ ଭି. କେ. ଯାଦବ, ପରିବେଶ ବିଭାଗ ଜିଏମ୍ ତଥା ପ୍ରକଳ୍ପ ପ୍ରମୁଖ ଭି. ଭି. ଆର ମୂର୍ତ୍ତିଙ୍କୁ ନେଇ ଗଠିତ ଦଳ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଉକ୍ତ ପ୍ରକଳ୍ପକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ ଏହି ଦଳ ପ୍ରୟାସ ଚଳାଇଛି।

## ଭାଜପା ପୂର୍ବ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ରାଉରକେଲା ଅଫିସ,୨୭।୫



ବୈଠକରେ ଭାଜପା ନେତା ଉଦବୋଧନ ଦେଉଛନ୍ତି।

ରଘୁନାଥପାଲ୍ଲୀ ପୂର୍ବ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ସଭାପତି ମନୋଜ ସେନାପତିଙ୍କ ଅଧ୍ୟକ୍ଷତାରେ ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ମଣ୍ଡଳ ସଭାପତି ମନୋଜ କୁମାର ସେନାପତି, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲା ସମ୍ପାଦକ ପରେଶ ମିଶ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ ମହାନ୍ତି, ମଣ୍ଡଳ ପ୍ରଭାରୀ ସସ୍ମିତା ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସୁନିତା ମୋହିନୀ, ମମତା ମହାନ୍ତି, ସବିତା ସିଂ, ଇନ୍ଦ୍ରାବତୀ ଲୋହାର, କୁନୀ ରାଉତ, ଲଳିତ ଜେନା, ରାଜେନ୍ଦ୍ର ପଟ୍ଟନାୟକ, ପ୍ରମୋଦ ପାଢ଼ୀ, ରମାକାନ୍ତ ନାୟକ, ରଘୁ ଭୁମିଜ, ଆଶୁତୋଷ ମିଶ୍ର, ବିବେକ ସିଂ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବନ୍ଧମୁଣ୍ଡା ତିଳକାନଗର ଅଞ୍ଚଳର ଅଜିତ ବେହେରା ଓ ଗୋପାଳ ଚୌଧୁରୀଙ୍କ ନେତୃତ୍ୱରେ ଅନ୍ୟ ଦଳର ଯୁବ କାର୍ଯ୍ୟକର୍ତ୍ତାମାନଙ୍କ ଭାଜପାରେ ଯୋଗଦାନକୁ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ ସ୍ୱାଗତ ଜଣାଇଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ଇଶ୍ୱର ବେହେରା ଏବଂ ସାଧାରଣ ସମ୍ପାଦିକା ରଞ୍ଜିତା କିସ୍‌ପୋଟା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମଣ୍ଡଳ ପ୍ରଭାରୀ ସସ୍ମିତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୋରି ଅଭିଯୋଗରେ ଜଣେ ଗିରଫ

ରାଉରକେଲା ଅଫିସ,୨୭।୫

ମୋବାଇଲ ଓ କାନ୍ଥଘଣ୍ଟା ଚୋରି ଅଭିଯୋଗରେ ଟାଙ୍ଗରପାଲି ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉପବାଲଯୋଡ଼ିର ଗୌତମ ଦୀପ(୨୧)। ତାଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁସାରେ, ଫର୍ଟିଲାଇଜର ଅଞ୍ଚଳର ହିମାଂଶୁ ବାଗଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ୨ଟି ସ୍ମାର୍ଟଫୋନ ଓ ଗୋଟିଏ କାନ୍ଥଘଣ୍ଟା ଚୋରି ହୋଇଥିଲା। ଏ ନେଇ ହିମାଂଶୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୮୫।୨୩) ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଉପରବାଲିଯୋଡି ବସ୍ତିରୁ ଗିରଫ କରଥିଲା।

## ଆର୍‌ଏସ୍‌ପି ବହନ କରିବ ପାଠ୍ୟକ୍ରମ ଖର୍ଚ୍ଚ

### ୬୦ ଯୁବତୀ ଯୁବକଙ୍କୁ ଦିଆଯିବ ରୋଜଗାର ଭିତ୍ତିକ ତାଲିମ

ରାଉରକେଲା ଅଫିସ,୨୭।୫

ଯୁବତୀ ଯୁବକଙ୍କ ଦକ୍ଷତା ଏବଂ ରୋଜଗାର କ୍ଷମତାରେ ଉନ୍ନତି ଲକ୍ଷ୍ୟ ନେଇ ଆର୍‌ଏସ୍‌ପି ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ଭୁବନେଶ୍ୱର ସ୍ଥିତ କିଟ୍‌ରେ ଆୟୋଜିତ ହେବାକୁ ଯାଉଥିବା ଏକ ସ୍ୱତନ୍ତ୍ର ପାଠ୍ୟକ୍ରମରେ ହିତାଧିକାରୀମାନଙ୍କୁ ସରକାରୀ, ପିଏସ୍‌ୟୁ ଏବଂ ଅନ୍ୟାନ୍ୟ ଖ୍ୟାତି ସମ୍ପନ୍ନ ଘରୋଇ କମ୍ପାନୀ ପରିଚାଳିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ ପାଇଁ ସ୍ୱତନ୍ତ୍ର କୋଚିଂ ଯୋଗାଇ ଦିଆଯିବ। ସେମାନଙ୍କ ମୂଳ ବିଷୟ ସମେତ ସେମାନେ ନନ୍ ଟେକ୍ନିକାଲ କ୍ଷେତ୍ର ଯଥା ରିଜୋନିଂ, ଇଂରାଜୀ, ସାଧାରଣ ଜ୍ଞାନ ଆଦିରେ ମଧ୍ୟ ତାଲିମପ୍ରାପ୍ତ ହେବେ। ୪ଟି ପାର୍ଶ୍ୱାଞ୍ଚଳ ବ୍ଲକ ଯଥା ବିଶ୍ରା, କୁଆଁରମୁଣ୍ଡା, ନୂଆଗାଁ ଓ ଲାଠିକଟା ବ୍ଲକ ତଥା ରାଉରକେଲା ମହାନଗର ନିଗମ, ରାଉରକେଲା ଶିଳ୍ପ ସହରାଞ୍ଚଳ ଏବଂ ଆରଏସପି ପୁନର୍ବସତି କଲୋନୀର ନିର୍ଦ୍ଦିଷ୍ଟ ଟ୍ରେଡ୍‌ରେ ଆଇଟିଆଇ ଓ ଡିପ୍ଲୋମା ଯୋଗ୍ୟତାଧାରୀଙ୍କୁ ଏହି ତାଲିମ ପାଇଁ ଚୟନ କରାଯିବ। ଆର୍‌ଏସ୍‌ପି ଏହି ଷାଣ୍ମାଷିକ ଆବାସିକ ପାଠ୍ୟକ୍ରମ ଖର୍ଚ୍ଚ ବହନ କରିବ। ଏଥିରେ ତାଲିମ୍, ରହିବା, ବୋର୍ଡିଂ, ୟୁନିଫର୍ମ ଏବଂ ଜୋତା ଆଦି ଅନ୍ତର୍ଭୁକ୍ତ ରହିଛି। ଏଥିସହ ତାଲିମ ଅବଧିରେ ସେମାନଙ୍କୁ ମାସିକ ୧ହଜାର ଟଙ୍କା ଲେଖାଏ ଷ୍ଟାଇପେଣ୍ଡ ଦିଆଯିବ। ଏକବର୍ଷର ପାଠ୍ୟକ୍ରମ ପରବର୍ତ୍ତୀ ମାର୍ଗଦର୍ଶନ ଏବଂ ସହାୟତା ହିତାଧାରୀଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଶ୍ରମମନ୍ତ୍ରୀଙ୍କୁ ଭେଟିଲେ ସୋର୍ ସଦସ୍ୟା

ରାଉରକେଲା ଅଫିସ,୨୭।୫

ରାଉରକେଲା ସେକ୍ଟର ୫ ସ୍ଥିତ ବିଜେଡ଼ି କାର୍ଯ୍ୟାଳୟରେ ଶ୍ରମ ମନ୍ତ୍ରୀ ସାରଦା ନାୟକଙ୍କୁ ସେଲୁନ ଓନର ଆସୋସିଏାନ ଅଫ୍ ରାଉରକେଲା (ସୋର୍)ର ସଦସ୍ୟମାନେ ସାକ୍ଷାତ କରିଛନ୍ତି। ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରମ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏହି ଅବସରରେ ସଂଘର ବରିଷ୍ଠ ସଦସ୍ୟା ରଶ୍ମି ମିଶ୍ରଙ୍କ ନେତୃତ୍ୱରେ ପରବିନ ୟାସିନ, କିରଣ ଗୁପ୍ତା, କଳାରାଣୀ ସାହୁ, ସନ୍ଧ୍ୟାରାଣୀ ସାହୁ, ଶଙ୍ଖରୀନା, ଡଲି ସେନାପତି, ମୀନାରାଣୀ ଜେନା, ଶାରଦା ସିଂ, ମୀରା ସାହାଣୀ, ସିଲି ମହାନ୍ତି, ପୁନିତ ମିଶ୍ର, ପ୍ରିୟା ସଖୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ନାୟକ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।



ସଂଘର ସଦସ୍ୟମାନେ ଶ୍ରମ ମନ୍ତ୍ରୀ ସାରଦା ନାୟକଙ୍କୁ ଭେଟୁଛନ୍ତି।


## ବେଦବ୍ୟାସ ପୀଠ: ଠାକୁରଙ୍କୁ ଲାଗି ହେଉନି ଅନ୍ନ ମଣୋହି

ରାଉରକେଲା ଅଫିସ,୨୭।୫



ବେଦବ୍ୟାସ ପୀଠରେ ଥିବା ମନ୍ଦିର ।

ରାଉରକେଲାର ଧାର୍ମିକ ପୀଠ ବେଦବ୍ୟାସରେ ଥିବା ମନ୍ଦିର ଗୁଡିକରେ ଠାକୁରଙ୍କୁ ଅନ୍ନଭୋଗ ଲାଗି ହେଉ ନ ଥିବା ଅଭିଯୋଗ ହୋଇଛି। ବେଦବ୍ୟାସ ପୀଠରେ ଜଗନ୍ନାଥ ମନ୍ଦିର, ବାଲୁଙ୍କେଶ୍ୱର ମନ୍ଦିର, ବିଶ୍ୱନାଥ ମନ୍ଦିର, ଶାନ୍ତ ଶେଖର ମନ୍ଦିର, ରାଧାକୃଷ୍ଣ ମନ୍ଦିର, ସରସ୍ୱତୀ କୁଣ୍ଡ ଆଦି ଦେବଦେବୀଙ୍କ ୧୨ଟି ମନ୍ଦିର ରହିଛି। ମାତ୍ର କୌଣସି ମନ୍ଦିରରେ ଠାକୁରଙ୍କୁ ଅନ୍ନ ମଣୋହୀ ଲାଗି ହେଉନାହିଁ କି ଭକ୍ତମାନଙ୍କୁ ମିଳୁନାହିଁ। ରାଉରକେଲାର ଅନ୍ୟ ମନ୍ଦିରରେ ଅନ୍ନ ମଣୋହୀ ଲାଗି ହେଉଥିବା ବେଳେ ବେଦବ୍ୟାସ ପୀଠରେ ଅନ୍ନ ପ୍ରସାଦ ଉପଲବ୍ଧ ନ ହେବା ଯୋଗୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଜନୈକ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି, ବେଦବ୍ୟାସ ପୀଠର କୌଣସି ମନ୍ଦିରରେ ଅନ୍ନଭୋଗ ଲାଗି ହେଉନାହିଁ। କେବଳ ନଡିଆ ଓ କଦଳୀ ଭୋଗରେ ଦେବଦେବୀଙ୍କ ଭୋଗ ଅର୍ପଣ ନୀତି ସମ୍ପନ୍ନ ହେଉଛି । ବେଦବ୍ୟାସ ପୀଠ ବିକାଶ ମଞ୍ଚର ଯୁଗ୍ମ ସମ୍ପାଦକ ବିଭୂତି ଦାଶ କୁହନ୍ତି, ରାଉରକେଲା ହନୁମାନ ବାଟିକାରେ ୨୩ ମନ୍ଦିରରେ ଭକ୍ତଙ୍କୁ ଦୈନିକ ଅନ୍ନ ମଣୋହୀ ମିଳୁଛି। ଏଥିସହିତ ରାଉରକେଲା ଟାଉନଶିପ୍ ଓ ସେକ୍ଟର ଅଞ୍ଚଳର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଅନ୍ନ ମଣୋହୀ ଉପଲବ୍ଧ ହେଉଛି। ମାତ୍ର ବେଦବ୍ୟାସ ପୀଠରେ ଭକ୍ତଙ୍କ ପାଇଁ ଏହି ବ୍ୟବସ୍ଥା ନ ହେବା ପାଇଁ ଚିନ୍ତାର ବିଷୟ। ଏ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ଏ ସମ୍ପର୍କରେ ସୁନ୍ଦରଗଡ଼ ଜିଲାପାଳ ହର୍ଷଦ ପରାଗ ଗାଭାଲିଙ୍କୁ ପଚାରିବାରୁ ବେଦବ୍ୟାସ ପୀଠରେ ଅନ୍ନ ପ୍ରସାଦ ବ୍ୟବସ୍ଥା ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ସେହିପରି ଦେବୋତ୍ତର ବିଭାଗର ଏକ୍‌ଜିକ୍ୟୁଟିଭ ଅଫିସର ଗୋଲାପ କୌଶିକ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ମନ୍ଦିର ପୂଜକ ମାନଙ୍କ ଦ୍ୱାରା ସମସ୍ତ ଦେବଦେବୀଙ୍କ ଅନ୍ନ ମଣୋହୀ ବ୍ୟବସ୍ଥା କରାଯାଇଛି। ଅର୍ଡର ନ ଦେଲେ ଅନ୍ନ ପ୍ରସାଦ ମିଳେ ନାହିଁ ବୋଲି ସେ କହିଥିଲେ।



ବିହାରର ପାଟନାଠାରେ ଜବାହାରଲାଲ ନେହେରୁଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ।

# ବିଜେଡି ସରକାରଙ୍କ ରିମୋଟ୍ ମୋଦିଙ୍କ ହାତରେ: ଜିତେନ୍ଦ୍ର ସିଂ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ରିମୋଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କ ହାତରେ ରହିଛି । ବିଜେଡି ସବୁ କଥାରେ ଭାଜପା ସହିତ ଏକ ହୋଇ ରହିଛି। ଏମାନେ ଓଡ଼ିଶାରେ ମିଛରେ ନାଟକ କରୁଛନ୍ତି ବୋଲି ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସାଧାରଣ ସମ୍ପାଦକ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଶନିବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ସେ କହିଛନ୍ତି, ଓଡ଼ିଶାରେ ଗଣତାନ୍ତ୍ରିକ ସରକାର ଚାଲିନାହିଁ। ଏଠାରେ ଅମଲାତାନ୍ତ୍ରିକ ସରକାର ଚାଲିଛି। ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ଏ ସରକାରଙ୍କର ମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନଙ୍କ ପାଖରେ କିଛି କ୍ଷମତା ନାହିଁ । ଜନସାଧାରଣ ଆଜି ଘୋର ଦ୍ୱନ୍ଦ୍ୱରେ । ସେମାନେ କାହାକୁ ତାଙ୍କ ଦୁଃଖ ଜଣାଇବେ। ୨୩ ବର୍ଷର ରାଜ୍ୟ ସରକାର କୃଷକ, ଛାତ୍ର, ମହିଳା, ଆଦିବାସୀ ଓ ଅନୁସୂଚିତ ଜାତିମାନଙ୍କ ବିରୋଧୀ ହୋଇଛି। ରାଜ୍ୟରେ ୨୩ ବର୍ଷ ଭିତରେ ଗୋଟିଏ ହେଲେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହୋଇନାହିଁ। କଂଗ୍ରେସ ସରକାର ସମୟରେ ଯେଉଁ କିଛି ଶିଳ୍ପ ପ୍ରତିଷ୍ଠା ହୋଇଥିଲା ତାହା ଆଜି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସରକାର ଏ ପର୍ଯ୍ୟନ୍ତ ଗୋଟିଏ ବି ଶୀତଳ ଭଣ୍ଡାର କରିନାହିଁ। କୃଷକ ଅଭାବୀ ବିକ୍ରିରେ ହନ୍ତସନ୍ତ। ରାଜ୍ୟରେ କୃଷକର ଆୟ ୨୩ ବର୍ଷ ପରେ ମଧ୍ୟ ୧୦ ଟଙ୍କା ବୃଦ୍ଧି ହୋଇନାହିଁ। ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଉଚ୍ଚଶିକ୍ଷା କଥା କହିଲେ ନ ସରେ। ରାଜ୍ୟରେ ୬୨ ହଜାର ଶିକ୍ଷକ ପଦବୀ ପୂରଣ ହେଉନାହିଁ। ଠିକ୍ ସେହିଭଳି ୩୮ ହଜାରରୁ ଅଧିକ ଡାକ୍ତର ପଦବୀ ପୂରଣ ହେଉନାହିଁ। ୪୫ ହଜାରରୁ ଅଧିକ ନର୍ସେସ୍, ପାରାମେଡିକ୍ସ ବର୍ଷ ବର୍ଷ ଧରି ଖାଲିପଡ଼ିଛି। ଖଣି ଦୁର୍ନୀତି, ଚିଟ୍‌ଫଣ୍ଡ ଦୁର୍ନୀତିରେ ଭାରତବର୍ଷ ଏକ ନମ୍ବର ରାଜ୍ୟ। ମହିଳା ହିଂସା, ଅତ୍ୟାଚାର ଓ ଉତ୍ପୀଡ଼ନ କ୍ଷେତ୍ରରେ ଭାରତବର୍ଷ ବହୁ ଆଗରେ ବୋଲି ସିଂ କହିଛନ୍ତି।

ଅନ୍ୟପକ୍ଷରେ ଜିତେନ୍ଦ୍ର ସିଂ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କହିଛନ୍ତି, ନରେନ୍ଦ୍ର ମୋଦି ନେତୃତ୍ୱାଧୀନ କେନ୍ଦ୍ର ଭାଜପା ସରକାରକୁ ୯ ବର୍ଷ ପୂରିଲା। ପ୍ରଧାନମନ୍ତ୍ରୀ ମୋଦି ୨୦୧୪ରେ କେନ୍ଦ୍ରରେ ଶାସନକୁ ଆସିବା ପୂର୍ବରୁ ଭାରତବର୍ଷର ଜନସାଧାରଣଙ୍କୁ ମିଛ ପ୍ରତିଶ୍ରୁତି ଦେଇଥିଲେ। ଗୋଟିଏ ମିଛକୁ ବାରମ୍ବାର କହି ଭାରତବର୍ଷର ଜନସାଧାରଣଙ୍କ ମନରେ ଏକ ମିଛ ବିଶ୍ୱାସର ପାହାଡ଼ ସୃଷ୍ଟି କରିଥିଲେ, ଯାହାକୁ ଭାରତବର୍ଷର ଜନସାଧାରଣ ବିଶ୍ୱାସକୁ ପ୍ରତିଶ୍ରୁତି ବୋଲି ଭରସା କରିଥିଲେ। ତାହାବର୍ଷ ପରେ ବର୍ଷ ଅତିକ୍ରାନ୍ତ ହୋଇ ଆଜି ୯ ବର୍ଷ ପରେ ସେ ସବୁ ବିଶ୍ୱାସ ସମ୍ପୂର୍ଣ୍ଣ ମିଛ ଥିଲା ବୋଲି ଆଜି ତାହା ଜଳ ଜଳ ହୋଇ ଦେଖାଯାଉଛି। ୨୦୧୪ ରେ ଏକ ଏଲ୍‌ପିଜି ସିଲିଣ୍ଡର ଦାମ ୪୧୦ ଟଙ୍କା ଥିଲା ବେଳେ ୨୦୨୩ ବେଳକୁ ତାହା ୧୧୦୩ ଟଙ୍କାକୁ ବୃଦ୍ଧି ପାଇଛି। ପାଖାପାଖି କେବଳ ଏଲପିଜି ସିଲିଣ୍ଡରର ୧୬୯ ପ୍ରତିଶତ ବୃଦ୍ଧି ଘଟିଛି। ସେହିପରି ଆଜି ପେଟ୍ରୋଲ ଓ ଡିଜେଲର ମୂଲ୍ୟ ୨୦୧୪ ଠାରୁ ୫୭ ପ୍ରତିଶତ,ଡିଜେଲ ୭୮ ପ୍ରତିଶତ ବୃଦ୍ଧି ଘଟିଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତେଲ, ଅଟା ମୂଲ୍ୟ ୨୦୧୪ ତୁଳନାରେ ଆଜି ଶତକଡ଼ା ୫୮ ପ୍ରତିଶତ ବୃଦ୍ଧି ଘଟିଛି। ଭାରତବର୍ଷର ଲକ୍ଷ ଲକ୍ଷ ନିମ୍ନ ମଧ୍ୟବିତ ଏଲଆଇସିର ବୀମାଧାରୀ ଏବଂ ଏସ୍.ବି.ଆଇର ଜମାକାରୀଙ୍କ ଟଙ୍କା କାହିଁକି ଓ କାହା ସ୍ୱାର୍ଥରେ ଆଦାନୀ ଗ୍ରୁପ ଅଫ କମ୍ପାନୀରେ ବିନିଯୋଗ କରାଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ୨୦୧୪ରେ ଭାଜପା ସରକାର ଆସିଲା ପାଖରୁ ଦଳୀତ, ସଂଖ୍ୟାଲଘୁ,ମହିଳା ଓ ଆଦିବାସୀ ବର୍ଗଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଏହି ବର୍ଗଙ୍କ ଉପରେ ଶତକଡ଼ା ୨୩ ପ୍ରତିଶତ ଅତ୍ୟାଚାର ବୃଦ୍ଧି ଘଟିଛି। ବେଟି ପଢ଼ାଅ ଓ ବେଟିବଚାଅ ଅଭିଯାନ କେବଳ ସ୍ଲୋଗାନ କି। ୨୦୨୧ରେ ୪.୨ ଲକ୍ଷ ମହିଳା ଉତ୍ପୀଡ଼ନ, ଶାରିରୀକ ନିର୍ଯାତନା ଇତ୍ୟାଦି ଭୋଗ କରୁଥିବାର ମାମଲା ଦାୟର କରିଛନ୍ତି। ନିର୍ଭୟା ହତ୍ୟାଘଟଣା ପରେ ନିର୍ଭୟା ଯୋଜନାରେ ଯେଉଁ ବଜେଟ ରାଶି ଦିଆଯାଇଛି ସେଥିରୁ ୮୦ ପ୍ରତିଶତ କେବଳ ବୈଦ୍ୟୁତିକଗଣମାଧ୍ୟମ ଓ ଛାପା ଗଣମାଧ୍ୟମକୁ ବିଜ୍ଞାପନ ଆକାରରେ ଦିଆଯାଇଛି। ଏଥିରେ ଦେଶର ମହିଳାମାନଙ୍କର କଣ ସୁରକ୍ଷା ହୋଇଛି। ୨୦୧୪ ଭାଜପା ସରକାରଆସିଲା ପରେ ୯୫ ଶତପ୍ରତିଶତ ସି.ବି.ଆଇ.,ଇଡ଼ି କେସ କେବଳ ପ୍ରତିପକ୍ଷ ରାଜନୈତିକ ନେତୃବର୍ଗଙ୍କ ପ୍ରତି କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ, ରବିବାର ସଂସଦଭବନ ଉଦଘାଟନ ହେବ । କିନ୍ତୁ ରାଷ୍ଟ୍ରପତିଙ୍କର ଗାରିମା, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସମ୍ବିଧାନର ନୀତି ନିୟମକୁ ସମ୍ପୂର୍ଣ୍ଣ ରୂପେ ଭ୍ରୂକ୍ଷେପ ନ କରି ବିଜେଡି ଭାରତୀୟ ଜନତା ପାର୍ଟିକୁ ସମର୍ଥନ ଦେଇଛି। ବିଜେଡି ସମଦୂରତା କଥା କହିଥିଲେ। ସମଦୂରତା ଗଲା କୁଆଡ଼େ ବୋଲି ସେ କହିଛନ୍ତି। ଏ ସରକାର ପ୍ରତିଦିନ ଜିଏସ୍‌ଟିର ନିୟମାବଳୀର ପରିବର୍ତ୍ତନ କରୁଛନ୍ତି। ଜିଏସ୍‌ଟି ଆୟର ଶତକଡ଼ା ୫୦ ରୁ ୬୦ ଭାଗ ଆୟ କେବଳ ଗରୀବ, ନିମ୍ନ ମଧ୍ୟବିତ ଶ୍ରେଣୀର ଲୋକମାନଙ୍କ ଠାରୁ ଆଦାୟ କରାଯାଉଛି। କିନ୍ତୁ ଭାରତ ବର୍ଷର ସବୁଠାରୁ ଧନୀବ୍ୟକ୍ତିମାନେ ଶତକଡ଼ା ୪ ପ୍ରତିଶତ ଜିଏସ୍‌ଟି ଆୟର ଯୋଗଦାନକରୁଛନ୍ତି। ତେଣୁ ଏହି ଜିଏସ୍‌ଟି ଗରୀବ ଲୋକମାନଙ୍କୁ ଅଧିକ ଗରିବ କରିବା ପାଇଁ ଉଦ୍ଦିଷ୍ଟ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଉପସ୍ଥିତ ଥିଲେ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର: ଭାଜପା

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ରାଜ୍ୟର ଚାଲିଥିବା ବହୁ ପ୍ରଚାରିତ ପଛୁଆବର୍ଗ ସର୍ଭେ ପଛରେ ଥିବା ରାଜ୍ୟ ସରକାରଙ୍କ ଭିତିରି ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି। ରାଜ୍ୟର ପଛୁଆବର୍ଗଙ୍କ ସଂଖ୍ୟାକୁ କମ୍ ଦେଖାଇ ୫୪ ପ୍ରତିଶତ ଏସ୍‌ଇବିସି ବର୍ଗଙ୍କୁ ସଂରକ୍ଷଣ ନ ଦେବା ପାଇଁ ରାଜ୍ୟ ସରକାର ଏପରି ନାଟକବାଜି କରୁଛନ୍ତି । ଶାସନକଳ ଏସ୍‌ଇବିସି ବର୍ଗଙ୍କୁ କିପରି ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଇ ପାରିବ ସେହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରାଜ୍ୟ ସରକାରଙ୍କ ଏହି ଓବିସି ବିରୋଧୀ ଅଭିଯାନକୁ ସଫଳ ହେବାକୁ ଦିଆଯିବନି ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି । ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ୧୯୩୧ ମସିହାର ଜନଗଣନା ଆଧାରରେ ୫୪ପ୍ରତିଶତ ସଂଖ୍ୟାଗରିଷ୍ଠ ପଛୁଆବର୍ଗଙ୍କୁ ସମଗ୍ର ଦେଶର ୨୭ ପ୍ରତିଶତ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଯୋଗାଇ ଦିଆଯାଉଥିବା ବେଳେ କେବଳମାତ୍ର ଓଡ଼ିଶା ସରକାର ଏହାକୁ କାର୍ଯ୍ୟକାରୀ କରାଇ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସର୍ଭେ ବାହାନାରେ ରାଜ୍ୟ ସରକାର କେବଳ ପ୍ରଚାର ଚଳାଇଛନ୍ତି। ୨୦ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି। ଏବେ ବି କେଉଁ କେଉଁ ଜାତି ବର୍ଗର ସର୍ଭେ ହେବ ତାହା ଚୂଡାନ୍ତ ନୁହେଁ। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଜାତି କୋଡ୍ ନମ୍ବର ତାଲିକାରେ ୨୧୦ ଜାତିବର୍ଗ ନାମ ଉଲ୍ଲେଖ ଅଛି। ନୂତନ ଭାବେ ଅଧ୍ୟାଦେଶ ବଳରେ ଯୋଡାଯାଇଥିବା ଜାତିବର୍ଗ ତାଲିକା କୁଆଡେ ଗଲା। କେନ୍ଦ୍ର ଓବିସି ତାଲିକାରେ ଥିବା ଜାତିମାନେ କ'ଣ ଏଥିରୁ ବଞ୍ଚିତ କି? କେତେକ ଗଣମାଧ୍ୟମରେ ରାଜ୍ୟରେ ପଛୁଆବର୍ଗଙ୍କ ଆପାତତଃ ସଂଖ୍ୟା ପ୍ରକାଶ ପାଇଛି ଏବଂ ଏହି ସଂଖ୍ୟା ବାସ୍ତବତାଠାରୁ ବହୁତ କମ୍। କେଉଁ ସରକାରୀ ଅଧିକାରୀ ଏଭଳି ତଥ୍ୟ ଗଣମାଧ୍ୟମକୁ ଦେଇଛନ୍ତି ତାହା ରାଜ୍ୟବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ମୁଖ୍ୟମନ୍ତ୍ରୀ ପଛୁଆବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେବା ପାଇଁ ଚାହୁଁଛନ୍ତି ତେବେ ରାଜ୍ୟ ସରକାରଙ୍କ ପାଖରେ ଉପଲବ୍ଧ ପଛୁଆବର୍ଗ ତାଲିକା ଏବଂ ଅନ୍ୟ ରାଜ୍ୟମାନଙ୍କର ଯେଉଁ ମାପଦଣ୍ଡ ଅନୁଯାୟୀ ସଂରକ୍ଷଣ ଯୋଗାଇ ଦିଆଯାଉଛି ସେହି ଆଧାରରେ ସଂରକ୍ଷଣ ଯୋଗାଇ ଦେଇପାରନ୍ତେ । କିନ୍ତୁ ସେପରି ନ କରି ମୁଷ୍ଟିମେୟ ପଛୁଆବର୍ଗ ବିରୋଧୀ ଷଡଯନ୍ତ୍ରକାରୀ ଗୋଷ୍ଠୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସଂଖ୍ୟାଗରିଷ୍ଠ ବର୍ଗଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରୁଛନ୍ତି ବୋଲି ବିଶ୍ୱାଳ ଅଭିଯୋଗ କରିଛନ୍ତି। ନାମଲେଖା ସମୟ ଅବଧି ଶେଷ ପୂର୍ବରୁ ରାଜ୍ୟ ସରକାର ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ତୁରନ୍ତ ୨୭ ପ୍ରତିଶତ ସଂରକ୍ଷଣ ଘୋଷଣା କରିବା ପାଇଁ ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ବିବେକାନନ୍ଦ ଜେନା ଓ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରଞ୍ଜନ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ଆମ ସହିତ ବୈମାତୃକ ବ୍ୟବହାର କରୁଛି

**ଅଭିଯୋଗ ଆଣିଲେ ଶିବସେନା ଏମ୍‌ପି**

**ମୁମ୍ବାଇ,୨୭।୫ :** ମହାରାଷ୍ଟ୍ରରେ ଭାଜପା ଏବଂ ଶିବସେନା ମେଣ୍ଟ ସରକାରରେ ଫାଟ ବଢୁଥିବା ନେଇ ଚର୍ଚ୍ଚା ହେଉଛି। ଶିବସେନା ଶିନ୍ଦେ ଗୋଷ୍ଠୀର ଏମପି ଗଜାନନ କୀର୍ତ୍ତିକର ଭାଜପା ସେମାନଙ୍କ ପ୍ରତି ସାବତ ମା' ଭଳି ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କହିଛନ୍ତି, ଗଜାନନ କୀର୍ତ୍ତିକର ଏପରି କିଛି କହି ନାହାଁନ୍ତି।


## କେନ୍ଦ୍ରୀୟ ବିଦ୍ୟାଳୟ, ଆସ୍କା
1963 50 2013
### ପ୍ରବେଶ ବିଜ୍ଞପ୍ତି – 2023-24

2023-24 ଶିକ୍ଷାବର୍ଷ ପାଇଁ K.V., ASKAରେ ଶ୍ରେଣୀ – XI (ବିଜ୍ଞାନ) ପାଇଁ ଅଫ୍‌ଲାଇନ୍ ପଞ୍ଜୀକରଣ 27.05.2023ରେ ଆରମ୍ଭ ହେବ ଏବଂ 31.05.2023 ଦିନ ଅପରାହ୍ନ 4ଟା ସମୟରେ ବନ୍ଦ ହେବ।
ୱେବ୍‌ସାଇଟ୍‌ରେ ଆଡ୍‌ମିଶନ ବିବରଣୀ ଉପଲବ୍ଧ: **https://aska.kvs.ac.in**
ଅଧିକ ବିବରଣୀ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ:
ଇ–ମେଲ୍: **kvaskaadmission2020@gmail.com**
ଟେଲି: **06822-295333**, ସମୟ: ସକାଳ 8.00ରୁ ଅପରାହ୍ନ 2.00 ମଧ୍ୟରେ।
**Sd./- Dr. N. Meher, Principal I/C, K.V., Aska**

## JEWELS INTERNATIONAL
## CHETANA COLLEGE OF SPECIAL EDUCATION
**(Recognized by SSEPD Department, Govt. of Odisha, Approved by Rehabilitation Council of India)**
**Affiliated to Utkal University**
**A/3, Institutional Area, Near Hotel Swosti Premium PO - R.R.L. Campus, Bhubaneswar-751013**
**Contact : 9437126187, 9437265920, 7008282918**
**E-mail : chetanacollege@yahoo.co.in**
**Website: http://www.chetana-jewelsinternational.org**

Applications are invited for admission in to D.Ed.,B.Ed. & M.Ed. Special Education (IDD, ID) and M.A in Applied Psychology for the Academic Session 2023-2025. Last date for receiving application is 26.06.2023. Last date may change as per notification received from concerned Recognized body. The Prospectus and Application form is available at the College office and above mentioned website.

**Principal**

## ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.03-KUR-TRD-OT-2023-24
**କାର୍ଯ୍ୟର ନାମ:** ତିନି ବର୍ଷ ନିମନ୍ତେ ତାଳଚେର (TLHR) ଠାରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (MCL) ର ବଳରାମ ସାଇଡ଼ିଙ୍ଗର ସ୍ୱର ନଂ.9 ଏବଂ 10 ତଥା ଅନନ୍ତ (ANT)ସାଇଡ଼ିଙ୍ଗ, ଜଗନ୍ନାଥ (JNC) ସାଇଡ଼ିଙ୍ଗ ତଥା ଭରତପୁର (BTPR) ସାଇଡ଼ିଙ୍ଗର ସମସ୍ତ ବୋଲ୍ଟେଜ ସ୍ୱରଗୁଡ଼ିକରେ ଆଇସୋଲେଟରଗୁଡ଼ିକର ପରିଭଳନା।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 1,20,56,409.90, EMD (ଟଙ୍କାରେ) : 2,10,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 1095 ଦିନ।
ବିଡ୍ ଆରମ୍ଭ ହେବା ତାରିଖ: ତା.29.05.2023 ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.12.06.2023 ରିଖ 1300 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-207/O/23-24

## ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.13/ET/SBP/ENGG/2023-24, ତା.22.05.2023ରିଖ
(1)ଇ-ଟେଣ୍ଡର ସଂ.02-eT-BRIDGE-SBP-23
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର/ବ୍ରିଜ୍/ଟିଟିଲାଗଡ଼ ଅଧୀନରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ବ୍ରିଜଗୁଡ଼ିକର ସୁପରଷ୍ଟ୍ରକ୍‌ଚର ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 89,80,984.05, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 1,79,700/-।
(2)ଇ-ଟେଣ୍ଡର ସଂ.06-eT-SDENS-SBP-23
**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ଅଧୀନସ୍ଥ ସମ୍ବଲପୁର ମଣ୍ଡଳର କୋର୍ଲା ରୋଡ୍ (In)-ଥେରୁବାଲି (In) ଏବଂ ଲାଞ୍ଜିଗଡ଼ ରୋଡ୍ (Ex)-କୁନାଗଡ଼ ରୋଡ୍ (In) ସେକ୍ସନ ମଧ୍ୟରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ପୋଲ ମରାମତି କାର୍ଯ୍ୟ ନିମନ୍ତେ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,05,17,846.75, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,02,600/-।
(3)ଇ-ଟେଣ୍ଡର ସଂ.07-eT-SDENS-SBP-23
**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ଦେଓଗାଁ ରୋଡ୍ (Ex)-କୋର୍ଲା ରୋଡ୍ (Ex) ସେକ୍ସନ ମଧ୍ୟରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ପୋଲ ମରାମତି କାର୍ଯ୍ୟ ନିମନ୍ତେ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,11,41,050.75, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,05,800/-।
(4)ଇ-ଟେଣ୍ଡର ସଂ.08-eT-SDENS-SBP-23
**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନସ୍ଥ କୋର୍ଲା ରୋଡ୍ (In)-ଥେରୁବାଲି (In) ଏବଂ ଲାଞ୍ଜିଗଡ଼ ରୋଡ୍ (Ex)-କୁନାଗଡ଼ ରୋଡ୍ (In) ସେକ୍ସନରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,90,79,369.95, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,45,400/-।
(5)ଇ-ଟେଣ୍ଡର ସଂ.09-eT-SDENS-SBP-23
**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ଦେଓଗାଁ ରୋଡ୍ (Ex)-କୋର୍ଲା ରୋଡ୍ (Ex) ସେକ୍ସନରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,89,67,756.70, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,44,900/-।
(6)ଇ-ଟେଣ୍ଡର ସଂ.18-eT-SDENE-SBP-23
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ଝାରସୁଗୁଡ଼ା ରୋଡ୍, ସମ୍ବଲପୁର ସିଟି ଏବଂ ବରଗଡ଼ ରୋଡ୍ ରେଳ ଷ୍ଟେସନଗୁଡ଼ିକର ସଫ୍ଟ (Soft) ଉନ୍ନୟନ ସମ୍ବନ୍ଧୀୟ ଅବଶିଷ୍ଟ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 14,29,74,963.82, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 8,64,900/-।
କାର୍ଯ୍ୟ ଶେଷ ହେବା ଅବଧି : 30.06.2024 (କ୍ରମ ସଂ.1 ରୁ 5 ପର୍ଯ୍ୟନ୍ତ) ଏବଂ 06 ମାସ (କ୍ରମ ସଂ.6 ପାଇଁ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.15.06.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-209/O/23-24

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର
### +୨ ନାମଲେଖା ବିଜ୍ଞାପନ
No. RR–05
**Student Academic Management System**

ଚଳିତ ୨୦୨୩–୨୪ ଶିକ୍ଷାବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:–

| | | |
|---|---|---|
| ୧ | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ CAF ଉପଲବ୍ଧ ହେବାର ତାରିଖ | ତା୨୯।୦୫।୨୦୨୩ରିଖ (ଅପରାହ୍ନ ୨ ଘଟିକା) |
| ୨ | www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ CAF ଆବେଦନ କରିବାର ଶେଷ ତାରିଖ | ତା୨୫।୦୬।୨୦୨୩ରିଖ (ରାତ୍ର ୧୧.୫୯ ଘଟିକା) |
| ୩ | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ ପାଇଁ ଉପଲବ୍ଧ ହେବାର ତାରିଖ | ତା୩୦।୦୬।୨୦୨୩ରିଖ (ଅପରାହ୍ନ ୨ ଘଟିକା) |
| ୪ | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୦୪।୦୭।୨୦୨୩ରିଖରୁ ତା୦୭।୦୭।୨୦୨୩ରିଖ |
| ୫ | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ, ନାମଲେଖା ପାଇଁ ପ୍ରଥମ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୧୪।୦୭।୨୦୨୩ରିଖ (ସନ୍ଧ୍ୟା ୫ ଘଟିକା) |

ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +2 ଇ–ଆଡମିଶନ୍ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ୍ www.samsodisha.gov.in ମାଧ୍ୟମରେ ପ୍ରକାଶନ କରାଯିବ।

ବି.ଦ୍ର.:– (କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୩ରିଖ ସୁଦ୍ଧା ୨୦ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନ ଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା – ୨୦୨୩ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:–
**ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସୀତାର, ବେହେଲା ଓ ନାଟକ।**
**ସ୍ୱା./- ଅଧ୍ୟକ୍ଷ, ଉ.ସ.ମ.**

**ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ- ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।**
OIPR–03011/11/0001/2324

## Directorate of Higher Secondary Education, Odisha
**e-Admission into Higher Secondary Schools of the State for the session 2023-24**

No.N-15:- Online applications are invited through **SAMS** for admission into Class-XI of Arts, Science, Commerce, Upashastri and Vocational streams in all Higher Secondary Schools (HSSs) of the State affiliated to CHSE (O) along with Vocational courses in 93 Higher Secondary Schools.

**Eligibility**
Applicants must have passed the High School Certificate (HSC) Examination from the Board of Secondary Education (BSE), Odisha or its equivalent Boards.

**Procedure**
- Applicants shall apply online by **registering** themselves on the **SAMS** portal (www.samsodisha.gov.in).
- The applicants are advised to read the **Common Prospectus (CP)** carefully before filling the online Common Application Form (CAF).
- Applicants must retain the print-out of Application Form and payment receipt after successful submission of the CAF for future reference.
- The **C**ommon **A**pplication **F**orm Fee must be paid through online mode only (details available in CP).
- All relevant documents are to be verified at the selected Higher Secondary School at the time of admission only.
- Application fees for **General Category** is ₹200/-, for **ST & SC Category** is ₹100/-.

***N.B.: Any claim (Reservation/Weightage/Relaxation) must be supplemented with relevant documents.***

**Datelines of Admission Schedule**

| Sl. No | Activities | Dateline |
|---|---|---|
| 1 | Commencement of **On-line Common Application Form** (CAF) for admission into Class-XI in the SAMS Portal **(www.samsodisha.gov.in)** | 29.05.2023 (11.00 AM) |
| 2 | **Last date for submission of online Common Application Form (CAF)** by the Applicant at Student Login (**www.samsodisha.gov.in**) | 20.06.2023 (11.45 PM) |
| 3 | Publication of the **First Selection Merit List** and downloading of **Intimation Letter** in the Student Login | 28.06.2023 (11.45 AM) |
| 4 | Reporting of **First Selection** applicants and admission updation at Higher Secondary Schools level | 29.06.2023 to 05.07.2023 (up to 06.00 PM) |
| 5 | **Admission Data updation** of the First Selection Applicants and Error Correction by Higher Secondary Schools in the SAMS e-Space | 29.06.2023 to 06.07.2023 (up to 06.00 PM) |
| 6 | Online submission of **Slide-up Request** by students who have taken admission in **First Selection** | 29.06.2023 to 07.07.2023 (upto 06.00 PM) |
| 7 | Publication of Second Selection **Merit List** and downloading of **Intimation Letter** in the Student Login | 13.07.2023 (up to 03.00 PM) |
| 8 | **Reporting** of Second Selection applicants and admission updation at Higher Secondary Schools level | 14.07.2023 to 17.07.2023 (upto 06.00 PM) |
| 9 | **Admission Data updation** of the **Second Selection** Applicants and **Error Correction** by Higher Secondary Schools in the SAMS e-Space | 14.07.2023 to 17.07.2023 (upto 09.00 PM) |
| 10 | Last date for opening of **Choice Locking (only Slide-up request opted and not selected candidates)** facility in the remaining higher option for SPOT admission | 19.07.2023 (up to 11.00 AM) |
| 11 | Last date for submission of **Choice Locking** in the remaining higher options for SPOT admission | 19.07.2023 to 21.07.2023 (upto 11.45 PM) |
| 12 | Publication of **SPOT Selection** and downloading of **Intimation Letter** in the Student Login | 26.07.2023 (up to 11.00 AM) |
| 13 | Reporting of First Selection applicants and admission updation at HSS level | 26.07.2023 (12.00 PM) to 27.07.2023 (upto 06.00 PM) |
| 14 | Commencement of **Class-XI** | **29.07.2023** |

**For more details, please contact Sanjog Helpline (Toll Free) Number 155335, 1800-345-6770, email @ sams.eadmission2022@gmail.com**
**Changes to the dateline (if occurs) will be notified in the newspapers & website as well.**
OIPR-11033/11/0002/2324

## STEEL AUTHORITY OF INDIA LIMITED
**Rourkela Steel Plant**
Rourkela - 769 011, Odisha, India

Ref. No: CSR/2023-24/084 Date: 28/05/2023

INVITING APPLICATIONS FROM ELIGIBLE ITI/DIPLOMA CANDIDATES FOR PREPARATORY COURSE AT KIIT, BHUBANESWAR (A TRAINING PROGRAMME UNDER EMPLOYABILITY & SKILL ENHANCEMENT)

Applications are invited from interested eligible underprivileged candidates from residents of direct impact zones of RSP only i.e. Bisra , Kuarmunda , Nuagaon , Lathikata Revenue Blocks of Sundargarh District, Rourkela Municipality, Rourkela Industrial Township and Resettlement Colonies of RSP in the State of Odisha for a Preparatory Course at KIIT, Bhubaneswar to enhance their competence for employability.

ELIGIBILITY CRITERIA (As on 28/05/2023):

| Name of Programme & Duration | QUALIFICATION | No. of seats | Stipend Rate (Rs./Month) |
|---|---|---|---|
| Preparatory Course, **Duration - 6 months** | 1. **For Diploma Qualified:** Matriculate & Diploma (3 years for regular course & 2 yrs for lateral entry) in Engg. in trades of **Electrical/ Mechanical/Civil/Instrumentation** from a Govt. recognized institute. | 30 | Rs. 1,000/- (Rupees One Thousand only) |
| | 2. **For ITI Qualified:** Matriculate & ITI (2 years duration) in trades of **Electrician/Fitter/Machinist** from a Govt. recognized institute. | 30 | |

Maximum Age of The Candidate : General: 25Yrs, OBC/SEBC: 28Yrs, SC/ST: 30 Years

- The above Preparatory Course is only for enhancing competence for employability and not for claiming employment in future in SAIL, RSP.

Interested candidates can apply by submitting their applications in prescribed format along with the copy of requisite testimonies to **GM(CSR)** through Post/ Drop Box placed at Room No 07, Institute of Peripheral Development (IPD), CSR Office Complex, Sector-20, Rourkela, Odisha.

The details along with application format are available in the "NEWS" section of "CAREER" page at our company's website: www.sail.co.in or www.sailcareers.com.

LAST DATE OF RECEIPT OF APPLICATION AT CSR OFFICE IS 17.06.2023

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

## ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
## ODISHA REAL ESTATE REGULATORY AUTHORITY
ORERA
ଏ-1, ବ୍ଲକ୍, ତୃତୀୟ ମହଲା, ତୋଷାଳି ଭବନ, ସତ୍ୟନଗର
ଭୁବନେଶ୍ୱର-751007

CAD–743

### ସୂଚନା

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣର ଏହା ଦୃଷ୍ଟିଗୋଚର ହେଉଛି କି, କେତେକ ଡେଭେଲପର / ପ୍ରମୋଟର / ବିଲ୍‌ଡର/ ଗୃହ ନିର୍ମାଣକାରୀ ସଂସ୍ଥା/ ରିୟଲ ଇଷ୍ଟେଟ୍ ଏଜେଣ୍ଟ ରେରା ଅନୁମୋଦନ ହାସଲ ପୂର୍ବରୁ ସେମାନଙ୍କର ପ୍ରସ୍ତାବିତ ରିୟଲ ଇଷ୍ଟେଟ୍ ପ୍ରକଳ୍ପ ସଂକ୍ରାନ୍ତରେ 'ପ୍ରାକ୍–ଶୁଭାରମ୍ଭ' (Pre–launch) ନାମରେ କ୍ରେତାଙ୍କଠାରୁ ଆପାର୍ଟମେଣ୍ଟ / ପ୍ଲଟ୍ / ଗୃହ ବାବଦରେ ଅନଧିକାର ଭାବେ ଆଗ୍ରିମ ଅର୍ଥରାଶି ସଂଗ୍ରହ କରୁଛନ୍ତି।

ଏହା ମଧ୍ୟ ଦୃଷ୍ଟିଗୋଚର ହୋଇଛି ଯେ, କେତେକ ରିୟଲ ଇଷ୍ଟେଟ୍ ଏଜେଣ୍ଟ 'ପ୍ରାକ୍–ଶୁଭାରମ୍ଭ' ନାମରେ ପ୍ରକଳ୍ପର ରେରା ଅନୁମୋଦନ ପୂର୍ବରୁ ଆପାର୍ଟମେଣ୍ଟ / ପ୍ଲଟ୍ / ଗୃହର ମାର୍କେଟିଂ କରୁଛନ୍ତି। ରିୟଲ ଇଷ୍ଟେଟ୍ (ନିୟାମକ ଓ ବିକାଶ) ଅଧିନିୟମ, 2016ର ଧାରା 3 ଅନୁଯାୟୀ ପ୍ରମୋଟର / ଡେଭେଲପର / ବିଲ୍ଡର / ଗୃହ ନିର୍ମାଣକାରୀ ସଂସ୍ଥା/ ରିୟଲ ଇଷ୍ଟେଟ୍ ବ୍ୟବସାୟୀ ଉକ୍ତ ଅଧିନିୟମ ପରିସରଭୁକ୍ତ ପ୍ରକଳ୍ପର ରେରା ପଞ୍ଜୀକରଣ ପୂର୍ବରୁ ଆପାର୍ଟମେଣ୍ଟ/ ପ୍ଲଟ୍ / ଗୃହ ବାବଦରେ ବିଜ୍ଞାପନ (advertise), ବିପଣନ (marketing), ବୁକିଂ (booking), ବିକ୍ରୟ (sale) କିମ୍ବା ବିକ୍ରୟ ପାଇଁ ପ୍ରସ୍ତାବ (offer for sale) କିମ୍ବା କ୍ରୟ ନିମନ୍ତେ ଆମନ୍ତ୍ରଣ (invite persons to purchase) କରିପାରିବେ ନାହିଁ। ରିୟଲ ଇଷ୍ଟେଟ୍ ଏଜେଣ୍ଟ ମଧ୍ୟ ଧାରା 10 ଅନୁଯାୟୀ ରେରା ପଞ୍ଜୀକରଣ ହୋଇ ନ ଥିବା କୌଣସି ରିୟଲ ଇଷ୍ଟେଟ୍ ପ୍ରକଳ୍ପରେ ଆପାର୍ଟମେଣ୍ଟ / ପ୍ଲଟ୍ / ଗୃହ କ୍ରୟ ବିକ୍ରୟରେ ସହାୟତା କରିପାରିବେ ନାହିଁ।

ଅତଏବ, ସମସ୍ତ ପ୍ରମୋଟର/ ଡେଭେଲପର / ବିଲ୍‌ଡର / ଗୃହ ନିର୍ମାଣକାରୀ ସଂସ୍ଥା / ରିୟଲ ଇଷ୍ଟେଟ୍ ବ୍ୟବସାୟୀ / ରିୟଲ ଇଷ୍ଟେଟ୍ ଏଜେଣ୍ଟମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ରେରା ଆଇନ ପରିସରଭୁକ୍ତ ରିୟଲ ଇଷ୍ଟେଟ୍ ପ୍ରକଳ୍ପର ରେରା ପଞ୍ଜୀକରଣ ପୂର୍ବରୁ 'ପ୍ରାକ୍–ଶୁଭାରମ୍ଭ' (Pre–launch) ନାମରେ କ୍ରେତାଙ୍କ ସହ କୌଣସି ପ୍ରକାର ଆର୍ଥିକ କାରବାର କରନ୍ତୁ ନାହିଁ କିମ୍ବା କ୍ରୟ/ବିକ୍ରୟ ପାଇଁ କୌଣସି ପ୍ରକାରର ପ୍ରଚାର / ପ୍ରସାର କରନ୍ତୁ ନାହିଁ । ଏହାର ଉଲ୍ଲଂଘନ ହେଲେ ମାନ୍ୟବର ପ୍ରାଧିକରଣଙ୍କ ଦ୍ୱାରା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ପ୍ରାଧିକରଣଙ୍କ ଆଦେଶ କ୍ରମେ**
**ସ୍ୱା./- ସଚିବ**
OIPR–13223/11/0005/2324

## ସଂକ୍ଷେପରେ

### ଖବରଦାତାଙ୍କୁ ବସ୍ କଣ୍ଡକ୍ଟରଙ୍କ ଧମକ ଅଭିଯୋଗ

**କୋକସରା,୨୭।୫(ଡି.ଏନ.ଏ.):** ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ଖବରଦାତାଙ୍କୁ ବସ କଣ୍ଡକ୍ଟରଙ୍କ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଜୀବନରେ ମାରିଦେବାକୁ ଧମକ ଦେଇଥିବା କୋକସରା ଥାନାରେ ଅଭିଯୋଗ ହୋଇଛି। ବସ କର୍ମଚାରୀଙ୍କୁ ଗିରଫ ଓ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଶନିବାର ସକାଳେ ହାଇଦ୍ରାବାଦରୁ ଧର୍ମଗଡକୁ ଆସୁଥିବା ଏକ ଘରୋଇ ବସରେ କ୍ଷମତାରୁ ଅଧିକ ଦାଦନ ଖଟିବାକୁ ଶ୍ରମିକଙ୍କୁ ନେଉଥିଲେ। ବେହେରା ବିଜୁ ଏକ୍ସପ୍ରେସ ୱେ ନିକଟରେ ଅଞ୍ଚଳର ଜଣେ ଖବରଦାତା ଫୋଟୋ ଉତ୍ତୋଳନ କରୁଥିବା ବେଳେ ବସ କଣ୍ଡକ୍ଟର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ଧର୍ମଗଡ ଓ କୋକସରା ବ୍ଲକର କାର୍ଯ୍ୟରତ ସାମ୍ବାଦିକ ସଂଘ ସମୂହ ପକ୍ଷରୁ କୋକସରା ଥାନାଧିକାରୀଙ୍କୁ ସମ୍ପୃକ୍ତ କଣ୍ଡକ୍ଟରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ତ୍ୱରିତ ପଦକ୍ଷେପ ନେଇ ବସ୍ କଣ୍ଡକ୍ଟରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି।

### ମଇଦାନରେ ୨୧ ପ୍ରାର୍ଥୀ

**ଗୋଳାବାରୁଦ କାରଖାନା କାର୍ଯ୍ୟ ସମିତି ନିର୍ବାଚନ**

**ସଇଁତଲା,୨୭।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବଡ଼ମାଲ ଗୋଳାବାରୁଦ କାରଖାନାରେ ଆଗାମୀ ଜୁନ ୩ ତାରିଖରେ କାର୍ଯ୍ୟ ସମିତି ନିର୍ବାଚନ ହେବ। ଏଥିରେ ଚାରିଟି ଶ୍ରମିକ ସଂଗଠନର ୨୧ ଜଣ ପ୍ରାର୍ଥୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଚଳିତ ନିର୍ବାଚନରେ ଭାରତୀୟ ପ୍ରତିରକ୍ଷା ମଜଦୁର ୟୁନିୟନ ଓ ଆଇଏନଟିୟୁସି କର୍ମଚାରୀ ୟୁନିୟନ ମିଳିତ ଭାବରେ ନିର୍ବାଚନ ଲଢୁଛନ୍ତି। ସାତଗୋଟି ପଦବୀ ପାଇଁ ହେଉଥିବା ଏହି ନିର୍ବାଚନରେ ମୋଟ ୧୫ଶହ ୨୮ଜଣ ଭୋଟର ରହିଛନ୍ତି। ଭୋଟ ଦେବା ପାଇଁ ୬ ଗୋଟି ବୁଥ କରାଯାଇଛି। ନିର୍ବାଚନକୁ ଆଉ ମାତ୍ର ଏକ ସପ୍ତାହ ବାକିଥିବାବେଳେ ପ୍ରଚାର ଜୋରସୋରରେ ଚାଲିଛି। ସର୍ବଭାରତୀୟସ୍ତରର ଶ୍ରମିକ ସଂଗଠନରୁ କେତେଜଣ ପଦାଧିକାରୀ ଆସି ଏଠାରେ ପ୍ରଚାର କାର୍ଯ୍ୟକ୍ରମ କରିଛନ୍ତି। ଗୋଳାବାରୁଦ କାରଖାନାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସମସ୍ୟା, ନିଗମୀକରଣର ପ୍ରଭାବ ଓ ନୂତନ ପେନସନ ନୀତିକୁ ବନ୍ଦ କରି ପୁରୁଣା ପେନସନ ନୀତି ଲାଗୁ କରିବା ଭଳି ଦାବିଗୁଡ଼ିକୁ ଭୋଟରଙ୍କ ପାଖରେ ରଖି ପ୍ରାର୍ଥୀମାନେ ଭୋଟ ମାଗୁଥିବା ଦେଖିବାକୁ ମିଳୁଛି। ମଜଦୁର ୟୁନିୟନ ସଭାପତି ପଞ୍ଚୁ ପଟେଲ ଏବଂ ୱାର୍କର ୟୁନିୟନ ସଭାପତି ହରିହର ସିଂ ସେମାନଙ୍କ ସମର୍ଥିତ ପ୍ରାର୍ଥୀମାନେ ବିଜୟ ହାସଲ କରିବେ ବୋଲି ଦାବି କରିଛନ୍ତି।

# ପୋଖରୀ ପଙ୍କୋଦ୍ଧାର ବେଳେ ଐତିହାସିକ କୀର୍ତ୍ତିରାଜି ଉଦ୍ଧାର

**ଭବାନୀପାଟଣା,୨୭।୫(ସ୍ୱ.ପ୍ର.)**


ଉଦ୍ଧାର ହୋଇଥିବା କୀର୍ତ୍ତିରାଜି।

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟରୁ ୧୨ କି.ମି. ଦୂର ଦାଦପୁର ଗ୍ରାମ ପୋଖରୀରୁ ପଙ୍କୋଦ୍ଧାର ସମୟରେ ଶନିବାର ଐତିହାସିକ କୀର୍ତ୍ତିରାଜି ଉଦ୍ଧାର ହୋଇଛି। ଏହା ମଧ୍ୟଯୁଗ ମନ୍ଦିରର ଭଗ୍ନାବଶେଷର ସନ୍ଧାନ ବୋଲି ଜଣାପଡ଼ିଛି। ଏହାକୁ ଦେଖିବା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଭିଡ଼ ଜମିଥିବା ବେଳେ ଅଞ୍ଚଳକୁ ସିଲ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରତ୍ନଗର୍ଭା କଳାହାଣ୍ଡି ଜିଲା ପ୍ରକୃତିର ଅବଦାନଭରା ଏହି ଜିଲାରେ ଭରି ରହିଛି ହୀରା ନିଳା ମୋତି ମାଣିକ୍ୟ। କିମ୍ବଦନ୍ତୀ କୁହେ, ଏହି ଜିଲାକୁ ୧୧ରୁ ୧୨ଶହ ଶତାବ୍ଦୀରେ ଗଙ୍ଗବଂଶ ରାଜା ଶାସନ କରୁଥିଲେ। ସେହି ସମୟରେ ଜିଲାର ଦାଦପୁର ଥିଲା ମହାରାଜଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଜମିଦାରି ଅଞ୍ଚଳ। ଆଉ ସେହି ସମୟରେ ଦାଦପୁର ଜମିଦାରି ଅଞ୍ଚଳରେ ପାତାଳ ପୋଖରୀ ଖନନ ହୋଇଥିଲା। ଏହାସହ ଦାଦପୁର ଅଞ୍ଚଳରେ ଅନେକ ମନ୍ଦିର ନିର୍ମାଣ ଓ ପୋଖରୀ ଖନନ କରାଯାଇଥିଲା। ପରେ ପରେ ନାଗବଂଶ ମହାରାଜଙ୍କ ଶାସନ କାଳ ଆସିବା ପରେ ମଧ୍ୟ ଏହି ଅଞ୍ଚଳ ଜିଲାର କିମ୍ବଦନ୍ତୀ ପାଇଁ ପ୍ରସିଦ୍ଧ ରହିଥିଲା। ଯାହାର ପ୍ରମାଣ ମନ୍ଦିରର ପଙ୍କଉଦ୍ଧାର ସମୟରେ ସାମ୍ନାକୁ ଆସିଛି। ଗତ ୫ ଦିନ ଧରି ଦାଦପୁର ପଞ୍ଚାୟତ ପକ୍ଷରୁ ଏସ୍ଏଫ୍ସି ଯୋଜନାରେ ପୋଖରୀରୁ ପଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଶନିବାର ଜେସିବି ମାଧ୍ୟମରେ କାମ ଚାଲିଥିବା ବେଳେ ପୋଖରୀ ମଧ୍ୟଭାଗରୁ କିଛି ପଥର ଉଦ୍ଧାର ହୋଇଥିଲା, ଯାହାକି ମଧ୍ୟଯୁଗର ବୋଲି ଦାବି କରୁଛନ୍ତି ଗବେଷକ। ପଙ୍କ ଉଦ୍ଧାର ସମୟରେ ମଧ୍ୟଯୁଗ ମନ୍ଦିରର ଅନେକ ଭଗ୍ନାବଶେଷ ମିଳିଥିବା ବେଳେ ପୋଖରୀ ଭିତରେ ଐତିହାସିକ କୀର୍ତ୍ତିରାଜି ରହିଥିବା ଦାବି ହେଉଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ପୋଖରୀ ସିଲ୍ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଏଥିରେ ଅନେକ ସାମଗ୍ରୀ ଥିବା ସନ୍ଦେହ କରାଯାଉଥିବା ବେଳେ ଏହି ପୋଖରୀ ଉପରେ ଗବେଷଣା କଲେ ଅନେକ ତଥ୍ୟ ସାମ୍ନାକୁ ଆସିବ ବୋଲି ଗବେଷକ ଦାବି କରିଛନ୍ତି। ସେପଟେ ଖନନ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ କିଛି ମୁଷ୍ଟିମେୟ ବ୍ୟକ୍ତି ନେଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରତ୍ନତତ୍ତ୍ୱ ବିଭାଗ ହସ୍ତକ୍ଷେପ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ଐତିହାସିକ କୀର୍ତ୍ତିରାଜିର ସତ୍ୟାସତ୍ୟ ଉନ୍ମୋଚନ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଦାଦପୁର ଅଞ୍ଚଳର ସଭ୍ୟତା ପ୍ରସ୍ତର ଯୁଗ, ଲୌହ ଯୁଗ ଆରମ୍ଭ କରି ମଧ୍ୟଯୁଗ ମଧ୍ୟ ବ୍ୟାପିଥିଲା। ମଧ୍ୟଯୁଗରେ ଦାଦପୁର-ଜାଜଲଦେଇପୁରକୁ କେନ୍ଦ୍ର କରି ଏକ ନଗର ସଭ୍ୟତା ଗଢ଼ିଉଠିଥିଲା। ଏବେ ମଧ୍ୟ ଏଠାରେ ପୁରାତନ ଗଡ଼ର ଭଗ୍ନାବିଶେଷ ବିଦ୍ୟମାନ। ତେଣୁ ଏ ଦିଗରେ ଅଧିକ ଗବେଷଣା ହେଲେ ଇତିହାସର ଅନେକ ତଥ୍ୟ ଉନ୍ମୋଚନ ହେବ ବୋଲି ବିଶିଷ୍ଟ ଐତିହାସିକ ଉମାଶଙ୍କର କର ପ୍ରକାଶ କରିଛନ୍ତି।

# ନୂତନ ଡିଆଇଜିଙ୍କ କଳାହାଣ୍ଡି ଗସ୍ତ



ନୂତନ ଡିଆଇଜି ଚରଣ ସିଂ ମୀନା।

**ଭବାନୀପାଟଣା,୨୭।୫(ସ୍ୱ.ପ୍ର.)**

**ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ସମୀକ୍ଷା**

କଳାହାଣ୍ଡି ଜିଲାକୁ ଶନିବାର ନୂତନ ଭାବେ ଯୋଗଦେଇଥିବା ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂହ ମୀନା ଗସ୍ତ କରିଛନ୍ତି। ଭବାନୀପାଟଣାସ୍ଥିତ ଏସ୍ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀକକ୍ଷଠାରେ ସେ ଯୋଗଦେଇ ଜିଲାର ବରିଷ୍ଠ ପୋଲିସ ଅଧିକାରୀ ଓ ଖବରଦାତାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ସମୀକ୍ଷା କରିଥିଲେ। ଏଥିରେ ମାଓବାଦୀ ପ୍ରସଙ୍ଗ, ସହର ଟ୍ରାଫିକ ସମସ୍ୟା ଓ ଆଇନଶୃଙ୍ଖଳା ଉପରେ ଆଲୋଚନା କରିଥିଲେ। ସେହିପରି ଯେକୌଣସି ସମସ୍ୟାର ସମାଧାନ ଓ ସହଯୋଗ କରିବା ପାଇଁ ସମସ୍ତ ଖବରଦାତାମାନଙ୍କୁ ଅନୁରୋଧ କରିଥିଲେ। ଏହି ସମୟରେ ଏସ୍ପି ଅଭିଲାଷ ଜି, କେସିଙ୍ଗା ଉପଖଣ୍ଡ ପୋଲିସ ଅଧିକାରୀ ରୋହିତ ବର୍ମାଙ୍କ ସମେତ ଜିଲାର ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବଦଳିବ ମା' ଲଙ୍କେଶ୍ୱରୀ ମନ୍ଦିରର ଚିତ୍ର


ମନ୍ଦିରର ନୂତନ ଡାଏଗ୍ରାମ।

**ଭବାନୀପାଟଣା,୨୭।୫(ସ୍ୱ.ପ୍ର.)**

- ଅଢେଇ କୋଟି ଟଙ୍କାରେ ହେବ ନବକଳେବର
- ଡାଏଗ୍ରାମ ପ୍ରସ୍ତୁତ

ଖୁବ୍ଶୀଘ୍ର ବଦଳିବାକୁ ଯାଉଛି କଳାହାଣ୍ଡି ଜିଲା ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମା'ଲଙ୍କେଶ୍ୱରୀଙ୍କ ମନ୍ଦିରର ଚିତ୍ର। ଅଢେଇ କୋଟି ଟଙ୍କା ବ୍ୟୟ ଅଟକଳରେ ମନ୍ଦିର ହେବ ନବକଳେବର। ଏଥିପାଇଁ ଡାଏଗ୍ରାମ ମଧ୍ୟ ପ୍ରସ୍ତୁତ ହୋଇସାରିଛି। ଗତ ୧୯ ତାରିଖରେ ଏହି ମନ୍ଦିରକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ପରିଦର୍ଶନ ସମୟରେ ନୂତନ ଡାଏଗ୍ରାମକୁ ଦେଖି ଉତ୍ସାହିତ ହୋଇଥିଲେ। ମା'ଲଙ୍କେଶ୍ୱରୀଙ୍କ ମନ୍ଦିରର ସମୁଦାୟ ସ୍ଥାନ ୧ ଏକର ୭୦ ଡେସିମିଲ ରହିଥିବାବେଳେ ବର୍ତ୍ତମାନ ପ୍ରାୟ ୧ ଏକର ରହିଥିବା ଜଣାପଡିଛି। ଅବଶିଷ୍ଟ ଜବରଦଖଲ ଆକାରରେ ରହିଥିବା ଏନଏସି ପକ୍ଷରୁ ଜଣାପଡିଛି। ସମୁଦାୟ ୧.୭୦ ଏକର ସ୍ଥାନ ଓ ଅଢେଇ କୋଟି ଟଙ୍କା ଅଟକଳରେ ମନ୍ଦିରର ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯିବ। ଏଥିରେ ପାର୍କିଂ ଏରିଆ, ପ୍ରବଚନ ମଣ୍ଡପ, ଖୋଲା ପଡିଆ, ଧର୍ମଶାଳା ୧ ଓ ୨, ଯଜ୍ଞ ମଣ୍ଡପ, ପୂଜକ ରହିବା କୋଠରି, ରୋଷେଇ ଘର, ପ୍ରସାଦ ସେବନ ହଲ, ମେଡିଟେସନ ଓ ଗ୍ୟାଲେରି ଆଦି କାର୍ଯ୍ୟ କରାଯିବ ବୋଲି ଜଣାପଡିଛି। ମା' ଲଙ୍କେଶ୍ୱରୀଙ୍କ ମନ୍ଦିର ଉନ୍ନୟନ କାର୍ଯ୍ୟ ହେବା ପରେ ଜିଲାରେ ମା' ଲଙ୍କେଶ୍ୱରୀଙ୍କ ମନ୍ଦିର ଆକର୍ଷଣୀୟ ହେବା ସହ ଏହାକୁ ଦେଖିବା ପାଇଁ ପ୍ରତ୍ୟହ ଭକ୍ତଙ୍କ ଭିଡ ଲାଗିବ ବୋଲି ଅନୁମାନ କରାଯାଉଛି। ଏ ନେଇ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲଙ୍କୁ ପଚାରିବାରୁ ମନ୍ଦିରର ଉନ୍ନୟନ କାର୍ଯ୍ୟ ପାଇଁ ଡାଏଗ୍ରାମ ପ୍ରସ୍ତୁତ ସରିଛି। ୫-ଟି ସଚିବଙ୍କ ବକ୍ତବ୍ୟ ଅନୁଯାୟୀ ଚଳିତ ମାସ ସୁଦ୍ଧା ମନ୍ଦିରର କାମ ଆରମ୍ଭ କରାଯିବା ସହ ଆସନ୍ତା ୬ ମାସ ମଧ୍ୟରେ ଏହା ଶେଷ କରିବା ପାଇଁ ପ୍ରୟାସ କରାଯିବ ବୋଲି କହିଥିଲେ।

# ହୀନ ରାଜନୀତି ସ୍ପୃହଣୀୟ ନୁହେଁ: ଆଦିବାସୀ ସଂଘ

**ଟିଟିଲାଗଡ, ୨୭।୫(ଡି.ଏନ.ଏ.)**

ହୀନ ରାଜନୀତି ସ୍ପୃହଣୀୟ ନୁହେଁ। ରାଜ୍ୟ ସଭା ସଦସ ନିରଞ୍ଜନ ବିଶିଙ୍କ କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ପରେ ଭାଜପା ପକ୍ଷରୁ କରାଯାଉଥିବା ବିଭିନ୍ନ ଅଭିଯୋଗକୁ ନେଇ ଏପରି କହିଛି ଆଦିବାସୀ ସଂଘ। ଟିଟିଲାଗଡ଼ ଆଦିବାସୀ ଭବନରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ତରଫରୁ କୁହାଯାଇଛି ଯେ, ରାଜ୍ୟସଭା ସାଂସଦ ବିଶିଙ୍କ କାର୍ ଧକ୍କାରେ ପ୍ରାଣ ହରାଇଥିବା ଯୁବକ ହେଉଛନ୍ତି ତାଙ୍କ ସମ୍ପର୍କୀୟ। ଏହା ଜାଣିବା ପରେ ସେ ଦୁଃଖ ପ୍ରକାଶ କରିବା ସହ ନିଜେ ମୃତକଙ୍କ ଗ୍ରାମକୁ ଯାଇ ଶବ ସତ୍କାର କରିବା ସହ ପରିବାର ସଦସ୍ୟ ତଥା ଜାତି ସମାଜ ବନ୍ଧୁଙ୍କୁ ଭେଟିଥିଲେ। ମୃତକଙ୍କ ପରିବାରର ସମସ୍ୟା ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଏହି ଦୈବୀ ଦୁର୍ଘଟଣାକୁ ନେଇ ଭାଜପା ବଲାଙ୍ଗୀର ଜିଲା ସଭାପତି ଶିବାଜୀ ମହାନ୍ତି ହୀନ ରାଜନୀତି କରୁଛନ୍ତି ବୋଲି ସଂଘର ବରିଷ୍ଠ ସଦସ୍ୟ ଓ ଜିଲା ସଂଗଠକ ଥବିର ପୂଝାରୀ ଓ ନିତ୍ୟାନନ୍ଦ ମାଝି କହିଛନ୍ତି।

# ଦୁର୍ଘଟଣାରେ ଗୁରୁତର ଦାଦନଙ୍କ ଚିକିତ୍ସା ପାଇଁ ସହାୟତା ଦାବି


ହସ୍ପିଟାଲରେ ବସନ୍ତ ଜୀବନ ସହିତ ସଂଘର୍ଷ କରୁଛନ୍ତି।

**ଲାଞ୍ଜିଗଡ଼,୨୭।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତ ବାତେଲିମା ଗାଁର ବସନ୍ତ ହରିଜନ ସଡକ ଦୁର୍ଘଟଣାରେ ଆହତ ହୋଇ ତାମିଲନାଡୁର କୋଇମ୍ବାଟର ଏକ ହସ୍ପିଟାଲରେ ଜୀବନ ସହିତ ସଂଘର୍ଷ କରୁଛନ୍ତି। ଏ ସମ୍ପର୍କରେ ଖବର ପାଇ ତାଙ୍କ ସ୍ତ୍ରୀ ଏବଂ ତାଙ୍କର ଜଣେ ସମ୍ପର୍କୀୟ ଭାଇ ଶନିବାର ସକାଳୁ କୋଇମ୍ବାଟୁରରେ ପହଞ୍ଚିଛନ୍ତି। ବସନ୍ତ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାବେଳେ ସେ ଗୁରୁତର ହୋଇ ପଡ଼ିବାରୁ ତାଙ୍କ ପରିବାର ଉପରେ ବିପଦ ପଡ଼ିଛି। ସୂଚନାଯୋଗ୍ୟ ଯେ, ବସନ୍ତ ରୋଜଗାର ପାଇଁ ତାମିଲନାଡୁର କୋଇମ୍ବାଟରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ରହି କୁଲି ମଜୁରି କାମ କରି ନିଜ ପେଟ ପୋଷିବା ସହିତ ଦୁଇପଇସା ନିଜ ପରିବାର ପ୍ରତିପୋଷଣ ପାଇଁ ରୋଜଗାର କରୁଥିଲେ। ତେବେ ପରିବାରର ଜଣେ ମାତ୍ର ରୋଜଗାରିଆ ବ୍ୟକ୍ତି ବସନ୍ତଙ୍କ ପାଇଁ ସେଠାରେ ଦୁର୍ଭାଗ୍ୟ ସତେ ଯେମିତି ଅପେକ୍ଷା କରି ରହିଥିଲା। ଗୁରୁବାର ସନ୍ଧ୍ୟାରେ କାମ ସାରି ରାସ୍ତା କଡ଼ରେ ଚାଲି ଯାଉଥିବାବେଳେ ଦ୍ରୁତଗତିରେ ଯାଉଥିବା ଏକ ବସ୍ ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ବସନ୍ତ ଗୁରୁତର ହୋଇ ରାସ୍ତାକଡ଼ରେ ପଡ଼ିଯାଇଥିଲେ। କୋଇମ୍ବାଟୁର ପୋଲିସ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ସେଠାକାର ହସ୍ପିଟାଲରେ ଭର୍ତ୍ତି କରିଥିଲା। ତାଙ୍କର ଅଣ୍ଟା ଓ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଥିବାବେଳେ ସେ ହସ୍ପିଟାଲର ଆଇସିୟୁ ବେଡ୍ରେ ଏବେ ଜୀବନ ସହିତ ସଂଘର୍ଷ କରୁଛନ୍ତି। ବସନ୍ତଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ଥିବାବେଳେ ତାଙ୍କୁ ସରକାରୀ ସହାୟତା ଆବଶ୍ୟକ ହେଉଛି। ତାଙ୍କୁ ଓଡ଼ିଶା ସରକାର ଓ ଶ୍ରମ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ସହାୟତା କରିବା ଓ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

# ନବଜାତକ ମୃତ୍ୟୁ ଘଟଣା: ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କଣ୍ଟାବାଞ୍ଜି, ୨୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ଗତ ବୁଧବାର ନବଜାତ ଶିଶୁ ମୃତ୍ୟୁ ଘଟଣାକୁ ନେଇ ବିଭିନ୍ନ ସାମାଜିକ ଅନୁଷ୍ଠାନ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଚିକିତ୍ସାରେ ଅବହେଳା କରିଥିବା ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ମୃତ ଶିଶୁର ବାପା ମଦନ ମାଝି ଡାକ୍ତରଙ୍କ ଅବହେଳାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ଘଟିବାର ୪ଦିନ ବିତି ଯାଇଥିଲେ ମଧ୍ୟ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଶନିବାର ମୃତଶିଶୁର ବାପା ମଦନ ମାଝିଙ୍କୁ ନେଇ ସହରର ବଜରଙ୍ଗ ଦଳ, ରାମସେନା, କୋଶଲ ମୁକ୍ତିମୋର୍ଚ୍ଚା ଓ ବିଭିନ୍ନ ସଂଗଠନ ପୋଲିସ ଏସ୍ଡିପିଓ ଗୌରାଙ୍ଗ ଚରଣ ସାହୁଙ୍କୁ ସାକ୍ଷାତ୍ କରିଥିଲେ। ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଥିଲେ। ଅନୁସନ୍ଧାନ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍ଡିପିଓ ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

# ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ସୁବର୍ଣ୍ଣ ଜୟନ୍ତୀ

**ଖଡ଼ିଆଳ,୨୭।୫(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ସହରସ୍ଥିତ ଅଗ୍ରସେନ ଭବନରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ୫୧ତମ ସ୍ୱନକ୍ଷତ୍ର ଦିବସ ପାଳନ ସହିତ ୫୦ବର୍ଷ ପୂରଣର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ କୁଳପତି ଶମ୍ଭୁ କିଶୋର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରତଲମ ଗୁଜରାତ, ମଧ୍ୟପ୍ରଦେଶ ପ୍ରାନ୍ତୀୟ ପ୍ରତିନିଧି ପାଟିଦାର ସମାଜ ସଦସ୍ୟ କିଷାନ ମୋର୍ଚ୍ଚା ମଧ୍ୟପ୍ରଦେଶ ସଭାପତି ଶଙ୍କର ପାଟିଦାର, ସମ୍ମାନିତ ଅତିଥି ଭାବେ ଉତ୍କଳ ବିକାଶ ପରିଷଦ ଉପାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାମଲ ଓ ବରିଷ୍ଠ ସଦସ୍ୟ ରବୀନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ଅସରପ୍ରାପ୍ତ ପ୍ରଫେସର ବ୍ରହ୍ମପୁର ଡକ୍ଟର ବାଇମନୁ ଚର୍ଚ୍ଚି, ସମ୍ମାନିତବକ୍ତା ଭାବେ ହାଇକୋର୍ଟ ଆଇନଜୀବୀ ବିଭୁଦତ ଚଳାନ, ବରଣ୍ୟ ଅତିଥି ଭାବେ ଖଡ଼ିଆଳ ଯୁବରାଜ ଦେବଦେବ ସିଂଦେଓ, ସର୍ବଭାରତୀୟ କୃମି କ୍ଷତ୍ରିୟ ରାଷ୍ଟ୍ରୀୟ କର୍ମକର୍ତ୍ତା ବଂଶୀଧର ନାଏକ ଯୋଗଦାନ କରିଥିଲେ। ସମ୍ପାଦକ ଦିଲୀପ କୁମାର ନାଏକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଡ଼.ଶୁଶାନ୍ତ କୁମାର ବିଶି ଓ ଅଧ୍ୟାପକ ରୁଦ୍ରମାଧବ ବାରିକ, ସହକାରୀ ଫିସିରି ଅଫିସର ଭବାନୀ ଶଙ୍କର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ୧୨ଜଣଙ୍କୁ ମରଣତ୍ତୋର ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ୯୦ଜଣଙ୍କୁ ସ୍ୱର୍ଗତ ଭଗବାନ ପଣ୍ଡା ସ୍ମୃତି ଉଦ୍ଦେଶ୍ୟରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ପରାମର୍ଶ ଦାତା ଭାବେ ଜିତେନ୍ଦ୍ର ସିଂ ବାରିକ, ଜ୍ଞାନପ୍ରକାଶ ସିଂ, ପ୍ରମୋଦ କୁମାର ଦଣ୍ଡସେନା, ଶୈଳେନ୍ଦ୍ର ବାରିକ, ଦେବ ସିଂ ନାଏକ, ଭୁରିଶ୍ରବା ବିଶି, ହରିସିଂ ବାରିକ, ଖରତଚନ୍ଦ୍ର ବାରିକ, ବିଶ୍ୱମ୍ଭର ପ୍ରଧାନ, ରମଣ ସିଂ ବାରିକ, ଶ୍ରୀହରି ପଣ୍ଡା ସାମିଲଥିଲେ। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ବରଗଡ଼, ଛତିଶଗଡ଼, କଟକ, ଭୁବନେଶ୍ୱର, ବ୍ରହ୍ମପୁରରୁ ୧୦୦ରୁ ଅଧିକ ଅତିଥି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ୩୦ଟି ଅଞ୍ଚଳରୁ ୫୦୦୦ ହଜାରରୁ ଊର୍ଦ୍ଧ୍ୱର୍ଦ୍ଧ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଙ୍ଗଠକ ପରମେଶ୍ୱର ବାରିକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

# ରୋଷେୟା, ସେବାୟତଙ୍କ ଚାକିରି ନିୟମିତ କର

**ନୂଆପଡ଼ା ଅଫିସ,୨୭।୫**


ଜିଲାପାଳଙ୍କ ଗହଣରେ ରୋଷେୟା ସଂଘ।

- ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ନୂଆପଡା ଜିଲାରେ ଅନୁସୁଚିତ ଜାତି ଓ ଅନୁସୁଚିତ ଜନଜାତି ଉନ୍ନୟନ ବିଭାଗ ବା (ଏସଏସଡି) ସେବାଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ରୋଷେୟା ତଥା ସେବାୟତମାନେ ଚାକିରି ନିୟମିତ କରିବା ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି। ହେଲେ ସରକାର ଏଥିପ୍ରତି କୌଣସି ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଜିଲା ସିସିଏ ସଂଘ ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ହେମକାନ୍ତ ସାଏଙ୍କୁ ୩ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ଅନୁସୁଚିତ ଜାତି ଓ ଅନୁସୁଚିତ ଜନଜାତି ଉନ୍ନୟନ ବିଭାଗରୁ ଗୋଟେ ମହାବିଦ୍ୟାଳୟ, ୫ଟି ଉଚ୍ଚ ବିଦ୍ୟାଳୟ ଓ ୩୯ଟି ସେବାଶ୍ରମ ମୋଟ ୪୫ଟି ବିଦ୍ୟାଳୟ ଏବଂ ଶିକ୍ଷା ବିଭାଗର ୨୭ଟି ଛାତ୍ରାବାସରେ ୫ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ରୋଷେୟା କାର୍ଯ୍ୟ କରୁଛନ୍ତି। ୧୯୯୩ଠାରୁ ଅଣକୋଶଳୀ ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଆଦିବାସୀ, ହରିଜନ ଛାତ୍ରୀଛାତ୍ରମାନଙ୍କ ଦିନ ରାତ୍ରି ସେବା କରି ଆସୁଛୁ। ଆମର କୌଣସି ଦିନ ଛୁଟି ନାହିଁ କିମ୍ବା କୌଣସି ସରକାରୀ ସୁବିଧା ନାହିଁ। କମ ଦରମାରେ ଖଟୁଥିଲେ ମଧ୍ୟ ବାରମ୍ବାର ବିଦ୍ୟାଳୟରୁ ବିଦ୍ୟାଳୟକୁ ବଦଳି କରାଯାଉଛି ଓ କାର୍ଯ୍ୟରେ କୌଣସି ବିଶୃଙ୍ଖଳା ଦେଖାଗଲେ ବହିଷ୍କାର କରାଯାଉଛି। ଚାକିରି ନିୟମିତ କରିବା ପାଇଁ ଦୀର୍ଘ ଦିନରୁ ସରକାରଙ୍କଠାରେ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଥର ଆମ କଥା ସରକାର ନ ଶୁଣିଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବୁ ବୋଲି ସିସିଏ ଜିଲା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ସଭାପତି ଭୈରବ କୁମାର ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶବର, ଉପସଭାପତି ଆନନ୍ଦିନୀ ଶବର, ସହ ସମ୍ପାଦିକା ଅନୁସୂୟା ତାଣ୍ଡି, କୋଷାଧ୍ୟକ୍ଷ ତୁଳାରାମ ମାଝି, ନୂଆପଡା ବ୍ଲକ ସଭାପତି ବନୁଆ ରାମ ରାଉତ, ଖଡିଆଳ ବ୍ଲକ ସଭାପତି ଥବିରାମ ଭୋଇ, ବୋଡେନ ବ୍ଲକ ସଭାପତି ସତ୍ୟାନନ୍ଦ ବେହେରା, କୋମନା ବ୍ଲକ ସଭାପତି ଜଗତରାମ ଖର୍ସେଲ, ଲବନୀ ଆଡବଙ୍ଗ, ସୁମିତ୍ରା ଶବର, ସୁମିତ୍ରା ମାଝି, ଦୁତିକା ମାଝି, ସୁବାସିନି ମାଝି, ଗିତାଞ୍ଜଳି ମାଝି, କୁମାରୀ ମାଝି, କୁନ୍ତି ମାଝି, ହେମନ୍ତି ଧରୁଆ, କନକଲତା ମାଝି ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ମଇଦାନରେ ୨୧ ପ୍ରାର୍ଥୀ

**ଗୋଳାବାରୁଦ କାରଖାନା କାର୍ଯ୍ୟ ସମିତି ନିର୍ବାଚନ**

**ସଇଁତଲା,୨୭।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବଡ଼ମାଳ ଗୋଳାବାରୁଦ କାରଖାନାରେ ଆଗାମୀ ଜୁନ ୩ ତାରିଖରେ କାର୍ଯ୍ୟ ସମିତି ନିର୍ବାଚନ ହେବ। ଏଥିରେ ଚାରିଟି ଶ୍ରମିକ ସଂଗଠନର ୨୧ ଜଣ ପ୍ରାର୍ଥୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଚଳିତ ନିର୍ବାଚନରେ ଭାରତୀୟ ପ୍ରତିରକ୍ଷା ମଜଦୁର ୟୁନିୟନ ଓ ଆଇଏନଟିୟୁସି କର୍ମଚାରୀ ୟୁନିୟନ ମିଳିତ ଭାବରେ ନିର୍ବାଚନ ଲଢୁଛନ୍ତି।। ସାତଗୋଟି ପଦବୀ ପାଇଁ ହେଉଥିବା ଏହି ନିର୍ବାଚନରେ ମୋଟ ୧୫ଶହ ୨୮ଜଣ ଭୋଟର ରହଛନ୍ତି। ଭୋଟ ଦେବା ପାଇଁ ୬ ଗୋଟି ବୁଥ କରାଯାଇଛି। ନିର୍ବାଚନକୁ ଆଉ ମାତ୍ର ଏକ ସପ୍ତାହ ବାକିଥିବାବେଳେ ପ୍ରଚାର ଜୋରସୋରରେ ଚାଲିଛି । ସର୍ବଭାରତୀୟସ୍ତରର ଶ୍ରମିକ ସଂଗଠନରୁ କେତେଜଣ ପଦାଧିକାରୀ ଆସି ଏଠାରେ ପ୍ରଚାର କାର୍ଯ୍ୟକ୍ରମ କରିଛନ୍ତି। ଗୋଳାବାରୁଦ କାରଖାନାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସମସ୍ୟା, ନିଗମୀକରଣର ପ୍ରଭାବ ଓ ନୂତନ ପେନସନ ନୀତିକୁ ବନ୍ଦ କରି ପୁରୁଣା ପେନସନ ନୀତି ଲାଗୁ କରିବା ଭଳି ଦାବିଗୁଡ଼ିକୁ ଭୋଟରଙ୍କ ପାଖରେ ରଖି ପ୍ରାର୍ଥୀମାନେ ଭୋଟ ମାଗୁଥିବା ଦେଖିବାକୁ ମିଳୁଛି। ମଜଦୁର ୟୁନିୟନ ସଭାପତି ପଞ୍ଚୁ ପଟେଲ ଏବଂ ୱାର୍କର ୟୁନିୟନ ସଭାପତି ହରିହର ସିଂ ସେମାନଙ୍କ ସମର୍ଥିତ ପ୍ରାର୍ଥୀମାନେ ବିଜୟ ହାସଲ କରିବେ ବୋଲି ଦାବି କରିଛନ୍ତି।

### ୫୧ମହିଳାଙ୍କୁ ମାଗଣା ଚିକିତ୍ସା ସେବା

ବିନିକା,୨୭।୫(ଡି.ଏନ.ଏ.)-ସୁବର୍ଣ୍ଣପୁର ଜିଲା ବିନିକା ସହରର ନୂଆବଜାରସ୍ଥିତ ଅଭିଜିତ ସ୍ମୃତି କମିଟି ଦେୟମୁକ୍ତ ଚିକିତ୍ସାଳୟ ପକ୍ଷରୁ ଶନିବାର ୨୫ ଜଣ ଓ ସଂସାମୁରା ଗ୍ରାମର ୨୬ଜଣ ମହିଳାଙ୍କୁ ମାଗଣା ଚିକିତ୍ସା ସେବା କରାଯାଇଛି । ବୁର୍ଲା ଭୀମସାର ସ୍ତ୍ରୀ ଓ ପ୍ରସୂତି ବିଭାଗ ପ୍ରଫେସର ବେଣୁଧର ପାଣ୍ଡେ ଦୀର୍ଘ ବର୍ଷ ହେବ ତାଙ୍କ ବାପାଙ୍କ ପ୍ରେରଣାରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। ମାଗଣାରେ ସେବା ପାଉଥିବାରୁ ମହିଳାମାନେ ଖୁସି ବ୍ୟକ୍ତ କରିଛନ୍ତି । ନିଃଶୁଳ୍କ ସେବା ଦେବାକୁ ପାଣ୍ଡେ ପ୍ରତିମାସ ଚତୁର୍ଥ ଶନିବାର ଦିନ ନିଜ ଜନ୍ମମାଟି ସଂସାମୁରା ଗ୍ରାମକୁ ଆସନ୍ତି । ଏହି ଅବସରରେ ସେ ବିନିକା ଅଭିଜିତ ସ୍ମୃତି କମିଟି ଦେୟମୁକ୍ତ ଚିକିତ୍ସାଳୟରେ ପହଞ୍ଚି ପ୍ରଥମେ ଯୁବ ଅଭିନେତା ସ୍ୱର୍ଗତ ଅଭିଜିତ ପୂଜାହାରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅଞ୍ଚଳର ମା'ମାନେ ଏହି ସୁବିଧା ନେବା ପାଇଁ କମିଟିର ସଭାପତି ପ୍ରିୟ ରଞ୍ଜନ ହୋତା ନିବେଦନ କରିଛନ୍ତି । ମହିଳାମାନଙ୍କୁ ଚିକିତ୍ସା ସେବା ଯୋଗାଇବାରେ କମିଟିର ସମସ୍ତ ସଦସ୍ୟାସଦସ୍ୟା ସହଯୋଗ କରିଥିଲେ ।

## ପୋଖରୀ ପଙ୍କୋଦ୍ଧାର ବେଳେ ଐତିହାସିକ କୀର୍ତ୍ତିରାଜି ଉଦ୍ଧାର

**ଭବାନୀପାଟଣା,୨୭।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟରୁ ୧୨ କି.ମି. ଦୂର ଦାଦପୁର ଗ୍ରାମ ପୋଖରୀରୁ ପଙ୍କୋଦ୍ଧାର ସମୟରେ ଶନିବାର ଐତିହାସିକ କୀର୍ତ୍ତିରାଜି ଉଦ୍ଧାର ହୋଇଛି। ଏହା ମଧ୍ୟଯୁଗ ମନ୍ଦିରର ଭଗ୍ନାବଶେଷର ସନ୍ଧାନ ବୋଲି ଜଣାପଡ଼ିଛି। ଏହାକୁ ଦେଖିବା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଭିଡ଼ ଜମିଥିବା ବେଳେ ଅଞ୍ଚଳକୁ ସିଲ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରତ୍ନଗର୍ଭା କଳାହାଣ୍ଡି ଜିଲା ପ୍ରକୃତିର ଅବଦାନଭରା ଏହି ଜିଲାରେ ଭରି ରହିଛି ହୀରା ନିଳା ମୋତି ମାଣିକ୍ୟ। କିମ୍ବଦନ୍ତୀ କୁହେ, ଏହି ଜିଲାକୁ ୧୧ରୁ ୧୨ଶହ ଶତାବ୍ଦୀରେ ଗଙ୍ଗବଂଶ ରାଜା ଶାସନ କରୁଥିଲେ। ସେହି ସମୟରେ ଜିଲାର ଦାଦପୁର ଥିଲା ମହାରାଜଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଜମିଦାରି ଅଞ୍ଚଳ। ଆଉ ସେହି ସମୟରେ ଦାଦପୁର ଜମିଦାରି ଅଞ୍ଚଳରେ ପାତାଳ ପୋଖରୀ ଖନନ ହୋଇଥିଲା। ଏହାସହ ଦାଦପୁର ଅଞ୍ଚଳରେ ଅନେକ ମନ୍ଦିର ନିର୍ମାଣ ଓ ପୋଖରୀ ଖନନ କରାଯାଇଥିଲା। ପରେ ପରେ ନାଗବଂଶ ମହାରାଜଙ୍କ ଶାସନ କାଳ ଆସିବା ପରେ ମଧ୍ୟ ଏହି ଅଞ୍ଚଳ ଜିଲାର କିମ୍ବଦନ୍ତୀ ପାଇଁ ପ୍ରସିଦ୍ଧ ରହିଥିଲା। ଯାହାର ପ୍ରମାଣ ମନ୍ଦିରର ପଙ୍କଉଦ୍ଧାର ସମୟରେ ସାମ୍ନାକୁ ଆସିଛି। ଗତ ୫ ଦିନ ଧରି ଦାଦପୁର ପଞ୍ଚାୟତ ପକ୍ଷରୁ ଏସ୍‌ଏଫ୍‌ସି ଯୋଜନାରେ ପୋଖରୀରୁ ପଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଶନିବାର ଜେସିବି ମାଧ୍ୟମରେ କାମ ଚାଲିଥିବା ବେଳେ ପୋଖରୀ ମଧ୍ୟଭାଗରୁ କିଛି ପଥର ଉଦ୍ଧାର ହୋଇଥିଲା, ଯାହାକି ମଧ୍ୟଯୁଗର ବୋଲି ଦାବି କରୁଛନ୍ତି ଗବେଷକ। ପଙ୍କ ଉଦ୍ଧାର ସମୟରେ ମଧ୍ୟଯୁଗ ମନ୍ଦିରର ଅନେକ ଭଗ୍ନାବଶେଷ ମିଳିଥିବା ବେଳେ ପୋଖରୀ ଭିତରେ ଐତିହାସିକ କୀର୍ତ୍ତିରାଜି ରହିଥିବା ଦାବି ହେଉଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ପୋଖରୀ ସିଲ୍ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଏଥିରେ ଅନେକ ସାମଗ୍ରୀ ଥିବା ସନ୍ଦେହ କରାଯାଉଥିବା ବେଳେ ଏହି ପୋଖରୀ ଉପରେ ଗବେଷଣା କଲେ ଅନେକ ତଥ୍ୟ ସାମ୍ନାକୁ ଆସିବ ବୋଲି ଗବେଷକ ଦାବି କରିଛନ୍ତି। ସେପଟେ ଖନନ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ କିଛି ମୁଷ୍ଟିମେୟ ବ୍ୟକ୍ତି ନେଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରତ୍ନତତ୍ତ୍ୱ ବିଭାଗ ହସ୍ତକ୍ଷେପ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ଐତିହାସିକ କୀର୍ତ୍ତିରାଜିର ସତ୍ୟାସତ୍ୟ ଉନ୍ମୋଚନ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଦାଦପୁର ଅଞ୍ଚଳର ସଭ୍ୟତା ପ୍ରସ୍ତର ଯୁଗ, ଲୌହ ଯୁଗ ଆରମ୍ଭ କରି ମଧ୍ୟଯୁଗ ମଧ୍ୟ ବ୍ୟାପିଥିଲା। ମଧ୍ୟଯୁଗରେ ଦାଦପୁର-ଜାଜଲଦେଇପୁରକୁ କେନ୍ଦ୍ର କରି ଏକ ନଗର ସଭ୍ୟତା ଗଢ଼ିଉଠିଥିଲା। ଏବେ ମଧ୍ୟ ଏଠାରେ ପୁରାତନ ଗଡ଼ର ଭଗ୍ନାବିଶେଷ ବିଦ୍ୟମାନ। ତେଣୁ ଏ ଦିଗରେ ଅଧିକ ଗବେଷଣା ହେଲେ ଇତିହାସର ଅନେକ ତଥ୍ୟ ଉନ୍ମୋଚନ ହେବ ବୋଲି ବିଶିଷ୍ଟ ଐତିହାସିକ ଉମାଶଙ୍କର କର ପ୍ରକାଶ କରିଛନ୍ତି।



ଉଦ୍ଧାର ହୋଇଥିବା କୀର୍ତ୍ତିରାଜି।

## ବିଭିନ୍ନ ସମସ୍ୟା ନେଇ ବ୍ଲକ ଉପାଧ୍ୟକ୍ଷଙ୍କୁ ଦାବିପତ୍ର



ସ୍କୁଲ ପରିସରରେ ବ୍ଲକ ଉପାଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଅମରପାଲି,୨୭।୫(ଡି.ଏନ.ଏ.)**

**କେନ୍ଦୁପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଉଫୁଲା ପଞ୍ଚାୟତର କେନ୍ଦୁପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କୁ ସ୍କୁଲ ପରିଚାଳନା କମିଟି ଓ ମୋ ସ୍କୁଲ ଅଭିଯାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ସ୍କୁଲ ଅଞ୍ଚଳର ଏକ ପ୍ରତିଷ୍ଠିତ ଓ ପୁରାତନ ସ୍କୁଲ । ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଉକ୍ତ ସ୍କୁଲରେ ୪୩୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପିଲାଙ୍କୁ ପଢାଇବା ପାଇଁ ଜଣେ ପ୍ରଧାନଶିକ୍ଷକଙ୍କ ସମେତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀ ପାଇଁ ୯ଜଣ ଓ ହାଇସ୍କୁଲ ପାଇଁ ୨ଜଣ ହିସାବରେ ସର୍ବମୋଟ ୧୨ଜଣ ଶିକ୍ଷକ ରହିଛନ୍ତି। ସ୍କୁଲରେ ପୂର୍ବରୁ ଥିବା କେତେକ ସମସ୍ୟାକୁ ନେଇ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ଓ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କୁ ସ୍କୁଲ ପରିଚାଳନା କମିଟି ଦୃଷ୍ଟି ଆକର୍ଷଣ କରିଥିଲା। ବିଶେଷ କରି ସ୍କୁଲରେ ଛାତ୍ରୀମାନଙ୍କ ସଂଖ୍ୟାକୁ ଦେଖି ଶୌଚାଳୟର ଆବଶ୍ୟକ ଥିବାରୁ ବ୍ଲକ ଉପାଧ୍ୟକ୍ଷ ବାଳିକାଙ୍କ ପାଇଁ ଏକ ଶୌଚାଳୟର ବ୍ୟବସ୍ଥା କରିଛନ୍ତି। ସ୍କୁଲ ପରିଚାଳନା କମିଟି ତରଫରୁ ବ୍ଲକ ଉପାଧ୍ୟକ୍ଷଙ୍କୁ ସ୍କୁଲକୁ ନିମନ୍ତ୍ରଣ କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ଲୁହା ଶନିବାର ପୂର୍ବାହ୍ନରେ ସ୍କୁଲ ପରିଦର୍ଶନରେ ଯାଇଥିଲେ। ଏନେଇ ସ୍କୁଲ ପରିଚାଳନା କମିଟି ତାଙ୍କୁ ସ୍କୁଲର ବିଭିନ୍ନ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରି ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । ଦୁଇ ମହଲା ବିଶିଷ୍ଟ ସ୍କୁଲ କୋଠାଘର ଛାତ ଉପରେ ଆଜବେଷ୍ଟ ଛାଉଣି ବ୍ୟବସ୍ଥା କରିବାକୁ ଦାବି କରାଯଇଛି। ଏହାସହିତ ବାଳକମାନଙ୍କ ପାଇଁ ନୂତନ ଶୌଚାଳୟ ନିର୍ମାଣ, ନୂତନ ଶ୍ରେଣୀ ଗୃହ ,ବିଦ୍ୟାଳୟର ପାଚେରି ନିର୍ମାଣ ଆଦି କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ଯଥାଶୀଘ୍ର ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଉପାଧ୍ୟକ୍ଷ ଲୁହା ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସ୍କୁଲ ପରିଚାଳନା କମିଟିର ସଦସ୍ୟ, ମୋ ସ୍କୁଲ ଅଭିଯାନ କମିଟିର ସଦସ୍ୟଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସ୍ୱମନ୍ଦିରକୁ ଫେରିଲେ ଦେବଦେବୀ

**ସୋନପୁର,୨୭।୫(ନି.ପ୍ର.)**

**ସରିଲା ଶୀତଳ ଷଷ୍ଠୀ ଯାତ୍ରା**

ସୁବର୍ଣ୍ଣପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଶନିବାର ସକାଳେ ଉଦ୍‌ଯାପିତ ହୋଇଯାଇଛି । ଗତ ୨୨ ତାରିଖ ସୋମବାର ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁଙ୍କର ନିମନ୍ତ୍ରଣରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଶିବପାର୍ବତୀଙ୍କ ଲୌକିକ ବିବାହ, ଯୁଗଳ ଦର୍ଶନ ଓ ଶୁକ୍ରବାର ରାତିରେ ଶିବ ପାର୍ବତୀଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଶିବ ପାର୍ବତୀଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରାରେ ଦୁଲଦୁଲି, ମେଲୋଡ଼ି, କୀର୍ତ୍ତନ ଓ ଡିଜେ ଶବ୍ଦରେ ସହର କମ୍ପି ଉଠିଥିଲା। ଶୋଭାଯାତ୍ରା ସମୟରେ ଶିବପାର୍ବତୀଙ୍କ ଯୁଗଳମୂର୍ତ୍ତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ଶତାଧିକ ଶ୍ରଦ୍ଧାଳୁ ଓ ସେବାୟତ ଏଥିରେ ସାମିଲ ହୋଇଥିଲେ। ଯାତ୍ରା ଅବସରରେ ୧୦୮ ଭରି ବିଶିଷ୍ଟ ସୁନା ନାଗ ପ୍ରତିମା ବର ବେଶରେ ରୂପା ବିମାନରେ ବିଜେ ହୋଇଥିଲେ। ଆକର୍ଷଣୀୟ ମେଢରେ ସଜ୍ଜିତ ଦେବ ଦମ୍ପତିଙ୍କ ଶୋଭାରାଜି ଭକ୍ତଙ୍କ ମନ ମୋହିଥିଲା। ସୋନପୁରର ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଶମ୍ଭୁ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ଶୋଭାଯାତ୍ରା ଯିବା ବାଟରେ ମହିଳା ଓ ପୁରୁଷମାନେ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରି ଦେବ ଦମ୍ପତିଙ୍କୁ ବନ୍ଦାଣ କରିବା ସହ ଭୋଗ ଲଗାଇ ଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ଛକ ସ୍ଥାନରେ ଶ୍ରଦ୍ଧାଳୁଙ୍କୁ ଥଣ୍ଡା ପାନୀୟ ଜଳ ଓ ଦହି ସରବତ ପ୍ରଦାନ କରାଯାଇଥିଲା। ଲୋକ ସଂସ୍କୃତି ଓ ଆଧ୍ୟାତ୍ମିକ ପର୍ବ ଶୀତଳଷଷ୍ଠୀ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣପୁରର ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ସହିତ ଦେବୀ ପାର୍ବତୀଙ୍କ ବିବାହ ହୋଇଥିଲା। ରାତିରେ ଶୋଭାଯାତ୍ରା ଚନ୍ଦ୍ରଶେଖର ମନ୍ଦିରରେ ପହଞ୍ଚିବା ପରେ ସମସ୍ତ ଦେବା ଦେବୀ ମନ୍ଦିରରେ ରହିଥିଲେ । ଶନିବାର ସକାଳେ ସ୍ୱ ମନ୍ଦିରକୁ ଫେରିଛନ୍ତି ଦେବ ଦମ୍ପତି, ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଶମ୍ଭୁ। ଶତାଧିକ ଶ୍ରଦ୍ଧାଳୁ ଓ ସେବାୟତ ଏଥିରେ ସାମିଲ ହୋଇଥିଲେ। ଶନିବାର ଓ ରବିବାର ଛୁଟି ଥିବାରୁ ସୁନାର ନାଗ ଓ ଅଳଙ୍କାର ଟ୍ରେଜେରିକୁ ଫେରସ୍ତ କରା ଯାଇପାରିନି। ସୋମବାର ନାଗ ଓ ସୁନା ଅଳଙ୍କାର ଟ୍ରେଜେରିକୁ ଫେରସ୍ତ କରାଯିବ ବୋଲି ଜଣାପଡିଛି। ଶୀତଳ ଷଷ୍ଠୀ ଯାତ୍ରା କମିଟି, ପୋଲିସ ପ୍ରଶାସନ ଓ ଦେବୋତ୍ତର ବିଭାଗ ପକ୍ଷରୁ ଚଳିତବର୍ଷ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରାଯାଇଛି।



ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ପରେ ଚନ୍ଦ୍ରଶେଖର ମନ୍ଦିରରେ ଶିବ ପାର୍ବତୀଙ୍କୁ ପୂଜା କରାଯାଉଛି।

## ହୀନ ରାଜନୀତି ସ୍ପୃହଣୀୟ ନୁହେଁ: ଆଦିବାସୀ ସଂଘ

**ଟିଟିଲାଗଡ, ୨୭।୫(ଡି.ଏନ.ଏ.)**

ହୀନ ରାଜନୀତି ସ୍ପୃହଣୀୟ ନୁହେଁ। ରାଜ୍ୟ ସଭା ସଦସ ନିରଞ୍ଜନ ବିଶିଙ୍କ କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ପରେ ଭାଜପା ପକ୍ଷରୁ କରାଯାଉଥିବା ବିଭିନ୍ନ ଅଭିଯୋଗକୁ ନେଇ ଏପରି କହିଛି ଆଦିବାସୀ ସଂଘ। ଟିଟିଲାଗଡ଼ ଆଦିବାସୀ ଭବନରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ତରଫରୁ କୁହାଯାଇଛି ଯେ, ରାଜ୍ୟସଭା ସାଂସଦ ବିଶିଙ୍କ କାର୍ ଧକ୍କାରେ ପ୍ରାଣ ହରାଇଥିବା ଯୁବକ ହେଉଛନ୍ତି ତାଙ୍କ ସମ୍ପର୍କୀୟ। ଏହା ଜାଣିବା ପରେ ସେ ଦୁଃଖ ପ୍ରକାଶ କରିବା ସହ ନିଜେ ମୃତକଙ୍କ ଗ୍ରାମକୁ ଯାଇ ଶବ ସତ୍କାର କରିବା ସହ ପରିବାର ସଦସ୍ୟ ତଥା ଜାତି ସମାଜ ବନ୍ଧୁଙ୍କୁ ଭେଟିଥିଲେ। ମୃତକଙ୍କ ପରିବାରର ସମସ୍ୟା ବୁଝିବେ ବୋଲି ପ୍ରତଶ୍ରୁତି ଦେଇଛନ୍ତି। କିନ୍ତୁ ଏହି ଦୈବୀ ଦୁର୍ଘଟଣାକୁ ନେଇ ଭାଜପା ବଲାଙ୍ଗୀର ଜିଲା ସଭାପତି ଶିବାଜୀ ମହାନ୍ତି ହୀନ ରାଜନୀତି କରୁଛନ୍ତି ବୋଲି ସଂଘର ବରିଷ୍ଠ ସଦସ୍ୟ ଓ ଜିଲା ସଂଗଠକ ଥବିର ପୂଝାରୀ ଓ ନିତ୍ୟାନନ୍ଦ ମାଝି କହିଛନ୍ତି।

## ଦୁର୍ଘଟଣାରେ ଗୁରୁତର ଦାଦନଙ୍କ ଚିକିତ୍ସା ପାଇଁ ସହାୟତା ଦାବି

**ଲାଞ୍ଜିଗଡ଼,୨୭।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତ ବାତେଲିମା ଗାଁର ବସନ୍ତ ହରିଜନ ସଡକ ଦୁର୍ଘଟଣାରେ ଆହତ ହୋଇ ତାମିଲନାଡୁର କୋଇମ୍ବାଟରେ ଏକ ହସ୍ପିଟାଲରେ ଜୀବନ ସହିତ ସଂଘର୍ଷ କରୁଛନ୍ତି। ଏ ସମ୍ପର୍କରେ ଖବର ପାଇ ତାଙ୍କ ସ୍ତ୍ରୀ ଏବଂ ତାଙ୍କର ଜଣେ ସମ୍ପର୍କୀୟ ଭାଇ ଶନିବାର ସକାଳୁ କୋଇମ୍ବାଟୁରରେ ପହଞ୍ଚିଛନ୍ତି। ବସନ୍ତ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାବେଳେ ସେ ଗୁରୁତର ହୋଇ ପଡ଼ିବାରୁ ତାଙ୍କ ପରିବାର ଉପରେ ବିପଦ ପଡ଼ିଛି। ସୂଚନାଯୋଗ୍ୟ ଯେ, ବସନ୍ତ ରୋଜଗାର ପାଇଁ ତାମିଲନାଡୁର କୋଇମ୍ବାଟରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ରହି କୁଲି ମଜୁରି କାମ କରି ନିଜ ପେଟ ପୋଷିବା ସହିତ ଦୁଇପଇସା ନିଜ ପରିବାର ପ୍ରତିପୋଷଣ ପାଇଁ ରୋଜଗାର କରୁଥିଲେ। ତେବେ ପରିବାରର ଜଣେ ମାତ୍ର ରୋଜଗାରିଆ ବ୍ୟକ୍ତି ବସନ୍ତଙ୍କ ପାଇଁ ସେଠାରେ ଦୁର୍ଭାଗ୍ୟ ସତେ ଯେମିତି ଅପେକ୍ଷା କରି ରହିଥିଲା। ଗୁରୁବାର ସନ୍ଧ୍ୟାରେ କାମ ସାରି ରାସ୍ତା କଡ଼ରେ ଚାଲି ଯାଉଥିବାବେଳେ ଦ୍ରୁତଗତିରେ ଯାଉଥିବା ଏକ ବସ୍ ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ବସନ୍ତ ଗୁରୁତର ହୋଇ ରାସ୍ତାକଡ଼ରେ ପଡ଼ିଯାଇଥିଲେ। କୋଇମ୍ବାଟୁର ପୋଲିସ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ସେଠାକାର ହସ୍ପିଟାଲରେ ଭର୍ତ୍ତି କରିଥିଲା। ତାଙ୍କର ଅଣ୍ଟା ଓ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଥିବାବେଳେ ସେ ହସ୍ପିଟାଲର ଆଇସିୟୁ ବେଡ୍‌ରେ ଏବେ ଜୀବନ ସହିତ ସଂଘର୍ଷ କରୁଛନ୍ତି। ବସନ୍ତଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ଥିବାବେଳେ ତାଙ୍କୁ ସରକାରୀ ସହାୟତା ଆବଶ୍ୟକ ହେଉଛି। ତାଙ୍କୁ ଓଡ଼ିଶା ସରକାର ଓ ଶ୍ରମ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ସହାୟତା କରିବା ଓ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।



ହସ୍ପିଟାଲରେ ବସନ୍ତ ଜୀବନ ସହ ସଂଘର୍ଷ କରୁଛନ୍ତି।

## ନବଜାତକ ମୃତ୍ୟୁ ଘଟଣା: ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କଣ୍ଟାବାଞ୍ଜି, ୨୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ଗତ ବୁଧବାର ନବଜାତ ଶିଶୁ ମୃତ୍ୟୁ ଘଟଣାକୁ ନେଇ ବିଭିନ୍ନ ସାମାଜିକ ଅନୁଷ୍ଠାନ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଚିକିତ୍ସାରେ ଅବହେଳା କରିଥିବା ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ମୃତ ଶିଶୁର ବାପା ମଦନ ମାଝି ଡାକ୍ତରଙ୍କ ଅବହେଳାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ଘଟିବାର ୪ଦିନ ବିତି ଯାଇଥିଲେ ମଧ୍ୟ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଶନିବାର ମୃତଶିଶୁର ବାପା ମଦନ ମାଝିଙ୍କୁ ନେଇ ସହରର ବଜରଙ୍ଗ ଦଳ, ରାମସେନା, କୋଶଳ ମୁକ୍ତିମୋର୍ଚ୍ଚା ଓ ବିଭିନ୍ନ ସଂଗଠନ ପୋଲିସ ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁଙ୍କୁ ସାକ୍ଷାତ୍ କରିଥିଲେ। ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଥିଲେ। ଅନୁସନ୍ଧାନ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

## ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା

- ସର୍ବସାଧାରଣ ନଳକୂପ ଅକ୍ତିଆର କରାଯାଇଥିବା ଅଭିଯୋଗ
- ବାଘମାରୀରେ ପାନୀୟ ଜଳ ସମସ୍ୟା

**ଅମରପାଲି,୨୭।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ବାଘମାରୀ ଗ୍ରାମରେ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ଗ୍ରାମରେ ଥିବା ବ୍ୟବହାର ଉପଯୋଗୀ ନଳକୂପକୁ ଗ୍ରାମର ଜଣେ ମହିଳା ଅଚଳ କରି ଦେଇ ପାଣି ନେବାକୁ ଅନ୍ୟମାନଙ୍କୁ ମନା କରିବା ସହିତ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ଏନେଇ ବାଘମାରୀ ଗ୍ରାମର ମହିଳାମାନେ ଶନିବାର ବୀରମହାରାଜପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ ଏହାର ସମାଧାନ କରିବା ପାଇଁ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗ୍ରାମରେ ପାନୀୟ ଜଳ ପାଇଁ ତିନୋଟି ନଳକୂପ ରହିଛି। ତନ୍ମଧ୍ୟରୁ ମାତ୍ର ଗୋଟିଏ ନଳକୂପର ପାଣି ବ୍ୟବହାର ଉପଯୋଗୀ। ମହିଳାମାନେ ସେହି ନଳକୂପରୁ ପାଣି ଆଣିବାକୁ ଗଲେ ଗ୍ରାମର ଜଣେ ମହିଳା ଗାଳିଗୁଲଜ କରିବା ସହିତ ପାଣି ନେବାକୁ ଦେଉ ନ ଥିବା ଅଭିଯୋଗ ହୋଇଛି। ଏପରି କି ଉକ୍ତ ମହିଳା ଜଣକ ସେହି ନଳକୂପର ଚେନ ଖୋଲି ଦେଇଛନ୍ତି। ଫଳରେ ଗ୍ରାମବାସୀ ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି। ସଂପ୍ରତି ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଲୋକଙ୍କୁ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଛି । ମାତ୍ର ଜଣେ ମହିଳାଙ୍କ ମନମାନୀ ଯୋଗୁ ଗ୍ରାମବାସୀ ପାଣି ନ ପାଇବା ଚିନ୍ତାର କାରଣ ହୋଇଛି। ଏହାକୁ ଗମ୍ଭୀରତାର ସହିତ ନେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ମହିଳାମାନେ ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ଦେଇ ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରିଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଅଜିତ ମିର୍ଦ୍ଧା ଦାବିପତ୍ର ଗ୍ରହଣ କରିଛନ୍ତି। ଅଭିଯୋଗ ପରେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୀରମହାରାଜପୁର ପୋଲିସ ବାଘମାରୀ ଯାଇ ଘଟଣାର ତଦନ୍ତ କରିଛି।



ବୀରମହାରାଜପୁର ସହକାରୀ ଜିଲାପାଳଙ୍କୁ ମହିଳାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ରୋଷେୟା, ସେବାୟତଙ୍କ ଚାକିରି ନିୟମିତ କର

**ନୂଆପଡ଼ା ଅଫିସ,୨୭।୫**

ନୂଆପଡା ଜିଲାରେ ଅନୁସୁଚିତ ଜାତି ଓ ଅନୁସୁଚିତ ଜନଜାତି ଉନ୍ନୟନ ବିଭାଗ ବା (ଏସଏସଡି) ସେବାଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ରୋଷେୟା ତଥା ସେବାୟତମାନେ ଚାକିରି ନିୟମିତ କରିବା ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି। ହେଲେ ସରକାର ଏଥିପ୍ରତି କୌଣସି ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଜିଲା ସିସିଏ ସଂଘ ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ହେମକାନ୍ତ ସାଏଙ୍କୁ ୩ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ଅନୁସୁଚିତ ଜାତି ଓ ଅନୁସୁଚିତ ଜନଜାତି ଉନ୍ନୟନ ବିଭାଗରୁ ଗୋଟେ ମହାବିଦ୍ୟାଳୟ, ୫ଟି ଉଚ୍ଚ ବିଦ୍ୟାଳୟ ଓ ୩୯ଟି ସେବାଶ୍ରମ ମୋଟ ୪୫ଟି ବିଦ୍ୟାଳୟ ଏବଂ ଶିକ୍ଷା ବିଭାଗର ୨୭ଟି ଛାତ୍ରାବାସରେ ୫ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ରୋଷେୟା କାର୍ଯ୍ୟ କରୁଛନ୍ତି। ୧୯୯୩ଠାରୁ ଅଣକୋଶଳୀ ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଆଦିବାସୀ, ହରିଜନ ଛାତ୍ରୀଛାତ୍ରମାନଙ୍କ ଦିନ ରାତ୍ରି ସେବା କରି ଆସୁଛୁ। ଆମର କୌଣସି ଦିନ ଛୁଟି ନାହିଁ କିମ୍ବା କୌଣସି ସରକାରୀ ସୁବିଧା ନାହିଁ। କମ ଦରମାରେ ଖଟୁଥିଲେ ମଧ୍ୟ ବାରମ୍ବାର ବିଦ୍ୟାଳୟରୁ ବିଦ୍ୟାଳୟକୁ ବଦଳି କରାଯାଉଛି ଓ କାର୍ଯ୍ୟରେ କୌଣସି ବିଶୃଙ୍ଖଳା ଦେଖାଗଲେ ବହିଷ୍କାର କରାଯାଉଛି। ଚାକିରି ନିୟମିତ କରିବା ପାଇଁ ଦୀର୍ଘ ଦିନରୁ ସରକାରଙ୍କଠାରେ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଥର ଆମ କଥା ସରକାର ନ ଶୁଣିଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ପାଇଁ ବଧ୍ୟ ହେବୁ ବୋଲି ସିସିଏ ଜିଲା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ସଭାପତି ଭୈରବ କୁମାର ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶବର, ଉପସଭାପତି ଆନନ୍ଦିନୀ ଶବର, ସହ ସମ୍ପାଦିକା ଅନୁସୂୟା ତାଣ୍ଡି, କୋଷାଧ୍ୟକ୍ଷ ତୁଳାରାମ ମାଝି, ନୂଆପଡା ବ୍ଲକ ସଭାପତି ବନୁଆ ରାମ ରାଉତ, ଖଡିଆଳ ବ୍ଲକ ସଭାପତି ଥବିରାମ ଭୋଇ, ବୋଡେନ ବ୍ଲକ ସଭାପତି ସତ୍ୟାନନ୍ଦ ବେହେରା, କୋମନା ବ୍ଲକ ସଭାପତି ଜଗତରାମ ଖର୍ସେଲ, ଲବନୀ ଆଡବଙ୍ଗ, ସୁମିତ୍ରା ଶବର, ସୁମିତ୍ରା ମାଝି, ଦୁତିକା ମାଝି, ସୁବାସିନି ମାଝି, ଗିତାଞ୍ଜଳି ମାଝି, କୁମାରୀ ମାଝି, କୁନ୍ତି ମାଝି, ହେମନ୍ତି ଧରୁଆ, କନକଲତା ମାଝି ପ୍ରମୁଖ ସାମିଲ ଥିଲେ।



ଜିଲାପାଳଙ୍କ ଗହଣରେ ରୋଷେୟା ସଂଘ।

- ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

## ଚୋରି ଘଟଣାରେ ଜଣେ ଗିରଫ

କୁତ୍ରା (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ଉପସ୍ୱାସ୍ଥ୍ୟ କେନ୍ଦ୍ରରୁ ଚୋରି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବଡ଼ଗାଁ ଥାନା ଅନ୍ତର୍ଗତ ଭେଲୁଆଁବାହାଲ ଗ୍ରାମର ସରୁପ କେଶରି (୨୬)। ଏଥି ସହ ଅଭିଯୁକ୍ତଙ୍କଠାରୁ ଚୋରି ସାମଗ୍ରୀ ମଧ ଜବତ ହୋଇଛି। ଗତ ୨୩ ତାରିଖ ରାତିରେ ସ୍ୱାସ୍ଥ୍ୟ କେନ୍ଦ୍ରରେ କେହି ନ ଥିବାରୁ ସୁଯୋଗ ନେଇ ଅଭିଯୁକ୍ତ ଜଣଙ୍କ ଇନଭୋଟର ଓ ଏକ ପ୍ରିଣ୍ଟର ଚୋରିକରି ନେଇଥିଲା। ଏନେଇ କୁତ୍ରା ଥାନାରେ ମାମଲା ରୁଜୁ ହୋଇଥିଲା।

## ସଂକ୍ଷେପରେ

### ଜଙ୍ଗଲରୁ ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ

ବଡ଼ଗାଁ,୨୭।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଧୀନ ବାଙ୍କୀବାହାଲ ଗାଁ ନିକଟ ଜଙ୍ଗଲର ବାଘଲତଠାରେ ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଟିକିଲିପଡ଼ା ନିକଟ ସେମେଲବାହାଲ ଗ୍ରାମର ସୁମତୀ ମାଝୀ(୭୫)। ବୃଦ୍ଧାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ଜଣାପଡ଼ିଛି। ରବିବାର ସକାଳେ ବୃଦ୍ଧାଙ୍କ ଗଳିତ ମୃତଦେହ ଜଙ୍ଗଲରେ ପଡ଼ିଥିବା ଦେଖି ନିକଟସ୍ଥ ଗ୍ରାମର ଲୋକେ ପୋଲିସକୁ ଖବର ଦେଇଥିଲେ।

### ରେଳଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଜବତ

ରାଜଗାଙ୍ଗପୁର,୨୭।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର କାଂସବାହାଲ ଗୋସେଇଁପଡ଼ା ନିକଟ ରେଳ ଧାରଣାରୁ ଶନିବାର ଜଣେ ଅଜଣା ଯୁବକଙ୍କ ମୃତଦେହ ରେଳବାଇ ପୋଲିସ ଉଦ୍ଧାର କରିଛି। ଯୁବକଙ୍କ ମୁହଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେ ଏକ ଆକାଶିଆ ରଙ୍ଗର ଜିନ୍ସ ପ୍ୟାଣ୍ଟ ଏବଂ ପାଦରେ କଳା ରଙ୍ଗର ଜୋତା ପିନ୍ଧିଛନ୍ତି। ବୟସ ପ୍ରାୟ ୪୦ ଏବଂ ଉଚ୍ଚତା ୫ ଫୁଟ ୫ ଇଞ୍ଚ ହେବ। ଦେହରେ କୌଣସି ବସ୍ତ୍ର ନାହିଁ। ରେଳବାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସଚେତନତା ରଥ ଶୁଭାରମ୍ଭ



କୁଆଁରମୁଣ୍ଡା,୨୭।୫(ଡି.ଏନ୍.ଏ.): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନ ଓଡ଼ିଶା ମିଲେଟ୍ ମିଶନ ଏବଂ ଦିଶା ସଂସ୍ଥା ଆନୁକୂଲ୍ୟରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏକ ସଚେତନତା ରଥ ଶନିବାର ଶୁଭାରମ୍ଭ ହୋଇଛି। ଏହି ରଥ ବ୍ଲକର ୨୦ ପଞ୍ଚାୟତର ୫୬ ରାଜସ୍ୱ ଗ୍ରାମକୁ ୪ ଦିନ ଧରି ପରିକ୍ରମା କରି କୃଷକଙ୍କୁ ସଚେତନ କରାଇବ। ପରିବେଶ ଅନୁକୂଳ ଚାଷ ସମ୍ପର୍କରେ ଏହି ରଥ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସଚେତନ କରାଇବ ବୋଲି ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରମାନେ କହିଥିଲେ। ଅତିରିକ୍ତ ଜିଲା କୃଷି ଅଧିକାରୀ ରିଲିଯିଆସ ବେକ୍ ଅତିଥିଭାବେ ଯୋଗଦେଇ ରଥକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କୃଷି ଅଧିକାରୀ ପବିତ୍ର ମୋହନ ସାହୁ, ନୂଆଗାଁ ବ୍ଲକ କୃଷି ଅଧିକାରୀ ସତ୍ୟବାନ ସାହୁ, କୃଷି ଓଭର୍ଶିଆର ସୁଦେଷ୍ଣା ନାଏକ, ଲୁକେଶ୍ୱରୀ କଲୋ, ବ୍ଲକ ମିଲେଟ ମିଶନ ସଂଯୋଜକ ରମେଶ ଚନ୍ଦ୍ର ମଲ୍ଲିକ, ସହ ସଂଯୋଜକ ଦେବାଶିଷ ସ୍ୱାଇଁ, ଶଖବାତ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବିସ୍ଥାପିତଙ୍କୁ ଥଇଥାନ ନ କରି ଖଣି କାର୍ଯ୍ୟ

## ଧୂଳିଧୂଆଁରେ ୬୪ ପରିବାର

ସୁନ୍ଦରଗଡ଼,୨୭।୫(ଡି.ଏନ୍.ଏ)



ବିସ୍ଥାପନ ପରେ ଭଙ୍ଗାଯାଇଥିବା ଘର।



ଗାଁ ଚାରିପଟେ ବର୍ଜ୍ୟ କୋଇଲା ଓ ମାଟି ଗଦା କରାଯାଉଛି।

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଡୁଲିଙ୍ଗାଠାରେ ଏନ୍‌ଟିପିସି ପକ୍ଷରୁ କୋଇଲା ଖଣି ଆରମ୍ଭ ହୋଇଛି। ଏଥିପାଇଁ ବିସ୍ଥାପିତ ହେବାକୁ ଥିବା ଖପୁରୀକଚ୍ଛାର ୬୪ପରିବାରଙ୍କୁ କ୍ଷତିପୂରଣ ଓ ଥଇଥାନ ନ କରି ଖଣି ଖନନ କାର୍ଯ୍ୟ ଚାଲୁଥିବା ଯୋଗୁଁ କୋଇଲା ଧୂଳି ଧୂଆଁରେ ଗ୍ରାମବାସୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ, ବିସ୍ଥାପନ ଓ ଥଇଥାନ ପରେ ଖଣି କାର୍ଯ୍ୟ କରାଯିବା କଥା। ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ବିସ୍ଥାପିତଙ୍କ ଦାବି ପୂରଣ ନ କରି ଗାଁ ଚାରିପଟେ ପାହାଡ଼ ଭଳି ଓଭର ବର୍ଡନ କୋଇଲା ଓ ମାଟି ଗଦା କରୁଛି। ଧୂଳି, ଧୂଆଁ ସବୁ ଉଡ଼ି ଲୋକଙ୍କ ଘର ଭିତରେ ପସି ଆସବାବପତ୍ର ସବୁ କଳା ପଡ଼ିଯାଉଛି। ସେପଟେ କ୍ଷତି ପୂରଣ ମିଳି ନ ଥିବାରୁ ଲୋକେ ଗାଁ ଛାଡ଼ି ଯିବାକୁ ରାଜି ନାହାନ୍ତି। ଅନ୍ୟ ପଟେ କମ୍ପାନୀ କହୁଛି ପ୍ରଥମେ ଘର ଛାଡ଼, ତାପରେ କ୍ଷତି ପୂରଣ ଦିଆଯିବ। କମ୍ପାନୀ କଥା ଶୁଣି ଗ୍ରାମର ୩୨ପରିବାର କ୍ଷତି ପୂରଣ ନ ପାଇ ମଧ ଗାଁ ଛାଡ଼ି ଗଲେଣି। ହେଲେ ୬୪ପରିବାର କ୍ଷତି ପୂରଣ ନ ମିଳିଲେ ଗାଁ ଛାଡ଼ିବୁ ନାହିଁ ବୋଲି କହିଛନ୍ତି। କମ୍ପାନୀର ଏଭଳି ମନମାନୀ କାର୍ଯ୍ୟ ବିରୁଦ୍ଧରେ ଗ୍ରାମବାସୀ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ କମିଶନ ରିପୋର୍ଟ ତଲବ କରିଛନ୍ତି। ରିପୋର୍ଟ ନ ମିଳିବା ଯାଏଁ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ମଧ ଦେଇଛନ୍ତି। ହେଲେ କମ୍ପାନୀ ଏହାକୁ ଅଣଦେଖା କରି କାର୍ଯ୍ୟ ଚଳାଇଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କୋଇଲା ଉତ୍ତୋଳନ ବେଳେ ବାହାରୁଥିବା ବର୍ଜ୍ୟ କୋଇଲା ଓ ମାଟିକୁ ଗଦା କରିବା ପାଇଁ ଖପୁରୀକଚ୍ଛା ଗାଁ ଓ ଜମିକୁ କମ୍ପାନୀ ଅଧିଗ୍ରହଣ କରିଛି। ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ପ୍ରତିକ୍ରିୟା ଦେବାକୁ ମନା କରି ଦେଇଥିଲେ। ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ପଚାରିବାରୁ ଗାଁ ଲୋକଙ୍କ ସହିତ ଆଲୋଚନା ହୋଇଛି। ଆସନ୍ତା ୨ମାସ ମଧ୍ୟରେ ସମସ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଥିଲେ।

## ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ବାଳିକା ସଶକ୍ତ କର୍ମଶାଳା

ସୁନ୍ଦରଗଡ଼,୨୬।୫(ଡି.ଏନ୍.ଏ.)

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଚାଲିଥିବା ବାଳିକା ସଶକ୍ତିକରଣ ମିଶନ କର୍ମଶାଳା ଅଧୀନରେ ନିକଟ ସରକାରୀ ବିଦ୍ୟାଳୟଗୁଡ଼ିକର ୧୨୦ ଛାତ୍ରୀଙ୍କୁ ନେଇ ବିଭିନ୍ନ ଦକ୍ଷତା ବିକାଶ ତାଲିମ ଦିଆଯାଉଛି। ମେ ୫ରୁ ଆରମ୍ଭ ହୋଇଥିବା ଏହି କର୍ମଶାଳାରେ ଛାତ୍ରୀମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆତ୍ମନିର୍ଭରଶୀଳ ଏବଂ ଆତ୍ମବିଶ୍ୱାସୀ କରାଯାଉଛି। ବାଳିକା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଏହି କର୍ମମଶାଳାରେ ଅତ୍ୟାବଶ୍ୟକ ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ଆତ୍ମରକ୍ଷା କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ବିଭିନ୍ନ ତାଲିମ ଦିଆଯାଉଛି। ଗତ କିଛି ସପ୍ତାହରେ ଅଂଶଗ୍ରହଣକାରୀମାନେ ଅଗ୍ନି ନିରାପତ୍ତା ପ୍ରଦର୍ଶନ କର୍ମଶାଳା, ଋତୁସ୍ରାବର ସ୍ୱଚ୍ଛତା ଉପରେ ସଚେତନତା କାର୍ଯ୍ୟକ୍ରମ ସହିତ ଶିଶୁ ସଂସଦ ଭଳି ଭାବବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ତାଲିମ ନେଇଥିଲେ। ଜିଲା କଲ୍ୟାଣ ଅଧିକାରୀ (ସୁନ୍ଦରଗଡ଼) ପିଏମ ପ୍ରଧାନ ଏବଂ ରେଖା ଦେ (ଆନ୍ତର୍ଜାତୀୟ ଆଥଲେଟ ଆଣ୍ଡ କୋଚ୍)ଙ୍କ ସହ ପାରସ୍ପରିକ ଅଧିବେଶନରେ ମଧ ଯୋଗ ଦେଇ ଭାବ ବିନିମୟ କରିଥିଲେ।

## ଆର୍‌ଏସ୍‌ପିକୁ ସର୍ବୋତ୍କୃଷ୍ଟ, ସୁରକ୍ଷିତ କାର୍ଯ୍ୟସ୍ଥଳୀ କରିବାକୁ ଆହ୍ୱାନ

ରାଉରକେଲା ଅଫିସ,୨୭।୫

ଆର୍‌ଏସ୍‌ପିକୁ ସର୍ବୋତ୍କୃଷ୍ଟ ଏବଂ ସୁରକ୍ଷିତ କାର୍ଯ୍ୟସ୍ଥଳୀ ଭାବେ ଗଢି ତୋଳିବାକୁ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଶନିବାର ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ଆର୍‌ଏସ୍‌ପି ସାମୁଦାୟିକଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ ଏବଂ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା ମଞ୍ଚାସୀନ ଥିଲେ। ଖଣି ବିଭାଗର ସିଜିଏମ୍ ଇନଚାର୍ଜ ପି. କେ. ରଥ, ଅର୍ଥ ବିଭାଗ ସିଜିଏମ ଇନ୍‌ଚାର୍ଜ ଏ. କେ. ବେହୁରିଆଙ୍କ ସମେତ ବହୁ ସିଜିଏମ ଓ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପ୍ରାୟ ୫ଶହ କର୍ମଚାରୀ ଯୋଗ ଦେଇଥିଲେ। କୋକ୍ ମୂଲ୍ୟରେ ବୃଦ୍ଧି ଏବଂ ଏନ୍‌ଏସ୍‌ଆରରେ ଅସ୍ଥିରତା ଯୋଗୁ କମ୍ପାନୀର ପ୍ରଦର୍ଶନ ପ୍ରଭାବିତ ହେବା ବିଷୟରେ ଉଲ୍ଲେଖ କରି ଭୌମିକ ସମସ୍ତଙ୍କୁ ଉନ୍ନତ ମୂଲ୍ୟ ପ୍ରବନ୍ଧନ, ସର୍ବୋତ୍ତମ ସାମଗ୍ରୀ ଗୁଣବତ୍ତା, ସମ୍ବଳର ସର୍ବୋଚ୍ଚ ଉପଯୋଗ, ଉନ୍ନତ ଅର୍ଥନୈତିକ ବୈଷୟିକ ପରିମାପକତା ସହ ଉତ୍ପାଦନରେ ବୃଦ୍ଧି ମାଧ୍ୟମରେ ଏହି ପ୍ରଭାବକୁ ପ୍ରତିହତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜୁନିୟର ଅଫିସର ଭାବେ ପଦୋନ୍ନତି ଲାଭ କରିଥିବା ୧୬୩ଜଣ କର୍ମଚାରୀଙ୍କୁ ମଧ ଡିଆଇସି ଅଭିନନ୍ଦନ ଜଣାଇଥିଲେ। ପି. କେ. ଶତପଥି ଆରଏସପି ବିଭିନ୍ନ ନିଯୁକ୍ତି ଯୋଜନା, ଆବାସିକ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ପୁନର୍ବାସ କୌଶଳ ଭଳି ଆରଏସପିର ବିଭିନ୍ନ ମାନବ ସମ୍ବଳ ଓ ସିଏସ୍‌ଆର ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ପି. କେ. ସାହୁ ସୁରକ୍ଷା ଦୃଷ୍ଟିରୁ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଦୁର୍ଘଟଣା ମୁକ୍ତ ରହିଥିବା ପ୍ରକଳ୍ପ ବିଭାଗର ସଫଳତା ବିଷୟରେ ଉଲ୍ଲେଖ କରିଥିଲେ। ଡାକ୍ତର ହୋତା ସୁସ୍ଥ ଜୀବନଶୈଳୀ ଉପରେ ମାର୍ଗଦର୍ଶନ କରିଥିଲେ। ଲୋକସମ୍ପର୍କ ବିଭାଗ ଦ୍ୱାରା ନିର୍ମିତ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବା ସହ ପ୍ରେରଣାଦାୟକ ଭିଡିଓ ଏବଂ ଟାଉନଶିପ୍‌ରେ ବିଭିନ୍ନ ପ୍ରୟାସ, ଲକ୍ଷ୍ୟ, ସଫଳତା ଏବଂ ନୂତନ ସୁବିଧା ସମେତ ଗତ ଆର୍ଥିକ ବର୍ଷର ଆର୍‌ଏସ୍‌ପିର ପ୍ରଦର୍ଶନ ଉପସ୍ଥାପନ ହୋଇଥିଲା। ଏହାପରେ ମତ ବିନିମୟ ଅଧିବେଶନରେ କର୍ମଚାରୀମାନେ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ପୂର୍ବ ଅଧିବେଶନରେ ଦିଆଯାଇଥିବା ପରାମର୍ଶ ଗୁଡିକର ଅନୁପାଳନ ସ୍ଥିତି ଉପରେ ଏକ ପ୍ରସ୍ତୁତୀକରଣ ପ୍ରଦର୍ଶିତ ହୋଇଥିଲା। ପ୍ରତ୍ୟେକ କ୍ଷେତ୍ରରେ ଆର୍‌ଏସ୍‌ପିକୁ ସର୍ବୋତ୍ତମ କରିବା ନିମନ୍ତେ ଏକ ସଂକଳ୍ପରେ ସମସ୍ତେ ଯୋଗଦେବା ସହ ଏହି ଅଧିବେଶନ ସମାପ୍ତ ହୋଇଥିଲା। ସିନିୟର ଇନଷ୍ଟ୍ରକ୍ଟର ସୁଶ୍ରୀ ରାଜଲକ୍ଷ୍ମୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଅତନୁ ଭୌମିକ ବକ୍ତବ୍ୟ ରଖୁଛନ୍ତି।

## ମୃତ ଡ୍ରାଇଭରଙ୍କ ପରିବାରକୁ ଆର୍ଥିକ ସହଯୋଗ

ବଡ଼ଗାଁ,୨୭।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତ ଲାଖପଡ଼ା ଗ୍ରାମର ୪୭ ବର୍ଷୀୟ ଡ୍ରାଇଭର ସାଧୁ ଚରଣ କିସାନଙ୍କ ଗତ ୧୯ ତାରିଖରେ ମୃତ୍ୟୁ ହୋଇଥିଲା। ସେ ଡ୍ରାଇଭର ମହାସଂଘର ଜଣେ ସକ୍ରିୟ ସଦସ୍ୟ ଥିଲେ। ସାଧୁ ଚରଣଙ୍କ ଦଶାହରେ ସଂଘ କର୍ମକର୍ତ୍ତା ସଞ୍ଜୀବ ବିଶି, ସୁମନ୍ତ କିସାନ, ମୁଟୁ ରାଉତ, ସୁନୀଲ କିସାନ, ମଧୁଧର ପଟେଲଙ୍କ ସହ ଅନ୍ୟ ସଦସ୍ୟ ତାଙ୍କ ଘରକୁ ଯାଇ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ଏବଂ ତାଙ୍କ ପରିବାର ସହିତ ଆଲୋଚନା କରିଥିଲେ। ସଂଘ ସଦସ୍ୟଙ୍କ ଠାରୁ ସଂଗୃହୀତ ୨୩ ହଜାର ୩ ଶହ ଟଙ୍କା ସାଧୁ ଚରଣଙ୍କ ସ୍ତ୍ରୀଙ୍କୁ ସଂଘ ପକ୍ଷରୁ କର୍ମକର୍ତ୍ତାମାନେ ଦେଇଥିଲେ।

## ବିଦେଶୀ ମଦ ଜବତ

ଲହୁଣୀପଡ଼ା,୨୭।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ନୂଆଡ଼ିହି ଛକରୁ ଶନିବାର ପୋଲିସ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ନୂଆଡ଼ିହି ଛକରେ ଶୁକୁମାରି ଦେହୁରୀ ବେଆଇନଭାବେ ବିଦେଶୀ ମଦ କାରବାର କରୁଥିବା ନେଇ ପୋଲିସ ଜାଣିବାକୁ ପାଇ ତାଙ୍କ ଦୋକାନରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପୋଲିସ ୩ ପେଟି ବିଦେଶୀ ମଦ ଜବତ ସହ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ, ପ୍ରଶିକ୍ଷଣ ଶିବିର




ବୈଠକରେ ଉପସ୍ଥିତ ଅତିଥି।

ଲହୁଣୀପଡ଼ା,୨୭।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡାସ୍ଥିତ ଭାଜପା ବଣେଇ ଜିଲା କାର୍ଯ୍ୟାଳୟରେ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାନେତ୍ରୀ ନମିତା ମାହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକ ଓ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥିଭାବେ ଭାଜପା ଜିଲା ସାଧାରଣ ସମ୍ପାଦକ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତ୍ ଜିଲା ସଂଯୋଜକ ଅଭିରାମ ମହାକୁଳ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ସୁଶାସନରେ ୯ ବର୍ଷ ପୂର୍ତ୍ତିର ଉପଲବ୍ଧି, ଜନ କଲ୍ୟାଣକାରୀ ଯୋଜନା ଓ ଦେଶବାସୀଙ୍କ ପ୍ରଗତି ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏଥିସହ ସଙ୍ଗଠନର ଆଗାମୀ କାର୍ଯ୍ୟସୂଚୀ, ମହା ଜନସମ୍ପର୍କ ଅଭିଯାନର ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ମଣ୍ଡଳରେ ବୁଥ୍ ସଶକ୍ତିକରଣ ଅଭିଯାନର ସମୀକ୍ଷା କରାଯାଇ ସରଳ ଓ ନମୋ ଆପ୍ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସେବତୀ ନାୟକ, ବରିଷ୍ଠ କାର୍ଯ୍ୟକର୍ତ୍ତା ମଦନ ମୋହନ ମାହାନ୍ତ ମଞ୍ଚାସୀନ ଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ନାରାୟଣ କୁମ୍ଭାର ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ। ପ୍ରମୁଖ ମଣ୍ଡଳ ପଦାଧିକାରୀଙ୍କ ମଧ୍ୟରେ ଗିରିଧାରୀ ମାହାନ୍ତ, ଜଗବନ୍ଧୁ କିଷାନ, ନରେନ୍ଦ୍ର କିଷାନ, ନମିତା ମାହାନ୍ତ, ସବିତା ତ୍ରିପାଠୀ, ପଦ୍ମାବତୀ ମାହାନ୍ତ, ଅନିତା ମାହାନ୍ତ, ଲତିକା ମାହାନ୍ତ, ଶରତ କୁମାର ମାହାନ୍ତ, ସଞ୍ଜୟ କିଷାନ, ଶଶୀ ଭୂଷଣ କିଷାନ, ସାଲଖାନ ମୁଣ୍ଡା, ସାଧୁଚରଣ ମାହାନ୍ତ, ରାଜେନ୍ଦ୍ର ପାତ୍ର, ଅଜୟ କୁମାର ସିଂ, ଟଙ୍କଧର ମାହାନ୍ତ, ନାରାୟଣ ମୁଣ୍ଡା, ହଳଧର ମାହାନ୍ତ, ଦେବ ଚରଣ କିଷାନ, ପଞ୍ଚାୟତ ପ୍ରମୁଖ, ସହ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଖୁଣ୍ଟଗାଁ ଓ କେ.ବଲାଙ୍ଗ ମଣ୍ଡଳରେ ମଧ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ଗଙ୍ଗାଧର ମାହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ନେତା ମନୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ। ସେହିଭଳି କେ. ବଲାଙ୍ଗ ମଣ୍ଡଳରେ ମଣ୍ଡଳ ସଭାପତି ମାଦି ଓରାମ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଜିଲା ଉପ ସଭାପତି ବାସୁଦେବ ସାହୁ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିବା ସହ ଦଳର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତଭାବେ ମଣ୍ଡଳ ପଦାଧିକାରୀଙ୍କୁ ଅବଗତ କରାଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ସଫଳତାର ୯ ବର୍ଷ ପୂର୍ତ୍ତି ସୁଶାସନ ସନ୍ଦର୍ଭରେ ମେ ୩୦ରୁ ଆରମ୍ଭ ହୋଇ ଜୁନ ୩୦ ପର୍ଯ୍ୟନ୍ତ ହେବାକୁ ଥିବା ମହା ଜନ ସମ୍ପର୍କ ଅଭିଯାନର ଯୋଜନା ପ୍ରସ୍ତୁତ କରିଥିଲେ।

## ପ୍ରକଳ୍ପ କାର୍ଯ୍ୟ ସରିଛି, କାମରେ ଆସୁନି

ବଡ଼ଗାଁ,୨୭।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ୩ରୁ ୫ ବର୍ଷ ହେଲା ୫ଟି ପ୍ରକଳ୍ପ ନିର୍ମାଣ ହୋଇଛି। ହେଲେ ଏହା ଲୋକଙ୍କ କାମରେ ଆସୁନାହିଁ। ଫଳରେ ଜନ ଅସନ୍ତୋଷ ଦେଖାଦେଇଛି। ଏନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ଏବଂ ଜନପ୍ରତିନିଧିଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ବଡ଼ଗାଁ ବନ୍ଦ୍ରି ବିଶାଳ ପୋଖରୀ ହିଡ଼ରେ ୪ ବର୍ଷ ପୂର୍ବେ ୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶୌଚାଳୟ ଆଜି ଯାଏ ଲୋକଙ୍କ କାମରେ ଆସିନାହିଁ। ଶୌଚାଳୟ ନିର୍ମାଣ ଶେଷ ହେବା ଦିନଠାରୁ ତାଲା ପଡ଼ିଛି। ସେହିପରି ପଞ୍ଚାୟତ ଅଫିସ୍ ଯିବା ରାସ୍ତା ପାର୍ଶ୍ୱରେ ପାନୀୟ ଜଳ ବ୍ୟବସ୍ଥା ପାଇଁ ସାଢ଼େ ୩ ଲକ୍ଷ ଟଙ୍କା ବ୍ୟୟରେ ଆରୋ ପ୍ଲାଣ୍ଟ ନିର୍ମାଣ ହୋଇଥିଲା। ହେଲେ ନିର୍ମାଣ ହେବାପରଠାରୁ ତାଲା ପଡ଼ିଛି। ଏଥିସହ ବଡ଼ଗାଁ ବସ୍ତି ନିକଟରେ ୩ ବର୍ଷ ପୂର୍ବେ ୧୦ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିଲା। କିନ୍ତୁ ମଣ୍ଡପ କାମ ଏଯାଏ ଶେଷ ହୋଇପାରିନାହିଁ। ସେହିପରି ଡାକ୍ତରଖାନାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ହାଇ ମାଷ୍ଟ ଲାଇଟ୍ ଲଗାଗଲା। ହଲେ ତାହା କାର୍ଯ୍ୟରେ ଆସୁନାହିଁ। ୪ ବର୍ଷ ପୂର୍ବେ ବସ୍‌ଷ୍ଟାଣ୍ଡ ପଛପଟେ ଓଭରହେଡ ଟ୍ୟାଙ୍କ ନିର୍ମାଣ ଶେଷ ହେବା ଦିନଠାରୁ କାମରେ ଆସିନାହିଁ। ଆର୍‌ଓ ପ୍ଲାଣ୍ଟ ଏବଂ ଓଭର ହେଡ ଟ୍ୟାଙ୍କ କାର୍ଯ୍ୟକାରୀ ହେଉ ନ ଥିବା ସମ୍ପର୍କରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ବସନ୍ତ ମଳୟ ରାଉଡିଆଙ୍କୁ ପଚାରିବାରୁ ନଦୀରେ ପାଣି ଶୁଖି ଯାଇଥିବାରୁ ଓଭରହେଡ ଟ୍ୟାଙ୍କ ଜଳ ଯୋଗାଣରେ ସମସ୍ୟା ଦେଖାଦେଇଛି। ଏଥିସହ ଭୂତଳ ଜଳ ଅଭାବରୁ ଆରଓ ପ୍ଲାଣ୍ଟ କାର୍ଯ୍ୟକାରୀ ହୋଇପାରିନାହିଁ। କଲ୍ୟାଣ ମଣ୍ଡପ ନେଇ ବ୍ଲକ ବିଭାଗୀୟ ଯନ୍ତ୍ରୀ ସୁଶାନ୍ତ ପଟେଲଙ୍କୁ ପଚାରିବାରୁ, କଲ୍ୟାଣ ମଣ୍ଡପ ପାଇଁ ପଞ୍ଚାୟତ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଦିଆଯିବ ଓ ବିଧାୟକ ପାଣ୍ଠିରୁ ମଧ ଅର୍ଥ ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର କାମ ସମ୍ପୂର୍ଣ୍ଣ କରାଯିବ। ଏଥିସହ ମେଡିକାଲରେ ବିଦ୍ୟୁତ୍ ସଂଯୋଗରେ ଲୋଡ ନେଉ ନ ଥିବାରୁ ଲାଇଟ୍ ଜଳୁନଥିବା ସେ କହିଛନ୍ତି।

## ଅଖିଳ ଭାରତ ଯୁବସଂଘର ଜିଲାସ୍ତରୀୟ କର୍ମଶାଳା

ସୁନ୍ଦରଗଡ଼,୨୭।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଅଖିଳ ଭାରତ ଯୁବ ସଂଘର ଜିଲା ସ୍ତରୀୟ କର୍ମଶାଳା ଶନିବାର ଉଜ୍ଜଳପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଅଖିଳଭାରତ ଯୁବ ସଂଘର ପୂର୍ବତନ ରାଜ୍ୟ ସଭାପତି ସଦାନନ୍ଦ ସାହୁ ପତାକା ଉତ୍ତୋଳନ କରି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସଂଘ ଜିଲା ସଭାପତି ତଥା ବିସ୍ଥାପନ ବିରୋଧୀ ନେତା ରାଜେନ୍ଦ୍ର ନାଏକ ଓ ମହେଶ୍ୱର ଦୀପଙ୍କ ମିଳିତ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭାପତି ପ୍ରଦୀପ ସେଠୀ, ଉପସଭାପତି ସତ୍ୟ ମହାନ୍ତି ଓ ରାଜ୍ୟ ପରିଷଦ ସଭ୍ୟ ରୋଜାଲିନ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆଲୋଚନା ସଭାରେ ମୁଖ୍ୟ ଅତିଥି ସେଠୀ ଅଖିଳଭାରତ ଯୁବ ସଂଘ ପ୍ରତିଷ୍ଠାର ଉଦ୍ଦେଶ୍ୟ ଓ ଶହୀଦ ଭଗତ ସିଂହଙ୍କ ନୀତି ଆଦର୍ଶ ଉପରେ ଆଲୋକପାତ କରି ଅଖିଳଭାରତ ଯୁବ ସଂଘର ଗୌରବମୟ ଓ ସଂଘର୍ଷମୟ ଇତିହାସ ସମ୍ପର୍କରେ କହିଥିଲେ। ମୁଖ୍ୟ ବକ୍ତାଭାବେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି ଯୋଗଦେଇ କିପରିଭାବେ ଶିଳ୍ପ ଓ ଖଣିଜ ସମ୍ପଦଭରା ସୁନ୍ଦରଗଡ଼ ଜିଲାରେ ଶିକ୍ଷିତ ବେକାରୀ ସାଙ୍ଗକୁ ଦାଦନ ସମସ୍ୟା ବଢ଼ିଚାଲିଛି ଏବଂ ଏହାକୁ ରୋକିବା ଦିଗରେ ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ହେବ ବୋଲି ମତ ଦେଇଥିଲେ। ଜିଲାରେ କୃଷି ଶିଳ୍ପକୁ ପ୍ରାଧାନ୍ୟ ଦେଲେ ଚାଷୀ ସାଙ୍ଗକୁ ବେକାରୀ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ସେ କହିଥିଲେ। କମ୍ୟୁନିଷ୍ଟ ନେତା ସୁନୀଲ ନାଏକ ଯୋଗଦେଇ ଏମ୍‌ସିଏଲ ଓ ଏନ୍‌ଟିପିସି କର୍ତ୍ତୃପକ୍ଷ ତାଙ୍କ ଆବଶ୍ୟକତା ଅନୁଯାୟୀ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସ୍ଥାପନ କରି ଯୁବବର୍ଗଙ୍କୁ ତାଲିମ ଦେବାର ବ୍ୟବସ୍ଥା କଲେ କିଛି ମାତ୍ରାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ଛାତ୍ର ନେତ୍ରୀ ଅପର୍ଣ୍ଣା ରାଉତରାୟ, ନରେଶ ମେହେର, ରମେଶ ଜୟ ପୁରିଆ, ଶୁକଦେବ ପ୍ରଧାନ, ପୂରବୀ ନାଏକ, ନରେନ୍ଦ୍ର ତାଜନ, ଅଖିଳ ମାଝୀ, ଉପେନ୍ଦ୍ର ବାଗ, ଜଗମୋହନ ନାଏକ, ଭୁବନ ନାଏକ, ଗୋପାଳ ଶର୍ମା, ସୁଶାନ୍ତ ଓରାମଙ୍କ ସହ ଜିଲାର ସମସ୍ତ ବ୍ଲକରୁ ପ୍ରତିନିଧି ଯୋଗ ଦେଇଥିଲେ। ଆଇନଜୀବୀ ସନ୍ତୋଷ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ରବିନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।




ଜିଲା ସ୍ତରୀୟ କର୍ମଶାଳାରେ ଉପସ୍ଥିତ ଅତିଥି।

## ଫାଇନାଲରେ ଉତ୍ତରପ୍ରଦେଶ, ଓଡ଼ିଶା

### ଉପକନିଷ୍ଠ ପୁରୁଷ ଜାତୀୟ ହକି ଚାମ୍ପିୟନଶିପ୍

ରାଉରକେଲା ଅଫିସ,୨୭।୫

ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ତ୍ରୟୋଦଶ ଉପକନିଷ୍ଠ ପୁରୁଷ ଜାତୀୟ ହକି ଚାମ୍ପିୟନଶିପ୍‌ର ଦଶମ ଦିନରେ ୨ଟି ସେମିଫାଇନାଲ ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍ ଉତ୍ତରପ୍ରଦେଶ ଓ ହରିୟାନା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଉତ୍ତରପ୍ରଦେଶ ଦଳ ହରିୟାନାକୁ ୭-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ଉତ୍ତରପ୍ରଦେଶ ଦଳ ଖେଳ ଆରମ୍ଭରୁ ଆକ୍ରାମକ ଖେଳ ପ୍ରଦର୍ଶନ କରିଥିଲା। ଦଳ ପକ୍ଷରୁ ଉଜଲ ପାଲ ୪ ଓ ୩୪ ମିନିଟ୍‌ରେ ୨ଟି ଗୋଲ ଦେଇଥିବାବେଳେ କେତନ କୋଶୱା ୧୪, ୩୩ ମିନିଟ୍‌ରେ ହରିୟାନା ବିପକ୍ଷରେ ୨ଟି ଗୋଲ କରି ଦଳକୁ ଆଗୁଆ ରଖିଥିଲେ। ପରେ ରାହୁଲ ଯାଦବ ଖେଳର ଦ୍ୱିତୀୟ ପର୍ଯ୍ୟାୟର ୧୭ ମିନିଟ୍‌ରେ ଗୋଟିଏ ଗୋଲ କରିଥିଲେ। ଶେଷରେ ରାହୁଲ ରାଜବର ଖେଳର ୩୮ ଓ ୫୧ ମିନିଟରେ ଦୁଇଟି ଗୋଲ ମାରି ଦଳକୁ ବିଜୟୀ କରିଥିଲେ। ଏହାପୂର୍ବରୁ ଉତ୍ତରପ୍ରଦେଶ ଦଳ ଚଣ୍ଡିଗଡକୁ ୭-୦ ଗୋଲରେ ପରାସ୍ତ କରି ପ୍ରଥମ ଟିମ୍ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ସେହିପରି ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଓଡ଼ିଶା ଦଳ ୩-୧ ଗୋଲରେ ମଧ୍ୟପ୍ରଦେଶ ଦଳକୁ ପରାସ୍ତ କରିଥିଲା। ଓଡ଼ିଶା ଦଳ ପକ୍ଷରୁ ପ୍ରଦୀପ ମଣ୍ଡଳ ଖେଳର ପ୍ରଥମ କ୍ୱାର୍ଟରର ୯ ମିନିଟରେ ପ୍ରଥମ ଗୋଲ କରିଥିଲେ। ଖେଳର ଦ୍ୱିତୀୟ ପର୍ଯ୍ୟାୟରେ ଦୀପକ ପ୍ରଧାନ ୧୯ ମିନିଟ ଓ ୪ର୍ଥ କ୍ୱାର୍ଟରର ୫୭ ମିନିଟ୍‌ରେ ଦୁଇଟି ଗୋଲ କରି ଦଳକୁ ବିଜୟୀ କରିଥିଲେ। ମଧ୍ୟପ୍ରଦେଶ ଦଳ ପକ୍ଷରୁ ଆସିର ଆଦିଲ ଖାନ ଓଡ଼ିଶା ବିପକ୍ଷରେ ଗୋଟିଏ ଗୋଲ କରିଥିଲେ। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ରବିବାର ଉତ୍ତରପ୍ରଦେଶ ଓ ଓଡ଼ିଶା ମଧ୍ୟରେ ହେବ ବୋଲି ସୂଚନା ମିଳିଛି।



ଉତ୍ତରପ୍ରଦେଶ ଓ ହରିୟାଣା ଦଳ ମଧ୍ୟରେ ମ୍ୟାଚ୍‌ର ଏକ ଦୃଶ୍ୟ।

# କମଲ ୱାଚ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୨୭ା୫




ଦେଶର ପ୍ରମୁଖ ତଥା ବିଳାସପୂର୍ଣ୍ଣ ଘଣ୍ଟା ପ୍ରତିଷ୍ଠାନ କମଲ ୱାଚ୍ କୋ.ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର ଭୁବନେଶ୍ୱରର ଜାଭିଅର ସ୍କୋୟାରସ୍ଥିତ ସାଣ୍ଡି ଟାୱାର ହୋଟେଲ ସମ୍ମୁଖ ମାର୍କେଟ କମ୍ପ୍ଲେକ୍ସଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ସେବାୟତ ଜଗନ୍ନାଥ ସ୍ୱାଇଁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ତଥା ଲୋକ ସଭା ସଦସ୍ୟ ଅନୁଭବ ମହାନ୍ତିଙ୍କ ସମେତ କମଲ ୱାଚ୍ କୋ.ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ କମଲ ୱାଚ୍ କନ୍‌ସେପ୍ଟର ନିର୍ଦ୍ଦେଶକ ନିଶାନ୍ତ ଟୋଟଲା କହିଛନ୍ତି, କମଲ ୱାଚ୍ କୋ ସହ ଜଡ଼ିତ ହେବା ଏକ ଗୌରବର ବିଷୟ, ଯାହାକି ଏକ ବ୍ରାଣ୍ଡ ଚମତ୍କାରିତା ଏବଂ ଅତୁଳନୀୟ କାରିଗରିର ଉଦାହରଣ। ବିଶେଷକରି ଶୋ'ରୁମ୍ ଆରମ୍ଭ ହେବା ସହିତ ଗ୍ରାହକଙ୍କୁ ଆମେ ଏକ ଅପୂର୍ବ ଅଭିଜ୍ଞତା ଯୋଗାଇବାକୁ ଲକ୍ଷ୍ୟ ରଖିଛୁ। ସୂଚନାଯୋଗ୍ୟ, ୧୯୬୯ରେ ହାଇଦ୍ରାବାଦର ଆବିଡସଠାରେ ପ୍ରତିଷ୍ଠାନର ପ୍ରଥମ ଷ୍ଟୋର ପ୍ରତିଷ୍ଠା ହୋଇଥିବା ବେଳେ ବର୍ତ୍ତମାନ ସମୟରେ ପ୍ରତିଷ୍ଠାନର ୫୦ ତମ ଷ୍ଟୋର ଭାରତ ବଜାରରେ ରହିଛି। ସେହିଭଳି ଓଡ଼ିଶା ବଜାରରେ ପ୍ରତିଷ୍ଠାନର ଏହା ୩ୟ ଷ୍ଟୋର ହୋଇଥିବା ବେଳେ ଏହା ପୂର୍ବରୁ ଭୁବନେଶ୍ୱରର ଏସ୍‌ପ୍ଲାନେଡ୍ ମଲ୍ ଓ ଜନପଥ ରୋଡ୍‌ରେ ୨ଟି ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଦୀର୍ଘଦିନରୁ କାରବାର କରୁଛି।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ଲାଣ୍ଟ ପରିଦର୍ଶନ କରାଇଲା ଜେଏସ୍‌ଡବ୍ଲ୍ୟୁ

ଭୁବନେଶ୍ୱର,୨୭ା୫




ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଜେଏସ୍‌ଡବ୍ଲ୍ୟୁର ଓଡ଼ିଶା ୟୁନିଟ୍ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଏକ ୩ ଦିନିଆ ପରିଭ୍ରମଣ ଓ ଆନ୍ଧ୍ରପ୍ରଦେଶର ବିଜୟନଗରସ୍ଥିତ ବିଦ୍ୟାନଗର ଜେଏସ୍‌ଡବ୍ଲ୍ୟୁ ପ୍ଲାଣ୍ଟ ପରିଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲାର କାର୍ଯ୍ୟରତ ଜାତୀୟ ଓ ରାଜ୍ୟସ୍ତରୀୟ ବିଭିନ୍ନ ଗଣମାଧ୍ୟମର ୩୦ଜଣ ପ୍ରତିନିଧି ଉକ୍ତ ଗସ୍ତ କାର୍ଯ୍ୟକ୍ରମରେ ସାମିଲଥିଲେ। ଅପରପକ୍ଷରେ ବିପିଏସ୍‌ଏଲ୍ ଓ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ର ଅଧ୍ୟକ୍ଷ ଅନୀଲ ସିଂଙ୍କ ସମେତ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିଭଳି ୩ ଦିନିଆ ସ୍ୱତନ୍ତ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଜେଏସ୍‌ଡବ୍ଲ୍ୟୁ ବିଜୟନଗର ୱାର୍କସ୍‌ର ସଭାପତି (ଅଧ୍ୟକ୍ଷ) ପି.କେ. ମୁର୍ଗାନ, ସିଓଓ ଏଲ୍.ଆର୍. ସିଂ ଏବଂ ପ୍ରଶାସନିକ ଓ ସିଏସ୍‌ଆର୍ ମୁଖ୍ୟ ରାଲଫ ସୁନୀଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଜେଏସ୍‌ଡବ୍ଲ୍ୟୁର ବିଜୟନଗର ଷ୍ଟିଲ୍ ପ୍ଲାଣ୍ଟ ଭାରତ ବର୍ଷର ଏକକ ସର୍ବବୃହତ୍ ଷ୍ଟିଲ୍ ପ୍ଲାଣ୍ଟ ଭାବେ ପରିଗଣିତ ହେଉଛି। ଉକ୍ତ ଗସ୍ତ ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ କାରଖାନାର କାର୍ଯ୍ୟ ପରିସର ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ।

## ନିମାଇଲର ନୂଆ ପ୍ରଚାର ଅଭିଯାନ

ଭୁବନେଶ୍ୱର,୨୭ା୫

ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି ଉତ୍ପାଦ ନିର୍ମାଣକାରୀ ସଂସ୍ଥା ଆଇଟିସିର ପ୍ରମୁଖ ଉତ୍ପାଦ ନିମାଇଲ ପକ୍ଷରୁ ଏକ ନୂତନ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି। ବିଶେଷକରି 'ନିମାଇଲ ଚଟାଣ ଖୁସିର ଚଟାଣ' ଚଳଚ୍ଚିତ୍ର ମାଧ୍ୟମରେ ଆଇଟିସି ନିମାଇଲ ସ୍ୱଚ୍ଛ ଗୃହାଙ୍ଗନରେ ସନ୍ତୋଷ ଓ ଖୁସି ପ୍ରଦାନ କରିଥାଏ, ଯାହା ଶିଶୁମାନଙ୍କ ପାଇଁ ଏକ ଆନନ୍ଦଦାୟୀ ନିରାପଦ ସ୍ଥାନର ସନ୍ଧାନ ଦେଇଥାଏ। ଆଇଟିସି ଲିମିଟେଡ୍‌ର ମୁଖ୍ୟ ସଞ୍ଚାଳକ (ପର୍ସନାଲ କେୟାର ପ୍ରଡକ୍ଟସ୍ ବିଜ୍‌ନେସ୍ ଡିଭିଜନ) ସମୀର ଶତପଥୀ କହିଛନ୍ତି, 'ଗୃହାଙ୍ଗନ ବହୁ ଲୋକ, ମୁଖ୍ୟତଃ ଶିଶୁମାନଙ୍କ ପାଇଁ ପ୍ରଶସ୍ତ କ୍ରୀଡ଼ାକ୍ଷେତ୍ର । ବିଶେଷକରି ଉତ୍ସାହ,ଉଦ୍ଦୀପନା, ସନ୍ତୋଷ ଓ ଶକ୍ତିବହୁଳ ଭାବେ ଗୃହର ରୁଦ୍ଧ ପରିବେଶ ଗୃହାଙ୍ଗନରୁ ଉନ୍ମେଷ ହୋଇଥାଏ ।

## ମୃତ୍ତିକା ପରୀକ୍ଷଣକୁ ସର୍ବାଧିକ ଗୁରୁତ୍ୱ

**ଭୁବନେଶ୍ୱର,୨୭ା୫** ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ପିପିଏଲ୍) ପକ୍ଷରୁ ଏକ କୃଷି ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ବାଲେଶ୍ୱରର ବାଲିଆପାଳସ୍ଥିତ କୃଷିବିଜ୍ଞାନ କେନ୍ଦ୍ର (କେଭିକେ) ଓ ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍)ର ସହଯୋଗିତାରେ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ପାଇଁ ମୃତ୍ତିକା ପରୀକ୍ଷଣର ଗୁରୁତ୍ୱ ଉପରେ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ନିକଟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର କେଭିକେର ବିହନ ବିଜ୍ଞାନୀ ଡ. ନିରଜ କୁମାର ଜେନା ଏବଂ ଏସ୍‌ପିପିଏଲ୍‌ର ପ୍ରଶାସନିକ ମୁଖ୍ୟ ରାଜକୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଆବଶ୍ୟକତା ବିଷୟରେ ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ସହ ମାଟି ପରୀକ୍ଷଣକୁ ଏକ ନିୟମିତ ପ୍ରଥା ଭାବେ ଗ୍ରହଣ କରିବା ଲାଗି ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ।


GOVERNMENT OF ODISHA
DEPARTMENT OF WATER RESOURCES
No.A-178:

**OFFICE OF THE CHIEF CONSTRUCTION ENGINEER**
**LOWER INDRA IRRIGATION PROJECT, KHARIAR**

**e-Procurement Notice No. CCELIIP-01/2023-24, Dt. 22.05.2023**

**e-mail address:- celiipnuapada2016@gmail.com**

1. Type/Nature of work: Civil Work. 2. Total No. of works: 01 (One) No. 3. Approx. value of works: Rs.3.42 Crore (Excluding GST). 4. Period of completion: 18 (Eighteen) Calendar Months. 5. Classification of bidders: "A" Class of Contractor only. **Other details as follows:**

| Procurement Officer | e-Procurement Notice No. | Availability & Submission of bids in online | | Date & Time of Opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Chief Construction Engineer, Lower Indra Irrigation Project, Khariar, Dist- Nuapada, Odisha | CCELIIP-01/2023-24 Dt.20.05.2023 for 01 (One) No. of Work | 29.05.2023 At 10.00 AM | 17.06.2023 Upto 5.00 PM | 19.06.2023 At 11.30 AM |

N.B: Further details can be seen from the e-procurement portal https://www.tendersodisha.gov.in. Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

**Sd./- (Er.Jugal Kishore Khatua)**
**Chief Construction Engineer, Lower Indra Irrigation Project, Khariar, Dist-Nuapada**

OIPR-32066/11/0002/2324



**obcc**

**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)

Letter No.4638 Date:26.05.23
File No.: PCF-1078

**Invitation to suggest the innovative designs/ logos for Odia University**

**No.CAD-746:**The Sr. Chief General Manager-I, Odisha Bridge & Construction Corporation Limited, Vikash Bhavan, Odisha, Bhubaneswar is inviting suggestion from the public to design a logo for Odia University, Sakhigopal, Puri representing the unique identity of Odia University. The designed logo of the University shall be submitted within 15 days from the date of this notification by E-mail circle1@obcc.in/md@obcc.in. For any clarifications/ information required please contact through the same. Selected logo will be rewarded suitably.

**Sd./- Sr. Chief General Manager-I**
**OB&CC Ltd.**
**OIPR-34161/11/0023/2324**



## ପୌର ପରିଷଦ କାର୍ଯ୍ୟାଳୟ, ବ୍ରଜରାଜନଗର

ପତ୍ର ସଂଖ୍ୟା: ୨୧୩୪ **ବିଜ୍ଞାପନ** ତା୨୫ା୦୫ା୨୦୨୩ରିଖ

No. C-432: ଓଡ଼ିଶା ସରକାରଙ୍କର ସହରାଞ୍ଚଳ ଉନ୍ନୟନ ସଂସ୍ଥା (SUDA, Bhubaneswar) ବିଭାଗ ପତ୍ର ସଂଖ୍ୟା ୫୦୧୪, ତା୨୮ା୦୯ା୨୦୨୧ରିଖ ଅନୁଯାୟୀ ବ୍ରଜରାଜନଗର ପୌରପରିଷଦ ଅଧୀନସ୍ଥ ସମସ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜଣାଇ ଦିଆଯାଉଅଛି ଯେ, ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଯେ କୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ୱାର୍ଡ଼ରେ ଜଳକର ଆଦାୟ ନିମନ୍ତେ ଜଳସାଥୀ ପଦବୀ ପାଇଁ ଆବେଦନ କରିପାରିବେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏକ ନିର୍ଦ୍ଧାରିତ ଫର୍ମରେ ବ୍ରଜରାଜନଗର ପୌରପରିଷଦରେ ଆବେଦନ କରିପାରିବେ। ଦରଖାସ୍ତଟି ଆସନ୍ତା ତା୦୮ା୦୬ା୨୦୨୩ରିଖ ଦିବା ୧୨ ଘଟିକା ସୁଦ୍ଧା ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟାଳୟର ଜଉମୁଦବାକ୍ସରେ ପକାଇ ପାରିବେ। କୌଣସି ଦରଖାସ୍ତ ସିଧା ହାତରେ ଗ୍ରହଣ କରାଯିବ ନାହିଁ।

**ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା:**

୧. ଆବେଦନକାରୀଙ୍କ ବୟସ ୧୮ରୁ ୪୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।
୨. ଆବେଦନକାରୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଏକ ସଦସ୍ୟ ହୋଇଥିବେ।
୩. ଆବେଦନକାରୀ ନ୍ୟୁନତମ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।
୪. ଆବେଦନକାରୀ ୨ ବର୍ଷ ଧରି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟା ହୋଇଥିବେ।
୫. ଆବେଦନକାରୀଙ୍କ ପାଖରେ ବ୍ୟକ୍ତିଗତ ସ୍ମାର୍ଟଫୋନ ଥିବା ଆବଶ୍ୟକ।
୬. ଆବେଦନକାରୀ କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ନିୟୋଜିତ ନ ଥିବେ।
୭. ଆବେଦନକାରୀଙ୍କ ନାମରେ କୌଣସି ଆପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନ ଥିବ।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ**
**ବ୍ରଜରାଜନଗର ପୌରପରିଷଦ**
**OIPR-13099/11/0002/2324**



**ZILLA SWASTHYA SAMITI, JAGATSINGHPUR**
**DPMU, NHM, JAGATSINGHPUR**
**Date: 25.05.2023**

**NOTICE**

No. E-148: A detail database of the candidates applied for the Post of Data Assistant cum Accountant under NUHM, Jagatsinghpur vide advertisement No. 5035/2022 has been prepared based on the documents attached (as per the requirement made in the recruitment process) with the appilcation forms and uploaded in the district website **www.Jagatsinghpur.nic.in** for general information. Candidates are required to send their objections if any (no fresh documents will be acceptable) through Speed Post/ Registered Post/Courier only to the Cheif District Medical & Public Health Officer, DHH, Jagatsinghpur, At/P.O.: Jagatsinghpur, PIN - 754103 on or before 09.06.2023 by 5.00 P.M. with superscribed with the envelope" Objection for the Post of DAA, NUHM, J.S. Pur. The objection format can be downloaded from the district website **www. jagatsinghpur.nic.in**. The objection received on or before the due date will be disposed of and the findings therof will be made available in the abvoe official website. No objection will be received after the due date & time.

**Sd./- CDM & PHO-cum-DMD, Jagatsinghpur**
**OIPR-10043/11/0001/2324**



## ପୌର ପରିଷଦ କାର୍ଯ୍ୟାଳୟ,ଝାରସୁଗୁଡା
## MUNICIPAL OFFICE: JHARSUGUDA

No.3416/JM Dt.26.05.2023
e-mail:jsgmunicipality@yahoo.com Fax:06645-273019
jharsugudam.hud@nic.in Ph:06645-273019

**ବିଜ୍ଞାପନ**

**No.C-429:**ଓଡ଼ିଶା ସରକାରଙ୍କର ସହରାଞ୍ଚଳ ଉନ୍ନୟନ ସଂସ୍ଥା (SUDA, Bhubaneswar) ବିଭାଗ ପତ୍ର ସଂଖ୍ୟା ୫୦୧୪, ତା.୨୮.୦୯.୨୦୨୧ ରିଖ ଅନୁଯାୟୀ ଝାରସୁଗୁଡା ପୌରପରିଷଦ ଅଧୀନସ୍ଥ ସମସ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜଣାଇ ଦିଆଯାଉଅଛି ଯେ, ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଯେକୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ନିଜ ୱାର୍ଡରେ ଜଳକର ଆଦାୟ ନିମନ୍ତେ ଜଳସାଥୀ ପଦବୀ ପାଇଁ ଆବେଦନ କରିପାରିବେ । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏକ ନିର୍ଦ୍ଧାରିତ ଫର୍ମରେ ଝାରସୁଗୁଡା ପୌରପରିଷଦରେ ଆବେଦନ କରିପାରିବେ । ଦରଖାସ୍ତଟି ଆସନ୍ତା ତା.୦୫.୦୬.୨୦୨୩ ରିଖ ଦିବା ୧୨ ଘଟିକା ସୁଦ୍ଧା ଝାରସୁଗୁଡା ପୌରପରିଷଦ କାର୍ଯ୍ୟାଳୟର ଜଉମୁଦ ବାକ୍ସରେ ପକାଇପାରିବେ । କୌଣସି ଦରଖାସ୍ତ ସିଧା ହାତରେ ଗ୍ରହଣ କରାଯିବ ନାହିଁ ।

**ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା:**

୧. ଆବେଦନକାରୀଙ୍କ ବୟସ ୧୮ ରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
୨. ଆବେଦନକାରୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଏକ ସଦସ୍ୟ ହୋଇଥିବେ ।
୩. ଆବେଦନକାରୀ ନ୍ୟୁନତମ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।
୪. ଆବେଦନକାରୀ ୨ ବର୍ଷ ଧରି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟା ହୋଇଥିବେ ।
୫. ଆବେଦନକାରୀଙ୍କ ପାଖରେ ବ୍ୟକ୍ତିଗତ ସ୍ମାର୍ଟଫୋନ ଥିବା ଆବଶ୍ୟକ ।
୬. ଆବେଦନକାରୀ କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ନିୟୋଜିତ ନ ଥିବେ ।
୭. ଆବେଦନକାରୀଙ୍କ ନାମରେ କୌଣସି ଆପରାଧିକ ମାମଲା ବା ରାଜନୈତିକ ସଂପୃକ୍ତି ନ ଥିବ ।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ**
**ଝାରସୁଗୁଡ଼ା ପୌରପରିଷଦ**
OIPR-13165/11/0001/2324



**CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
**(ZILLA SWASTHYA SAMITI (ZSS), KEONJHAR)**

**Advt. Letter No. 2345** **Date: 26.05.2023**

**REQUEST FOR PROPOSAL (RFP) FOR SELECTION OF AGENCY FOR SETTING UP & OPERATION OF DIGITAL DISPENSARIES IN KEONJHAR DISTRICT UNDER DMF**

No. E-150: A Request for Proposal (RFP) is invited from the reputed and experienced Agencies/Organizations/Firms for "Setting Up & Operation of Digital Dispensaries in Keonjhar district under DMF". The eligibility criteria and detailed requirements for said RFP and the formats for submission of proposal are set forth in the RFP document which can be downloaded from the district NIC website i.e. **www. kendujhar.nic.in**. Interested bidders fulfilling the eligibility criteria may submit their proposal & documents as set forth in ths RFP and submit to the undersigned in sealed envelope (s) clearly superscribing "RFP for Setting UP & Operation of Digital Dispensaries in Keonjhar district under DMF". Proposal(s) complete in all respect should reach the office of the CDM & PHO Keonjhar - 758001 by Speed Post/Regd. Post only on or before Dt.22.06.2023 till 5.00 P.M. The proposal(s) shall be opened on Dt.23.06.2023 at 11.00 A.M. in NHM Conference Hall, DHH, Keonjhar. Incomplete applications received in an open envelope/applications received after the due date will be summarily rejected.
The authority reserves the right cancel or reject the any or all RFP without assigning any reason thereof. No personal query shall be entertained. The decision of the committee will be treated as final.

**Sd./- Chief District Medical & Public Health Officer, Keonjhar**
**OIPR-10033/11/0013/2324**



**ZILLA SWASTHYA SAMITI, KORAPUT**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER (DPMU), NATIONAL HEALTH MISSION**

**E-mail:nhmkpt@gmail.com** **Phone:06852-250242**
**No.:1707/DPMU/NHM/23** **Date:26.05.2023**

**NOTICE FOR DIFFERENT POSTS UNDER NHM, KORAPUT**

**No.E-151:**Objection / suggestion (If any) are invited from the applicants vide this office Advt. No. 1009 dtd.05.04.2023 for the entries made in the database in writing with sufficient justification which must reach to the Chief District Medical & Public Health Officer, At/Po- Koraput (Jail Road), Dist- Koraput, PIN-764020 through Speed Post/Regd. Post/ Courier only and the last date of submission of application is on or before 02.06.2023 by 05.00 P.M. The.envelope containing the application should be superscribed clearly with the objection for the post of,..., otherwise the application will be invalid & rejected. No other means of communication will be considered. No new documents will be accepted for compliance of objection against non-submission of required documents along with the application form at the time of submission of application. Objection / suggestion will not be considered after due date and time. The candidates are requested to login into district website of Koraput (www. koraput.nic.in) for database. The undersigned reserves the right to cancel / reject any or all the applications without assigning any reason thereof.

**Sd./- CDMO-cum-District Mission Director, Koraput.**
**OIPR-10077/11/0003/2324**



**ବିଜ୍ଞପ୍ତି** **No.g-37:**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଏହି ଶିଶୁ କନ୍ୟାଟିକୁ ଗତ ତା।.୦୧.୦୫.୨୦୨୩ ରିଖରେ ଚାରିଘରିଆ, ବାଙ୍କି ରାସ୍ତାକଡ ପୋଖରୀ ନିକଟରେ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇ ଶିଶୁ ଭବନ, କଟକକୁ ଚିକିତ୍ସା ପାଇଁ ଆସିଥିଲା । ଏହି ପରିତ୍ୟକ୍ତ ଶିଶୁଟିର ବାପା, ମାଆ କିମ୍ବା ପରିବାର ବିଷୟରେ କିଛି ଜଣାନାହିଁ । ଶିଶୁ ଭବନ ସୁପରିଣ୍ଟେଣ୍ଡେଣ୍ଟ କଟକ ଜିଲ୍ଲା ଶିଶୁ ମଙ୍ଗଳ ସମିତିଙ୍କୁ ଏ ବିଷୟରେ ଜଣାଇଥିଲେ । ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ.-୧୪୦/୨୦୨୩ ଅନୁଯାୟୀ ଏହି ଶିଶୁକନ୍ୟା "ସୋହାନୀ" ଏବେ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥାରେ (ସା) ରହୁଅଛି । ତେଣୁ ଉକ୍ତ ଶିଶୁକନ୍ୟାଟିର ମାତା, ପିତା କିମ୍ବା ଯଦି କେହି ଆଇନ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,କୋଠରି ନଂ.-୫୪, କଲେକ୍ଟୋରିଏଟ୍ ବିଲ୍ଡିଙ୍ଗ୍, କଟକ, ଫୋନ ନଂ.-୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥା (ସା) ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪କୁ ଯୋଗାଯୋଗ କରନ୍ତୁ । ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ ।

**ସ୍ୱା./-**
**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**
**OIPR-33038/11/0003/2324**



**ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼**
**OFFICE OF THE MUNICIPAL COUNCIL, TITILAGARH**
**(Deptt. of Housing & Urban Development, Govt. of Odisha)**
**At/P.O./P.S.: Titilagarh, Dist.: Balangir - 767033**
**e-mail: titilagarhmunicipality@gmail.com, www.titilagarhmunicipality.in**
**Letter No. 1245** **Date: 26.05.2023**

**QUOTATION CALL NOTICE**

No. C-436: Sealed quotations are invited in "Two Cover Bid System" from registered/experience/reputed consultants/ architects having valid Income Tax & GST Registration Certificate having at least 12 years of Experience for preparation of detailed project report (DPR) to contain detailed Architectural, Structural, Internal/External Electrical/s PH drawings and designs including detailed estimates of all components, B.O.Q. and rate analysis including supervision & soil investigation/test work of different development works of Titilagarh Municipality under Titilagarh Municipality for engagement of consultant. The cover one shall contain technical bid & cover two shall contain the price bid. After evaluation of technical bid, the financial bid of qualified bidders will be opened. The bidder should be a qualified architect and registered member of council of Architecture. In case of proprietorship firm, the proprietor and incase of partnership firm, all the partners must have valid registration under council of Architecture. The consultants should have previous experience of completing at least one single reputed work of cost not less than Rs.4.00 crores (Four) in State/Central Govt. & having a financial turnover of Rs.50.00 lakt (fifty) and above if any one financial year in last 5 years from consultancy services. The bid documents be sent through Regd. Post/ Speed Post or by person so as to reach the undersigned latest by Dt.30.05.2023 at 11.00 A.M. The technical bid (cover one) will be opened on Dt.30.05.2023 at 1.00 P.M. in the presence of the bidders or their authorized representative who may wish to remain present at the time of opening bid. The financial bids those qualified bidders who qualify in their technical bids will be opened at a subsequent date, which shall be intimate to them at later stage. The undersigned reserves all rights to reject any or all quotation without assigning any reason thereof.

**Sd./- Executive Officer**
**Titilagarh Municipality**
OIPR-13095/11/0006/2324



**Bhubaneswar Smart City Limited**
**5th Floor, BMC, ICOMC Tower, Bhoi Nagar, Unit-IV, Bhubaneswar - 751007**
**E-mail Id: bbsr.bscl@gmail.com, CIN: U74990OR2016PLC020016**
**Telephone: 0674-2548428, Fax: 0674-2540811**

**2nd Corrigendum**

**Bid Identification No. 882/BSCL/Spl. Proj/02/2023 Dt.29.04.2023**

No. C-427: The following changes are made to the works invited vide Bid Identification No. 882/BSCL/Spl. Proj/02/2023 Dt.29.04.2023.

| Clause No. | As per the DTCN | To be read as |
|---|---|---|
| NIT | Last date for submission of bid (Online) - 17.00 hrs. of 30.05.2023<br>Submission of bid documents, EMD, paper cost in hard copy - 17.00 hrs. of 02.06.2023<br>Date of opening of Bid - 16.00 hrs. of 03.06.2023 | Last date for submission of bid (Online) - 17.00 hrs. of 07.06.2023<br>Submission of bid documents, EMD, paper cost in hard copy 17.00 hrs. of 09.06.2023<br>Date of opening of bid - 16.00 hrs. of 12.06.2023 |
| Detailed Tender Call Notice Clause - 111(g) | Similar nature of wokrs means project comprising of Construction of parks, landscaping, hardscape, pathways, sit out spaces and tree plantation and other allied works in all respect under one Agreement/ Contract. | Similar nature of works means project comprising of civil works or construction of parks, landscaping, hardscape, pathways, sit out spaces and tree plantation and other allied works in all respect under one Agreement/Contract. |

Any addendum/corrigendum/cancellation of tender can be seen in the website mentioned above.
All other terms and conditions remain unchanged.

**Sd./- Chief Executive Officer**
**Bhubaneswar Smart City Limited**
**OIPR-13070/11/0007/2324**



**WATCO**
**OFFICE OF THE GENERAL MANAGER**
**WATCO DIVISION-I, VANIVIHAR SQUARE**
**BHUBANESWAR,ODISHA,PIN-751022**
**PHONE/FAX: 0674-2542821/ e-mail:gmdivonewatco@gmail.com**
**NATIONAL COMPETITIVE BIDDING THROUGH e-PROCUREMENT**

**Invitation for Bids (IFB)**
**GMWATCO-I/13/2023-24, Dt.25.05.2023**
**No.8654, Date:25.05.2023**

**No.C-425:**01. Name of the work : **1) Construction of GSR at GGP Colony & Prasanti Vihar, KIIT under WATCO Division -I, Bhubaneswar Implementation of 24X7 Water supply. 2) Construction of GSR at GA Niladrivihar & Lumbini Vihar and Sailashreevihar Phase-VII under WATCO Sub Division, Chandrasekharpur, Bhubaneswar Implementation of 24X7 Water supply. 3) Construction of GSR at GA Saileshree Vihar & Saileshree Vihar Phase-II, under WATCO Section, Sailashree vihar, Bhubaneswar Implementation of 24X7 Water supply. 4) Construction of GSR at Niladrivihar Basti & Niladrivihar Sector-5 under WATCO Section, Niladrivihar, Bhubaneswar Implementation of 24X7 Water supply. 5) Construction of GSR at Sikharchandi Cluster under WATCO Section, Sikharchandi, Bhubaneswar Implementation of 24X7 Water supply. 6) Construction of GSR at Sishu Vihar & Nandan Vihar, Kalarahanga under WATCO Section, Sikharchandi, Bhubaneswar Implementation of 24X7 Water supply. 7) Construction of GSR at MDRAFM, GAA under WATCO Section, Maitree vihar, Bhubaneswar Implementation of 24X7 Water supply.**
02. **Estimate cost :** 1) Rs. 82.78 lakh. 2) Rs.90.24 Lakh. 3) Rs.76.14 Lakh 4) Rs.76.14 Lakh. 5) Rs.76.14 Lakh. 6) Rs. 67.68 Lakh 7) Rs.81.25 Lakh.
03. Period of Completion: 4 Months
04. Date & Time of availability of bid document in the portal: From 11.00 AM of Dt.31.05.2023 to 5.00 PM of 16.06.2023.
05. Last date/time of receipt of bids in the portal: 5.00 PM of 16.06.2023.
06. Last date & time of seeking clarification: 5.00 PM of 07.06.2023.
07. Date & Time of opening of Bids: At 12.30 PM of 17.06.2023.
08. Name and address of the Officer Inviting Bid: General Manager, WATCO Division-I, BBSR.
**Name & Address of Officer Inviting Bid: The General Manager, WATCO Division-I, BBSR, Odisha.**
Further details can be seen from the e-Procurement portal https://www.tendersodisha.gov.in.

**Sd./- General Manager**
**WATCO Division-I, BBSR**
**OIPR-13083/11/0006/2324**

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................


ଅଭିରୂପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୫୦୦ ବର୍ଷ ତଳର ଟଏଲେଟ୍

**ଜେରୁସେଲମ୍:** ଭାରତରେ କିଛି ବର୍ଷ ଆଗରୁ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ହୋଇଛି। ଫଳରେ ଲୋକେ ଘରେ ଟଏଲେଟ୍‌ର ବ୍ୟବହାର କରୁଛନ୍ତି। ହେଲେ ଅନେକ ଲୋକ ଟଏଲେଟ୍ ପାଇଁ ଏବେ ବି ବାହାରକୁ ଯାଉଛନ୍ତି। କିନ୍ତୁ ଇସ୍ରାଏଲ ଲୋକେ ଆମ ଭାରତୀୟଙ୍କଠାରୁ ବହୁ ଆଗରେ ଅଛନ୍ତି। ୨୫୦୦ ବର୍ଷ ପୂର୍ବେ ସେଠାରେ ଟଏଲେଟ୍‌ର ବ୍ୟବହାର କରାଯାଉଥିଲା। ନିକଟରେ ଇସ୍ରାଏଲର ଜେରୁସେଲମରେ ଚାଲିଥିବା ଗାତ ଖୋଳାରୁ ବୈଜ୍ଞାନିକଙ୍କୁ ଏପରି ଏକ ଟଏଲେଟ ମିଳିଛି, ଯାହା ବର୍ତ୍ତମାନ ସମୟରେ ବ୍ୟବହୃତ ହେଉଥିବା ଟଏଲେଟ୍ ସହ କିଛିଟା ମିଶୁଛି। ସେବେକାର ଧନୀ ଲୋକମାନେ ଏପରି ଟେଲେଟ୍ ବ୍ୟବହାର କରୁଥିବା ଜଣାପଡ଼ିଛି, ଯାହା ତାଙ୍କ ହବେଲି ପାଖରେ ଥିଲା। ତାହା ଏକ ଚୂନା ପଥରରେ ପ୍ରସ୍ତୁତ ହୋଇଛି। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଏହି ରିସର୍ଚ୍ଚ କରାଯାଇଥିଲା। ସେଥିରେ ଟଏଲେଟ୍ ତଳକୁ ଖୋଳା ଯାଇଥିଲା।



ଏହି ଟଏଲେଟ୍‌ରୁ ସେବେକାର ଲୋକଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅଭ୍ୟାସ ବାବଦରେ ଜଣାପଡ଼ିଛି। ଟଏଲେଟ୍‌ରୁ ଜିଆର୍ଡିଆ ଡୁଓଡେନେଲ୍ସ ନାମକ ରୋଗର ପ୍ରଥମ ପ୍ରମାଣ ମିଳିଥିବା ଜଣାପଡ଼ିଥିଲା, ଯାହା ପେଟ ରୋଗ, ଡାଇରିଆ, ପେଟ ଇନ୍‌ଫେକ୍ସନ କରାଇଥାଏ। ପ୍ରଦୂଷିତ ପାଣି, ଖାଦ୍ୟ ଫଳରେ ଏପରି ରୋଗ ହେଉଥିବା ଜଣେ ବୈଜ୍ଞାନିକ କହିଛନ୍ତି। ଯାହା ରିସର୍ଚ୍ଚ ସାଇନ୍ସ ମାଗାଜିନ୍ 'ପାରାସିଟୋଲୋଜି'ରେ ପ୍ରକାଶିତ ହୋଇଛି। କୁହାଯାଉଛି ଯେ ଏହାର ବ୍ୟବହାର ରାଜା ମାନଶେହଙ୍କ ସମୟରେ ହେଉଥିଲା। ଯିଏ ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀର ମଧ୍ୟଭାଗରେ ୫୦ ବର୍ଷ କାଳ ରାଜୁତି କରିଥିଲେ।

# କାନ୍ସରେ ଦର୍ଶକଙ୍କ ମନ ଜିଣିଲେ ଅନୁଷ୍କା



**ମୁମ୍ବାଇ:** ସବୁଠାରୁ ବଡ଼ ଫିଲ୍ମ ଫେଷ୍ଟିଭାଲ ୭୬ତମ କାନ୍ସର ରେଡ୍ କାର୍ପେଟରେ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ନିଜ ଉପସ୍ଥିତି ଜାହିର କରିଛନ୍ତି। ସେଥିରେ ସେ ଗୋଲାପି ରଙ୍ଗର ଅଫ ସୋଲଡର ରିଚାର୍ଡ କ୍ୱିନ ଇଭୋରି ପିନ୍ଧିଥିବା ଶୁକ୍ରବାର ନଜର ଆସିଥିଲେ। ସେ ଉପରେ ଏକ ଗୋଲାପି ରଙ୍ଗର ଟପ୍ ଏବଂ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲେ। ଏପରି ଲୁକ୍ ପାଇଁ ସେ ଦର୍ଶକଙ୍କ ମନ ଜିଣିପାରିଛନ୍ତି। ଲୋକେ ତାଙ୍କୁ ସୋସିଆଲ ମିଡିଆରେ ଅନେକ କମେଣ୍ଟ କରିଛନ୍ତି। କିଛି ଲୋକ ତାଙ୍କୁ ଲମ୍ବା ଲାଞ୍ଜ ଥିବା ପରୀ ସହ ତୁଳନା କରିଛନ୍ତି। ତାଙ୍କ ବ୍ୟତୀତ ବଲିଉଡ୍‌ରୁ ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ମୃଣାଳ ଠାକୁର, ସନ୍ନି ଲିଓନି, ସାରା ଅଲ୍ଲି ଖାନ୍, ଅଦିତି ରାଓ, ଉର୍ବଶୀ ରଉତେଲା, ମୌନି ରାଏ ପ୍ରମୁଖ କାନ୍ସରେ ତାଙ୍କ ଜଲ୍‌ୱା ଦେଖାଇସାରିଲେଣି। ତେବେ ଅନୁଷ୍କାଙ୍କୁ ନିକଟରେ ଫିଲ୍ମ ଚକ୍‌ଦା ଏକ୍ସପ୍ରେସରେ ଦେଖିବାକୁ ମିଳିଛି। ଏଥିସହ ସେ ୱାବ ସିରିଜ୍ ଏବଂ ମ୍ୟୁଜିକ୍ ଭିଡିଓ ମଧ୍ୟ କରିଛନ୍ତି।

# ୩୦ ପିଲାଙ୍କ କେଶ କାଟିଲେ ଶିକ୍ଷକ

**ଗୁଆହାଟୀ:** ଆସାମର ମାଜୁଲି ଜିଲାରେ ଅନୁଶାସନ ନାମରେ ଜଣେ ଶିକ୍ଷକ ୩୦ ଜଣ ପିଲାଙ୍କ କେଶ କାଟିଛନ୍ତି। ଜିଲାର ଡେପୁଟି କମିଶନର କାବେରୀ ବି ଶର୍ମା ଏ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣରେ କହିଛନ୍ତି, ପିଲାମାନେ ସେମାନଙ୍କ କେଶକୁ ଲମ୍ବା ରଖିଛନ୍ତି, ଯାହା ବିଦ୍ୟାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ ବର୍ଜନୀୟ। ସେମାନଙ୍କୁ ଅନେକ ଥର ଚେତାବନୀ ଦିଆଯାଇଥିଲେ ମଧ୍ୟ ସେମାନେ ଏହାକୁ ମାନି ନ ଥିଲେ। ଫଳରେ ଏବେ ଏପରି କରାଯାଇଛି। ଡେପୁଟି କମିଶନର ଶର୍ମା ସମ୍ପୃକ୍ତ ଅଧିକାରୀଙ୍କୁ ଏହି ଘଟଣାର ଅନୁସନ୍ଧାନ କରି ତୁରନ୍ତ ରିପୋର୍ଟ ଦେବାକୁ କହିଛନ୍ତି। ପ୍ରାଥମିକ ତଦନ୍ତ ଅନୁଯାୟୀ, ଶିକ୍ଷକ କେବଳ ଲମ୍ବା କେଶ କାଟି ଏହାକୁ ଛୋଟ କରିଛନ୍ତି, ସମ୍ପୂର୍ଣ୍ଣ ଭାବେ କାଟିନାହାନ୍ତି। ସମ୍ପୂର୍ଣ୍ଣ କେଶ କଟାଯାଇଥିବା କଥା ବୋଲି ଡେପୁଟି କମିଶନର ଶର୍ମା କହିଛନ୍ତି। ଜଣେ ଶିକ୍ଷକ କହିଛନ୍ତି, ସେ କେବଳ ସ୍କୁଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିଛନ୍ତି। ଏ ଘଟଣାରେ ପିଲାମାନେ ଅପମାନ ଅନୁଭବ କରୁଥିବାବେଳେ ସେମାନେ ସ୍କୁଲ ଯିବାକୁ ମନା କରୁଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
TARIFF

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜନ୍ମଦିନ ଶୁଭେଚ୍ଛା

ଅଭିରୂପ ଦାସ
ରଙ୍ଗୋଲି ଗାର୍ଡନ୍- ଜୟପୁର- ରାଜସ୍ଥାନ
ତୋର ପ୍ରତ୍ୟୁତ୍ପନ୍ନ ବାକ୍‌ସିଦ୍ଧି ନିଶ୍ଚୟ ବାଗ୍‌ଦେବୀଙ୍କ ବରଦାନ। ଦୀର୍ଘାୟୁ ଜୀବନରେ ପରିବାରର କୀର୍ତ୍ତିସ୍ତମ୍ଭ ହୁଅ। ଶଙ୍ଖ, ଚକ୍ର, ଗଦା, ପଦ୍ମର ଆଶୀର୍ବାଦ ନିର୍ଝର ତୋ ଚଲାପଥ ସୁଗମ୍ୟ କରିବା ପାଇଁ ଡାଡି, ବୋଉ, ଅଜା- ଆଈ, ଜେଜେ-ଜେଜେମା', ଭାଇ, ଭାଉଜ, ଭଉଣୀ, ମଉସା, ମାଉସୀମାନଙ୍କର ନୀଳାଚଳ-ନାଥଙ୍କଠାରେ ପ୍ରାର୍ଥନା।
ଧ-୦୪୪୫

୧୧ତମ ବିବାହ ବାର୍ଷିକୀ


ଅଜୟ ଓ ରାଲି
ଜଗତର ନାଥ ଜଗନ୍ନାଥ ତୁମ ଦାମ୍ପତ୍ୟ ଜୀବନରେ ସୁଖ ସମୃଦ୍ଧି ଭରି ଦିଅନ୍ତୁ। ଶୁଭେଚ୍ଛାରେ ବାପା, ବୋଉ, ବଡ଼ଭାଇ, ରବି, ବିଜୟ, ଭାଉଜ, ପିଲି,ମିଲି,ଭଉଣୀ କାନ୍ତି, ଭିଣୋଇ ପ୍ରଶାନ୍ତ, ସୋନୁ, ମୁନୁ, ବିଲୁ, ଲିକୁ, ମାମା, ଗବୁନୁ, ଶୁଭ୍ରା
ଧ-୦୪୪୬

୫୦ତମ ବିବାହ ବାର୍ଷିକ ଶୁଭେଚ୍ଛା

ନୃସିଂହ ଚରଣ ତ୍ରିପାଠୀ
ଶଶୀରେଖା ତ୍ରିପାଠୀ
EB-19, Laxmi Sagar Brit Colony, Stage- I, 751006
ତୁମ ଦୁହିଁଙ୍କ ଆଗାମୀ ଦିନ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ। ଶୁଭେଚ୍ଛା ସହ: ରଜନୀ, ପିଙ୍କୁ, ଶିବୁ, କଲୁ, ମୁନା, ମିଲୁ, ଟୁଟୁ, ସୁଇଟି, ଶୁଭମ୍, ପପୁଲୁ, ବାବାଇ, ଶାନ୍‌ଭୀ, ଆଭି, ଟିଆରା ଏବଂ ପରିବାରବର୍ଗ।
ଧ-୦୪୪୪


# ଜୁନ୍‌ରେ ବିବାହ କରିବେ କ୍ରିଷ୍ଣା ଭଟ୍ଟ

**ମୁମ୍ବାଇ:** ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟଙ୍କ ଝିଅ ତଥା ନିର୍ଦ୍ଦେଶିକା କ୍ରିଷ୍ଣା ଭଟ୍ଟ ତାଙ୍କ ବୟଫ୍ରେଣ୍ଡ ବେଦାନ୍ତ ସାରଦାଙ୍କୁ ବିବାହ କରିବାକୁ ଯାଉଛନ୍ତି। ହିନ୍ଦୁସ୍ତାନ ଟାଇମ୍ସ ରିପୋର୍ଟ ଅନୁଯାୟୀ, କୃଷ୍ଣା ଚଳିତବର୍ଷ ଜୁନ୍ ୧୧ରେ ମୁମ୍ବାଇରେ ବେଦାନ୍ତଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହେବେ। ୨୭ ବର୍ଷୀୟା କୃଷ୍ଣାଙ୍କର ଗତ ବର୍ଷ ଡିସେମ୍ବର ୫ରେ ଏନ୍‌ଗେଜମେଣ୍ଟ ହୋଇଥିଲା। କୃଷ୍ଣା କହିଛନ୍ତି, 'ମୁଁ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ନେଇ ଉତ୍ସାହିତ ଅଛି, କିନ୍ତୁ ମୁଁ ଏ ବିଷୟରେ ଅଧିକ କିଛି କହିବାକୁ ଚାହେଁ ନାହିଁ।' କୃଷ୍ଣାଙ୍କ ବିବାହରେ ତାଙ୍କ ବନ୍ଧୁ ଏବଂ ପରିବାର ସଦସ୍ୟ ଉପସ୍ଥିତ ରହିବେ। ବିବାହ ଗୁଜୁରାଟୀ ଏବଂ ମାରୱାରୀ ରୀତିନୀତିରେ ହେବ। ଜୁନ୍ ୮ରୁ ତାଙ୍କ ବିବାହ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ହଲ୍‌ଦି, ସଙ୍ଗୀତ ଏବଂ ମେହେନ୍ଦୀ ସମାରୋହ ଅନୁଷ୍ଠିତ ହେବ।




# Classified Everyday
0674-2580101, 2549949


MATRIMONIAL

BRIDE WANTED

ଶାକଦ୍ୱୀ ବ୍ରାହ୍ମଣ ଘରର ପୁଅପାଇଁ (ବୟସ-୩୯). ୩୦ବର୍ଷରୁ ଊର୍ଦ୍ଧ୍ୱ ସୁଯୋଗ୍ୟା କନ୍ୟାପାତ୍ରୀ ବିବାହ ନିମନ୍ତେ ତୁରନ୍ତ ଆବଶ୍ୟକ। କଟକ-7205762247. D-0447

GROOM WANTED

Beautiful Brahmin girl 1994 5'2" B.tech serving Engineer Infosys Bhubaneswar. Sunansansar-9937512659, 8249969649. D-74867

Beautiful Karan girl 1991, 5'8" B.tech only daughter settled Bhubaneswar-Sunansansar. 9937512659, 8249969649. D-74868


AUTOMOBILE

SALE

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact-9827516256. 7504690838. D-74869


REAL ESTATE

SALE

Plot for Sale-5200sqft. Mouza-Basuaghai infront of Sai Temple. Contact-Rakesh Jena. Mob-9337203932. D-0446

**4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact-9438362399.** D-0410

Duplex sale at Bhubaneswar @ 55 lakhs only. Contact: 9777433701. D-74864

**Gharabari land for sale near Barunei, Khurda. Only genuine buyer contact on 6371543787.** D-0374

Agricultural land converted to Homestead land which is very nearer to NH-55 at Biribati in Cuttack Sadar Block is for sale on plotting basis. Interested buyers may contact for purchase of the land. Mobile No.-9861033990. D-0456

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ଭୁବନେଶ୍ୱର ଫୁଲନଖରା ଛକରେ simplex/ duplex, ରସୁଲଗଡ଼ରେ 3BHK flat ମିଳୁଛି। 9658122456, 8327785834.** D-74866

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛଡାବର-1200sqft. 3,00,000/-, ନଖରା-300/-6371569855. D-74863

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74689

ଭୁବନେଶ୍ୱର କଳାରାହାଙ୍ଗଠାରେ ୟେଲୋଜୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ: **9438620034.** D-0346


PURCHASE

ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309


FOR RENT

Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390. D-0400

On Janpath 2300 & 1450sqft. commercially approved space on 3rd floor with lift. 8598923231. D-71055


Healthcare

Newly open health benefits SPA special offer @ 799, Master Centeen. 9124527173. D-75109

Spa full Body Massage only best therapist Gents & ladies@799/- Bhubaneswar. Kajal-9337672475. D-0397

Newly open health benefits Spa special offer @799, Jaydev Vihar, 8018429809. D-75108

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74688

Newly open SPA positively health benefits with expert therapist. 8114322659. D-75111


astrology

Astrology with Divine I Predict in a divine way if you have any problem then Contact-9167370140. D-0443

AFFIDAVIT

Change of name:- I Geetanjali Jena, D/o D.D. Jena residence Gopalpur, Badheisahi, Cuttack, Change name to Geetanjali Pradhan vide Notary affidavit 19.02.2021 sworn before Rajalaxmi Pati, Notary, Cuttack. D-0452

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ଅଙ୍ଗୁରବାଳା ପରିଡ଼ା
HIG-146, Lumbini Vihar, C.S. Pur Bhubaneswar
ଆବିର୍ଭାବ- ୦୭.୦୪.୧୯୭୦
ତିରୋଧାନ- ୦୮.୦୬.୨୦୨୨
ତୋ ଅଭୁଲା ସ୍ମୃତିକୁ ସମୟ କେବେ ବି ଲିଭେଇ ପାରିବ ନାହିଁ। ସମୟ ବକ୍ଷେ ତୁ ଅଲିଭା ଗାର, ଅଭୁଲା ଅନୁଭବର ମନ୍ଦିର। ସମୟ ସ୍ରୋତରେ ସବୁକିଛି ଭାସିଯାଇ ପାରେ କିନ୍ତୁ ତୋର ଅଭୁଲା ଅନୁଭବ ନୁହେଁ। ଆଜିର ପୁଣ୍ୟତିଥିରେ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ପାଖ ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ-
ସ୍ୱାମୀ- ବିଜୟକେତନ ଭଟ୍ଟ,
ଝିଅ- ଶୀତଲ ଓ ଗୀତାଦେଇ,
ରଶ୍ମୀଦେଇ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୭୫୧୧୨

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



# ୨୭ ମିନିଟ୍‌ରେ ଖାଇଲେ ୪୫୦୦ କ୍ୟାଲୋରି ବିଶିଷ୍ଟ ଖାଦ୍ୟ



**ଲଣ୍ଡନ:** ବିଶ୍ୱରେ ଏପରି ଲୋକ ଅଛନ୍ତି, ଯେଉଁମାନେ ଖାଇବାକୁ ବେଶ୍ ପସନ୍ଦ କରନ୍ତି। କିଛି ଲୋକ ତାଙ୍କ ପସନ୍ଦର ଖାଦ୍ୟ ଖାଇବାକୁ ଅନେକ ଦୂରରେ ପହଞ୍ଚିଯାଆନ୍ତି। ବର୍ତ୍ତମାନ ସମୟରେ ସୋସିଆଲ ମିଡିଆରେ ବହୁତ ଫୁଡ୍ ବ୍ଲଗିଂର ଭିଡିଓ ଭାଇରାଲ ହେବାରେ ଲାଗିଛି। ତା' ମଧ୍ୟରେ ବହୁତ ଲୋକ ଫୁଡ୍ ଚ୍ୟାଲେଞ୍ଜରେ ମଧ୍ୟ ଭାଗ ନେଉଥିବା ଦେଖିବାକୁ ମିଳୁଛି। ଲଣ୍ଡନର ବାସିନ୍ଦା ମାକ୍ସ ଷ୍ଟାନଫୋର୍ଡ ଏପରି ଏକ ଫୁଡ୍ ଚ୍ୟାଲେଞ୍ଜ ନେଇଛନ୍ତି। ସେ ଏକ ଥାଳିରେ ଥିବା ୪୫୦୦ କ୍ୟାଲୋରିର ଖାଦ୍ୟକୁ ୨୭ ମିନିଟ୍ ୨୫ ସେକେଣ୍ଡରେ ଖାଇ ରେକର୍ଡ କରିଛନ୍ତି। ୩୫ ବର୍ଷୀୟ ମାକ୍ସ ଚ୍ୟାଲେଞ୍ଜ ପୂରା କରିବା ପରର ଅବସ୍ଥା ବିଷୟରେ ସୋସିଆଲ ମିଡିଆରେ ଜଣାଇଛନ୍ତି। ମାକ୍ସ କହିଛନ୍ତି, ସେ ଏତେ ସାରା ଖାଦ୍ୟ ଖାଇ ରେକର୍ଡ ତ କରିଦେଲେ। ହେଲେ ତା' ପରେ ତାଙ୍କ ଅବସ୍ଥା ବହୁତ ଖରାପ ହୋଇଗଲା। ସେ ଚ୍ୟାଲେଞ୍ଜ ପୂରା କରିବା ପରେ ଶୋଇବାକୁ ଚେଷ୍ଟା କଲେ। ହେଲେ ତାଙ୍କ ପେଟ ଏତେ ଜୋରରେ କାଟୁଥିଲା ଯେ ସେ ଶୋଇପାରି ନ ଥିଲେ। ଏହା ପୂର୍ବରୁ ସେ ଅନେକ ଫୁଡ୍ ଚ୍ୟାଲେଞ୍ଜ ପୂରା କରିଛନ୍ତି। ମଣିଷ ଦିନକୁ ୨ ହଜାରରୁ ୨୫୦୦ କ୍ୟାଲୋରି ଖାଦ୍ୟ ଖାଇବା ଉଚିତ, ହେଲେ ସେ ଏଥର ତା'ର ୨ ଗୁଣା କ୍ୟାଲୋରି ଖାଇବାକୁ ଚେଷ୍ଟା କରିଥିଲେ। ଫଳରେ ତାଙ୍କର ଏପରି ଅବସ୍ଥା ହୋଇଥିଲା।

# ଲାଇଭ୍ ଷ୍ଟ୍ରିମିଂରେ ପିଇଲେ ୭ ବୋତଲ ମଦ

**ବେଜିଂ:** ସୋସିଆଲ ମିଡିଆରେ ଫେମସ୍ ହେବାକୁ ଲୋକେ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରୁଛନ୍ତି। ନିକଟରେ ଜଣେ ବ୍ୟକ୍ତି ମଧ୍ୟ ଫେମସ ହେବାକୁ ଏପରି କିଛି ହୋଇଛି। ବ୍ୟକ୍ତି ଜଣକ ଲାଇଭ୍ ଷ୍ଟ୍ରିମିଂରେ ଗୋଟିଏ ପରେ ଗୋଟିଏ ୭ଟି ବୋତଲ ମଦ ପିଇଥିବା ଦେଖିବାକୁ ମିଳିଛି। ପରେ ତାଙ୍କର ମୃତ୍ୟୁ ହୋଇଛି। ହେଲେ ଜଣାପଡ଼ିଛି ଯେ, ବ୍ୟକ୍ତି ଜଣକ ନିଜ ଫଲୋୟର୍ସ ବଢାଇବାକୁ ଏପରି କରୁଥିଲେ। ଏହି ଘଟଣା ଚାଇନାର ବୋଲି ଜଣାପଡ଼ିଛି। ରିପୋର୍ଟ ମୁତାବକ ୩୪ ବର୍ଷୀୟ ୱାଙ୍ଗ ସୋସିଆଲ ମିଡିଆରେ ବହୁତ ଫେମସ୍। ସେ ଅନେକ ସମୟରେ ନିଶା ପାନୀୟ ପିଉଥିବା ଭିଡିଓ ପୋଷ୍ଟ କରନ୍ତି। ଏଥର ମଧ୍ୟ ସେ ସେପରି କରିଥିଲେ। ସେ ଲାଇଭ୍ ଷ୍ଟ୍ରିମିଂରେ ଚାଇନାର ବାଇଜୁ ନାମକ ମଦ୍ୟ ପିଇଥିଲେ। ସେଥିରେ ଆଲକୋହଲର ମାତ୍ରା ୩୫ରୁ ୬୦ ପ୍ରତିଶତ ଥାଏ। ପ୍ରକୃତରେ ୱାଙ୍ଗ ଭର୍ଚୁଆଲ କଣ୍ଟେଷ୍ଟରେ ଭାଗ ନିଅନ୍ତି।



ସେ ଅନ୍ୟମାନଙ୍କଠାରୁ ପ୍ରଭାବିତ ହୋଇ ୭ଟି ବୋତଲ ମଦ୍ୟପାନ କରିଥିଲେ। ଏହାର କିଛି ଘଣ୍ଟା ପରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ୱାଙ୍ଗ ବ୍ୟବହାର କରୁଥିବା ସୋସିଆଲ ମିଡିଆ ଆପ୍‌ରେ ମଦ୍ୟପାନ ବ୍ୟାନ ଥିଲା। ହେଲେ ଲୋକେ ତାହାକୁ ଗ୍ରହଣ କରିବାକୁ ରାଜି ନ ଥିଲେ। ସେହି ଆପ୍‌ରେ ୱାଙ୍ଗଙ୍କ ମଦ୍ୟପାନ ଭିଡିଓ ଯୋଗୁ ସେ ସେଥିରୁ ବ୍ୟାନ ହୋଇଥିଲେ। ହେଲେ ସେ ଅନ୍ୟ ଏକ ଆକାଉଣ୍ଟ ଜରିଆରେ ପୁଣି ଫେରିଥିଲେ ଏବଂ ତାଙ୍କ ଭିଡିଓ ଶେୟାର କରୁଥିଲେ।

# ଏସ୍‌ଏଚ୍‌ଜିଙ୍କ ପାଇଁ ଗଠନ ହେବ ସ୍ୱତନ୍ତ୍ର ପାଣ୍ଠି

**ଭୁବନେଶ୍ୱର,୨୭ା୫(ବ୍ୟୁରୋ)**

## ମିଶନ ଶକ୍ତି ବିଭାଗ ସମୀକ୍ଷା



- ମହିଳା ସଶକ୍ତୀକରଣ ଦିଗରେ ବିଭାଗ ବିରଳ ଗୌରବ ହାସଲ କରିଛି: ମନ୍ତ୍ରୀ
- ୧୧୦୩ ଗ୍ରାମପଞ୍ଚାୟତ ସମ୍ପୂର୍ଣ୍ଣ ଏନ୍‌ପିଏ ମୁକ୍ତ
- ଏସ୍‌ଏଚ୍‌ଜିଙ୍କ ଦ୍ୱାରା ୧୧୪୭ ଗୋଟି ମିଲେଟ୍ ଉଦ୍ୟୋଗ ସ୍ଥାପନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଲୋକସେବା ଭବନରେ ମିଶନ ଶକ୍ତି ବିଭାଗର ବିଗତ ୪ ବର୍ଷ ମଧ୍ୟରେ କରାଯାଇଥିବା ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି। ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଏବଂ ସଚିବ ସୁଜାତା ଆର୍ କାର୍ତ୍ତିକେୟନ୍ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ସମୀକ୍ଷା ପରେ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ହେମ୍ବ୍ରମ୍ କହିଛନ୍ତି, ମହିଳା ସଶକ୍ତୀକରଣ ଦିଗରେ ମିଶନ ଶକ୍ତି ବିଭାଗ ସମଗ୍ର ଦେଶରେ ବିରଳ ଗୌରବ ହାସଲ କରିବା ସହ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରଥମ ଥର ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ସହାୟତା ଯୋଗାଣ ରାଶି ୧୧ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଛି। ଋଣ ପରିମାଣ ୨୦୧୬-୧୭ରେ ୧.୦୬ ଲକ୍ଷ ଟଙ୍କାରୁ ବୃଦ୍ଧି ପାଇ ୩.୦୧ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏସ୍‌ଏଚ୍‌ଜି ମହିଳାଙ୍କ ପାଇଁ ଗଠନ ହେବ ସ୍ୱତନ୍ତ୍ର ପାଣ୍ଠି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଢାଞ୍ଚାରେ ଗଠନ ହେବ ଏହି ପାଣ୍ଠି। କୌଣସି ମହିଳା ରୋଗଗ୍ରସ୍ତ, ଦୁର୍ଘଟଣାର ଶିକାର ହେଲେ କିମ୍ବା ମୃତ୍ୟୁମୁଖରେ ପଡ଼ିଲେ, ଏହି ପାଣ୍ଠିରୁ ସେମାନଙ୍କୁ ଆର୍ଥିକ ସହାୟତା ଦିଆଯିବ। ୩-୪ ମାସ ମଧ୍ୟରେ ଏହି ଫଣ୍ଡ କାର୍ଯ୍ୟକାରୀ ହେବ। ଏଥିଲାଗି ରାଜ୍ୟ ବଜେଟରୁ ଅର୍ଥ ବ୍ୟୟବରାଦ କରାଯିବ। ମିଶନ ଶକ୍ତି ବିଭାଗର ସମୀକ୍ଷା ପରେ ଗଣମାଧ୍ୟମକୁ ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ୍ ଏହି ସୂଚନା ଦେଇଛନ୍ତି। ସେହିଭଳି ଏସ୍‌ଏଚ୍‌ଜି ମହିଳାଙ୍କୁ ନେତୃତ୍ୱ ଦେବା ପାଇଁ ରାଜ୍ୟସ୍ତରୀୟ ଏସ୍‌ଏଚ୍‌ଜି ଫେଡେରେଶନ ଗଠନ ହେବ। ରାଜ୍ୟସ୍ତରରେ ବିଭିନ୍ନ ଯୋଜନାରେ କିଭଳି ଅଧିକ କାମ କରିହେବ, ସେନେଇ ଫେଡେରେଶନ କାମ କରିବ। ୮ ବର୍ଷରେ ଏସ୍‌ଏଚ୍‌ଜିଙ୍କୁ ଋଣ ସହାୟତା ୧୯ ଗୁଣା ବୃଦ୍ଧି ହୋଇଛି ବୋଲି ସେ କହିଛନ୍ତି। ଏସ୍‌ଏଚ୍‌ଜି ଋଣ ସହାୟତା ୫୦୦ କୋଟି ଟଙ୍କାରୁ ବଢ଼ି ୨୦୨୨-୨୩ରେ ଏହା ୧୧ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଓଡ଼ିଶାର ୮୬.୫% ମହିଳାଙ୍କ ପାଖରେ ବ୍ୟାଙ୍କ ଖାତା ରହିଛି , ଯାହାକି ଜାତୀୟ ହାର ୭୮.୬%ଠାରୁ ଢେର ଅଧିକ। ସେହିପରି ମିଶନ ଶକ୍ତି ବିଭାଗର ଆର୍ଥିକ ପରିଚାଳନା ୮ ବର୍ଷରେ ୧୯ ଗୁଣା ବୃଦ୍ଧି ପାଇଛି। ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି। ମହିଳା ସଙ୍ଗଠନଗୁଡ଼ିକୁ ସଶକ୍ତ କରାଯାଉଛି। ଭିତ୍ତିଭୂମି ଯୋଗାଇ ଦିଆଯାଉଛି, ପ୍ରତି ବ୍ଲକରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଛି ବୋଲି ସେ କହିଛନ୍ତି। ରାଜ୍ୟର ୧୧୦୩ ଗ୍ରାମପଞ୍ଚାୟତ ସମ୍ପୂର୍ଣ୍ଣ ଏନ୍‌ପିଏ ମୁକ୍ତ। ଓଡ଼ିଶାରେ ୮୬.୫% ମହିଳାଙ୍କ ପାଖରେ ନିଜର ବ୍ୟାଙ୍କ ଜମାଖାତା ଅଛି। ବ୍ୟାଙ୍କିଂ ସେବାର ସ୍ୱଳ୍ପ ଉପଲବ୍ଧି ଗ୍ରାମ ପଞ୍ଚାୟତମାନଙ୍କରେ ସବୁପ୍ରକାର ସୁବିଧା ପହଞ୍ଚାଇ ଦେବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ତାଙ୍କ ମହାସଂଘର ସଦସ୍ୟାମାନଙ୍କୁ ବିସିଏ (ବିଜ୍‌ନେସ୍ କରେସ୍‌ପଣ୍ଡେଣ୍ଟ ଏଜେଣ୍ଟ) ଦାୟିତ୍ୱ ଦିଆଯାଇଛି। ସମ୍ପ୍ରତି ୨୩୧୮ ସଦସ୍ୟା ଓଡ଼ିଶାରେ ବିସିଏ ଭାବରେ ନିୟୋଜିତ ହୋଇ ୧୧୫୯ କୋଟି ଟଙ୍କାର ବ୍ୟବସାୟ କରିବା ସହ ୩.୬୮ କୋଟି ଟଙ୍କାର କମିଶନ ପ୍ରାପ୍ତ କରିଛନ୍ତି। ପାଞ୍ଚ ବର୍ଷରେ ୫୦୦୦ କୋଟି ଟଙ୍କାର ଦ୍ରବ୍ୟ ଓ ସେବା ଯୋଗାଣ ସମ୍ବନ୍ଧୀୟ କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ୨୦ଟି ସରକାରୀ ବିଭାଗର ସହଭାଗିତାରେ ୪୯୪୯.୧୪ କୋଟି ଟଙ୍କା ସରକାରୀ ବ୍ୟବସାୟ ଗୋଷ୍ଠୀମାନଙ୍କୁ ଯୋଗାଇ ଦିଆଯାଇଛି। ୨୫ଟି ଜିଲାରେ ୧୦୨ଟି କାଫେରେ ପ୍ରତିଦିନ ହାରାହାରି ୫୦-୧୦୦ ଲୋକ ଖାଇବା ପାଇଁ ଆସୁଛନ୍ତି। ପ୍ରତି କାଫେ ମାସିକ ହାରାହାରି ୫୦,୦୦୦ ଟଙ୍କାର ବ୍ୟବସାୟ କରୁଛନ୍ତି। ୩୦ଟି ଜିଲାସ୍ତରୀୟ ମହାସଂଘ ପାଇଁ ୧ କୋଟି ଟଙ୍କା ଲେଖାଏ ଆବର୍ତ୍ତନ ପାଣ୍ଠି, ୩୩୮ ବ୍ଲକ୍ ସ୍ତରୀୟ ମହାସଂଘ ପାଇଁ ୫୦ଲକ୍ଷ ଟଙ୍କା ଲେଖାଏ ଆବର୍ତ୍ତନ ପାଣ୍ଠି, ସମସ୍ତ ୬,୧୭୮ ଗ୍ରାମପଞ୍ଚାୟତସ୍ତରୀୟ ସଂଘ ପାଇଁ ୧୬୯୭ କୋଟି ଟଙ୍କାର କମ୍ୟୁନିଟି ପାଣ୍ଠି, ମହାସଂଘର ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟାମାନଙ୍କ ପାଇଁ ମିଟିଂ ଏବଂ ଗସ୍ତ ଖର୍ଚ୍ଚ ବାବଦକୁ ୨୧୭ କୋଟି ଟଙ୍କା, ୭୦ ହଜାର କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କ ପାଇଁ ୟୁନିଫର୍ମ ଏବଂ ସ୍ମାର୍ଟଫୋନ ଭତ୍ତା ଏବଂ ୨୦୦୦ ବ୍ୟାଙ୍କ ମିତ୍ରଙ୍କ ପାଇଁ ଲାପ୍‌ଟପ୍ ବ୍ୟବସ୍ଥା କରାଯାଇଛି। ୨୨ଟି ଜିଲାରେ ୧୧୯ଟି ମିଶନ ଶକ୍ତି ଆଉଟଲେଟ ନିର୍ମାଣ କରାଯାଇଛି। ୪ଟି ଜିଲାସ୍ତରୀୟ ମିଶନ ଶକ୍ତି ବଜାର ନିର୍ମାଣାଧୀନ ଅଛି। ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏସ୍‌ଏଚ୍‌ଜିମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ପୁରସ୍କାର ଏବଂ ସମ୍ବର୍ଦ୍ଧନା ପାଇଛନ୍ତି ବୋଲି ସଚିବ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଓଡ଼ିଶା ଜୀବିକା ମିଶନର ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଏନ୍. ଥିରୁମାଲା ନାୟକ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏବଂ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍‌ର କସ୍ତୁରୀ ରାୟ ତାଙ୍କ ଲିଖିତ ପୁସ୍ତକ 'ଦ୍ରୌପଦୀ ମୁର୍ମୁ - ଫ୍ରମ୍ ଟ୍ରାଇବାଲ୍ ହିଣ୍ଟରଲ୍ୟାଣ୍ଡସ ଟୁ ରାଇସିନା ହିଲ୍'କୁ ଶନିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ପ୍ରଦାନ କରୁଛନ୍ତି।

# ଦନ୍ତା ଆକ୍ରମଣରେ ଜଣେ ମୃତ, ୨ ଗୁରୁତର

**ରଣପୁର/ନିରାକାରପୁର, ୨୭ା୫ (ସ୍ୱ.ପ୍ର./ଡି.ଏନ୍.ଏ.)**

ଖୋର୍ଦ୍ଧା ବନଖଣ୍ଡ ଅଧୀନ ରଣପୁର ବନାଞ୍ଚଳ ନିକଟସ୍ଥ ମୟୂରଝାଲିଆ କାଜୁ ଜଙ୍ଗଲରେ ଶନିବାର ସକାଳେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ନରସିଂହପୁରପଞ୍ଚାୟତ ନାଟିମି ଗ୍ରାମର ସତ୍ୟନାରାୟଣ ବେହେରା (୫୬)। ଗୁରୁତର ହୋଇଥିବା ବୀର ଜେନା ଓ ସଉରିଆ ଜେନାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ପ୍ରକାଶ ଯାଇଛି।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ରଣପୁର ବ୍ଲକ ନରସିଂହପୁର ଗ୍ରାମପଞ୍ଚାୟତ ନାଟିମୀ ଗ୍ରାମର ସତ୍ୟ , ବୀର ଓ ସଉରିଆ ଶନିବାର ସକାଳୁ ସାଇକେଲରେ କମାଗୁରୁ ଗ୍ରାମକୁ କୂଅ ଖୋଳିବାକୁ ଯାଉଥିଲେ। ଏହି ସମୟରେ ମୟୂରଝଲିଆ ଗାଁ ନିକଟ କାଜୁ ଜଙ୍ଗଲରୁ ହଠାତ୍ ଏକ ଦନ୍ତା କାଜୁ ଜଙ୍ଗଲରୁ ବାହାରି ଆସିଥିଲା। ଦନ୍ତାକୁ ଦେଖି ବୀର ଓ ସଉରିଆ ସାଇକେଲ ଛାଡି ଦୌଡ଼ି ପଳାଇଥିଲେ। ହେଲେ ଭୟଭୀତ ହୋଇ ଦୁହେଁ ଏକାଧିକ ଗଛରେ ପିଟି ହୋଇ ଆହତ ହୋଇଥିଲେ। ତେବେ ସତ୍ୟ ଦୌଡ଼ି ନ ପାରିବାରୁ ହାତୀ ତାଙ୍କୁ ଶୁଣ୍ଢରେ ଟାଣି ଆଣି ତଳେ ପକାଇ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ସତ୍ୟଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଲେଖା ହେବା ପର୍ଯ୍ୟନ୍ତ ମୃତଦେହ ସେଠାରେ ପଡ଼ି ରହିଛି। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ନ ଥିବା ଗ୍ରାମବାସୀ କହିଛନ୍ତି। ରଣପୁର ଅତିରିକ୍ତ ତହସିଲଦାର ଅବିନାଶ ମାହାର ଓ ଆର୍‌ଆଇ ଅନିଲ କୁମାର ବେହେରା ରେଡ୍‌କ୍ରସ୍ ତରଫରୁ ମୃତକଙ୍କ ପରିବାର ସଦସ୍ୟଙ୍କୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ଗତ ୧ମାସ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ଉପରୋକ୍ତ ଘଟଣାକୁ ମିଶାଇ ହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଛି। ଏକାଧିକ ଆହତ ହୋଇଛନ୍ତି। ବନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି।

## ଘରେ ପଶି ନାବାଳିକାଙ୍କୁ ଦଳିଦେଲା ହାତୀ

**ସୋର, ୨୭ା୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଚିତ୍ରାଶୁଳ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଶୁକ୍ରବାର ବିଳମ୍ବିତ ରାତିରେ କୁଲଡିହା ଜଙ୍ଗଲରୁ ଗାଁକୁ ପଶିଆସିଥିବା ହାତୀପଲ ମଧ୍ୟରୁ ଗୋଟିଏ ହାତୀ ନିଶିକାନ୍ତ ଦେହୁରୀଙ୍କ ଘରେ ପଶି ଶୋଇଥିବା ନାବାଳିକାଙ୍କୁ ଦଳିଦେଇଥିଲା। ଗ୍ରାମବାସୀ ପହଞ୍ଚି ହାତୀକୁ ଘଉଡାଇବା ସହ ନାବାଳିକାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ରାତିରେ ୫ରୁ ୬ଟି ହାତୀ ଗାଁରେ ପଶି ନିଶିକାନ୍ତଙ୍କ ବାଡ଼ି ଭିତରେ ପଶି ନଡ଼ିଆ ଗଛ ଖାଇଥିଲେ। ହାତୀ ଶବ୍ଦ ଶୁଣି ପରିବାର ଲୋକେ ଉଠି ଘଉଡ଼ାଇବା ଲାଗି ଯାଇଥିଲେ। ସେଥିରୁ ଗୋଟିଏ ହାତୀ ଘର ଭିତରେ ପଶି ନିଶିକାନ୍ତଙ୍କର ୯ ବର୍ଷର ଝିଅ ପରୀ ଉପରେ ଚଢ଼ିଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବଜ୍ରପାତରେ ୨ ମୃତ

**ଆସିକା/ସୋରଡ଼ା, ୨୭ା୫(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ ଶୁକ୍ରବାର କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ସହ ବଜ୍ରପାତ ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଆସିକା ବ୍ଲକ କୋଟିନଡା ଥାନା ଅନ୍ତର୍ଗତ କେ.ନୂଆପଲ୍ଲୀ ଗ୍ରାମର ଆଲୋକ ବେହେରା (୩୦) ଓ ସୋରଡ଼ା ବ୍ଲକ ସରାବାଡି ଗ୍ରାମର ପୀତବାସ ଗଉଡ଼(୩୨)। ଗୁରୁତର ହେଲେ ସୋରଡ଼ା ପାଲକାଟ ପଞ୍ଚାୟତ ଖପରାଗଣ୍ଡା ଗ୍ରାମର ନାରାୟଣ ପ୍ରଧାନ (୪୦)। ପ୍ରକାଶ ଯେ, ଆଲୋକ କୌଣସି କାର୍ଯ୍ୟରେ ନିକଟସ୍ଥ ମାଗୁରା ଗ୍ରାମକୁ ଯାଇ ଫେରୁଥିଲା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କୋଟିନଡ଼ା ପୋଲିସ ପହଞ୍ଚି ତଦନ୍ତ ଚଳାଇଥିଲା ବେଳେ ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିବା ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରା ପ୍ରକାଶ କରିଛନ୍ତି। ପୀତବାସ ବଡ଼ଗଡ଼ ରାସ୍ତା ସୁରେଖାଦେଈପୁର ଗ୍ରାମ ଛକରେ ମୋବାଇଲ ଦୋକାନ କରିଛନ୍ତି। ପ୍ରତିଦିନ ପରି ଶନିବାର ଦୋକାନ ବନ୍ଦ କରି ଅପରାହ୍ନରେ ଖାଇବାକୁ ଘରକୁ ଯାଉଥିଲେ। ରାସ୍ତାରେ ହଠାତ୍ ବଜ୍ରପାତ ହେବାରୁ ସେ ଟଳିପଡ଼ିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ସୋରଡ଼ା ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ପୀତବାସଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ନାରାୟଣ ଆମ୍ବ ତୋଳିବାକୁ ଗଛରେ ଚଢ଼ିଥିଲେ। ବର୍ଷା ପବନ ହେବାରୁ ସେ ଗଛରୁ ଓହ୍ଲାଉଥିବା ବେଳେ ତଳେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ନାରାୟଣଙ୍କୁ ଗ୍ରାମବାସୀ ସୋରଡ଼ା ମେଡିକାଲ ଆଣିଥିଲେ ମଧ ସେଠାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

# ଚିଲିକା ସ୍ଥିତି ଦେଖିଲେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

**ବ୍ରହ୍ମଗିରି,୨୭ା୫(ଡି.ଏନ୍.ଏ.)**

ମହାନଦୀ ଉପରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ଦିଗରେ କିଛିଦିନ ହେବ ମହାନଦୀ ଟ୍ରିବ୍ୟୁନାଲ ସଦସ୍ୟମାନେ ବିଭିନ୍ନ ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ମହାନଦୀ ଟ୍ରିବ୍ୟୁନାଲ ସଦସ୍ୟମାନେ ଚିଲିକାର ବିଭିନ୍ନ ସ୍ଥାନକୁ ଗସ୍ତ କରି ଏହାର ସ୍ଥିତି ପରଖିଛନ୍ତି। ଏହି ଅନୁଧ୍ୟାନ ଟିମରେ ମହାନଦୀ ଜଳ ବିବାଦ ପ୍ରାଧିକରଣ ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏମ୍.ଖାନୱିଲକର, ସଞ୍ଜୟ ଖାନୱିଲକର, ଜଷ୍ଟିସ୍ ରବି ରଞ୍ଜନଙ୍କ ସମେତ ଛତିଶଗଡ଼ରୁ ଆସିଥିବା ୨୪ଜଣ ସଦସ୍ୟ ଏଥିରେ ଯୋଗଦେଇଥିଲେ। ଏହି ଟିମ୍ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ସାତପଡ଼ାରେ ପହଞ୍ଚି ଥିଲେ। ସାତପଡ଼ାଠାରୁ ରାଜରାସ୍ତାରେ ବାହାରି ମିର୍ଜାପୁର ଜେଟିଠାରେ ପହଞ୍ଚି ଜିଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତ ଥିବା ବୋଟ ମାଧ୍ୟମରେ ଚିଲିକା ଓ ଅରଖକୁଦା ମୁହାଣ ବୁଲି ଦେଖିଛନ୍ତି। ଚିଲିକାରେ ପ୍ରାୟ ୩ ଘଣ୍ଟା ଜଳଯାତ୍ରା କରି ପୁନର୍ବାର ସାତପଡ଼ା ଫେରିଥିଲେ। ମହାନଦୀର ୫୨ ଶାଖା ନଦୀ କେନାଲ ଚିଲିକାରେ ମିଶିଛି। ଚିଲିକାରେ ବିଭିନ୍ନ ସ୍ଥାନରେ ଜଳର ସ୍ଥିତି କିପରି ରହିଛି, ବର୍ଷା ଋତୁରେ ଚିଲିକାରେ ଜଳର ପରିମାଣ କେତେ ଥାଏ ଓ ଏବେ ଜଳର ପରିମାଣ କେତେ ରହିଛି, ମହାନଦୀର ଜଳ କେଉଁ କେଉଁ ଅଞ୍ଚଳରେ କେତେ ପରିମାଣରେ କୃଷି କାର୍ଯ୍ୟରେ ବ୍ୟବହୃତ ହେଉଛି । ଏହି ଜଳ ବିବାଦ ଯୋଗୁ ଏସିଆ ମହାଦେଶର ସର୍ବବୃହତ୍ତ କ୍ଷାରୀୟ ହ୍ରଦ ଚିଲିକା କେତେ ପ୍ରଭାବିତ ହେଉଛି ତାହା ଅନୁଧ୍ୟାନ କରି ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମହାନଦୀ ଟ୍ରିବ୍ୟୁନାଲ ଟିମ୍‌ଙ୍କ ସହ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଜିଲା ନ୍ୟାୟାଧିକରଣର କର୍ମକର୍ତ୍ତା, ଜିଲା ପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।



ମହାନଦୀ ଟ୍ରିବ୍ୟୁନାଲ ସଦସ୍ୟମାନେ ବୋଟ୍‌ରେ ଚିଲିକା ବୁଲୁଛନ୍ତି।

# ମାଓବାଦୀ ପୁନେମ ହୁରାଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୭ା୫(ଡି.ଏନ୍.ଏ.)**



ଆତ୍ମସମର୍ପଣ କରିଥିବା ପୁନେମ ହୁରା।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ଶନିବାର ଜଣେ ମିଲିସିଆ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି। ସେ ହେଲେ ପୁନେମ ହୁରା। ସରକାରଙ୍କ ପୁନର୍ବାସ ନୀତିରେ ପ୍ରଭାବିତ ହୋଇ ଚିନ୍ତାଗୁଫା ଥାନା ଅଞ୍ଚଳ ମାଓବାଦୀ ସଙ୍ଗଠନ ସକ୍ରିୟ ମିଲିସିଆ ସଦସ୍ୟ ପୁନେମ ପୋଲିସ ସବ୍‌ଡିଭିଜନାଲ ଅଧିକାରୀ ପରମେଶ୍ୱର ତିଲକୱାରଙ୍କ ନିକଟରେ ଆତ୍ମ ସମର୍ପଣକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ସିଆର୍‌ପିଏଫ୍ ୧୩୧ ବାହିନୀର ପ୍ରୟାସ ଫଳରେ ମାଓବାଦୀ ସଂଗଠନର ସକ୍ରିୟ ମିଲିସିଆ ସଦସ୍ୟ ଆତ୍ମସମର୍ପଣ କରିଥିବା ସୁକ୍‌ମା ପୋଲିସ କହିଛି। ଛତିଶଗଡ଼ ସରକାରଙ୍କ ଆତ୍ମସମର୍ପଣ ନୀତି ଅନୁଯାୟୀ ପୁନେମଙ୍କୁ ସମସ୍ତ ସରକାରୀ ସୁବିଧା ଦିଆଯିବ ବୋଲି ସୁକ୍‌ମା ପୋଲିସ ପ୍ରତିଶ୍ରୁତି ଦେଇଛି।

# ୩ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ଆସିକା, ୨୭ା୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଜାହାଡ଼ା ଗ୍ରାମରେ ଗତ ୨୦୧୩ରେ ଘଟିଥିବା ଭଗବାନ ସାମଲ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ଶନିବାର ପ୍ରକାଶ ପାଇଛି। ଆସିକାର ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ମାମଲାର ବିଚାର କରି ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଭଗବାନ ଖଟେଇ, କାଳିଆ ପ୍ରଧାନ ଓ ହେମନ୍ତ ସ୍ୱାଇଁ। ଅନ୍ୟ ଅଭିଯୁକ୍ତ ପ୍ରତାପ ଖଟେଇଙ୍କ ମାମଲାର ବିଚାର ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ୨୦୧୩ ଡିସେମ୍ବର ୧୧ ସନ୍ଧ୍ୟାରେ ଜାହାଡ଼ା ଗ୍ରାମର ଭଗବାନ ସାମଲ ନିଜ ବାରଣ୍ଡାରେ ବସିଥିଲା ବେଳେ ଅଭିଯୁକ୍ତମାନେ ଖଣ୍ଡା, କାତି ଆଦି ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ମୃତ ଭଗବାନଙ୍କ ସ୍ତ୍ରୀ ପ୍ରବାସିନୀ ଧରାକୋଟ ଥାନାରେ ଅଭିଯୋଗ କରିଥିଲେ। ଧରାକୋଟ ପୋଲିସ ନଂ.୧୨୭/୧୩ରେ ମାମଲା ରୁଜୁ କରିବା ସହିତ ତଦନ୍ତ କରି ୪ ଜଣଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରି ଅଦାଲତରେ ଦାଖଲ କରିଥିଲା। ଏହି ମାମଲାରେ ସମୁଦାୟ ୧୧ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ସ୍ତ୍ରୀଙ୍କୁ ହତ୍ୟା ଘଟଣା: ସ୍ୱାମୀଙ୍କୁ ୭ବର୍ଷ ଜେଲ

**ଚମ୍ପୁଆ,୨୭ା୫(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଏକ ସ୍ତ୍ରୀଙ୍କୁ ହତ୍ୟା ଘଟଣାର ରାୟ ଶୁଣାଇଛନ୍ତି। ଜଜ୍ ସରୋଜ କୁମାର ଦାସ ଅଭିଯୁକ୍ତ ସ୍ୱାମୀକୁ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଜରିମାନା ଓ ଅନାଦାୟେ ୬ ମାସ ଅଧିକ ଦଣ୍ଡ ଭୋଗିବାକୁ ରାୟ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଚମ୍ପୁଆ ଥାନା ଅଧୀନ ବ୍ରହ୍ମପୁର କରଞ୍ଜିଆ ଗ୍ରାମର ଶାନ୍ତନୁ ଗିରି ଚମ୍ପୁଆ ବ୍ଲକ୍ ଅଧୀନ ଚନ୍ଦ୍ରଶେଖପୁର ଗ୍ରାମର କ୍ଷେତ୍ରବାସୀ ପ୍ରଧାନଙ୍କ ଝିଅ ତିଳୋତ୍ତମାଙ୍କୁ ବିବାହ କରିଥିଲେ। ବିବାହର ୫ ବର୍ଷ ପରେ ବି ଯୌତୁକ ଦାବିକରି ନିର୍ଯାତନା ଦେଇ ଆସୁଥିଲେ। ଯୌତୁକ ଦାବି କରି ତିଳୋତ୍ତମାକୁ ବିଷଦେଇ ସ୍ୱାମୀ ହତ୍ୟା କରିବା ବାପଘର ଲୋକେ ୨୧ ଜାନୁୟାରୀ ୨୦୧୭ରେ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି (ନଂ. ୧୦/୨୦୧୭) ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିଲା। ୧୪ ଜଣ ସାକ୍ଷୀଙ୍କ ବୟାନ, ମେଡିକାଲ ରିପୋର୍ଟ ଓ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ଜଜ୍ ଉକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ମଧୁସୂଦନ ପତି ଓ ତପନ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ସୀମାନ୍ତରେ ଯବାନ-ମାଓବାଦୀ ଗୁଳି ବିନିମୟ

## ୨ ଯବାନ ଆହତ, ଆହତ ମହିଳା ମାଓବାଦୀ ଗିରଫ

**ମାଲକାନଗିରି,୨୭ା୫(ଡି.ଏନ୍.ଏ.)**



ଆହତ ମାଓବାଦୀ ଫାଗୁଣୀ

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲା ମାଓବାଦୀ ପ୍ରଭାବିତ ବାରଗାଓଁ ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଶନିବାର ଗୁଳି ବିନିମୟ ହୋଇଥିଲା। ଏଥିରେ ୨ ଜଣ ବିଏସ୍‌ଏଫ୍ ଯବାନ ଆହତ ହୋଇଥିବା ବେଳେ ଜଣେ ମହିଳା ମାଓବାଦୀ ଆହତ ଅବସ୍ଥାରେ ଗିରଫ ହୋଇଛନ୍ତି। ଆହତ ମହିଳା ମାଓବାଦୀ ଜଣଙ୍କ ଏଲ୍‌ଓଏସ୍ କମାଣ୍ଡର ଫାଗୁଣୀ ବୋଲି ଜଣାପଡ଼ିଛି। ତାଙ୍କୁ ଯବାନମାନେ ଚିକିତ୍ସା ପାଇଁ ଜିଲା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଆହତ ୨ ଯବାନଙ୍କୁ ରାୟପୁରକୁ ଚିକିତ୍ସା ପାଇଁ ପଠାଯାଇଛି।

ସୂଚନା ଅନୁଯାୟୀ, ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଉଥିବା ବେଳେ ବିଏସ୍‌ଏଫ୍ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପ୍ରାୟ ୨ ଘଣ୍ଟା ଧରି ଉଭୟ ପକ୍ଷରୁ ଗୁଳି ବିନିମୟ ପରେ ମାଓବାଦୀମାନେ ଘଟଣାସ୍ଥଳ ଛାଡ଼ି ପଳାଇଯାଇଥିଲେ। ଏହି ଗୁଳି ବିନିମୟରେ ୨ ଜଣ ଯବାନ ଆହତ ହୋଇଥିବା ବେଳେ ବିଏସ୍‌ଏଫ୍ ଟିମ୍ ଘଟଣାସ୍ଥଳରେ ତଲାସି କରିଥିଲେ।

# ବିବାହ ପାଇଁ ରାଜି ନ ହେବାରୁ ପ୍ରେମିକଙ୍କ ଉନ୍ମତ୍ତକାଣ୍ଡ

## ପ୍ରେମିକାଙ୍କ ପରିବାର ଲୋକଙ୍କୁ ପେଟ୍ରୋଲ ଢାଳି ଜାଳିଦେବା ଉଦ୍ୟମ

- ନିଆଁରେ ପୋଡ଼ି ଯୁବତୀ, ତାଙ୍କ ମା', ଭାଇ ଗୁରୁତର
- ନିଆଁ ଲଗାଇଥିବା ଯୁବକ ବି ଗୁରୁତର

**ଖପ୍ରାଖୋଲ/ଲାଠୋର, ୨୭ା୫(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅନ୍ତର୍ଗତ ରାଧାକୃଷ୍ଣ ମନ୍ଦିର ପଡାରେ ଶନିବାର ସକାଳେ ଘଟିଛି ଏକ ଅଭାବନୀୟ ଘଟଣା। ବିବାହ ପାଇଁ ରାଜି ନ ହେବାରୁ ଜଣେ ଯୁବକ ତାଙ୍କ ପ୍ରେମିକାଙ୍କ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡରେ ପ୍ରେମିକା(୨୫), ତାଙ୍କ ମା'(୪୭) ଓ ଭାଇ(୨୦) ଗୁରୁତର ହୋଇଛନ୍ତି। ଅପରପକ୍ଷରେ ଅଗ୍ନିକାଣ୍ଡରେ ସମ୍ପୃକ୍ତ ପ୍ରେମିକ ଢେଙ୍କାନାଳ ଅଞ୍ଚଳର ସ୍ୱସ୍ତିକ ଦାସ (୩୫)ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ଖପ୍ରାଖୋଲ ମେଡିକାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଗୁରୁତର ଯୁବତୀ, ତାଙ୍କ ମା' ଓ ଭାଇଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ବର୍ନ୍‌ୟୁନିଟ୍‌ରେ ଭର୍ତ୍ତିକରାଯାଇଛି। ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(୬୩/୨୩) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁସାରେ, କିଛିବର୍ଷ ତଳେ ବଲାଙ୍ଗୀର ସହରର ସମ୍ପୃକ୍ତ ଯୁବତୀ ଜଣକଙ୍କ ସହ ସ୍ୱସ୍ତିକ୍ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ କାମ କରୁଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ପରବର୍ତ୍ତୀ ସମୟରେ ଯୁବତୀ ଲାଠୋର ଥାନା ଅଧୀନ ମାଲପଡ଼ା ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଚାକିରି ପାଇଥିଲେ। ଏହାପରଠାରୁ ସେ ଲାଠୋରରେ ଏକ ଭଡ଼ାଘରେ ରହୁଥିଲେ। ବିଭିନ୍ନ ସମୟରେ ସ୍ୱସ୍ତିକ୍ ଲାଠୋର ଆସୁଥିଲେ। ହେଲେ ଅଧିକାଂଶ ସମୟ ମଦ ପିଇବା ଓ ଟଙ୍କା ମାଗିବାକୁ ଯୁବତୀ ଜଣକ ବିରୋଧ କରୁଥିଲେ। ଏଥିପାଇଁ ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ବଚସା ହେଉଥିଲା। ଶନିବାର ସ୍ୱସ୍ତିକ୍ ମାଲପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଆସି ସମ୍ପୃକ୍ତ ଯୁବତୀଙ୍କଠାରୁ ୪୦ ହଜାର ଟଙ୍କା ନେଇଥିଲେ। ପରେ ମଧ୍ୟାହ୍ନରେ ପ୍ରେମିକାଙ୍କ ଲାଠୋରସ୍ଥିତ ଭଡ଼ାଘରକୁ ଆସିଥିଲେ। ଏହି ସମୟରେ ମଧ୍ୟାହ୍ନଭୋଜନ ପାଇଁ ଯୁବତୀ ଜଣଙ୍କ ଘରକୁ ଆସିଥିଲେ। କବାଟ ବନ୍ଦ ଥିବା ଦେଖି ଫାଙ୍କରେ ଘର ଭିତରକୁ ପେଟ୍ରୋଲ ଢାଳି ଦେଇଥିଲେ। ପେଟ୍ରୋଲ ଗନ୍ଧ ଶୁଣି ପରିବାର ଲୋକେ କବାଟ ଖୋଲିବା କ୍ଷଣି ସ୍ୱସ୍ତିକ ଦିଆସିଲ ମାରି ଭିତରକୁ ପକାଇ ଦେଇଥିଲେ। ଚାହୁଁ ଚାହୁଁ ନିଆଁ ବ୍ୟାପିଯିବାରେ ଯୁବତୀଙ୍କ ସହ ତାଙ୍କ ମା' ଓ ଭାଇ ନିଆଁରେ ପୋଡ଼ି ହୋଇଯାଇଥିଲେ। ନିଆଁଦାଉରେ ସ୍ୱସ୍ତିକ ମଧ ଗୁରୁତର ହୋଇଥିଲେ। ଖବର ପାଇ ଲାଠୋର ପୋଲିସ ସମସ୍ତଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନା ପଠାଇଥିଲା। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ଝସକେତନ ଭୋଇ କହିଛନ୍ତି।

## ଏ ସପ୍ତାହର ପ୍ରଶ୍ନ

୧– ରାଜୀବ ଗାନ୍ଧୀ ରୁରାଲ ଅଲିମ୍ପିକ୍ ଗେମ୍ସ ........... ରାଜ୍ୟରେ ଆରମ୍ଭ ହୋଇଯାଇଛି ?
୨– ନାଗାଲାଣ୍ଡ ରାଜ୍ୟରେ........ ବର୍ଷ ପରେ ଦ୍ୱିତୀୟ ରେଲୱେ ଷ୍ଟେଶନ୍ ନିର୍ମାଣ କରାଗଲା ?
୩– .............. ଗ୍ୟାସ୍ ଥିବାରୁ ଏଲ୍‌ପିଜି ଗ୍ୟାସ୍ ଲିକ୍ ହେବା ମାତ୍ରେ ବାସ୍ନାରୁ ଆମେ ସହଜରେ ଜାଣିପାରୁ ?
୪– ଶେଷ ମୋଗଲ ଶାସକଙ୍କ ନାମ ................. ?
୫– 'ଅଟଳଜୀ ନେ କାହା' ପୁସ୍ତକର ଲେଖକ ............... ?

## ଗତ ଥରର ଉତ୍ତର

୧ ଚାଇନା
୨ ଉତ୍ତରପ୍ରଦେଶ
୩ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା
୪ ଟେସ୍‌ଲା
୫ ମୌନା ଲୋଆ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


ଶିବ ପ୍ରସାଦ ସାହୁ
ନୟାଗଡ଼


ସତ୍ୟଭାମା ବେହେରା
ଭୁବନେଶ୍ୱର


ସୌମ୍ୟ ରଞ୍ଜନ ମିଶ୍ର
ଝାରସୁଗୁଡ଼ା

## ଟପ୍ ୧୦

### ପୃଥିବୀର ଥିବା ସବୁଠୁ ଭୟଙ୍କର ଜୀବ

(୧) ................................................................ମଣିଷ
(୨) ................................................................ମଶା
(୩) ...............................................ସେସେ ଫ୍ଲାଏ (ସେସେ ମାଛି)
(୪) .........................................ସଲ୍ଟୱାଟର୍ କ୍ରୋକୋଡାଇଲ୍
(୫) ........................................................ଷ୍ଟୋନ୍ ଫିଶ୍
(୬) ........................................ସିଡ୍‌ନୀ ଫନେଲ୍ ୱେବ୍ ସ୍ପାଇଡର୍
(୭) ........................................................ବ୍ଲାକ୍ ମାମ୍ବା
(୮) ........................................................ପଫର୍‌ଫିସ୍
(୯) ........................................ଇଣ୍ଡିଆନ୍ ସ–ସ୍କେଲ୍‌ଡ ଭାଇପର୍
(୧୦) ....................................................ବକ୍ସ ଜେଲିଫିସ୍

# ଷ୍ଟାଇଲିଶ୍ ଲାଗିବ ଫୋନ୍...

**ବର୍ତ୍ତମାନ କେବଳ ନିଜ ଫୋନକୁ ସୁରକ୍ଷିତ ରଖିବା ଲାଗି ନୁହେଁ ବରଂ ଏହାକୁ ଆଇକ୍ୟାଚି ତଥା ଷ୍ଟାଇଲିଶ୍ ଲୁକ୍ ଦେବା ପାଇଁ ଯୁବପିଢ଼ି ବ୍ୟବହାର କରୁଛନ୍ତି ବିଭିନ୍ନ ପ୍ରକାରର କଭର...**

**ଫଟୋ ପ୍ରିଣ୍ଟ କଭର:** ଫଟୋ ପ୍ରିଣ୍ଟ କଭରର ଡିମାଣ୍ଡ ବର୍ତ୍ତମାନ ସବୁଠୁ ଅଧିକ। ଏଥିରେ ଆପଣ ସେଲ୍ଫ ଫଟୋ କିମ୍ବା ଫ୍ୟାମିଲି ଅବା ନିଜ ପ୍ରିୟଜନଙ୍କ ଫଟୋ ପ୍ରିଣ୍ଟ କରି ନିଜ ଫୋନ୍‌କୁ ୟୁନିକ୍ ଲୁକ୍ ଦେଇପାରିବେ।

**ଫ୍ଲିପ୍ ଓପନ୍ ଫଲିଓ ବା ୱାଲେଟ୍ କେସ୍:** ଏହି କଭର ମୋବାଇଲ୍‌ର ବ୍ୟାକ୍ ଏବଂ ଫ୍ରଣ୍ଟ ଉଭୟକୁ ପ୍ରୋଟେକ୍ସନ ଦେଇଥାଏ। ମାର୍କେଟ୍‌ରେ ଏହାର ବିଭିନ୍ନ କଲରର ପ୍ଲାଷ୍ଟିକ୍, ରବର, ଲେଦର ଡିଜାଇନ୍ ଉପଲବ୍ଧ, ଯାହାକି ଷ୍ଟାଇଲିଶ୍ ଲୁକ୍ ଦେବା ସହ ପକେଟ୍ ଫ୍ରେଣ୍ଡ୍‌ଲି ମଧ୍ୟ।

**ଫଙ୍କି କଭର:** ବର୍ତ୍ତମାନ ମାର୍କେଟ୍‌ରେ ପ୍ରାୟ ସବୁ କମ୍ପାନି ଓ ମଡେଲ୍‌ର ଫୋନ୍ ପାଇଁ ଭଳିକି ଭଳି କାର୍ଟୁନ୍, ଆନିମଲ୍, ଭଗବାନ୍, ଫ୍ଲାୱାର୍, ଘୋଷ୍ଟ ପ୍ରିଣ୍ଟ ଥିବା କଭର ମିଳୁଛି ଏବଂ ମଧ୍ୟ ଆପଣଙ୍କ ଫୋନ୍‌କୁ ଡିଫରେଣ୍ଟ ଲୁକ୍ ଦେବାରେ ସାହାଯ୍ୟ କରିବ। ତା'ଛଡା ସ୍ପେଶାଲ୍ ଝିଅମାନଙ୍କ ପାଇଁ ମିଳୁଥିବା ବିଭିନ୍ନ ପ୍ରକାରର ଷ୍ଟୋନ୍, ବିଡ୍ସ ୱାର୍କ ଥିବା ଷ୍ଟାଇଲିଶ୍ କଭର ମଧ୍ୟ ଏବେ ଖୁବ୍ ଡିମାଣ୍ଡରେ ଅଛି।

**ସ୍ଲିମ୍ କଭର:** ଯଦି ଆପଣଙ୍କୁ ଅଧିକ ଡିଜାଇନର କିମ୍ବା ମୋଟା କଭର ପକାଇବା ଲାଗି ଭଲ ଲାଗୁନାହିଁ, ତେବେ ଆପଣ ସ୍ଲିମ୍ କେସ୍ ବ୍ୟବହାର କରନ୍ତୁ। ଏହାର ଭଳିକି ଭଳି କଲର ଏବଂ ପ୍ରିଣ୍ଟ ମାର୍କେଟ୍‌ରେ ଉପଲବ୍ଧ। ଏହାର ଦାମ ମଧ୍ୟ ଅପେକ୍ଷାକୃତ କମ୍ ହୋଇଥିବାରୁ ନିଜ ଆଉଟ୍‌ଫିଟ୍ ସହିତ ମ୍ୟାଚ୍ କରି କଭର ବଦଳାଇପାରିବେ। ତା'ଛଡା ଏହା ସାମାନ୍ୟ ନରମ କଭର ହୋଇଥିବାରୁ ମୋବାଇଲରେ ଫିଟ୍ ହେବା ସହଜ ହୁଏ ଏବଂ ମୋବାଇଲ୍‌କୁ ସ୍କ୍ରାଚ୍‌ପ୍ରୁଫ୍ ମଧ୍ୟ ରଖେ।

**ରଗ୍‌ଡ କେସ୍ :** ଯଦି ଆପଣଙ୍କୁ ଦୈନନ୍ଦିନ ବାରମ୍ବାର ଏପଟ ସେପଟ ହେବାକୁ ପଡୁଛି କିମ୍ବା ସ୍ପୋର୍ଟ୍ସ, ଟ୍ରାଭେଲ ଆଦି ପସନ୍ଦ ; ତେବେ ରଗ୍‌ଡ କେସ୍ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହା ଦେଖିବାକୁ ଦମ୍‌ଦାର ଏବଂ ଏହାର କଡ଼ ମୋଟା ଓ ଚାରିପାଖରୁ ମଜଭୁତ କରି ଧରି ରଖୁଥିବାରୁ ମୋବାଇଲ୍ ପଡ଼ିଲେ ସହଜରେ ଭାଙ୍ଗି ନ ଥାଏ।

**ଟଫ୍ କେସ୍:** ଏହାର ଉପର ଲେୟାର ପଲିକାର୍ବୋନେଟ୍‌ରେ ପ୍ରସ୍ତୁତ, ଯାହାକି ଶକ୍ତ ଏବଂ ଭିତର ଲେୟାର ସିଲିକନ୍‌ରେ ପ୍ରସ୍ତୁତ ; ଯାହାକି ନରମ ହୋଇଥିବାରୁ ଫୋନ୍‌କୁ ସୁରକ୍ଷା ଦେଇଥାଏ। ଇନ୍‌କିପିଓ, ଅରବାନ୍ ଆର୍ମର ଗିଅର, ସ୍ପେକ୍, ବଡି ଗ୍ଲୋଭ୍ ଆଦି ଟଫ୍ କେସ୍ ମଧ୍ୟରୁ କୌଣସି କଭର ପକାଇ ଫୋନ୍‌କୁ ସୁରକ୍ଷିତ ରଖିବା ସହ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ।











ନାରୀ ଜୀବନର ଏକ ପ୍ରାକୃତିକ ଶାରୀରିକ ପ୍ରକ୍ରିୟା ହେଉଛି ପିରିୟଡ୍‌ସ। ହେଲେ ଏହାକୁ ନେଇ ଏବେବି ସମାଜରେ ଅନେକ କୁସଂସ୍କାର ଭରି ରହିଛି। ଫଳରେ ଲଜ୍ଜାବଶତଃ ହେଉ ଅବା ସ୍ୱଚ୍ଛତା ଅଭାବରୁ ଅନେକ ଝିଅ ଏଥିପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ତେଣୁ ମନରୁ ସଂକୋଚ ଛାଡ଼ି ଏ ସମୟରେ କିପରି ପରିଚ୍ଛନ୍ନତା ରକ୍ଷାକରିବେ ସେ ନେଇ ସଭିଙ୍କୁ ସଚେତନ କରିବାର ସମୟ ଆସିଛି...

ଉପସ୍ଥାପନା: ପୌର୍ଣ୍ଣମାସୀ

# ସୁସ୍ଥ ରଖେ ସ୍ୱଚ୍ଛତା...

## ରତୁସ୍ରାବ ସମୟରେ ସ୍ୱଚ୍ଛତା ଗୁରୁତ୍ୱପୂର୍ଣ୍ଣ


ଡା. ସରୋଜିନୀ ଷଡ଼ଙ୍ଗୀ

କିଶୋରୀମାନଙ୍କ ପାଇଁ ମାସିକ ରତୁସ୍ରାବ ଏକ ପ୍ରାକୃତିକ ଓ ସ୍ୱାଭାବିକ ପ୍ରକ୍ରିୟା–ଯାହା ମାସକୁ ମାସ ହୋଇଥାଏ। ଏହା ସ୍ତ୍ରୀ ହର୍‌ମୋନ୍ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରନ୍‌ର ସମ୍ପୂର୍ଣ୍ଣ ସନ୍ତୁଳନରେ ହୋଇଥାଏ। ଇଷ୍ଟ୍ରୋଜେନ୍‌ର ପରିମାଣ କମିଗଲେ ଜରାୟୁର ଶୈଷ୍ମିକ ଝିଲ୍ଲୀରୁ ରକ୍ତ କ୍ଷରଣ ହୋଇଥାଏ। ଏହା ସେମାନଙ୍କର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ସାହାଯ୍ୟ କରିଥାଏ।

ଭାରତରେ ୫୦ ପ୍ରତିଶତ ଅଳ୍ପ ବୟସର ବାଳିକା, ମାସିକ ରତୁସ୍ରାବ (ମେନାର୍କି) ଆରମ୍ଭ ହେବା ଆଗରୁ ଏହା କ'ଣ ଏବଂ ଏହା କାହିଁକି ହୁଏ ଜାଣି ନ ଥା'ନ୍ତି। ହେଲେ କିଶୋରୀ ବା ଆଦ୍ୟ ଯୌବନପ୍ରାପ୍ତ ବାଳିକାମାନେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷାର ନିୟମ ନ ମାନିଲେ ବିଭିନ୍ନ ପ୍ରକାର ପ୍ରଜନନଜନିତ ସଂକ୍ରମଣର ଶିକାର ହୋଇଥା'ନ୍ତି। ବେଳେବେଳେ ଏହା ଏତେ ଗୁରୁତର ହୋଇଥାଏ ଯେ, ସେମାନଙ୍କୁ ଗର୍ଭାଶୟ ହରାଇବାକୁ ପଡ଼ିଥାଏ। ଏହାଛଡ଼ା ଭାରତରେ ପ୍ରାୟ ଝିଅମାନେ ଦ୍ୱିତୀୟ ଶ୍ରେଣୀର ନାଗରିକ ହିସାବରେ ବହୁ ଅବହେଳାର ଶିକାର ହୋଇଥା'ନ୍ତି। ଏବେବି ଆମ ଦେଶରେ ମାସିକ ରତୁସ୍ରାବକୁ ନେଇ ଅନେକଗୁଡ଼ିଏ କୁସଂସ୍କାର ବା ବିଧିନିଷେଧ କାର୍ଯ୍ୟ ରହିଛି, ଯଥା ଏହି ସମୟକୁ 'ଅପରିଷ୍କାର' ସମୟ କହି ଝିଅମାନଙ୍କୁ ଏକ ଅଲଗା, ଅନ୍ଧାରୁଆ କୋଠରିରେ ଏକା ରହିବାକୁ ଦିଆଯାଇଥାଏ। ସେମାନେ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ଗୋଟିଏ ମସିଣା ଉପରେ ବସନ୍ତି। ସେମାନଙ୍କୁ ମନ୍ଦିର ଓ ପବିତ୍ର ସ୍ଥାନ ଭ୍ରମଣ ତ ଦୂରର କଥା ଖେଳାଖେଳି କରିବା ତଥା ସ୍କୁଲ ଯିବା ପାଇଁ ବାରଣ କରାଯାଇଥାଏ। ଏମିତିକି ସାଧାରଣ ଖାଇବା ଜିନିଷ ମଧ୍ୟ ବାରଣ ହୋଇଯାଏ । ହେଲେ ଧୀରେ ଧୀରେ ଏ ଭ୍ରାନ୍ତ ଧାରଣାକୁ ଦୂରେଇ ମାସିକ ରତୁସ୍ରାବ ସମୟରେ କେମିତି ନିଜକୁ ସଂକ୍ରମଣରୁ ରକ୍ଷା କରି ଝିଅଟିଏ ସୁସ୍ଥ ରହିବ ଏବଂ ମେନ୍‌ଷ୍ଟ୍ରୁଆଲ୍ ହାଇଜିନ୍ ରକ୍ଷା କରିବ ସେଥିପାଇଁ ପରାମର୍ଶ ଦେବା ଆବଶ୍ୟକ। ଝିଅମାନେ ମାସିକ ଧର୍ମ ସମୟରେ ସ୍ୱଚ୍ଛତା ରକ୍ଷା ନ କଲେ ଗର୍ଭାଶୟ ଭିତରକୁ ଜୀବାଣୁ ସଂକ୍ରମଣ ହୋଇଥାଏ । ପୁରୁଣା କପଡ଼ା ବ୍ୟବହାର ନ କରି ଏହି ସମୟରେ ସାନିଟାରି ପ୍ୟାଡ୍ ବ୍ୟବହାର କରିବା ସହ ୪ ରୁ ୬ ଘଣ୍ଟା ବ୍ୟବଧାନରେ ବଦଳାଇବା ସହ ନିଜେ ମଧ୍ୟ ଭଲ ଭାବେ ସାବୁନ ଲଗାଇ ଧୋଇ ହେବା ଦରକାର।

ଆଗକାଳରେ ସାନିଟାରି ନ୍ୟାପ୍‌କିନ୍‌ର ବ୍ୟବହାର ମହିଳାମାନେ ଜାଣି ନ ଥିଲେ। ତେଣୁ ସାଧାରଣ କପଡ଼ାକୁ ବ୍ୟବହାର କରୁଥିଲେ। ତାକୁ ଧୋଇ, ଶୁଖାଇ ପୁଣି ଥରେ ପରବର୍ତ୍ତୀ ମାସରେ ବ୍ୟବହାର କରୁଥିଲେ, ଯାହା ହାଇଜିନ୍‌ର ବିରୁଦ୍ଧ ଥିଲା। ଏଥିରେ ଅନ୍ୟ ସାଧାରଣ ସଂକ୍ରମଣ ସହ ଫଙ୍ଗସ୍ ସଂକ୍ରମଣ ମଧ୍ୟ ହେଉଥିଲା। ବେଳେବେଳେ ସେମାନଙ୍କୁ 'ଟକ୍ସିକ୍ ସକ୍ ସିଣ୍ଡ୍ରୋମ୍' ଭଳି ଅତି ଗୁରୁତର ସଂକ୍ରମଣ ହେଉଥିଲା । ଏଥିରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନ ସମସ୍ତେ ହାଇଜିନିକାଲି ପ୍ରସ୍ତୁତ ସାନିଟାରି ପ୍ୟାଡ୍ ବ୍ୟବହାର କରିବା ଆବଶ୍ୟକ। ମାସିକ ଧର୍ମ ସମୟରେ ପୋଖରୀ ବା ନଈରେ ଗାଧୋଇବା ଉଚିତ ନୁହେଁ, କାରଣ ଏଥିରେ ଗର୍ଭାଶୟରେ ସଂକ୍ରମଣ ହୋଇଥାଏ ।

ତେଣୁ ଗାଁ ଗହଳିଠାରୁ ଆରମ୍ଭ କରି ସହରାଞ୍ଚଳରେ ସମସ୍ତେ ଏହି ସମୟରେ ସତର୍କତା ଓ ସ୍ୱଚ୍ଛତା ଅବଲମ୍ବନ କରିବା ଜରୁରୀ। ଝିଅମାନେ ଅଯଥା ଭୟଭୀତ ନ ହୋଇ ଏ ସମୟରେ କ'ଣ କରିବେ ଏବଂ କେମିତି ସ୍ୱାସ୍ଥ୍ୟରକ୍ଷାର ନିୟମ ମାନି ଚଳିବେ ସେକଥା ମା' ମାଉସୀ, ବଡ଼ ଭଉଣୀ ବା ଘରର ଅନ୍ୟ ମହିଳାମାନଙ୍କଠାରୁ ଜାଣି ରଖିବା ଆବଶ୍ୟକ। ବିଦ୍ୟାଳୟରେ ମଧ୍ୟ ଫିଜିଓଲୋଜି ହାଇଜିନ୍ ଓ ଡୋମେଷ୍ଟିକ୍ ସାଇନ୍ସ କ୍ଲାସରେ ଏହା ଶିକ୍ଷା ଦେବା ଜରୁରୀ । ଏ ବିଷୟରେ ସବୁ ପ୍ଲାଟଫର୍ମରେ ଖୋଲାଖୋଲି କଥାବାର୍ତ୍ତା ହେବା ଜରୁରୀ। ଯେମିତି ଝିଅଟି ମାସିକ ରତୁସ୍ରାବ ସମୟକୁ ନେଇ ଘରେ କିମ୍ବା ବାହାରେ ନିଜକୁ ନ୍ୟୁନ ବା ହୀନ ବୋଲି ମନେକରିବ ନାହିଁ। ମାସିକ ରତୁସ୍ରାବ ତା'ର ଜନ୍ମଗତ ଅଧିକାର ଏବଂ ଏହି ସମୟରେ ସ୍ୱଚ୍ଛତା ରକ୍ଷା କରିବା ମଧ୍ୟ ତା'ର ଏକ ବଳିଷ୍ଠ ଅଧିକାର ଏକଥା ସମସ୍ତେ ଜାଣିବା ଉଚିତ୍।

*–ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ*
*ଲିଙ୍କ୍‌ରୋଡ଼, କଟକ–୧୨*

## ଆଜି ମେନ୍‌ଷ୍ଟ୍ରୁଆଲ୍ ହାଇଜିନ ଡେ'...

ମାସିକ ରତୁସ୍ରାବ ସମୟରେ ପରିଷ୍କାର ପରିଚ୍ଛନ୍ନ ରହି କିପରି ସ୍ୱଚ୍ଛତା ରକ୍ଷା କରିବାକୁ ପଡ଼ିବ ଏବଂ ଗାଁ ଗହଳର ଅଳ୍ପ ବୟସର ଝିଅମାନଙ୍କୁ ମାସିକ ରତୁସ୍ରାବ ବିଷୟରେ ସଚେତନତା ସୃଷ୍ଟି କରିହେବ, ଏଥିପାଇଁ ସାରା ବିଶ୍ୱରେ ମେ' ମାସର ୨୮ ତାରିଖକୁ 'ମେନ୍‌ଷ୍ଟ୍ରୁଆଲ୍ ହାଇଜିନ ଡେ' ଭାବେ ପାଳନ କରାଯାଉଛି। ମାସିକ ରତୁସ୍ରାବ ଯେ' ଗୋଟିଏ ସାଧାରଣ ବାୟୋଲୋଜିକାଲ ପ୍ରୋସେସ୍ ଏଥିରେ ଦୁଃଖ, ଲଜ୍ଜା ବା' ଅଛୁଆଁ ଆଦି କୌଣସି କୁସଂସ୍କାରର ସ୍ଥାନ ନାହିଁ ଏକଥା ସବୁ ଝିଅମାନେ ଜାଣିବା ଉଚିତ୍। ମେନ୍‌ଷ୍ଟ୍ରୁଆଲ ହାଇଜିନ୍ ଡେ'ର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ସମସ୍ତେ ମାସିକ ରତୁସ୍ରାବକୁ ନାରୀ ଜୀବନର ଏକ ସାଧାରଣ ପ୍ରକ୍ରିୟା ହିସାବରେ ଗ୍ରହଣ କରିବେ, ସବୁ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂରେଇ ଦେବେ ଏବଂ ନିଜେ ନିଜର ସ୍ୱଚ୍ଛତା ପାଇଁ ଦୃଷ୍ଟି ରଖି ସାନିଟାରି ପ୍ୟାଡ୍ ପରିଧାନ କରିବେ।

## ଏମାନେ କ'ଣ କୁହନ୍ତି



**ଭଗବାନ ଦାସ(ବ୍ରହ୍ମପୁର)**– ନାରୀଙ୍କ ପାଇଁ ରତୁସ୍ରାବ ଏକ ପ୍ରାକୃତିକ ପ୍ରକ୍ରିୟା। ତେଣୁ ଏ ସମୟରେ ସେମାନଙ୍କୁ ନିଚା ଦେଖେଇବା କିମ୍ବା ଲଜ୍ୟା ଦେବା ଅନୁଚିତ୍। ଏ ସମୟରେ ଅନେକଙ୍କୁ କଷ୍ଟ ଅନୁଭବ ହୋଇଥାଏ ହେଲେ ଲାଜରେ ସେମାନେ ପ୍ରକାଶ କରିପାରନ୍ତି ନାହିଁ। ଏମିତିକି କେହି କେହି ଅନ୍ୟ ସମସ୍ୟାର ବି ଶିକାର ହୁଅନ୍ତି। ତେଣୁ ଆଜିର ଶିକ୍ଷିତ ସମାଜରେ ନାରୀ ଜାତିକୁ ଆଗକୁ ନେବାକୁ ହେଲେ ଏସବୁ ଭାବନା ଦୂର କରିବା ଦରକାର। ନିଜେ ମଧ୍ୟ ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ସମୟରେ ଅନେକ ଝିଅଙ୍କୁ ସହଯୋଗ କରିଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ମାନସିକତାରେ ପରିବର୍ତ୍ତନ ଆଣି ଝିଅଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଛି।



**ଉଷଶ୍ରୀ ସାହୁ**(ଛାତ୍ରୀ, ଗଞ୍ଜାମ)– ପିରିୟଡ୍‌ସ୍ ନାରୀକୁ ଯୌବନପ୍ରାପ୍ତି କରାଏ ଏବଂ ମା' ହେବାର କ୍ଷମତା ଦିଏ। ଏହା ଠିକ୍ ଭାବେ ନ ହେଲେ କିମ୍ବା ଏ ସମୟରେ ପରିଚ୍ଛନ୍ନତା ଅଭାବ ହେଲେ ବିଭିନ୍ନ ରୋଗ ବି ଦେଖାଦିଏ। ହେଲେ ଏହାକୁ ନେଇ ସମାଜରେ ଏମିତିକି କିଛି କୁସଂସ୍କାର ଏବେବି ପ୍ରଚଳିତ ଅଛି ଯେଉଁଥିପାଇଁ ଏବିଷୟରେ କହିବାକୁ ସଂକୋଚ ଲାଗେ। ଏ ସମୟରେ କଷ୍ଟ ହେଉଥିଲେ ବି ଲାଜରେ କହିହୁଏ ନାହିଁ। ବାହାରକୁ ଗଲେ କାଳେ କିଏ ଜାଣିଦେବ ସେଥିପାଇଁ ଡର ଲାଗେ। ଏସବୁ ମାନସିକତାରେ ପରିବର୍ତ୍ତନ ଆସିଲେ ମୋ ଭଳି ପ୍ରତ୍ୟେକ ନାରୀ ବିନା ସଂକୋଚରେ ରହିପାରିବେ ସେଥିରେ ସନ୍ଦେହ ନାହିଁ।

## ଲଜ୍ଜାର ନୁହେଁ, ନାରୀ ମର୍ଯ୍ୟାଦାର ବିଷୟ



**ଅଙ୍କିତା ସାହୁ** (ପ୍ୟାଡ୍ ଓମ୍ୟାନ୍, ଢେଙ୍କାନାଳ)– ଜଣେ ସାମ୍ବାଦିକା ଭାବେ ଅନେକ ସମୟରେ ମହିଳାଙ୍କ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଉପରେ ଅଧିକାଂଶ ସମୟରେ ଲେଖାଲେଖି କରେ। ସେନେଇ ପ୍ରାମାଣିକ ଚଳଚ୍ଚିତ୍ର ମଧ୍ୟ କରେ। ତେଣୁ ବିଭିନ୍ନ ସମୟରେ ବିଭିନ୍ନ ଜାଗାକୁ ଯାଇ ତଥ୍ୟ ସଂଗ୍ରହ କରିବାକୁ ପଡ଼ିଥାଏ। ନିଜ କାମ ଭିତରେ ଜାଣିବାକୁ ପାଇଲି, ଏବେବି ରତୁସ୍ରାବକୁ ନେଇ ବିଭିନ୍ନ ମହଲରେ ଭୟ ଏବଂ ଲଜ୍ଜା ଭରିରହିଛି। ତା'ଛଡ଼ା କେତେକଙ୍କ ଆର୍ଥିକ ପରିସ୍ଥିତି ଯୋଗୁ ସାନିଟାରି ନ୍ୟାପ୍‌କିନ କିଣିବା ସହଜ ନୁହେଁ। ଅନେକ ସ୍ଥାନରେ ମହିଳାମାନେ ସ୍ୱଚ୍ଛତା ଉପରେ ଅବଗତ ନ ଥିବାରୁ ଅନେକ ରୋଗର ସମ୍ମୁଖୀନ ହେଉଛନ୍ତି। ତେଣୁ ବ୍ୟକ୍ତିଗତ ଭାବେ ତାଙ୍କର ଏହି ଭୟ ଏବଂ ଲଜ୍ଜାକୁ ଦୂର କରିବା ଲାଗି ପ୍ରୟାସ ଆରମ୍ଭ କଲି। ପିରିୟଡ୍ କୌଣସି ଲଜ୍ଜାର ବିଷୟ ନୁହଁ ଏହା ନାରୀ ମର୍ଯ୍ୟାଦାର ବିଷୟ, ତେଣୁ ଏ ସମୟରେ କିପରି ସ୍ୱଚ୍ଛତା ରକ୍ଷା କରିବେ, ସେ ସମ୍ପର୍କରେ ସଭିଙ୍କୁ ଅବଗତ କରାଇଲି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ଗ୍ରାମ ଓ ୧୦୦ଟି ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିବା ବେଳେ ଅନ୍ୟୂନ ୧ ଲକ୍ଷ ହିତାଧିକାରୀ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏପରିକି ମାଗଣାରେ ୬୦ହଜାର ନ୍ୟାପ୍‌କିନ୍ ବଣ୍ଟନ ମଧ୍ୟ କରିସାରିଛି।


ଗ୍ରାମାଞ୍ଚଳ ମହିଳାଙ୍କୁ ସାନିଟାରି ନ୍ୟାପ୍‌କିନ୍ ବଣ୍ଟନ କରୁଛନ୍ତି ଅଙ୍କିତା

## ଜାଣନ୍ତୁ ଦୁନିଆ

# କ୍ରିକେଟ୍

ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶଙ୍କୁ କ୍ରିକେଟ୍ ଖେଳ ପସନ୍ଦ। ନିଜେ ଖେଳିବା ବ୍ୟତୀତ କିଏ ଷ୍ଟାଡିଅମ୍‌ରେ ତ କିଏ ଟିଭି ପରଦାରେ ଏହାକୁ ଦେଖିବାର ଆନନ୍ଦ ନିଅନ୍ତି। ତେବେ ଜାଣିବା ଏହି ଖେଳ ସମ୍ପର୍କରେ କିଛି ତଥ୍ୟ...

- ୧୬ଶ ଶତାବ୍ଦୀରେ ଇଂଲଣ୍ଡରେ ପ୍ରଥମେ ଆରମ୍ଭ ହୋଇଥିଲା ଏହି ଖେଳ । ବର୍ତ୍ତମାନ ପ୍ରାୟ ୧୦୫ଟି ଦେଶରେ ଏହା ଖେଳାଯାଉଥିବା ବେଳେ ୧୨ଟି ଦେଶକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିଛି।
- ସର୍ବପ୍ରଥମ କ୍ରିକେଟ ମ୍ୟାଚ୍ ୧୮୭୭ରେ ମେଲବୋର୍ନଠାରେ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିଲା, ଯେଉଁଥିରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା।
- ସର୍ବପ୍ରଥମ ଦିନିକିଆ କ୍ରିକେଟ୍ ମ୍ୟାଚ୍ ୧୯୭୧ ମସିହା ଜାନୁୟାରୀ ୫ ତାରିଖରେ ଅନୁଷ୍ଠିତ ହୋଇଥିଲା।
- ୧୯୭୫ ମସିହାରେ ସର୍ବପ୍ରଥମ ୱାର୍ଲ୍ଡ କପ୍ ମ୍ୟାଚ୍ ଖେଳାଯାଇଥିଲା, ଯେଉଁଥିରେ ୱେଷ୍ଟଇଣ୍ଡିଜ୍ ବିଜୟୀ ହୋଇଥିଲା।
- ବର୍ତ୍ତମାନ ସୁଦ୍ଧା ଖେଳାଯାଇଥିବା ୱାର୍ଲ୍ଡ କପ୍ ମ୍ୟାଚ୍ ଭିତରୁ ସର୍ବାଧିକ ଅର୍ଥାତ୍ ୫ଟି ରେକର୍ଡ ଅଷ୍ଟ୍ରେଲିଆ ନାମରେ ରହିଛି। ସେହିପରି ସର୍ବାଧିକ ଏସିଆ କପ୍ ଟୁର୍ନାମେଣ୍ଟ ଜିତିବାର ରେକର୍ଡ ଭାରତ ନାଁରେ ରହିଛି।
- ଭାରତ ପ୍ରଥମ ଥର ପାଇଁ ୧୯୮୩ରେ କପିଲ ଦେବଙ୍କ ଏବଂ ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ କ୍ୟାପ୍ଟେନଶିପ୍‌ରେ ୱାର୍ଲ୍ଡ କପ୍ ଜିତିଥିଲା। ସେହିପରି ପ୍ରଥମ ଟି–୨୦ ୱାର୍ଲ୍ଡ କପ୍ ମଧ୍ୟ ଭାରତ ଜିତିଥିଲା।
- ଭାରତର ଦିନିକିଆ କ୍ରିକେଟ୍ ମ୍ୟାଚ୍‌ର ପ୍ରଥମ କ୍ୟାପ୍‌ଟେନ୍ ଥିଲେ ଅଜିତ୍ ୱାଡେକର୍।
- ଦିନିକିଆ କ୍ରିକେଟ୍ ମ୍ୟାଚ୍ ଏବଂ ଟେଷ୍ଟ କ୍ରିକେଟ୍‌ରେ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ରନ୍ କରିଥିବା କ୍ରିକେଟର ହେଉଛନ୍ତି ସଚିନ ତେନ୍ଦୁଲକର। ସେହିପରି ୧୦୦ଟି ଶତକ ଏବଂ ଦିନିକିଆ ମ୍ୟାଚ୍‌ରେ ପ୍ରଥମ ଦୁଇଶତକ ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି।



# ସୁପର କିଙ୍ଗ୍ସ-ଟାଇଟନ୍ସ ଟାଇଟଲ ଲଢ଼େଇ

ଅହମଦାବାଦ, ୨୭।୫(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଫାଇନାଲରେ ରବିବାର ପରସ୍ପରକୁ ଭେଟିବେ ଚେନ୍ନାଇ ସୁପର କିଙ୍ଗ୍ସ ଓ ଗୁଜରାଟ ଟାଇଟନ୍ସ। ଚେନ୍ନାଇ ନିଜର ପଞ୍ଚମ ଟାଇଟଲ ଲକ୍ଷ୍ୟରେ ରହିଥିବା ବେଳେ ଟାଇଟଲ ଡିଫେଣ୍ଡ କରିବାକୁ ପ୍ରୟାସ କରିବ ଗୁଜରାଟ। ଆଇପିଏଲର ଅନ୍ୟତମ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କର ଏହା ଶେଷ ଆଇପିଏଲ ବୋଲି ବିବେଚନା କରାଯାଉଥିବା ବେଳେ ଟାଇଟଲ ବିଜୟ ସହିତ ଫେୟାରୱେଲ ନେବାକୁ ସେ ପ୍ରୟାସ କରିବେ। ତେବେ ଧୋନୀଙ୍କ ଏହି ବିଦାୟକାଳୀନ ପାର୍ଟିକୁ ଖରାପ କରିପାରନ୍ତି ଶୁବମନ ଗିଲ୍। ଚଳିତ ସିଜନରେ ଗିଲ୍ ୮୫୧ ରନ୍ କରି ଅରେଞ୍ଜ କ୍ୟାପ୍ ବିଜୟୀ ହୋଇଥିବା ବେଳେ ବିଗତ ୪ ମ୍ୟାଚ୍‌ରୁ ୩ଟି ଶତକ ହାସଲ କରିଛନ୍ତି। ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଧୋନୀ ଶେଷ ଥର ପାଇଁ ହଳଦିଆ ଜର୍ସିରେ ନଜର ଆସିପାରନ୍ତି। ଏହାକୁ ସ୍ମରଣୀୟ କରିବା ପାଇଁ ସମସ୍ତ ପ୍ରୟାସ କରିବ ମହେନ୍ଦ୍ର ସିଂ ଧୋନୀଙ୍କ ଦଳ। ୧ ଲକ୍ଷ ୩୨ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମରେ ଏକ ହାଇ ଭୋଲଟେଜ୍ ମ୍ୟାଚ୍ ଅପେକ୍ଷାରେ ରହିଛନ୍ତି ଦର୍ଶକ। ୧୯ ବର୍ଷ ତଳେ ଧୋନୀ ଭାରତ ପାଇଁ ପଦାର୍ପଣ କରୁଥିବା ବେଳେ ୪ ବର୍ଷର ଶୁବମନ୍ ଗିଲ୍ ପଞ୍ଜାବର ଫଜିଲକାରେ କ୍ରିକେଟ ଖେଳୁଥିଲେ କି ନାହିଁ ସନ୍ଦେହ। ତେବେ ଚଳିତ ବର୍ଷ ଫାଇନାଲରେ ସେ ହିଁ ଧୋନୀଙ୍କ ପାର୍ଟି ଖରାପ କରିବାର ଆଶଙ୍କା ରହିଛି। ତେବେ ସମସ୍ତ ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଥିବା ଧୋନୀ ଗିଲ୍‌ଙ୍କୁ ରୋକିବା ପାଇଁ କ'ଣ ଯୋଜନା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଚେପକ୍‌ରେ ସ୍ଲୋ ଟ୍ରାକ୍‌ରେ ଖେଳାଯାଇଥିବା କ୍ୱାଲିଫାୟର-୧ରେ ଦୀପକ ଚହରଙ୍କ ସ୍ଲୋ ବାଉନ୍ସରରେ ଗିଲ୍ ଆଉଟ ହୋଇଥିଲେ । ତେବେ ମୋଟେରାର ଟ୍ରାକ୍ ସମ୍ପୂର୍ଣ୍ଣ ଭାବରେ ବ୍ୟାଟିଂ ସହାୟକ। ଏଭଳି ପିଚ୍‌ରେ ଗିଲ୍‌ଙ୍କୁ ରୋକିବା ପାଇଁ ଧୋନୀ କ'ଣ ଯୋଜନା କରୁଛନ୍ତି ତା' ଉପରେ ସମସ୍ତଙ୍କ ନଜର ରହିବ।



ଆଇପିଏଲ୍ ଟ୍ରଫି ସହ ହାର୍ଦ୍ଦିକ ପାଣ୍ଡ୍ୟା ଓ ମହେନ୍ଦ୍ର ସିଂ ଧୋନୀ।

ଉଭୟ ଦଳର ପ୍ରଦର୍ଶନ ଚଳିତ ସିଜନରେ ବେଶ୍ ସନ୍ତୁଳିତ ରହିଛି। କୌଣସି ବି ଦଳକୁ ଏହି ମ୍ୟାଚରେ ଫେଭରିଟ୍ ବିବେଚନା କରାଯାଇପାରିବ ନାହିଁ। ଗୁଜରାଟ ଦଳରେ ଏକାଧିକ ସୁପରଷ୍ଟାର ଖେଳାଳି ରହିଥିବା ବେଳେ ଚେନ୍ନାଇ ନିକଟରେ ଧୋନୀଙ୍କ ପରି ମାଷ୍ଟର ମାଇଣ୍ଡ ରହିଛନ୍ତି। ଅଜିଙ୍କ୍ୟ ରାହାଣେ, ଶିବମ ଦୁବେ, ତୁଷାର ଦେଶପାଣ୍ଡେଙ୍କ ପରି ଖେଳାଳିଙ୍କୁ ନେଇ ଧୋନୀ ଯେଉଁ ରେଜଲ୍ଟ ଦେଖାଇଛନ୍ତି ତାହା ହିଁ ତାଙ୍କ ଶ୍ରେଷ୍ଠତ୍ୱର ପ୍ରମାଣ। ଶିବମ୍ ଦୁବେ ଏକ ଛକା ମାରୁଥିବା ମେଶିନ ପରି କାର୍ଯ୍ୟ କରୁଥିବା ବେଳେ ରବୀନ୍ଦ୍ର ଜାଡେଜା ଉଭୟ ବ୍ୟାଟିଂ ଓ ବୋଲିଂରେ କମାଲ କରୁଛନ୍ତି। ମହୀଷ ଥିକ୍‌ସାନା ଓ ମଥିଷା ପଥିରାନା ବୋଲିଂରେ ନିଜ ଦାୟିତ୍ୱ ଠିକ୍ ଭାବରେ ନିର୍ବାହ କରିଛନ୍ତି। ଚେନ୍ନାଇର କୌଣସି ବ୍ୟାଟର ଅଥବା ବୋଲର ଅରେଞ୍ଜ ଓ ପର୍ପଲ କ୍ୟାପ୍ ଦୌଡରେ ନାହାନ୍ତି କିନ୍ତୁ ଦଳଗତ ପ୍ରଦର୍ଶନ ଆଧାରରେ ଟାଇଟଲ ଦୌଡରେ ପହଞ୍ଚିଛି ଚେନ୍ନାଇ। ସମାନ ଭାବରେ ଗୁଜରାଟ ବ୍ୟାଟିଂ ଲାଇନ୍ ଅପ୍‌ରେ ଗିଲ୍ ସର୍ବାଧିକ ୮୫୧ ରନ୍ କରିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ୩୨୫ ଓ ବିଜୟ ଶଙ୍କର ୩୦୧ ରନ୍ କରିଛନ୍ତି। ବ୍ୟାଟର ଆପଣଙ୍କୁ ମ୍ୟାଚ୍ ଜିତାଇ ପାରିବେ, ମାତ୍ର ଟୁର୍ନାମେଣ୍ଟ ଜିତିବା ପାଇଁ ବୋଲର ଆବଶ୍ୟକ। ଏହାକୁ ଠିକ୍ ପ୍ରମାଣିତ କରିଛି ଗୁଜରାଟ ଟାଇଟନ୍ସ। ମହମ୍ମଦ ଶାମି ୨୮ ଉଇକେଟ ସହିତ ପର୍ପଲ କ୍ୟାପ୍ ଦୌଡରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ୨୭ ଉଇକେଟ ସହିତ ରଶିଦ୍ ଖାନ୍ ଦ୍ୱିତୀୟ ଓ ୨୪ ଉଇକେଟ ସହିତ ମୋହିତ ଶର୍ମା ତୃତୀୟ ସ୍ଥାନରେ ଅଛନ୍ତି। ଚେନ୍ନାଇ ପକ୍ଷରୁ ଡେଭନ୍ କନ୍‌ୱେ ୬୨୫ ରନ୍ ସହ ଟପ୍ ସ୍କୋରର ରହିଛନ୍ତି। ଋତୁରାଜ ଗାଏକ୍ୱାଡ ୫୬୪ ରନ୍ କରିଥିବା ବେଳେ ଉଭୟ ଖେଳାଳି ଦଳକୁ ଏକ ଦୃଢ ଆରମ୍ଭ ପ୍ରଦାନ କରିଥାନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିବମ ଦୁବେ ୩୮୬ ରନ୍ କରିଥିବା ବେଳେ ଅଜିଙ୍କ୍ୟ ରାହାନେ ମଧ୍ୟ ୨୯୯ ରନ୍ କରିଛନ୍ତି। ଅନ୍‌କ୍ୟାପଡ ତୁଷାର ଦେଶପାଣ୍ଡେ ଚେନ୍ନାଇ ପାଇଁ ୨୧ ଉଇକେଟ ନେଇଥିବା ବେଳେ ମଥିଷା ପଥିରାନା ୧୭ ଉଇକେଟ ନେଇଛନ୍ତି। ଉଭୟ ଦଳ ବେଶ୍ ସନ୍ତୁଳିତ ରହିଥିବାରୁ କାହାକୁ ବି ଫେଭରିଟ୍ ମନେକରିବା ସହଜ ନୁହେଁ।

## ରୋଡ୍ ଟୁ ଫାଇନାଲ

### ଗୁଜରାଟ ଟାଇଟନ୍ସ

ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରେ ୫ ଉଇକେଟରେ ବିଜୟୀ।
ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୬ ଉଇକେଟରେ ବିଜୟୀ।
କୋଲକାତା ନାଇଟ ରାଇଡର୍ସ ନିକଟରୁ ୩ ଉଇକେଟରେ ପରାସ୍ତ।
ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ୬ ଉଇକେଟରେ ବିଜୟୀ।
ରାଜସ୍ଥାନ ବିପକ୍ଷରେ ୩ ଉଇକେଟରେ ପରାସ୍ତ।
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ୭ ରନ୍‌ରେ ବିଜୟୀ।
ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୫୫ ରନ୍‌ରେ ବିଜୟୀ।
କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୭ ଉଇକେଟରେ ବିଜୟୀ।
ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୫ ରନରେ ପରାସ୍ତ।
ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୯ ଉଇକେଟରେ ବିଜୟୀ।
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ୫୬ ରନ୍‌ରେ ବିଜୟୀ।
ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ୨୭ ରନ୍‌ରେ ପରାସ୍ତ।
ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ୩୪ ରନ୍‌ରେ ବିଜୟୀ।
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୬ ଉଇକେଟରେ ବିଜୟୀ।
କ୍ୱାଲିଫାୟର୍-୧: ଚେନ୍ନାଇ ସୁପରକିଙ୍ଗ୍ସ ନିକଟରୁ ୧୫ ରନ୍‌ରେ ପରାସ୍ତ।
କ୍ୱାଲିଫାୟର-୨ : ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୬୨ ରନ୍‌ରେ ବିଜୟୀ।


### ଚେନ୍ନାଇ ସୁପର କିଙ୍ଗ୍ସ

ଗୁଜରାଟ ଟାଇଟନ୍ସ ନିକଟରୁ ୫ ଉଇକେଟରେ ପରାସ୍ତ।
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ୧୨ ରନ୍‌ରେ ବିଜୟୀ।
ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୭ ଉଇକେଟରେ ବିଜୟୀ।
ରାଜସ୍ଥାନ ରୟାଲ୍ସ ନିକଟରୁ ୩ ରନ୍‌ରେ ପରାସ୍ତ।
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୮ ରନ୍‌ରେ ବିଜୟୀ।
ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ୭ ଉଇକେଟରେ ବିଜୟୀ।
କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୪୯ ରନ୍‌ରେ ବିଜୟୀ।
ରାଜସ୍ଥାନ ରୟାଲ୍ସ ନିକଟରୁ ୩୨ ରନ୍‌ରେ ପରାସ୍ତ।
ପଞ୍ଜାବ କିଙ୍ଗ୍ସ ନିକଟରୁ ୪ ଉଇକେଟରେ ପରାସ୍ତ।
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍ ବର୍ଷା ପାଇଁ ବାତିଲ।
ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୬ ଉଇକେଟରେ ବିଜୟୀ।
ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୨୭ ରନରେ ବିଜୟୀ।
କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୬ ଉଇକେଟରେ ପରାସ୍ତ।
ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୭୭ ରନରେ ବିଜୟୀ।
କ୍ୱାଲିଫାୟର୍-୧: ଗୁଜରାଟ ଟାଇଟନ୍ସ ବିପକ୍ଷରେ ୧୫ ରନରେ ବିଜୟୀ।

# 'ସିଏସ୍‌କେ ପାଇଁ ସହଜ ହୋଇ ନ ପାରେ'

ନୂଆଦିଲ୍ଲୀ, ୨୭।୫ (ପି.ଟି.)

ଗୁଜରାଟ ଟାଇଟନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି ଭାରତର ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର। ଏହି ଖେଳାଳିଙ୍କ ଶାନ୍ତ ସ୍ୱଭାବ ତାଙ୍କୁ କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀଙ୍କ କଥା ମନେପକାଇ ଦିଏ। ପାଣ୍ଡ୍ୟାଙ୍କ ସଫଳ ନେତୃତ୍ୱରେ ଟାଇଟନ୍ସ କ୍ରମାଗତ ଦ୍ୱିତୀୟ ଥର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ କ୍ୱାଲିଫାୟର-୨ରେ ଗୁଜରାଟ ୬୨ ରନରେ ୫ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦେଇଛି। ରବିବାର ଫାଇନାଲରେ ଏହି ଦଳ ୪ଥର ବିଜେତା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ଭେଟିବ। ଧୋନୀଙ୍କ ପ୍ରତି ହାର୍ଦ୍ଦିକଙ୍କ ସମ୍ମାନ ଓ ଭଲ ପାଇବା ରହିଛି। ଉଇକେଟକିପର ବ୍ୟାଟରଙ୍କୁ ସେ ଅନୁସରଣ ମଧ୍ୟ କରନ୍ତି। ରବିବାର ଫାଇନାଲ ପୂର୍ବରୁ ଉଭୟଙ୍କ ମଧ୍ୟରେ ଟସ୍ ସ୍ମିତହାସ୍ୟ ଯୁକ୍ତ ବନ୍ଧୁତ୍ୱପୂର୍ଣ୍ଣ ରହିବ। ପଡିଆରେ କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ପରିବେଶ ଦେଖିବାକୁ ମିଳିବ। ସେ କେତେ ଶୀଘ୍ର ଧୋନୀଙ୍କଠାରୁ ସବୁକିଛି ଶିଖି ଯାଇଛନ୍ତି ତାହାକୁ କାର୍ଯ୍ୟରେ ଦେଖାଇବା ଲାଗି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତି ଏହା ଏକ ବଡ଼ ସୁଯୋଗ। ଗୁଜରାଟ ଟାଇଟନ୍ସର ଉଦ୍‌ଘାଟନୀ ସିଜନରେ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ଦଳ ପ୍ରଥମ ଆଇପିଏଲ୍ ଟାଇଟଲ ଜିତିଥିଲା। ଗୁଜରାଟ ଦଳର ସଫଳତା ପଛରେ କୋଚ୍ ଆଶିଷ ନେହେରାଙ୍କ ଭୂମିକାକୁ ଏଡାଇ ହେବନାହିଁ। ଚେଞ୍ଜ୍ ରୁମ୍ ହେଉ ଅବା କମେଣ୍ଟ୍ରି ବକ୍ସ ସେ ହାସ୍ୟରୋଳ ସୃଷ୍ଟି କରିଥାନ୍ତି। ସେ ସହଜ ସରଳ ମନେ ହୋଇଥାନ୍ତି, ମାତ୍ର ତାଙ୍କର ତୀକ୍ଷ୍ଣ କ୍ରିକେଟ ମସ୍ତିଷ୍କ ରହିଛି। ଗୁଜରାଟ କ୍ୱାଲିଫାୟର-୧ରେ ସିଏସ୍‌କେଠାରୁ ପରାସ୍ତ ହୋଇଛି। ଏହି ଦଳ ରବିବାର ଫାଇନାଲରେ ପୁଣି ଥରେ ଧୋନୀ ବାହିନୀକୁ ଭେଟିବ। ଗାଭାସ୍କର କହିଛନ୍ତି, ସିଏସ୍‌କେ ପାଇଁ ଏହି ମୁକାବିଲା କଠିନ ହେବ।


ସୁନୀଲ ଗାଭାସ୍କର

# କୋହଲିଙ୍କ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଗିଲ୍




ଅହମଦାବାଦ, ୨୭।୫

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ୍ କରିବାର ରେକର୍ଡ ଷ୍ଟାର ଭାରତୀୟ ବ୍ୟାଟର ବିରାଟ କୋହଲିଙ୍କ ନାମରେ ରହିଛି। ୨୦୧୬ ସଂସ୍କରଣରେ କୋହଲି ୪ ଶତକ ସହିତ ୯୭୩ ରନ୍ ସ୍କୋର କରିଥିଲେ। ଅଦ୍ୟାବଧି ଶୁବମନ୍ ଗିଲ୍ ଚଳିତ ସଂସ୍କରଣରେ ୧୬ଟି ମ୍ୟାଚରୁ ୬୦.୭୯ ଆଭରେଜ ସହିତ ୮୫୧ ରନ୍ ସ୍କୋର କରିଛନ୍ତି। ଅନ୍ୟ ପକ୍ଷରେ ବିରାଟ ୨୦୧୬ ସିଜନରେ ସମାନ ୧୬ ମ୍ୟାଚ୍ ଖେଳି ୪ ଶତକ ଓ ୭ ଅର୍ଦ୍ଧଶତକ ସହିତ ୯୭୩ ରନ୍ ସ୍କୋର କରିଛନ୍ତି। ୨୦୧୬ ସଂସ୍କରଣ ପରଠାରୁ କୌଣସି ବି ଖେଳାଳି କୋହଲିଙ୍କ ରେକର୍ଡ ଭାଙ୍ଗି ପାରି ନାହାନ୍ତି। ଏପରିକି କୌଣସି ଖେଳାଳି ୯୦୦ ରନ୍ ମାଇଲଖୁଣ୍ଟ ଛୁଇଁବାରେ ମଧ୍ୟ ସଫଳ ହୋଇନାହାନ୍ତି। ଚେନ୍ନାଇ ବିପକ୍ଷ ଫାଇନାଲରେ ଯଦି ଗିଲ୍ ୧୨୩ ରନ୍ କରନ୍ତି ତେବେ ସେ କୋହଲିଙ୍କ ରେକର୍ଡ ଭାଙ୍ଗି ପାରିବେ। ୨୦୨୨ ସିଜନରେ ଜୋଶ ବଟଲର ୧୭ ମ୍ୟାଚ୍ ଖେଳି ୮୬୩ ରନ୍ ସ୍କୋର କରିଥିଲେ। ସେ ୪ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ମାରିଥିବା ବେଳେ ତାଙ୍କର ଆଭରେଜ୍ ୫୭.୫୩ ରହିଥିଲା। ୨୦୧୬ରେ ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନର ୧୭ ମ୍ୟାଚ୍‌ରୁ ୯ ଅର୍ଦ୍ଧଶତକ ସହିତ ୮୪୮ ରନ୍ ସ୍କୋର କରିଛନ୍ତି। ତାଙ୍କର ଆଭରେଜ୍ ୬୦.୫୭ ରହିଥିଲା। ଏହି ତାଲିକାର ପଞ୍ଚମ ସ୍ଥାନରେ ଅଛନ୍ତି ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ୍। ୨୦୧୮ ସଂସ୍କରଣରେ ସେ ୧୭ ମ୍ୟାଚ୍ ଖେଳି ୭୩୫ ରନ୍ ସ୍କୋର କରିଥିଲେ। ଏହା ମଧ୍ୟରେ ୮ ଅର୍ଦ୍ଧଶତକ ସାମିଲ ଥିବା ବେଳେ ତାଙ୍କର ଆଭରେଜ୍ ୫୨.୫୦ ରହିଥିଲା। ଅଦ୍ୟାବଧି ସେ ୱାର୍ନରଙ୍କୁ ଅତିକ୍ରମ କରି ସାରିଥିବା ବେଳେ ରବିବାର ମ୍ୟାଚ୍‌ରେ ୧୩ ରନ୍ କଲେ ବଟଲରଙ୍କୁ ମଧ୍ୟ ଅତିକ୍ରମ କରିବେ।

## ୨୫୦ ତମ ମ୍ୟାଚ୍ ଖେଳିବେ ଧୋନୀ

**ଅହମଦାବାଦ, ୨୭।୫:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍(ଆଇପିଏଲ୍)ରେ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ ନିଜ ନାମରେ କରିବାକୁ ଯାଉଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ରବିବାର ଫାଇନାଲ ମ୍ୟାଚ୍ ଖେଳିଲେ ଧୋନୀ ପ୍ରଥମ ଖେଳାଳି ଭାବରେ ଆଇପିଏଲରେ ନିଜର ୨୫୦ ତମ ମ୍ୟାଚ୍ ଖେଳିବେ। ୨୦୦୮ ମସିହାରେ ପ୍ରଥମ ଥର ଆଇପିଏଲ ଖେଳିଥିବା ଧୋନୀ ୨୦୧୫ ଯାଏ ଚେନ୍ନାଇ ପାଇଁ ଖେଳିଥିଲେ। ୨ ବର୍ଷ ପାଇଁ ଚେନ୍ନାଇ ବ୍ୟାନ୍ ହେବା କାରଣରୁ ରାଇଜିଂ ପୁନେ ସୁପର ଜାଏଣ୍ଟ୍ସ ପାଇଁ ୨ଟି ସିଜନ ଖେଳିଥିଲେ। ଅଧିନାୟକ ଭାବରେ ସର୍ବାଧିକ ଥର ପ୍ଲେ ଅଫ୍ ଓ ଫାଇନାଲରେ ପ୍ରବେଶ କରିବାର ରେକର୍ଡ ଧୋନୀଙ୍କ ନାମରେ ରହିଛି। ପ୍ରଥମ ଖେଳାଳି ଭାବରେ ଧୋନି ୨୫୦ ତମ ମ୍ୟାଚ ଖେଳୁଥିବା ବେଳେ ୨୪୩ ମ୍ୟାଚ୍ ସହିତ ରୋହିତ ଶର୍ମା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦୀନେଶ କାର୍ତ୍ତିକ(୨୪୨), ବିରାଟ କୋହଲି(୨୩୭) ଓ ରବୀନ୍ଦ୍ର ଜାଡେଜା(୨୨୫) ଯଥାକ୍ରମେ ଏହି ତାଲିକାର ତୃତୀୟରୁ ପଞ୍ଚମ ସ୍ଥାନରେ ରହିଛନ୍ତି।

### ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

# ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

ଲଣ୍ଡନ, ୨୭।୫ (ପି.ଟି.)

ୟୁରୋପ ପର୍ଯ୍ୟାୟ ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ-ଲିଗ୍‌ରେ ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ ହୋଇଛି। ଦଳ ୨-୪ ଗୋଲ୍‌ରେ ଗ୍ରେଟ୍ ବ୍ରିଟେନଠାରୁ ହାରିଯାଇଛି। ଖେଳର ୬ଷ୍ଠ ମିନିଟରେ ଗ୍ରେଟ୍ ବ୍ରିଟେନର ଟିମୋଥି ନର୍ସ ଏକ ଫିଲ୍ଡ ଗୋଲ୍ ଦେଇଥିଲେ। ହାମନପ୍ରୀତ ୧୩ତମ ମିନିଟ୍‌ରେ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ରୂପାନ୍ତରିତ କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ସୋର୍ସବି ଥୋମାସ ଓ ଲି ମୋର୍ଟନ ଯଥାକ୍ରମେ ୩୧ତମ ଓ ୩୩ତମ ମିନିଟ୍‌ରେ ଗୋଲ ସ୍କୋର କରି ବ୍ରିଟେନର ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିଲେ। ପରେ ୪୨ତମ ମିନିଟ୍‌ରେ ହରମନପ୍ରୀତ ଏକ ପେନାଲ୍ଟି କର୍ନର ଜରିଆରେ ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ସ୍କୋର କରିଥିଲେ। ଏହାଦ୍ୱାରା ୩୫ ଗୋଲ୍ ସହ ସେ ପ୍ରୋ-ଲିଗ୍‌ର ଅଲ୍ ଟାଇମ୍ ଟପ୍ ସ୍କୋରର ହୋଇପାରଛନ୍ତି। ଲି ଭ୍ୟାଲି ହକି ସେଣ୍ଟରଠାରେ ଅନୁଷ୍ଠିତ ମ୍ୟାଚରେ ଗ୍ରେଟ୍ ବ୍ରିଟେନ ତରଫରୁ ଚତୁର୍ଥ ଗୋଲ ବ୍ୟାଣ୍ଡରକ୍ ନିକୋଲାସ ସ୍କୋର କରିଥିଲେ।

# ପାରୁଲ ଚୌଧାରୀଙ୍କୁ ବ୍ରୋଞ୍ଜ ପଦକ

ଲସଏଞ୍ଜେଲ୍ସ, ୨୭।୫

ଭାରତୀୟ ମଧ୍ୟମ ଦୂରଗାମୀ ଧାବିକା ପାରୁଲ ଚୌଧାରୀଙ୍କୁ ଆଉ ଏକ ସଫଳତା। ପାରୁଲ୍ ଶୁକ୍ରବାର ଅନୁଷ୍ଠିତ ୟୁଏସ୍‌ଏଟିଏଫ୍ ଲସଏଞ୍ଜେଲ୍ସ ଗ୍ରାଁ ପ୍ରିରେ ସେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜ୍ ଇଭେଣ୍ଟରେ ପାରୁଲ ୯.୨୯.୫୧ ମିନିଟର ସମୟ ନେଇଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ମ୍ୟାଡି ବୋରମ୍ୟାନ୍ ୯.୨୨.୯୯ ମିନିଟର ସମୟ ନେଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ପୋଲାଣ୍ଡର ଆଲିସା କୋନିଜେକ୍ ୯.୨୫.୫୧ ମିନିଟର ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ମହିଳା ୮୦୦ ମିଟର ରେସ୍‌ରେ ଭାରତର ଲିଲି ଦାସ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ସିଜନର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ମଧ୍ୟ ଲିଲି ୨.୦୫.୨୭ ମିନିଟର ସମୟ ନେଇ ଚତୁର୍ଥ ସ୍ଥାନରେ ରହିଥିଲେ। ଅଷ୍ଟ୍ରେଲିଆର ଟେସ୍ କିର୍ସୋପ୍ କୋଲ୍ ୨.୦୩.୯୬ ମିନିଟର ସମୟ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ୧୫୦୦ ମିଟର ଦୌଡରେ ନିରାଶ କରିଛନ୍ତି ଜିନସନ୍ ଜନସନ୍ ଓ ରାହୁଲ। ଉଭୟ ଯଥାକ୍ରମେ ୧୧ ଓ ୧୨ ତମ ସ୍ଥାନରେ ରହି ରେସ୍ ଶେଷ କରିଥିଲେ।




# କଟକ 'ଏ', ଅବଶିଷ୍ଟ ଓଡ଼ିଶା 'ଡି' ବିଜୟୀ

### କଳାହାଣ୍ଡି କପ୍ କ୍ରିକେଟ

ଭୁବନେଶ୍ୱର, ୨୭।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ସିପର ଲିଗ୍ କଳାହାଣ୍ଡି କପ୍‌ରେ ଶନିବାର ଖେଳାଯାଇଥିବା ଦୁଇଟି ମ୍ୟାଚରେ କଟକ 'ଏ' ଓ ଅବଶିଷ୍ଟ ଓଡ଼ିଶା 'ଡି' ବିଜୟ ଲାଭ କରିଛନ୍ତି। କଟକର ସନ୍ ସାଇନ ଗ୍ରାଉଣ୍ଡରେ ଦୁଇ ଦିନିଆ ଫର୍ମାଟରେ ଖେଳାଯାଇଥିବା ଏକ ମ୍ୟାଚରେ କଟକ 'ଏ' ୧୬ ରନରେ ଅବଶିଷ୍ଟ ଓଡ଼ିଶା 'ସି'କୁ ପରାସ୍ତ କରିଛି।

ଏହି ମ୍ୟାଚରେ ବିଜୟୀ ଦଳ ପ୍ରଥମେ ବ୍ୟାଟିଂ କରି ୭୩.୩ ଓଭରରେ ୨୩୨ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ରାମ ସି. ବେହେରା ୬୦, ସନ୍ଦୀପ ୫୨ ଏବଂ ସୌଭାଗ୍ୟ ମିଶ୍ର ୪୧ ରନ କରିଥିଲେ। ଅବଶିଷ୍ଟ ଓଡ଼ିଶା 'ସି' ଦଳର ପପୁ ରୟ ଓ ନିରଞ୍ଜନ ଗୌଡ଼ ୩ଟି ଲେଖାଏଁ ଗୋଲ୍ ସ୍କୋର କରଇଥିଲେ। ୨୩୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଅବଶିଷ୍ଟ 'ସି' ଓଡ଼ିଶା ଦଳ ୬୧.୩ ଓଭରରେ ୨୧୬ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରେ ଅଶ୍ୱିନ ଖଟେଇ ୫୮, ଆଦିତ୍ୟ ରାଉତ ୫୭ ଓ ଆକାଶ ମହାପାତ୍ର ୪୪ରନ କରିଥିଲେ। କଟକ 'ଏ' ଦଳର ରମେଶ ବେହେରା ଓ ତାପସ ଦାସ ୩ଟି ଲେଖାଏଁ ଏବଂ ରାମ ସି. ବେହେରା ୨ଟି ଉଇକେଟ ଅକ୍ତିଆର କରିଥିଲେ। ସନ୍‌ସାଇନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଅବଶିଷ୍ଟ ଓଡ଼ିଶା 'ଡି' ୧୬୮ ରନରେ ଝାରସୁଗୁଡ଼ାକୁ ପରାସ୍ତ କରିଛି।

ଏଥିରେ ବିଜୟୀ ଦଳ ପ୍ରଥମେ ବ୍ୟାଟିଂ କରି ୯୦ ଓଭରରେ ୬ଉଇକେଟ ବିନିମୟରେ ୩୭୯ ରନ କରିଥିଲେ। ବିନାୟକ ସାହୁ ୧୬୨ ରନ କରିଥିବା ବେଳେ କିଷାନ ରଥ ୯୧, ଅମିତ କେ. ସାହୁ ୫୦ ରନ କରଇଥିଲେ। ବିପକ୍ଷ ଦଳର ରାଜ କେ. ପଟେଲ ୩ ଏବଂ ପୁଷ୍କର ରାଜ ୨ ଉଇକେଟ ନେଇଥିଲେ। ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଝାରସୁଗୁଡ଼ା ୬୮.୪ ଓଭରରେ ୨୧୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଧନଞ୍ଜୟ ଯାଦବ ୬୯ ଓ ମହମ୍ମଦ ଏସ୍. ଅର୍ମାନ ୬୪ ରନ କରିଥିଲେ। ଅବଶିଷ୍ଟ ଓଡ଼ିଶା 'ଡି'ର ଦେବେନ୍ଦ୍ର କନୱାର ଓ ଅଙ୍କିତକର ଜୈସ୍ୱାଲ ୩ଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ପ୍ରଥମ ମ୍ୟାଚରେ ରାମ ସି. ବେହେରା (୬୦ରନ ଓ ୨ ଉଇକେଟ) ଏବଂ ଦ୍ୱିତୀୟ ମ୍ୟାଚରେ ବିନାୟକ ସାହୁ (୧୬୮ ବଲ୍‌ରୁ ୧୬୨ରନ) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ବିନାୟକ ସାହୁ


ରାମ ବେହେରା

# ଭାରତୀୟ ମହିଳା ହକି ଦଳର ବିଜୟ

**ଆଡିଲେଡ୍, ୨୭।୫ (ପି.ଟି.)**

ଅଷ୍ଟ୍ରେଲିଆ ଟୁର୍‌ରେ ଯାଇଥିବା ଭାରତୀୟ ମହିଳା ହକି ଦଳ ଏହାର ୫ମ ତଥା ଅନ୍ତିମ ଗେମ୍‌ରେ ଉନ୍ନତ ପ୍ରଦର୍ଶନ କରିଛି। ଶନିବାର ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଭାରତ ୨-୧ ଗୋଲ୍‌ରେ ବିଜୟ ହାସଲ କରିଛି। ଭାରତ ପକ୍ଷରୁ ନବନୀତ କୌର (୧୦ମ ମିନିଟ୍) ଓ ଦୀପ୍ ଗ୍ରେସ୍ ଏକ୍କା (୨୫ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ଅଷ୍ଟ୍ରେଲିଆ 'ଏ' ତରଫରୁ ଆବିଗେଲ୍ ୱିଲସନ (୨୨ତମ) ଏକମାତ୍ର ଗୋଲେ ସ୍କୋର କରିଥିଲେ। ଗତ ମ୍ୟାଚରେ ୩-୨ରେ ବିଜୟ ଲାଭ କରିଥିବା ଅଷ୍ଟ୍ରେଲିଆ 'ଏ' ଦୃଢ଼ ଆତ୍ମବିଶ୍ୱାସର ଖେଳ ଆରମ୍ଭ କରିଥିଲା ଏବଂ ବଲ୍‌କୁ ନିଜ ଅକ୍ତିଆରରେ ରଖିଥିଲା। କିନ୍ତୁ ଗୁରଜିତ କୌର ସତର୍କ ରହିଥିଲେ। ସେ ବିପକ୍ଷ ଦଳର ଖେଳାଳିଙ୍କୁ ସର୍କଲ ମଧ୍ୟରେ ପ୍ରବେଶ କରିବା ଲାଗି କୌଣସି ସୁଯୋଗ ଦେଇ ନ ଥିଲେ। ମାତ୍ର ଭାରତ ଶୀଘ୍ର ୩ଟି ପେନାଲ୍ଟି କର୍ନର ସୁଯୋଗ ପାଇ ଅଷ୍ଟ୍ରେଲିଆ 'ଏ' ରକ୍ଷଣଭାଗ ଖେଳାଳିଙ୍କ ଉପରେ ଚାପ ସୃଷ୍ଟି କରିଥିଲା। ଏହାର ସୁଯୋଗରେ ନବନୀତ କୌର ଏକ ରିଭର୍ସ ହିଟ୍ ଜରିଆରେ ଭାରତ ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତର ଆରମ୍ଭ ଜୋରଦାର ଥିଲା। ମାତ୍ର ଅଷ୍ଟ୍ରେଲିଆ ଶୀଘ୍ର ଏକ ପ୍ରତିଆକ୍ରମଣ କରି ଗୋଲ୍ ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ଅଧିନାୟକ ସବିତା ଚମତ୍କାର ଗୋଲ୍ ରକ୍ଷଣ କରି ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅଷ୍ଟ୍ରେଲିଆ 'ଏ' ପ୍ରଥମ ପେନାଲ୍ଟି କର୍ନର ପାଇଥିଲା। ଆବିଗେଲ୍ ଏକ ଡ୍ରାଗ୍ ଫ୍ଲିକ୍ ଜରିଆରେ ମ୍ୟାଚକୁ ୧-୧ ବରାବର ସ୍ଥିତିକୁ ନେଇ ଆସିଥିଲେ। ତେବେ ଏହାର କିଛି ମିନିଟ ପରେ ଦୀପ୍‌ଗ୍ରେସ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଖେଳର ଶେଷ ମୁହୂର୍ତ୍ତରେ ଭାରତ ନିଜ ଅକ୍ତିଆରରେ ବଲ୍‌କୁ ରଖି ଆୟୋଜକ ଦଳକୁ କୌଣସି ସୁଯୋଗ ସୃଷ୍ଟି କରିବାକୁ ଦେଇ ନ ଥିଲେ।

## ଦାରୁବାଲାଙ୍କୁ ଦ୍ୱିତୀୟ ସ୍ଥାନ

**ମୋନାକୋ, ୨୭।୫ (ପି.ଟି.):** ଭାରତର ଜେହାନ ଦାରୁବାଲା ଏଠାରେ ଶନିବାର ଅନୁଷ୍ଠିତ ଫର୍ମୁଲା ୨ ଚାମ୍ପିୟନଶିପ୍ ସ୍ପ୍ରିଣ୍ଟ ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଡଚ୍ ଟିମ୍ ଏମ୍‌ପି ମୋଟରସ୍ପୋର୍ଟ୍ସ ତରଫରୁ ରେସ୍‌ରେ ଭାଗ ନେଇଥିବା ଏହି ୨୪ ବର୍ଷୀୟ ଭାରତୀୟ ଜାପାନର ଆୟୁମୁ ଇୱାସାଙ୍କ ପଛରେ ରହିଥିଲେ।

# ଜାତୀୟ ସବ୍‌ଜୁନିୟର ଭଲିବଲ ପାଇଁ ଓଡ଼ିଶା ଦଳ



ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍ ପାଇଁ ମନୋନୀତ ବାଳିକା ଓ ବାଳକ ଦଳ।

**ଭୁବନେଶ୍ୱର, ୨୭।୫ (ସ୍ପୋର୍ଟ୍ସ ବ୍ୟୁରୋ)**

୪୫ତମ ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍ (ବାଳକ ଓ ବାଳିକା) ପଶ୍ଚିମବଙ୍ଗର ହୁଗୁଳି ଅନ୍ତର୍ଗତ ଚାନ୍ଦେରନାଗୋରଠାରେ ଅନୁଷ୍ଠିତ ହେଉଛି। ଏଥିରେ ଯୋଗ ଦେବାଲାଗି ଓଡ଼ିଶା ଦଳ ଶନିବାର ହୁଗ୍‌ଲି ଯାତ୍ରା କରିଛି।

**ବାଳକ ଦଳ:** ଶିମନ ବେହେରା (ଅଧିନାୟକ), ସୁବା ଧର୍ମୁ ରାଜୀବ ଲୋଚନ ଜେନା, ମହମ୍ମଦ ଅଫସର, ମୁକେଶ କୁମାର ପ୍ରଧାନ, ଦେବାଶିଷ ଜେନା, ଶୁଭମ ଜେନା, ପୀୟୂଷ ପ୍ରତୀକ ପ୍ରଧାନ, ଶଶିକାନ୍ତ ବେହେରା, ପବିତ୍ର ମୋହନ ଗିରି, ରୋହିତ ମହାନ୍ତି, ଚନ୍ଦନ ରାଉତ। ଟିମ୍ ମ୍ୟାନେଜର: ସତ୍ୟ ରଞ୍ଜନ ସ୍ୱାଇଁ, ମୁଖ୍ୟ କୋଚ୍: ସୁଶାନ୍ତ କୁମାର ପଣ୍ଡା।

**ବାଳିକା ଦଳ:** ଲିମା ସାହୁ (ଅଧିନାୟିକା), ନିରୁପମା ସେଠୀ, ବର୍ଷା ପ୍ରିୟଦର୍ଶିନୀ ପାଲ୍, ଇତିଶ୍ରୀ ରାଉତ, ପୁନିତା ମୁଣ୍ଡା, କବିତା ମାଝି, କବିତା ସିଂ, ପୂର୍ଣ୍ଣିମା ସିଂ, ଲିପିକା ଖେସ୍, ବର୍ଷାରାଣୀ ନାୟକ, ନିକିତା ପିଙ୍ଗ୍ ଓ ପ୍ରମିଳା ମାଝି। କୋଚିଂ କ୍ୟାମ୍ପ ଓ ସିଲେକ୍ସନ ଟ୍ରାଏଲ୍ ପାଇଁ କିଟ୍ ୟୁନିଭର୍ସିଟି କ୍ୟାମ୍ପସ ଯୋଗାଇ ଦେଇଥିବାରୁ ଓଡ଼ିଶା ଭଲିବଲ ଆସୋସିଏଶନର ସାଧାରଣ ସମ୍ପାଦକ ଡ. ଗଗନେନ୍ଦୁ ଦାଶ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପ୍ରଣୟ ଫାଇନାଲରେ

**କୁଆଲାଲମ୍ପୁର, ୨୭।୫ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍. ପ୍ରଣୟ ମାଲେସିଆ ମାଷ୍ଟର୍ସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିବା ବେଳେ ଦୁଇ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସ ସେମିଫାଇନାଲରୁ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ପ୍ରଣୟ ୧୯-୧୭ରେ ଅଗ୍ରଣୀ ରହିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଇଣ୍ଡୋନେସିଆର ଖ୍ରିଷ୍ଟିଆନ ଅଦିନାତା ଆଣ୍ଠୁରେ ଆଘାତପ୍ରାପ୍ତ ହୋଇ ଓହରିଯାଇଥିଲେ।













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ